DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ମେ ୨୯/୨୦୨୪ (୧୮ ପୃଷ୍ଠା) Bhubaneswar,
୫୦ଶ ଭାଗ ୧୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhub


# ରତ୍ନଭଣ୍ଡାରର ଖୋଲା ସତ୍ୟ



## ରତ୍ନଭଣ୍ଡାର

ଶ୍ରୀମନ୍ଦିରର ଜଗନ୍ନାଥଙ୍କ ଗର୍ଭଗୃହ ପୂର୍ବରୁ ଥିବା ଜଗମୋହନ ମଧ୍ୟରେ ରତ୍ନଭଣ୍ଡାର ଅବସ୍ଥିତ । ରତ୍ନଭଣ୍ଡାର ଭିତରେ ଦୁଇଟି କକ୍ଷ ଅଛି । ପ୍ରଥମ କକ୍ଷକୁ 'ବାହାର ରତ୍ନଭଣ୍ଡାର' ଓ ଦ୍ୱିତୀୟ କକ୍ଷକୁ 'ଭିତର ରତ୍ନଭଣ୍ଡାର' କୁହାଯାଏ । ଉଭୟ ରତ୍ନଭଣ୍ଡାରକୁ ପ୍ରବେଶ କରିବା ପାଇଁ ଗୋଟିଏ ମାତ୍ର ଦ୍ୱାର । ବାହାର ରତ୍ନଭଣ୍ଡାର ଖୋଲିଲା ପରେ ହିଁ ଭିତର ରତ୍ନଭଣ୍ଡାର ଖୋଲାଯାଇପାରିବ । ବାହାର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ରୀତିନୀତି ପାଇଁ ଆବଶ୍ୟକୀୟ ପରିଧାନ, ସୁନାବେଶ ଭଳି ଦିନଗୁଡ଼ିକରେ ବ୍ୟବହୃତ ଅଳଙ୍କାର ଓ ପୂଜାବିଧି ସାମଗ୍ରୀ ରହିଛି । ବାହାର ରତ୍ନଭଣ୍ଡାର ପ୍ରତି ବର୍ଷ ଅନେକ ଥର ଖୋଲାଯାଇଥାଏ ।

## ବାହାର ରତ୍ନଭଣ୍ଡାର କାହିଁକି ଖୋଲା ହୁଏ ?

ବାହାର ରତ୍ନଭଣ୍ଡାରର ମୁଖ୍ୟ ଦ୍ୱାର ମହାପ୍ରଭୁଙ୍କ ଆବଶ୍ୟକତା ଓ ବିଧି ଅନୁଯାୟୀ ଖୋଲାଯାଏ । ଏହି ଦ୍ୱାର ଖୋଲିବା ପାଇଁ ତିନୋଟି ଚାବି ଆବଶ୍ୟକ । ଗଜପତି ମହାରାଜାଙ୍କ ପ୍ରତିନିଧି, ମନ୍ଦିର ମୁଖ୍ୟ ପ୍ରଶାସକ ଓ ଭଣ୍ଡାର ମେକାପ ସେବକ ଏହି ଚାବି ଆଣି ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଅନ୍ୟ ପ୍ରଧାନ ସେବକଙ୍କ ଉପସ୍ଥିତିରେ ବାହାର ରତ୍ନଭଣ୍ଡାର ଖୋଲିଥାନ୍ତି । ଏହି ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ବିନା ବାହାର ରତ୍ନଭଣ୍ଡାର ଖୋଲିବା ଅସମ୍ଭବ । ଭିତର ରତ୍ନଭଣ୍ଡାରକୁ ଗତ ୪୦ ବର୍ଷ ହେଲା ଖୋଲାଯାଇନାହିଁ ।

## ହୀନ ରାଜନୀତି କାହିଁକି ?

ପରିକ୍ରମା ପ୍ରକଳ୍ପ ଯାହା ୫୦୦ ବର୍ଷରୁ ହୋଇପାରିନଥିଲା, ମହାପ୍ରଭୁଙ୍କ ଇଚ୍ଛାରେ ଏବେ ସଫଳ ହେଲା । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ପ୍ରସିଦ୍ଧି ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ସହ୍ୟ କରି ନପାରି ବିରୋଧୀ ଗୋଟିଏ ମିଛ ପ୍ରଚାର ଆରମ୍ଭ କରିଛନ୍ତି, ରତ୍ନଭଣ୍ଡାର ପ୍ରସଙ୍ଗ । ଏହି ପ୍ରସଙ୍ଗକୁ ରାଜନୈତିକ ରଙ୍ଗ ଦେଉଥିବା ବିରୋଧୀ ଦଳର ନେତା ୧୦ ବର୍ଷ ଯାଏଁ ସେହି ବିଭାଗର ମନ୍ତ୍ରୀ ଥିଲେ, ଯାହା ଅଧୀନରେ ମନ୍ଦିର ପରିଚାଳନା କମିଟି ଥିଲା କିନ୍ତୁ ତାଙ୍କୁ ରତ୍ନଭଣ୍ଡାର କଥା ମନେ ପଡ଼ିଲା ନାହିଁ ମାତ୍ର ନିର୍ବାଚନର ୧୦ ଦିନ ପୂର୍ବରୁ ମହାପ୍ରଭୁଙ୍କ ଆଢୁଆଳରେ ମିଛ ପ୍ରଚାର କରୁଛନ୍ତି । ତାଙ୍କ ପାଖରେ କିଛି ଏଜେଣ୍ଡା ନାହିଁ, ନୀଚ ରାଜନୈତିକ ଉଦ୍ଦେଶ୍ୟରେ ରତ୍ନଭଣ୍ଡାର ବିଷୟରେ ଅପପ୍ରଚାର କରିବା ସହ ଭକ୍ତଙ୍କ ଭାବନା ସହ ଛଳନା କରୁଛନ୍ତି ।



## ରତ୍ନଭଣ୍ଡାରର ସତ୍ୟ

୧୯୮୫ ମସିହାରୁ ଭିତର ରତ୍ନଭଣ୍ଡାର ବନ୍ଦ ରହିଛି । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ପୂର୍ଣ୍ଣାଙ୍ଗ ରିପୋର୍ଟ ଉପରେ ଉଚ୍ଚ ନ୍ୟାୟାଳୟ ଶୁଣାଣି ସ୍ପଷ୍ଟ କରିଛି ଯେ ଏହି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ । ଚାବି ହଜିବା ପ୍ରସଙ୍ଗରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ନେତୃତ୍ୱରେ ଗଠିତ କମିଟି ନିଷ୍ପତ୍ତି ନେଇଛି ଯେ ଏହି ବର୍ଷ ୨୦୨୪ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲାଯିବ । ତେବେ ମାନ୍ୟବର କୋର୍ଟ ଓ କମିଟିର ନିଷ୍ପତ୍ତି ପରେ ବି ବିରୋଧୀଙ୍କ ଏହି କୁମ୍ଭୀର କାନ୍ଦଣା କାହିଁକି ?



# ମହାପ୍ରଭୁଙ୍କ ନାଁ'ରେ ମିଛ - ମହାପାପ

ଓଡ଼ିଶାବାସୀଙ୍କ ହିତରେ ଜାରି

ବିଜୁ ଜନତା ଦଳ

PUBLISHED BY BIJU JANATA DAL, SANKHA BHAWAN , UNIT 6, BHUBANESWAR

# ସୋସିଆଲ ମିଡିଆରୁ ହଟିଲା ୪୨୦ ଆପତ୍ତିଜନକ ପୋଷ୍ଟ

## ନିର୍ବାଚନ ବେଳେ ଓଡ଼ିଶା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)**

ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଅବାଧ, ମୁକ୍ତ, ନିରପେକ୍ଷ ଓ ଶୃଙ୍ଖଳିତ କରିବାକୁ ରାଜ୍ୟ ପୋଲିସର ସୋସିଆଲ ମିଡିଆ ମନିଟରିଂ ସେଲ୍ ପକ୍ଷରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରୁ ୪୨୦ଟି ଆପତ୍ତିଜନକ ପୋଷ୍ଟକୁ ହଟାଯାଇଛି। ସୋସିଆଲ ମିଡିଆରେ ନିର୍ବାଚନୀ ସଂକ୍ରାନ୍ତୀୟ ଆପତ୍ତିଜନକ ପୋଷ୍ଟ କରି ନିୟମ ଉଲ୍ଲଘଂନ କରିଥିବା ବିଶୃଙ୍ଖଳାକାରୀଙ୍କ ବିରୋଧରେ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି। ଏହି ପୋଷ୍ଟଗୁଡ଼ିକ ବିଭିନ୍ନ ରାଜନୈତିକ ଦଳର ସମର୍ଥକ ଓ ଅନ୍ୟ ଗ୍ରୁପ ପକ୍ଷରୁ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍ ଓ ଏକ୍ସ(ପୂର୍ବରୁ ଟୁଇଟର)ରେ ଛଡ଼ାଯାଇଥିଲା।

ରିପୋର୍ଟ ଅନୁଯାୟୀ, ଫେସ୍‌ବୁକ୍‌ରେ ୭୮ ପୋଷ୍ଟ/ଆକାଉଣ୍ଟ ଓ ଇନ୍‌ଷ୍ଟାଗ୍ରାମରେ ୪୭୧ଟି ପୋଷ୍ଟକୁ ହଟାଇବାକୁ ଅନୁରୋଧ କରାଯାଇଥିଲା। ମେଟା ପକ୍ଷରୁ ଫେସ୍‌ବୁକ୍‌ରୁ ୨୫୬ ଓ ଇନ୍‌ଷ୍ଟାଗ୍ରାମରୁ ୧୫୪ ପୋଷ୍ଟକୁ



ବ୍ଲକ୍ କରାଯାଇଛି। ସେହିପରି ୟୁଟ୍ୟୁବ୍‌ରେ ୯୬ଟି କଣ୍ଟେଣ୍ଟକୁ ହଟାଇବାକୁ ଅନୁରୋଧ କରାଯାଇଥିବାବେଳେ ଗୁଗଲ ପକ୍ଷରୁ ୯ଟିକୁ ହଟାଯାଇଛି। ଏହାବ୍ୟତୀତ ଏ ସଂକ୍ରାନ୍ତରେ ୫ଟି ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ବିଭିନ୍ନ ସୋସିଆଲ ମିଡିଆରେ ପ୍ରାୟ ୯୫୦ଟି ଆକାଉଣ୍ଟକୁ ପୋଲିସ ସୋସିଆଲ ମିଡିଆ ସେଲ ପକ୍ଷରୁ ନଜର ରଖାଯାଇ ତଦାରଖ କରାଯାଉଛି। ନିୟମ ଉଲ୍ଲଂଘନ କଲେ ଏହି ଆକାଉଣ୍ଟ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଥମେ କ୍ରାଇମବ୍ରାଞ୍ଚରେ ସୋସିଆଲ୍ ମିଡିଆ ୟୁନିଟ ଖୋଲାଯାଇଥିଲା। ହେଲେ ପରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ପୋଲିସ ଜିଲାରେ ସୋସିଆଲ୍ ମିଡିଆ ସେଲ୍ ଖୋଲାଯାଇଥିଲା। କ୍ରାଇମବ୍ରାଞ୍ଚର ସୋସିଆଲ୍ ମିଡିଆ ୟୁନିଟ ଓ ସମସ୍ତ ଜିଲାର ସୋସିଆଲ ମିଡିଆ ସେଲ୍‌ର ମିଳିତ ଉଦ୍ୟମରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ଏଥିସହ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବୃତ୍ତିଧାରୀମାନେ ମଧ୍ୟ ସାଇବର ଭଲ୍ୟୁଣ୍ଟର ବା ସ୍ୱେଚ୍ଛାସେବୀ ଭାବେ ରାଜ୍ୟ ପୋଲିସ ସହ ଯୋଡ଼ି ହୋଇ ଏହି ଦିଗରେ କାମ କରୁଛନ୍ତି। କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ ୟୁନିଟ ସାଇବର ଅପରାଧ ସଂକ୍ରାନ୍ତରେ ନିୟମିତ ସୋସିଆଲ୍ ମିଡିଆରେ ପୋଷ୍ଟ କରି ସଚେତନ କରାଉଛି। ଏଥିସହ ସାମାଜିକ ଗଣମାଧ୍ୟମଗୁଡ଼ିକୁ ଠିକ୍ ଓ ଭଦ୍ରାମିର ସହ ବ୍ୟବହାର କରିବାକୁ ଲୋକମାନଙ୍କୁ କ୍ରାଇମବ୍ରାଞ୍ଚ ମଧ୍ୟ ନିବେଦନ କରିଛି।

# ୪୫ ଡିଗ୍ରୀ ଡେଇଁଲା ପାରଦ

## ୪୫.୯ ଡିଗ୍ରୀ ସହ ଦେଶରେ ୧୦ମ ସ୍ଥାନରେ ବୌଦ୍ଧ

**ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)**

କିଛିଦିନର ବ୍ୟବଧାନ ପରେ ରାଜ୍ୟକୁ ପୁଣି ଫେରିଛି ଗ୍ରୀଷ୍ମ ପ୍ରବାହ। ବାତ୍ୟା 'ରେମାଲ' ଯୋଗୁ ତାପମାତ୍ରା ହ୍ରାସ ପାଇଥିବାବେଳେ ମଙ୍ଗଳବାର ପାରଦ ୪୫ ଡିଗ୍ରୀ ସେଲସିୟସ୍ ଡେଇଁଛି। ରାଜ୍ୟର ୩ଟି ସହରରେ ଦିନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ୪୫.୯ ଡିଗ୍ରୀ ସହିତ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ହେବା ସହ ଦେଶର ୧୦ମ ଏବଂ ସୁବର୍ଣ୍ଣପୁର ୪୫.୩ ଡିଗ୍ରୀ ସେଲ୍‌ସିୟସ ସହ ୧୧ତମ ସ୍ଥାନରେ ରହିଛି। ସେହିପରି ଟିଟିଲାଗଡ଼ରେ ୪୫ଡିଗ୍ରୀ ତାପମାତ୍ରା ରହିଥିଲା। ୧୭ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠୁ ଅଧିକ ଥିବାବେଳେ ୧୦ ସହରରେ ୪୩ ଡିଗ୍ରୀ ସେଲସିୟସ୍ କିମ୍ବା ଅଧିକ ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ରାଜ୍ୟରେ ଏହିଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଦୁଇଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସମ୍ବଲପୁର, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଏବଂ କନ୍ଧମାଳକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପଶ୍ଚିମ ଓଡ଼ିଶାରେ ତାତି ଅସମ୍ଭାଳ ଥିବାବେଳେ ଉପକୂଳରେ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଉପକୂଳରେ ତାପମାତ୍ରା କମ୍ ରହିଥିଲେ ମଧ୍ୟ ଆର୍ଦ୍ରତା ଅଧିକ ରହୁଥିବାରୁ ଗୁଳୁଗୁଳି ଅଧିକ ଲାଗୁଥିଲା। ମଙ୍ଗଳବାର ଅପରାହ୍ନ ସାଢ଼େ ୨ଟାରେ ଭୁବନେଶ୍ୱରରେ ତାପମାତ୍ରା ୩୯.୪ ଡିଗ୍ରୀ ଥିବାବେଳେ ଆର୍ଦ୍ରତା ୬୩ଡିଗ୍ରୀ ରହିଥିଲା। ରାଜ୍ୟରେ ଆସନ୍ତା ଦୁଇଦିନ ଏହିଭଳି ଗୁଳୁଗୁଳି ଅନୁଭୂତ ହେବ ବୋଲି ଆକଳନ କରାଯାଇଛି। ଏହି ଦୁଇଦିନ ବାଲେଶ୍ୱର,



ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ ଜିଲାକୁ ଉଷ୍ଣ ଏବଂ ଆର୍ଦ୍ର ପାଣିପାଗ ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ୩୧ ତାରିଖରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ବିଭିନ୍ନ ଜିଲାରେ କାଳବୈଶାଖୀ ବର୍ଷା ହେବା ସହିତ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦କିମି ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅପରପକ୍ଷେ ଆଗାମୀ ୩ରୁ ୪ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

# ଅଂଶୁଘାତ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି

## ୧,୨୧୯ ଜଣ ଡାକ୍ତରଖାନାରେ ଭର୍ତ୍ତି

**ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)**

ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧିପାଇଛି। ମୟୂରଭଞ୍ଜରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଢେଙ୍କାନାଳ ଓ ବାଲେଶ୍ୱରରେ ଜଣେ ଲେଖାଏ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେହିପରି ଆଉ ୧୪ ଅଂଶୁଘାତ ମୃତ୍ୟୁ ଅଭିଯୋଗର ତଦନ୍ତ ଚାଲିଥିବା ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟରେ ସୋମବାର ସୁଦ୍ଧା ୧,୨୧୯ ଜଣ ଅଂଶୁଘାତ ଯୋଗୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢେଙ୍କାନାଳରୁ ସର୍ବାଧିକ ୧୯୮ ଜଣ ଥିବାବେଳେ ମୟୂରଭଞ୍ଜରୁ ୧୪୬, ସୁନ୍ଦରଗଡ଼ରୁ ୧୩୧, ସମ୍ବଲପୁରରୁ ୧୨୧ ଜଣ ରହିଛନ୍ତି। ଆଗକୁ ରାଜ୍ୟରେ ପୁଣି ଗ୍ରୀଷ୍ମପ୍ରବାହ ଜାରି ରହିବାକୁ ଥିବାରୁ ହସ୍ପିଟାଲ ପ୍ରସ୍ତୁତ ରଖାଯିବା ସହିତ ଜନସାଧାରଣଙ୍କୁ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରତ୍ୟେକ ଦିନ ୨ରୁ ୫ ଜଣ ଅଂଶୁଘାତ ଦ୍ୱାରା ପ୍ରଭାବିତ ବ୍ୟକ୍ତି ହସ୍ପିଟାଲକୁ ଆସୁଛନ୍ତି। ଅଂଶୁଘାତ ଦ୍ୱାରା ପ୍ରଭାବିତ ହେଉଥିବା ସମସ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲ ଆଣିବା ପୂର୍ବରୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବାର ଆବଶ୍ୟକତା ରହିଛି। ପ୍ରଥମେ ବ୍ୟକ୍ତିଙ୍କ ଶରୀରକୁ ଓଦା କପଡ଼ାରେ ଗୁଡ଼ାଇ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନେଇ ଆସିବା ଜରୁରୀ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି।

# ନାବାଳିକା, ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଉରକେଲା,୨୮।୫(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବିସ୍ରା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଗୋଟିଏ ଘରୁ ଗୁରୁତର ଅବସ୍ଥାରେ ନାବାଳିକା ଓ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ବିସ୍ରା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା( ଆରଜିଏଚ)କୁ ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ମୃତକ ହେଲେ ବିକ୍ରମ ମିଶ୍ର(୨୪)। ଘଟଣା ସ୍ଥଳରେ ଡିଏସ୍‌ପି ନିର୍ମଳ ମହାପାତ୍ର ଓ ବିସ୍ରା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଥାନାରେ ଉଭୟଙ୍କ ପରିବାର ପକ୍ଷରୁ ପୃଥକ ଏତଲା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୩ଟାରେ ବିସ୍ରା ଗୋଷ୍ଠୀ ଚିକିତ୍ସାଳୟ ପଛପଟେ ଥିବା ଏକ ବସ୍ତିରେ ଜଣେ ବ୍ୟକ୍ତିଙ୍କ ଘରୁ ଚିତ୍କାର ଶୁଣିବାକୁ ମିଳିଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ନାବାଳିକା ଓ ବିକ୍ରମ ଅଚେତ ଅବସ୍ଥାରେ ପଡିଥିବା ଦେଖିଥିଲେ। ଘଟଣାର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ପୋଲିସ ଉଭୟଙ୍କ ପରିବାର ଲୋକଙ୍କୁ ପଚରାଉଚରା କରୁଥିବା ଜଣାପଡିଛି।

# ବହୁଗୁଣ ଲାଭ ଦେବା ଆଳରେ ୫୦ କୋଟି ଠକେଇ

## କମ୍ପାନୀ ନିର୍ଦ୍ଦେଶକ ଗିରଫ

- ସ୍ତ୍ରୀଙ୍କୁ ଖୋଜା ଚାଲିଛି, ରାଜ୍ୟରେ ଫସିଛନ୍ତି ୨ହଜାର ନିବେଶକାରୀ
- ମାସକୁ ୨୬ ପ୍ରତିଶତ ଲାଭ ଦେବାର ମିଛ ପ୍ରତିଶ୍ରୁତି ଦେଉଥିଲେ

**ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)**

ମିଛ ପ୍ରତିଶ୍ରୁତି ଦେଇ ନିବେଶ ଆଳରେ ଲୋକଙ୍କଠାରୁ ଟଙ୍କା ନେଲେ। ବିଶ୍ୱାସଭାଜନ ପାଇଁ ପ୍ରଥମେ କିଛିଟଙ୍କା ମଧ୍ୟ ଫେରାଇଲେ, ହେଲେ ପରେ ଅଫିସ ବନ୍ଦ କରି ଫେରାର ହୋଇଗଲେ ଦମ୍ପତି। ରାଜ୍ୟରେ ଏଭଳି ଉପାୟରେ ପ୍ରାୟ ୫୦ କୋଟି ଟଙ୍କା ଠକିନେବା ଅଭିଯୋଗରେ ସମ୍ପୃକ୍ତ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ମୋହନ କୁମାର ପରିଡ଼ା। ଅଭିଯୁକ୍ତ ମୋହନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କମ୍ପାନୀ ନିର୍ଦ୍ଦେଶକ ଥିବା ମୋହନଙ୍କ ସ୍ତ୍ରୀ ପୁଷ୍ପଲତା ବେହୁରାଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ଖୋଜାଖୋଜି କରୁଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଭୁବନେଶ୍ୱର କଳିଙ୍ଗନଗରର ଚିତ୍ତରଞ୍ଜନ ପାଲ୍‌ଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ମେ' ୧୬ରେ ଏ ନେଇ ଏକ ମାମଲା (ନଂ. ୬/୨୦୨୪)



ମୋହନ ପରିଡ଼ା

ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋହନ ଓ ତାଙ୍କ ସ୍ତ୍ରୀ ଏମ୍/ଏସ୍ ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ ଲିଃ ନାମରେ କମ୍ପାନୀ ଖୋଲି ଭୁବନେଶ୍ୱରସ୍ଥିତ ପଳାଶୁଣୀ ପ୍ରାଚୀ ବିହାରରେ ଅଫିସ କରି ଠକାମି କରିଥିଲେ। ଅଭିଯୋଗକାରୀ ଚିତ୍ତରଞ୍ଜନ ୨୦୨୩ରେ ୪୪.୬୦ ଲକ୍ଷ ଟଙ୍କା ନିବେଶ କରି ପ୍ରଥମେ ୧୨ ହଜାର ୬୦୦ ଟଙ୍କା ଲାଭ ପାଇଥିଲେ। ହେଲେ ପରେ ଆଉ ତାଙ୍କୁ ଟଙ୍କା ଦିଆଯାଇ ନ ଥିଲା। ୨୦୨୦ରୁ ୨୦୨୩ ମଧ୍ୟରେ ବିଭିନ୍ନ ସ୍କିମ୍ ନାଁରେ ରାଜ୍ୟର ଦୁଇ ହଜାର ନିବେଶକାରୀଙ୍କଠାରୁ ମୋହନ ୫୦ କୋଟି ଟଙ୍କା ଠକିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ସେ ଅଟୋପୋଲ ପ୍ୟାକେଜ, ବୁଷ୍ଟିଂ ପ୍ୟାକେଜ ଆଦି ସ୍କିମ୍ କରି ଠକୁଥିଲେ। ପ୍ରତି ମାସରେ ୨୬ ପ୍ରତିଶତ ଲାଭ ଓ ୩ ମାସ ଧରି ଏଭଳି ଲାଭ ମିଳିବ ବୋଲି କହୁଥିଲେ। ଏଥିସହ ନୂଆ ସଦସ୍ୟଙ୍କୁ ଯୋଡ଼ିଲେ ୨ ପ୍ରତିଶତ ବୋନସ୍ ମିଳିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଉଥିଲେ। ନିବେଶକାରୀଙ୍କଠାରୁ ପ୍ରଥମେ ୨୫୦୦ ଟଙ୍କା ନେଇ ଲଗ୍ ଇନ୍ ଆଇଡି ଦେଉଥିଲେ। ଉକ୍ତ ଲଗ୍ ଇନ୍ ଆଇଡି ଦ୍ୱାରା ସଦସ୍ୟମାନେ ଆଉ ୩ଜଣଙ୍କୁ ଯୋଡ଼ିଲେ କମିଶନ୍ ମିଳିବ ବୋଲି କହୁଥିଲେ। ମୋହନ କୁମାର ଯେଉଁ କମ୍ପାନୀ କରିଥିଲେ, ସେହି କମ୍ପାନୀ ଦ୍ୱାରା କେବଳ ଅନଲାଇନ ରିଚାର୍ଜ, ବିମାନ ଟିକେଟ, ବସ୍ ଟିକେଟ ବୁକିଂ ଆଦି କରିଥାନ୍ତେ। ହେଲେ ସେ ଆର୍‌ବିଆଇର ବିନା ଅନୁମତିରେ ଏଭଳି ପୋଞ୍ଜି ସ୍କିମ୍ ଚଳାଉଥିଲେ। ତେବେ ନିବେଶ ଟଙ୍କା ବହୁ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ମେ ୨୯/୨୦୨୪ (୧୮ ପୃଷ୍ଠା) | Bhubaneswar, Wednesday, May 29/2024 | Page 18 | ₹ 7.00

୫୦ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 184 | ମୂଲ୍ୟ ₹୭/-


# ଓଡ଼ିଶାର ମଙ୍ଗଳ ପାଇଁ ନବୀନଙ୍କ ସହ ସମ୍ପର୍କ ତ୍ୟାଗ କରିବି: ମୋଦି

**ନୂଆଦିଲ୍ଲୀ,୨୮।୫**

ଓଡ଼ିଶାର ମଙ୍ଗଳ ପାଇଁ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକଙ୍କ ସହ ନିଜ ସୁସମ୍ପର୍କ ତ୍ୟାଗ କରିବାକୁ ଆଗ୍ରହୀ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନ୍ୟୁଜ୍ ଏଜେନ୍ସି ଏଏନ୍ଆଇକୁ ସାକ୍ଷାତ୍କାର ଦେଇ ମୋଦି କହିଛନ୍ତି, ଭାରତରେ ସବୁ ଦଳର ନେତାଙ୍କ ସହ ଆମର ଭଲ ସମ୍ପର୍କ ରହିଛି। ଗଣତନ୍ତ୍ରରେ କାହା ସହିତ ଆମର ଶତ୍ରୁତା ନାହିଁ। ବର୍ତ୍ତମାନର ପ୍ରଶ୍ନ ହେଉଛି, ମୁଁ ମୋ ସମ୍ପର୍କ ବଜାୟ ରଖିବି ନା ଓଡ଼ିଶାର ଭାଗ୍ୟକୁ ନେଇ ଚିନ୍ତା କରିବି। ମୁଁ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜକୁ ସମର୍ପିତ କରିବି। ଯଦି ଆବଶ୍ୟକ ପଡ଼େ ସେମାନଙ୍କ ସହ ସମ୍ପର୍କକୁ ବଳି ପକାଇଦେବି


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ବୋଲି ମୋଦି ସ୍ପଷ୍ଟ କରିଛନ୍ତି।

ସାକ୍ଷାତ୍କାର ବେଳେ ପ୍ରଧାନମନ୍ତ୍ରୀ ମୋଦି ଶାସକ ବିଜୁ ଜନତା ଦଳ (ବିଜେଡି)କୁ ସମାଲୋଚନା କରି କହିଛନ୍ତି, ନବୀନଙ୍କ ୨୫ ବର୍ଷର ଶାସନ କାଳରେ ରାଜ୍ୟର କିଛି ଉନ୍ନତି ହୋଇନାହିଁ। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ଏକ ଗୋଷ୍ଠୀ ସମଗ୍ର ଓଡ଼ିଶାର ସିଷ୍ଟମ୍ (ବ୍ୟବସ୍ଥା)କୁ ନିଜ ହାତକୁ ନେଇଯାଇଛି। ମନେହେଉଛି, ସିଷ୍ଟମ୍‌କୁ ପଣବନ୍ଦୀ କରାଯାଇଛି। ଓଡ଼ିଶା ଏହି ସିଷ୍ଟମ୍ ଭିତରୁ ମୁକ୍ତ ହୋଇପାରିଲେ ଉନ୍ନତି କରିବା ସ୍ୱାଭାବିକ। ଓଡ଼ିଶାର ଅସ୍ମିତା କଥା ଉଠାଇ ସେ ଆହୁରି କହିଛନ୍ତି, ରାଜ୍ୟରେ ଅନେକ ପ୍ରାକୃତିକ ସମ୍ପଦ ରହିଛି। ଓଡ଼ିଶା ଭଳି ଏକ ସମୃଦ୍ଧ ରାଜ୍ୟର ଲୋକଙ୍କ ଦାରିଦ୍ର୍ୟ ଦେଖି ଦୁଃଖ ଲାଗୁଛି। ଏଭଳି ଦାରିଦ୍ର୍ୟ ପାଇଁ ରାଜ୍ୟ ସରକାର ଦାୟୀ। ତେଣୁ ରାଜ୍ୟବାସୀ ନିଜ ଅଧିକାର ଏବଂ ଓଡ଼ିଶା ନିଜ ପରିଚୟ ପାଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଜୁନ୍ ୧୦ରେ ଓଡ଼ିଶାରେ ଜଣେ ଭାଜପା ମୁଖ୍ୟମନ୍ତ୍ରୀ ଶପଥ ନେବେ। ଓଡ଼ିଶାର ଭାଗ୍ୟ ବଦଳିବାକୁ ଯାଉଛି। ସରକାର ପରିବର୍ତ୍ତନ ହେବାକୁ ଯାଉଛି। ଓଡ଼ିଶାରେ ବର୍ତ୍ତମାନ ଚାଲିଥିବା ସରକାରର ଅବଧି (ଏକ୍ସପାଏରି ଡେଟ୍) ଜୁନ୍ ୪ରେ ଶେଷ ହେବ ଏବଂ ୧୦ ତାରିଖରେ ଭାଜପାର ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ମୁଁ କହିସାରିଛି।

ପ୍ରକାଶ ଯେ, ମେ' ୧୩ରୁ ୨୫ ମଧ୍ୟରେ ଓଡ଼ିଶାରେ ୩ଟି ପର୍ଯ୍ୟାୟରେ ୧୫ ଲୋକ ସଭା ଓ ଏହା ଅଧୀନ ୧୦୫ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୧ରେ ଅବଶିଷ୍ଟ ୬ ଲୋକ ସଭା ଓ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଉପରୋକ୍ତ ମନ୍ତବ୍ୟକୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

# କୁଚେଙ୍କୁ ନିଲମ୍ବନ କଲେ ଇସିଆଇ

**ଭୁବନେଶ୍ୱର,୨୮।୫(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତଥା ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଡି.ଏସ୍. କୁଚେଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏଥିସହିତ ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଭାରତର ନିର୍ବାଚନ କମିଶନ (ଇସିଆଇ) ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମଙ୍ଗଳବାର କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।


ଡି.ଏସ୍. କୁଚେ


ଆଶିଷ କୁମାର ସିଂ

ଏଥିସହିତ କୁଚେଙ୍କୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ବୁଧବାର ଅପରାହ୍ନ ୩ଟା ସୁଦ୍ଧା ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଡି.ଏସ୍. କୁଚେଙ୍କ ବିରୋଧରେ

### ଆଶିଷ ସିଂଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବ ଏମ୍ସର ସ୍ୱତନ୍ତ୍ର ମେଡିକାଲ ବୋର୍ଡ

ଥିବା ଚିଠା ଚାର୍ଜଶିଟ୍‌କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୁଚେଙ୍କ ବିରୋଧରେ ଚାକିରି ସର୍ତ୍ତାବଳୀ ଅନୁସାରେ ଆବଶ୍ୟକ ଚାର୍ଜଶିଟ୍ ମେ' ୩୦ତାରିଖ ସୁଦ୍ଧା ପ୍ରସ୍ତୁତ ☞ପୃଷ୍ଠା-୬

**ସାକ୍ଷାତ୍କାର**



## ଓଡ଼ିଶାରେ ସରକାର ଗଢ଼ି ଇତିହାସ ରଚିବ ଭାଜପା: ନଡ୍ଡା

ପୃଷ୍ଠା-୨

# ଭାଜପା କହେ, ପାରେନାହିଁ: ନବୀନ

**ନୂଆଦିଲ୍ଲୀ,୨୮।୫(ପି.ଟି.)**

ଭାରତୀୟ ଜନତା ପାର୍ଟି (ଭାଜପା) କେବଳ କହିଥାଏ, କିନ୍ତୁ ପାରି ନ ଥାଏ। ଭାଜପା ପୂର୍ବରୁ କର୍ଣ୍ଣାଟକରେ ସରକାର ଗଢ଼ିବ ବୋଲି ଦାବି କରିଥିଲା। ହେଲେ ଏଥିରେ ବିଫଳ ହୋଇଥିଲା। ଭାଜପା ନେତାମାନେ ତେଲଙ୍ଗାନାରେ ସରକାର ଗଢ଼ିବୁ ବୋଲି କହି ବିଫଳ ହୋଇଥିଲେ। ସେହିପରି ହିମାଚଳ ପ୍ରଦେଶରେ ସେମାନେ ଅନୁରୂପ ଦୃଢ଼ୋକ୍ତି ପ୍ରକାଶ କରି ବିଫଳ ହୋଇଥିଲେ। ଓଡ଼ିଶା ନିର୍ବାଚନରେ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ମଧ୍ୟ ସେମାନଙ୍କ ପରାଜୟର ଧାରା ଜାରି ରହିବ ବୋଲି ମଙ୍ଗଳବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଏବଂ ଭାଜପା ନେତାମାନେ ଓଡ଼ିଶାରେ ସରକାର ଗଠନ କରିବେ ଓ ସେମାନଙ୍କ ଦଳର ଜଣେ ନେତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଦାବି କରୁଥିବାବେଳେ ନବୀନ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍କାର ଦେଇ ଏଭଳି ଜବାବ ରଖିଛନ୍ତି।

**ଆଜିର ସମ୍ପାଦକୀୟ**

## ସାପ କାମୁଡ଼ା

# ଜଣେ ତାମିଲ ମୁଖ୍ୟମନ୍ତ୍ରୀଙ୍କୁ ଥାପିବାକୁ ଚାହୁଁଛନ୍ତି ନବୀନ: ଶାହା

**ଯାଜପୁର,୨୮।୫(ହର୍ଷବର୍ଦ୍ଧନ ବେହେରା)**

ଓଡ଼ିଶାର ଜନସାଧାରଣଙ୍କ ଉପରେ ଜଣେ ତାମିଲ ମୁଖ୍ୟମନ୍ତ୍ରୀଙ୍କୁ ଥାପିଦେବାକୁ ଚାହୁଁଛନ୍ତି ନବୀନ ପଟ୍ଟନାୟକ। ସେ ତାଙ୍କ ଉତ୍ତରାଧିକାରୀ ଭାବେ ପାଣ୍ଡିଆନଙ୍କୁ ବାଛିଛନ୍ତି। ଏହାକୁ ଆମେ ସହିବୁ ନାହିଁ ବୋଲି କହିଛନ୍ତି ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା। ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ପାଣିକୋଇଲିଠାରେ ମଙ୍ଗଳବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଶାହା



ଏଭଳି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରି ଶାହା କହିଛନ୍ତି ଯେ, ଖାଲି ବ୍ୟାଗ୍‌ରେ ପେଟ ପୂରିବ ନାହିଁ, ଯଦି ସାହସ ଅଛି ୫ କିଲୋ ଚାଉଳ ଦିଅ। ଶାହା ପାଣିକୋଇଲି ସମେତ ଭଦ୍ରକ ଜିଲାର ଚାନ୍ଦବାଲି ଏବଂ ପୁରୀ ଜିଲାର ନିମାପଡ଼ାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ନବୀନ ପଟ୍ଟନାୟକ ଜୁନ୍ ୪ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେବେ ଏବଂ ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପାଣିକୋଇଲିରେ ଶାହା ଭାଷଣ ଆରମ୍ଭରୁ ନବୀନଙ୍କୁ ଟାର୍ଗେଟ କରି କହିଛନ୍ତି, ତାଙ୍କ ସ୍ଥାନରେ ଜଣେ ଓଡ଼ିଆ କହିପାରୁଥିବା ଏବଂ ପ୍ରଭୁ ଜଗନ୍ନାଥଙ୍କ ଗୌରବକୁ ଆହୁରି ବଢ଼ାଇପାରୁଥିବା ନେତାଙ୍କୁ ଆମେ ମୁଖ୍ୟମନ୍ତ୍ରୀ କରିବା। ଓଡ଼ିଆ ମୁଖ୍ୟମନ୍ତ୍ରୀ ନା ତାମିଲ ବାବୁଙ୍କ ଶାସନ ଦରକାର ବୋଲି ସେ ଜନସାଧାରଣଙ୍କୁ ପ୍ରଶ୍ନ କରିଛନ୍ତି। ଓଡ଼ିଶାରେ ଥରେ ଭାଜପା କ୍ଷମତାକୁ ଆସିଲେ ଏଠାକାର ଯୁବତୀଯୁବକଙ୍କୁ ଆଉ ରୋଜଗାର ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ। ସଙ୍କଳ୍ପ ପତ୍ରରେ ଘୋଷଣା କରାଯାଇଛି, ଚିଟ୍‌ଫଣ୍ଡରେ ବୁଡ଼ିଥିବା ଅର୍ଥ ସମସ୍ତଙ୍କୁ ଫେରସ୍ତ କରାଯିବ। ଏହାର ଲୁଟ୍‌କାରୀଙ୍କୁ ଓଲଟା ଲଟକା ଯିବ। ☞ପୃଷ୍ଠା-୬










# ଓଡ଼ିଶାରେ ସରକାର ଗଢ଼ି ଇତିହାସ ରଚିବ ଭାଜପା: ନଡ୍ଡା

**ଓଡ଼ିଶାରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଜୋରଦାର ଚାଲିଛି। ରାଜ୍ୟରେ ଭାଜପା ଅଦ୍ୟାବଧି କ୍ଷମତା ହାସଲ କରିପାରି ନ ଥିବାବେଳେ ଚଳିତ ନିର୍ବାଚନରେ କେନ୍ଦ୍ରୀୟ ନେତା ଆକଳନ କରୁଛନ୍ତି ଯେ, ସେମାନଙ୍କ ଦଳ ଏଥର ନିଶ୍ଚିତ୍ୟ ଅଧିକ ଆସନରେ ବିଜୟୀ ହୋଇ ଏକାକୀ ସରକାର ଗଠନ କରିବ। ଏପରିକି ଜୁନ୍ ୧୦ରେ ଜଣେ ଓଡ଼ିଆ ଝିଅ କିମ୍ବା ପୁଅ ଭାଜପାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି କେନ୍ଦ୍ରୀୟ ନେତାମାନେ କହୁଛନ୍ତି। ଏହି କ୍ରମରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଓଡ଼ିଶାକୁ ପ୍ରଚାର ଗସ୍ତରେ ଆସିଥିବା ବେଳେ 'ଧରିତ୍ରୀ'କୁ ଏକ ବିଶେଷ ସାକ୍ଷାତ୍‌କାର ଦେଇଛନ୍ତି। ତାଙ୍କୁ ଭେଟିଥିଲେ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଏବଂ ଖବରଦାତା ସୁନିତ୍ ମିଶ୍ର।**



**ସାକ୍ଷାତ୍‌କାର**
**ଜେ.ପି. ନଡ୍ଡା**
**ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

ପ୍ରଶ୍ନ– ୨୦୨୪ ନିର୍ବାଚନ ତାରିଖ ଘୋଷଣା ପରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହେବ ବୋଲି ଜୋରଦାର ଆଲୋଚନା ଆରମ୍ଭ ହୋଇଥିଲା। ଏହା ଦୀର୍ଘଦିନ ଧରି ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ମେଣ୍ଟ ହୋଇପାରି ନ ଥିବାବେଳେ ଏଭଳି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ପ୍ରଥମରୁ ନିଜ ମତ ସ୍ପଷ୍ଟ କରିବାରେ ଅସୁବିଧା କେଉଁଠି ଥିଲା ?

**ନଡ୍ଡା–** ଓଡ଼ିଶାରେ ବିଜେଡି ସହ ମେଣ୍ଟ କରିବା ନେଇ ଆମେ କେବେହେଲେ ଆଲୋଚନା କରିନାହୁଁ। ଆମ ଦଳର ରାଜ୍ୟ ଶାଖା ଏଠାରେ ଏକୁଟିଆ ଲଢ଼େଇ କରିବା ଲାଗି ନିଜର ଆଭିମୁଖ୍ୟ ସ୍ପଷ୍ଟ ରଖିଥିଲା।

ପ୍ରଶ୍ନ– ଦୁଇ ଦଳ ମଧ୍ୟରେ ମେଣ୍ଟ ହେବା ନେଇ ବିଜେଡି ପକ୍ଷରୁ କିଏ ଚାପ ପକାଉଥିଲେ ?

**ନଡ୍ଡା–** ମେଣ୍ଟ ପାଇଁ କୌଣସି ଚାପ ନ ଥିଲା।

ପ୍ରଶ୍ନ– ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ପରେ ରାଜ୍ୟରେ ଦଳର ସଙ୍ଗଠନ ବିଷୟରେ କ'ଣ ଭାବୁଛନ୍ତି ?

**ନଡ୍ଡା–**ରାଜ୍ୟ ଭାଜପା ଶାଖା ତଥା ଆମ ସଙ୍ଗଠନ ୨୦୧୯ ନିର୍ବାଚନ ତୁଳନାରେ ଏବେ କ୍ଷେତ୍ରସ୍ତରରେ ଭଲ ସ୍ଥିତିରେ ଥିବାରୁ ସମସ୍ତଙ୍କ ଆତ୍ମବିଶ୍ୱାସ ବଢ଼ିଛି। ସେସବୁ ଦେଖି ମୋର ମଧ୍ୟ ବ୍ୟକ୍ତିଗତ ସ୍ତରରେ ଆତ୍ମବିଶ୍ୱାସ ବୃଦ୍ଧିପାଇଛି। ଉଭୟ ବିଧାନସଭା ଓ ଲୋକ ସଭା ନିର୍ବାଚନମଣ୍ଡଳୀରେ ବୁଥ୍‌ସ୍ତରରେ ଆମ ସଙ୍ଗଠନ ମଜଭୁତ ଅଛି।

ପ୍ରଶ୍ନ– ହିନ୍ଦୁତ୍ୱ ଓ ମୋଦିଙ୍କ କାର୍ଯ୍ୟକ୍ରମକୁ ଦେଖିଲେ ଭାଜପାକୁ ଆଦର୍ଶଗତ ଦଳ ଭାବେ ଲୋକମାନେ ବିଚାର କରିଥାଆନ୍ତି। ଅନ୍ୟପକ୍ଷରେ ବିଜେଡି ଏକ ଆଞ୍ଚଳିକ ଦଳ ହୋଇଥିବାରୁ ଏହାର କାର୍ଯ୍ୟକ୍ରମ କେବଳ ରାଜ୍ୟ ଭିତରେ ସୀମିତ। ତେବେ ବିଜେଡିଠାରୁ ଆପଣଙ୍କ ଦଳର ଆଦର୍ଶଗତ ଭିନ୍ନତା କ'ଣ ?

**ନଡ୍ଡା–**ଭାଜପା ହେଉଛି ଏକ ଜାତୀୟ ଦଳ। ଏହାର ମୂଳ ଲକ୍ଷ୍ୟ ହେଉଛି 'ଦେଶ ଆଗ'। ଏହି ସମାନ ସମୟରେ କହିହେବ ଯେ, ଦେଶର ବିକାଶ ଲାଗି ଆଞ୍ଚଳିକ ଅସନ୍ତୁଳନତା ଯଥାସମ୍ଭବ କମ୍ କରିବା ଉପରେ ଭାଜପା ବିଶ୍ୱାସ କରିଥାଏ। ଆମେ ସର୍ବଦା ଆଞ୍ଚଳିକ ଦଳଗୁଡ଼ିକ ସହ ଉତ୍ତମ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଆସିଛୁ। ଦେଶର ବହୁବିଧ ବିକାଶରେ ଆଞ୍ଚଳିକ ଦଳଗୁଡ଼ିକର ଯୋଗଦାନକୁ ମଧ୍ୟ ଗୁରୁତ୍ୱ ଦେଇଥାଉ।

ପ୍ରଶ୍ନ– ଗତ କିଛିଦିନ ଧରି ବିଜେଡିର ବହୁ ବିଧାୟକ, ମନ୍ତ୍ରୀ ଏବଂ ନେତା ଆସି ଭାଜପାରେ ଯୋଗ ଦେଉଛନ୍ତି। ଭାଜପାରେ ସେହି ପୂର୍ବତନ ବିଜେଡି ନେତାମାନେ ଯୋଗଦେବା ପରେ ସେମାନଙ୍କୁ ଦଳ ତୁରନ୍ତ ଟିକେଟ ଦେଇଛି। ସେହି ଦଳବଦଳକାରୀଙ୍କ ଆଦର୍ଶଗତ ବିଚାରଧାରାକୁ ନେଇ ଭାଜପା କେବେ ତର୍ଜମା କରିଛି କି? ସେମାନେ ଏମିତି କ'ଣ କରିଛନ୍ତି ଯେ, ଦଳରେ ଯୋଗ ଦେଉଦେଉ ସେମାନଙ୍କୁ ଭାଜପା ଟିକେଟ ଦେଇଦେଲା ?

**ନଡ୍ଡା–** ଏହା ସତ୍ୟ ଯେ, କେତେକ ବର୍ତ୍ତମାନ ଓ ପୂର୍ବତନ ବିଧାୟକ ବିଜେଡି ଛାଡ଼ି ଆସି ଭାଜପାରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଦଳ ଟିକେଟ ଦେଇଛି। ବାସ୍ତବରେ ସେମାନଙ୍କ ଅତୀତ ଓ ଆଦର୍ଶଗତ ଚିନ୍ତାଧାରା ବିଷୟରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିଛୁ। ହେଲେ ବିଜୟ ସମ୍ଭାବନା ଥିବା ନେତାଙ୍କୁ ଦେଖି ଦଳ ପକ୍ଷରୁ ଟିକେଟ ଦିଆଯାଇଛି।

ପ୍ରଶ୍ନ– ସମୟ ଥିଲା ବହୁ ଲୋକ କଂଗ୍ରେସରେ ଯୋଗ ଦେଉଥିଲେ। କିନ୍ତୁ ସ୍ୱାଧୀନତା ସମୟରେ କଂଗ୍ରେସର ଯେଉଁ ବିଚାରଧାରା ଥିଲା, ଦଳବଦଳକାରୀଙ୍କ ଯୋଗୁ ସେଥିରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲା। ଏହି ପରିପ୍ରେକ୍ଷୀରେ ଭାଜପାର ଭବିଷ୍ୟତ କ'ଣ ହେବ ବୋଲି ଭାବୁଛନ୍ତି ?

**ନଡ୍ଡା–**ଭାଜପା ଏକ କ୍ୟାଡରଭିତ୍ତିକ ରାଜନୈତିକ ଦଳ। ଆମ ଦଳରେ ଯୋଗଦେବା ଲାଗି ଲୋକଙ୍କୁ ଅନେକ ବିଷୟ ପ୍ରଭାବିତ କରିଥାଏ, ଯେଉଁଥିପାଇଁ ସେମାନେ ଏଥିରେ ରହିବାକୁ ଭଲପାଆନ୍ତି। ତେଣୁ କୌଣସି ଜଣେ ନିଜର ବ୍ୟକ୍ତିଗତ ଚିନ୍ତାଧାରାକୁ ନେଇ ଭାଜପାର ଭାବମୂର୍ତ୍ତିକୁ ପ୍ରଭାବିତ କରିବା କଷ୍ଟକର ହେବ।

ପ୍ରଶ୍ନ– ପାର୍ଲାମେଣ୍ଟରେ ବହୁ ବିଧେୟକ ପାରିତ ହେବାବେଳେ ବିଜେଡି ଏବଂ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ଏମ୍‌ପିମାନେ ସମର୍ଥନ ଦେଇଆସୁଥିଲେ। ଭାଜପା ବିରୋଧରେ ଜାତୀୟସ୍ତରରେ ଅଣାଯାଇଥିବା ଅନେକ ପ୍ରସଙ୍ଗରେ ବିଜେଡି ସବୁବେଳେ ନୀରବତା ରକ୍ଷା କରି ଆସିଛି। ୨୦୨୪ ନିର୍ବାଚନ ପୂର୍ବରୁ ଏକ ରାଜନୈତିକ ରିଆଲାଏନ୍‌ମେଣ୍ଟ ହୋଇଥିଲା। ନିର୍ବାଚନ ଫଳାଫଳ ପ୍ରକାଶ ପରେ ସେପରି କିଛି ରାଜନୈତିକ ସମୀକରଣ ହେବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆପଣ ଚିନ୍ତା କରୁଛନ୍ତି କି ?

**ନଡ୍ଡା–** ସଂସଦୀୟ ଗଣତନ୍ତ୍ରରେ କୌଣସି ବିଧେୟକ ଗୃହୀତ କରାଇବା ଲାଗି ଆମେ ସବୁଦଳର ସମର୍ଥନ ଲୋଡ଼ିଥାଉ। ସେହି ଦୃଷ୍ଟିରୁ ଦେଖିଲେ ଦେଶର ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗକୁ ବିଜେଡି ସମେତ ଅନ୍ୟ ଯେଉଁ ରାଜନୈତିକ ଦଳଗୁଡ଼ିକ ସହଯୋଗ କରିଛନ୍ତି, ଆମେ ସେମାନଙ୍କୁ ଧନ୍ୟବାଦ ଜଣାଇଥାଉ। ମୁଁ ଆପଣଙ୍କୁ ଆଗରୁ କହିଛି ୨୦୨୪ ପୂର୍ବରୁ ସେଭଳି କୌଣସି ରାଜନୈତିକ ରିଆଲାଏନ୍‌ମେଣ୍ଟ ହୋଇ ନ ଥିଲା। ଆଉ ଏବେ ଯାହା ଜଣାପଡୁଛି ବିଜେଡି ଓ ଭାଜପା ମଧ୍ୟରେ ପ୍ରାୟ ସବୁ ନିର୍ବାଚନମଣ୍ଡଳୀରେ କଡ଼ା ମୁକାବିଲା ହେଉଛି।

ପ୍ରଶ୍ନ–ବହୁ ଦଳତ୍ୟାଗୀଙ୍କୁ ଭାଜପା ତତ୍‌କ୍ଷଣାତ୍ ଟିକେଟ ଦେଇଛି। ଏହାର ଅର୍ଥ ନୁହେଁ କି, ଅନେକ ନିର୍ବାଚନମଣ୍ଡଳୀରେ ଆପଣଙ୍କ ସଙ୍ଗଠନ ଦୁର୍ବଳ ସ୍ଥିତିରେ ରହିଛି। ଏହା ଉପରେ କ'ଣ କହିବେ ?

**ନଡ୍ଡା–** ପୂର୍ବରୁ କହିସାରିଛି ଏହା ଠିକ୍ ନୁହେଁ। ପ୍ରାର୍ଥୀମାନଙ୍କ ବିଜୟ ସମ୍ଭାବନାକୁ ଦେଖି ଟିକେଟ ଦିଆଯାଇଛି। ମୋଟ୍ ଉପରେ କହିବାକୁ ଗଲେ ସବୁ ନିର୍ବାଚନର ମାନେ ହେଉଛି ଜିତିବା।

ପ୍ରଶ୍ନ– ରାମ ମନ୍ଦିର ପ୍ରତିଷ୍ଠା କରିବା ଭାଜପାର ଏକ ବଡ଼ ସ୍ୱପ୍ନ ଥିଲା, ତାହାକୁ ଖୁବ୍ କମ୍ ସମୟ ମଧ୍ୟରେ ସାକାର କରିବାରେ ଆପଣଙ୍କ ଦଳ ଓ ଆପଣ ସଫଳ ହୋଇଛନ୍ତି। ସେଥିଲାଗି ଧନ୍ୟବାଦ ଜଣାଉଛୁ। ଉତ୍ତର ଭାରତ ଲୋକଙ୍କ ମଧ୍ୟରେ ରାମ ମନ୍ଦିର ପ୍ରତିଷ୍ଠା ଖୁସି ଆଣିଦେଇଛି। କିନ୍ତୁ ଆପଣ ଯଦି ଓଡ଼ିଶାର ଯେଉଁ ଗାଁକୁ ଯିବେ ଦେଖିବେ ସବୁଠି ଗ୍ରାମଦେବୀ ଏମିତି କି ମା' ସମଲେଇ, ମା' ଛାଡୁଲେଇ, ମା' କଳରେଇ ଏବଂ ସବୁଆଡ଼େ ପ୍ରାୟ ଜଗନ୍ନାଥଙ୍କ ମନ୍ଦିର ଦେଖିବେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଯଦି ଆପଣଙ୍କ ଦଳ ସରକାର ଗଠନ କରେ, ତା'ହେଲେ ଆପଣ ଜଗନ୍ନାଥ ସଂସ୍କୃତିକୁ କିଭଳି ସୁରକ୍ଷା ଓ ସମ୍ମାନ ଦେବେ ?

**ନଡ୍ଡା–**ଜଗନ୍ନାଥ ହେଉଛନ୍ତି ବିଶ୍ୱ ଦେବତା। ସନାତନ ଧର୍ମରେ ଆମେ ବିଶ୍ୱାସ ରଖୁ। ଏହା ନିଶ୍ଚିତ ଯେ, ସମ୍ବିଧାନରେ ଉଲ୍ଲିଖିତ ଧର୍ମ ଓ ସଂସ୍କୃତିକୁ ଆମେ ସୁରକ୍ଷା ଦେବା ସହ ପ୍ରତ୍ୟେକ ଦେବଦେବୀଙ୍କୁ ସମ୍ମାନ ଦେଇଥାଉ।

> **ଭାଜପା ହେଉଛି ଏକ ଜାତୀୟ ଦଳ। ଏହାର ମୂଳ ଲକ୍ଷ୍ୟ ହେଉଛି 'ଦେଶ ଆଗ'। ଏହି ସମାନ ସମୟରେ କହିହେବ ଯେ, ଦେଶର ବିକାଶ ଲାଗି ଆଞ୍ଚଳିକ ଅସନ୍ତୁଳନତା ଯଥାସମ୍ଭବ କମ୍ କରିବା ଉପରେ ଭାଜପା ବିଶ୍ୱାସ କରିଥାଏ। ଆମେ ସର୍ବଦା ଆଞ୍ଚଳିକ ଦଳଗୁଡ଼ିକ ସହ ଉତ୍ତମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଆସିଛୁ। ଦେଶର ବହୁବିଧ ବିକାଶରେ ଆଞ୍ଚଳିକ ଦଳଗୁଡ଼ିକର ଯୋଗଦାନକୁ ମଧ୍ୟ ଗୁରୁତ୍ୱ ଦେଇଥାଉ।**

ପ୍ରଶ୍ନ– ଭାଜପାର ଦୀର୍ଘ ବର୍ଷର ଲକ୍ଷ୍ୟ ବା ଯୋଜନା ଏକକ ଦେୱାନୀ ସଂହିତା(ୟୁସିସି) କାର୍ଯ୍ୟକାରୀ ହେଲେ ଏହା ଦେଶରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଭାବୁଛନ୍ତି କି?

**ନଡ୍ଡା–**ବର୍ତ୍ତମାନ ପରିପ୍ରେକ୍ଷୀରେ ଏକକ ଦେୱାନୀ ସଂହିତା ନିତାନ୍ତ ଆବଶ୍ୟକ। ଏହା ମଧ୍ୟ ଭାଜପାର ସଂକଳ୍ପପତ୍ରରେ ଅଂଶବିଶେଷ ରହିଛି। ଆମେ ସୁନିଶ୍ଚିତ ଯେ, ଭାରତରେ ଏହା ବ୍ୟାପକ ପରିବର୍ତ୍ତନ ଆଣିପାରିବ।

ପ୍ରଶ୍ନ– ଓଡ଼ିଶାରେ ଚାଲିଥିବା ଏକକାଳୀନ ନିର୍ବାଚନ ନେଇ ଆପଣଙ୍କ ଆକଳନ କ'ଣ? ଉଭୟ ଲୋକ ସଭା ଓ ବିଧାନସଭାରେ କେତେ ଆସନ ଭାଜପାକୁ ମିଳିବ ବୋଲି ଭାବୁଛନ୍ତି?

**ନଡ୍ଡା–** ଓଡ଼ିଶାରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଏକକାଳୀନ ହୋଇଆସୁଛି। ଆମେ ନିଶ୍ଚିତ ଯେ, ଏଥର ଭାଜପା ଓଡ଼ିଶାରେ ଏକାକୀ ସରକାର ଗଠନ କରି ଇତିହାସ ରଚିବ। ଲୋକ ସଭା କଥା ଦେଖିଲେ ଓଡ଼ିଶାରେ ଭାଜପା ସର୍ବନିମ୍ନ ୧୭ରୁ ୧୮ ଆସନ ଜିତିବ।

ପ୍ରଶ୍ନ– ଆପଣଙ୍କ ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଜଣେ ଓଡ଼ିଆଙ୍କୁ ଚେହେରା କରିବା ବିଷୟରେ କହୁଛନ୍ତି। ଯଦି ରାଜ୍ୟରେ ଭାଜପା ସରକାର ଗଠନ କରେ, ତେବେ ଦଳ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ?

**ନଡ୍ଡା–**ନବନିର୍ବାଚିତ ବିଧାୟକମାନେ ଆସନ୍ତା ଜୁନ୍ ୬ରେ ମୁଖ୍ୟମନ୍ତ୍ରୀ କିଏ ହେବେ ଘୋଷଣା କରିବେ।

ପ୍ରଶ୍ନ– ଭାଜପା ପାର୍ଲାମେଣ୍ଟରେ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ବିଷୟରେ କହିଆସୁଥିଲା। କିନ୍ତୁ ଏଥର ଆପଣଙ୍କ ଦଳ ୪୪୧ ଲୋକ ସଭା ଆସନ ମଧ୍ୟରୁ ମାତ୍ର ୭୦ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି, ଯାହା ୧୫.୮୭ ପ୍ରତିଶତ। ଏ ନେଇ କ'ଣ କହିବେ ?

**ନଡ୍ଡା–** ଆସନ୍ତା ନିର୍ବାଚନରେ ଏହି ପ୍ରତିଶତ ବହୁ ମାତ୍ରାରେ ବଢ଼ିବ।

ପ୍ରଶ୍ନ– ବିଭିନ୍ନ ପର୍ଯ୍ୟାୟରେ ଅଦ୍ୟାବଧି ହୋଇଥିବା ନିର୍ବାଚନରେ ମତଦାନ ହାର କମ୍ ରହୁଥିବା ଦେଖାଯାଉଛି। ଭାଜପାଠାରୁ ଲୋକମାନେ ମୁହଁ ଫେରାଉଥିବାର ଏହା ସଙ୍କେତ କି?

**ନଡ୍ଡା–** କମ୍ ମତଦାନ ହାରର ପ୍ରଭାବ କେବଳ ଭାଜପା ଉପରେ ପଡୁନାହିଁ। ଆସନ୍ତା ପର୍ଯ୍ୟାୟ ନିର୍ବାଚନରେ ଅଧିକ ମତଦାନ ପାଇଁ ସମସ୍ତେ ଚେଷ୍ଟା କରିବା ଦରକାର।

> **ଏଥର ଭାଜପା ଓଡ଼ିଶାରେ ସରକାର ଗଠନ କରିବ। ଲୋକ ସଭା କଥା ଦେଖିଲେ ସର୍ବନିମ୍ନ ୧୭ରୁ ୧୮ ଆସନ ଭାଜପା ଜିତିବ।**

> **ଭାଜପାର ନବନିର୍ବାଚିତ ବିଧାୟକମାନେ ଆସନ୍ତା ଜୁନ୍ ୬ରେ ମୁଖ୍ୟମନ୍ତ୍ରୀ କିଏ ହେବେ ଘୋଷଣା କରିବେ।**



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ 'ଧରିତ୍ରୀ'ର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଓ ଖବରଦାତା ସୁନିତ୍ ମିଶ୍ର। **(ଫଟୋ: ବିକାଶ ନାୟକ)**

## ବେରୋଜଗାରି ଯୋଗୁ ଓଡ଼ିଆ ଦାଦନ ଯାଉଛନ୍ତି: ହିମନ୍ତ

**ରାଇରଙ୍ଗପୁର, ୨୮।୫(ମାନସ ମହାନ୍ତି)**

ବେରୋଜଗାରି ଯୋଗୁ ଓଡ଼ିଆ ଯୁବତୀଯୁବକ ଗୁଜୁରାଟ ଏବଂ ଆସାମ ଭଳି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ମୟୂରଭଞ୍ଜ ଜିଲା ବହଳଦା ବ୍ଲକ କାଙ୍କିପଡ଼ିଆଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ହିମନ୍ତ ଯୋଗଦେଇ ବିଜେଡି ସରକାରଙ୍କ ଅମଳରେ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଏବଂ ଶିକ୍ଷିତ ଯୁବତୀ ଯୁବକମାନଙ୍କ ନିଯୁକ୍ତି କ୍ଷେତ୍ରରେ ଅବହେଳିତ ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କର ଅତି ଘନିଷ୍ଠ କାର୍ତ୍ତିକ ପାଣ୍ଡିଆନଙ୍କ ଯୋଗୁ ଓଡ଼ିଶାର ଆଜି ଏଭଳି ଅବସ୍ଥା ବୋଲି କହି ହିମନ୍ତ ରାଜ୍ୟ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି।

ନବଓଡ଼ିଶା ଗଠନ ସକାଶେ ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି କହିବା ସହ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ଏବଂ ଚାରି ଦ୍ୱାର ଖୋଲାଯିବା ସମ୍ପର୍କରେ ହିମନ୍ତ ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ନବୀନ କୁମାର ରାମ, ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ନବ ଚରଣ ମାଝୀ ଏବଂ ରାଇରଙ୍ଗପୁର ବିଧାୟକ ପ୍ରାର୍ଥୀ ଜଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜନସଭାରେ ରାଇରଙ୍ଗପୁର ବିଧାନ ସଭା ନିର୍ବାଚନମଣ୍ଡଳୀର ତିରିଂ, ଯାମଦା ଏବଂ ବହଳଦା ବ୍ଲକ ଅଞ୍ଚଳର ମହିଳା ଓ ଯୁବ କର୍ମୀମାନେ ଯୋଗ ଦେଇଥିଲେ।

## ଭଡ଼ାରେ ଆସୁଥିବା ନେତାଙ୍କୁ ଜବାବ ଦିଅ: ଧର୍ମେନ୍ଦ୍ର

**ବାରିପଦା, ୨୮।୫**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭଡ଼ାରେ ନେତାଙ୍କୁ ଆଣି ଶାସନ ଚଳାଉଥିବା ବିଜେଡି ସରକାରକୁ ଉଚିତ ଜବାବ ଦିଅ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ତାଳପଦାଠାରେ ଆୟୋଜିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର ଏହା କହିଛନ୍ତି। କ୍ରୀତଦାସ ହୋଇ ମୁଣ୍ଡ ନୁଆଁଇବାକୁ ଚାହୁଁଛ ନା ଡବଲ ଇଞ୍ଜିନ ସରକାର ହେବା ଦରକାର ବୋଲି ସେ ଭୋଟରଙ୍କୁ ପ୍ରଶ୍ନ କରିଥିଲେ। ଦୁର୍ବଳତା ଓ ନିର୍ଭରତା ପାଇଁ ଭଡ଼ାରେ ଅଣଓଡ଼ିଆଙ୍କୁ ଆଣି ରାଜ୍ୟ ସରକାର ନେତା ବନାଇଛନ୍ତି। ମାଇକ୍, ଟେଣ୍ଟ, ଚୌକି, ଫଟୋ ଗ୍ରାଫର ଭଡ଼ାରେ ଅଣାଯାଏ। ମାତ୍ର ନେତା କେତେବେଳେ ଭଡ଼ାରେ ଅଣାଯାଏ ବୋଲି ଧର୍ମେନ୍ଦ୍ର ଜନସମାବେଶରେ ପ୍ରଶ୍ନ ପଚାରିଥିଲେ। ନବୀନ ପଟ୍ଟନାୟକ ଅଣଓଡ଼ିଆଙ୍କୁ ଭଡ଼ାରେ ଆଣି ନେତା ବନାଇବାକୁ ଅପଚେଷ୍ଟା କରୁଛନ୍ତି। ବାହାର ନେତା ମୁଖ୍ୟମନ୍ତ୍ରୀ ହେବେ ନା ଓଡ଼ିଶାର ପୁଅ ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ସେ ପଚାରିଥିଲେ। ଘରକୁ ନଳ ଯୋଗେ ପାଣି ଯୋଗାଇ ଦିଆଯାଉଛି କି ନାହିଁ, ଚାଷ ଜମିରେ ଜଳସେଚନ ହେଉଛି କି ନାହିଁ, ସ୍କୁଲରେ ଶିକ୍ଷକ ଓ ଡାକ୍ତରଖାନାରେ ଡାକ୍ତର ଅଛନ୍ତି କି ନାହିଁ, କାମଧନ୍ଦା ମିଳୁଛି କି ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ପଚାରିଥିବା ବେଳେ ଉତ୍ତରରେ ଭୋଟରମାନେ ନା ବୋଲି କହିଥିଲେ। ବ୍ରିଟିଶମାନଙ୍କ ନିକଟରେ ଓଡ଼ିଆମାନେ ମୁଣ୍ଡ ନୁଆଇଁ ନ ଥିବା ବେଳେ ତାମିଲ ପାଖରେ ମୁଣ୍ଡ ନୁଆଁଇବା କି ବୋଲି ପ୍ରଶ୍ନ ପଚାରି ଏହାର ଜବାବ ଭୋଟ ମାଧ୍ୟମରେ ଦେବାକୁ ଧର୍ମେନ୍ଦ୍ର ନିବେଦନ କରିଥିଲେ।

## କୁଟ୍ଟେଙ୍କୁ ନିଲମ୍ବନ, ଆଶିଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ: ଭାଜପା

**ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)**

ନିର୍ବାଚନ କମିଶନ(ଇସି)ଙ୍କ ଦ୍ୱାରା ମଙ୍ଗଳବାର ପ୍ରକାଶ ପାଇଥିବା ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଗଣତନ୍ତ୍ରକୁ ସୁଦୃଢ଼ କରିବ। ଶାସକ ବିଜେଡି ପାଇଁ କାମ କରୁଥିବା କାରଣରୁ ବରିଷ୍ଠ ଆଇପିଏସ୍ ଅଫିସର ଡି.ଏସ୍. କୁଟ୍ଟେଙ୍କୁ ନିଲମ୍ବନ ଓ ଆଶିଷ ସିଂଙ୍କୁ ମେଡିକାଲ ବୋର୍ଡ ଆଗରେ ହାଜରହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଇସିଙ୍କ ଏହି ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। ପୂର୍ବରୁ ଏହି ୨ ଆଇପିଏସ୍ ଅଫିସରଙ୍କ ବିରୋଧରେ ଭାଜପା ବହୁଥର ଅଭିଯୋଗ କରିଆସିଛି। ସେମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବସି ରହି ବିଜେଡି ପାଇଁ କାର୍ଯ୍ୟ କରିବା ସହ ଭୋଟରେ ନିଜକୁ ନିୟୋଜିତ କରୁଥିଲେ ବୋଲି ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୀତାମ୍ବର କହିଛନ୍ତି, ସରକାରୀ ଚାକିରି କରି ଶାସକ ବିଜେଡିର ଦଳୀୟ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଅପରାଧ। ପୋଲିସ ବିଭାଗର ଉଚ୍ଚପଦରେ ଅବସ୍ଥାପିତ ଡି.ଏସ୍. କୁଟ୍ଟେ ଓ ଆଶିଷ ସିଂ ବିଜେଡିର ଚାମଚାଗିରି କରୁଛନ୍ତି ବୋଲି ଭାଜପା ବାରମ୍ବାର ରାଜ୍ୟବାସୀଙ୍କୁ ଅବଗତ କରାଇଛି। ବିଜେଡିର ଚାମଚାଗିରି କରିବା ଏହି ୨ ପୋଲିସ ଅଧିକାରୀଙ୍କ ପୁରୁଣା ଅଭ୍ୟାସ। ୨୦୧୯ରେ ଏମାନେ ଯେଉଁ କେଳେଙ୍କାରୀ କରିଥିଲେ ୨୦୨୪ ନିର୍ବାଚନରେ ତା'ର ପୁନରାବୃତ୍ତି କରୁଛନ୍ତି। କୁଟ୍ଟେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏବଂ ଆଶିଷ ସିଂହ ଭୁବନେଶ୍ୱରର ଜଣେ ପ୍ରଭାବଶାଳୀ ବିଧାୟକଙ୍କ ଗେଷ୍ଟ ହାଉସରେ ବସି ରହି ବିଜେଡିର ଦଳୀୟ କାର୍ଯ୍ୟ କରୁଥିଲେ। ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଇସିଙ୍କ ଉପରେ ଭାରତୀୟ ସମ୍ବିଧାନ ଯେଉଁ ଗୁରୁଦାୟିତ୍ୱ ନ୍ୟସ୍ତ କରିଛି ତାହାକୁ କମିଶନ ନିର୍ବାହ କରିଛନ୍ତି ବୋଲି ପୀତାମ୍ବର କହିଛନ୍ତି।




## ହତ୍ୟା ମାମଲାରେ ରାମ ରହିମ୍ ଦୋଷମୁକ୍ତ




# ବିଜେଡି ନେତାଙ୍କୁ ହତ୍ୟା ଅଭିଯୋଗ

■ ରାଜନୈତିକ ଶତ୍ରୁତା କାରଣ ବୋଲି ପରିବାର ଲୋକଙ୍କ ଏତଲା
■ ଶୋଇଥିବା ବେଳେ ଛାତରୁ ଖସି ପଡ଼ିଥିବା ପୋଲିସର ସନ୍ଦେହ

**ଛେଣ୍ଡିପଦା, ୨୮ା୫ (ଅଜିତ ଧଳ)/ ଅନୁଗୋଳ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଜରପଡ଼ା ଥାନା ଜେରେଙ୍ଗ ଦେହୁରୀ ସାହିର ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ବିଭୂତି ଗଡ଼ନାୟକଙ୍କ ମୃତଦେହ ମଙ୍ଗଳବାର ଭୋର୍ ସମୟରେ ତାଙ୍କ ଘର ତୁଳସୀ ଚଉରାମୂଳରୁ ପୋଲିସ ଜବତ କରିଛି। ରାଜନୈତିକ ଶତ୍ରୁତା କାରଣରୁ ବିଭୂତିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପୁଅ ବିକାଶ ରଞ୍ଜନ ଗଡ଼ନାୟକ ଥାନାରେ ଅଭିଯୋଗ କରିଛନ୍ତି। ତେବେ ହତ୍ୟା ଅଭିଯୋଗକୁ ଅନୁଗୋଳ ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଉମା ଶଙ୍କର ଦାସ ଖଣ୍ଡନ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ବିଭୂତିଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସକୁ କୌଣସି ପ୍ରମାଣ ମିଳିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଡିଆଇଜି କହିଛନ୍ତି। ସେହିପରି ପରିବାର ଲୋକେ ଆଣିଥିବା ହତ୍ୟା ଅଭିଯୋଗ ଉପରେ ମଧ୍ୟ ତଦନ୍ତ ଜାରି ରହିବ। ଏପରି କି ପରିବାର ପକ୍ଷରୁ ମାନସୀ ସାହୁ ସୁରକ୍ଷା ମାଗିଥିବାରୁ ସେ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଯିବା ସହ ପୋଲିସ ଟିମ୍ ସଜାଗ ରହିବ ବୋଲି ଖବରଦାତା ସମ୍ମିଳନୀରେ ଡିଆଇଜି ଦାସ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ବିଜେଡି ନେତା ବିଭୂତିଙ୍କର ଭାଗୀରଥିପୁର ଠାରେ ଥିବା କ୍ୟାମ୍ପ ଘରକୁ ୨ ଦିନ ତଳେ କେତେଜଣ ଅସାମାଜିକ ଯୁବକ ରାତିରେ ପଥର ମାରିଥିଲେ। ସୋମବାର ଜରପଡା ଥାନାରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ଥାନାରୁ ରାତିରେ ଫେରି ବିଭୂତି ଘରେ ଖାଇବା ସହ ଛାତ ଉପରକୁ ଶୋଇବାକୁ ଚାଲିଯାଇଥିଲେ। ତେବେ ଭୋର୍ ୪ଟା ବେଳେ ତାଙ୍କ ମୃତଦେହ ଘର ସମ୍ମୁଖ ତୁଳସୀ ଚଉରା ନିକଟରେ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ରାଜନୈତିକ ଶତ୍ରୁତାକୁ ନେଇ କେହି ବିଭୂତିଙ୍କୁ ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଏ ନେଇ ଥାନାରେ ବିଭୂତିଙ୍କ ପୁଅ ବିକାଶ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତ ଓ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱ ସ୍ଥିତି ଏବଂ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଛାତରୁ ପଡ଼ି ବିଭୂତିଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇବା ପରେ ନଂ. ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଅନୁଗୋଳ ଡିଆଇଜି ଦାସ ମଧ୍ୟାହ୍ନରେ ଖବରଦାତା ସମ୍ମିଳନୀ ଡାକି ହତ୍ୟା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଡିଆଇଜି କହିଛନ୍ତି, ଜରପଡ଼ା ଥାନାରେ ଅଭିଯୋଗ ହେବା ପରେ ତୁରନ୍ତ ଘଟଣାସ୍ଥଳରେ ଅନୁଗୋଳ ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଛାତ ଉପରେ ଶୋଇଥିବା ସମୟରେ ବିଭୂତି ତଳକୁ ଖସି ପଡ଼ିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ବିଭୂତିଙ୍କ ମୃତ୍ୟୁ ଖବରପାଇ ଛେଣ୍ଡିପଦା ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରାଙ୍କ ସମେତ ଛେଣ୍ଡିପଦା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଯାଇଛି।


ବିଭୂତି ଗଡ଼ନାୟକ

# ବିଏଡ୍, ବିଏଚ୍‌ଏଡ୍, ଏମ୍‌ଏଡ୍ ନାମଲେଖା

## ପ୍ରବେଶିକା ପରୀକ୍ଷା ପାଇଁ ଆଜିଠୁ ଆବେଦନ

**ଭୁବନେଶ୍ୱର, ୨୮ା୫(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ବିଏଡ୍, ବିଏଚ୍‌ଏଡ୍ ଏବଂ ଏମ୍‌ଏଡ୍ ନାମଲେଖା ପାଇଁ ବୁଧବାର ଠାରୁ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ବୁଧବାର ଅପରାହ୍ନ ୨ଟାରୁ www.samsodisha.gov.in ୱେବ୍‌ସାଇଟ୍‌ରେ ଆବେଦନଫର୍ମ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ଜୁନ୍ ୧୦ ତାରିଖ ରାତି ୧୧ଟା ୪୫ମିନିଟ୍ ଭିତରେ ଆବେଦନ କରିପାରିବେ। ଫର୍ମରେ କିଛି ପରିବର୍ତ୍ତନ କରିବାକୁ ଚାହୁଁଥିଲେ ଛାତ୍ରୀଛାତ୍ର ଜୁନ୍ ୧୧ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ଟା ୪୫ମିନିଟ୍ ଭିତରେ କରିପାରିବେ। ୧୫ତାରିଖ ପୂର୍ବାହ୍ନ ୧୧ଟାରେ ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ୱେବ୍‌ସାଇଟ୍ https://ssbodisha.sc.in ଏବଂ ସାମ୍ସ ପୋର୍ଟାଲରେ ହଲ୍ ଟିକେଟ୍ ଉପଲବ୍ଧ ହେବ। ଜୁନ୍ ୨୪ରେ ବିଏଡ୍ ଏବଂ ବିଏଚ୍‌ଏଡ୍ ଓ ୨୫ ତାରିଖରେ ଏମ୍‌ଏଡ୍ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ରେଜଲ୍ଟ କେବେ ପ୍ରକାଶ ପାଇବ ତାହା ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ସୂଚନା ଦିଆଯିବ।




# ଆସାମ କ୍ଷୟକ୍ଷତିକୁ ନେଇ ଚିନ୍ତାପ୍ରକଟ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮ା୫(ଅନିଲ ଦାସ)**

ରାଜ୍ୟରେ ନିର୍ବାଚନ ପ୍ରଚାର ଜୋରସୋର ଚାଲିଛି। ବିଜେଡି ଓ ଭାଜପା ମଧ୍ୟରେ ବୟାନବାଜି ଚରମ ସୀମାରେ ପହଞ୍ଚିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ କିଛିଦିନ ହେବ ଓଡ଼ିଶାରେ ଭାଜପା ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର ଚଳାଇଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଢଙ୍ଗରେ ସମାଲୋଚନା କରୁଛନ୍ତି। ନିର୍ବାଚନ ମାହୋଲ ସରଗରମ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନବିକତାକୁ ଭୁଲିନାହାନ୍ତି। ସେ ନିଜକୁ ଜଣେ ଉତ୍ତମ ରାଷ୍ଟ୍ରନେତାର ପରିଚୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବାତ୍ୟା ରେମାଲ ପ୍ରଭାବରେ ଆସାମର କ୍ଷୟକ୍ଷତିକୁ ନେଇ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ସେ 'ଏକ୍ସ' ଜରିଆରେ କହିଛନ୍ତି ଯେ ବାତ୍ୟା ରେମାଲ ଦ୍ୱାରା ଆସାମରେ ହୋଇଥିବା କ୍ଷୟକ୍ଷତି ଅତ୍ୟନ୍ତ ଚିନ୍ତାର କାରଣ। ଏହାଦ୍ୱାରା ହୋଇଥିବା ଜୀବନହାନି ଓ କ୍ଷୟକ୍ଷତିକୁ ନେଇ ସେ ଗଭୀର ଦୁଃଖପ୍ରକାଶ କରିଛନ୍ତି।

**ବାତ୍ୟା ରେମାଲ ତାଣ୍ଡବ**

■ ଦୁର୍ଦ୍ଦିନରେ ଆସାମ ସହ ଦୃଢ଼ଭାବେ ଛିଡ଼ା ହୋଇଛି ଓଡ଼ିଶା

ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶା ଆସାମ ସହ ଦୃଢ଼ତାର ସହ ଛିଡ଼ା ହୋଇଛି। ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଓଡ଼ିଶା ଯଥାସମ୍ଭବ ସହାୟତା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ରେମାଲ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ସ୍ଥଳଭାଗ ଛୁଇଁଥିଲେ ମଧ୍ୟ ଏହାର ପ୍ରଭାବ ଆସାମ ଓ ମିଜୋରାମ ଉପରେ ପଡ଼ିଛି। ବାତ୍ୟାଜନିତ ଲଗାଣ ବର୍ଷା ଯୋଗୁ ଏହି ଦୁଇ ରାଜ୍ୟରେ ଜୀବନହାନି ସହ ବହୁ କ୍ଷୟକ୍ଷତି ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ମିଜୋରାମ ଏବଂ ଆସାମରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଓ ଗଛ ପଡ଼ି ପ୍ରାୟ ୨୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ନିଖୋଜ ଥିବା ସୂଚନା ମିଳିଛି।

# ବେଗୁନିଆ ମତଦାନ କେନ୍ଦ୍ର ଭିଡିଓର ଯାଞ୍ଚ ହେବ

## ଡିଇଓଙ୍କୁ ନିର୍ଦ୍ଦେଶ ଦେଲେ ସିଇଓ

**ଭୁବନେଶ୍ୱର, ୨୮ା୫(ଅନିଲ ଦାସ)**

ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଟିଏ ମତଦାନ କେନ୍ଦ୍ର ବୁଥ୍‌ର ଭିଡିଓ କେତେକ ଇଲେକ୍ଟ୍ରୋନିକ ଓ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହେଉଛି। ଏହା ନଜରକୁ ଆସିବା ପରେ ଏହି ଭିଡିଓର ଯାଞ୍ଚ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଖୋର୍ଦ୍ଧା ଜିଲା ନିର୍ବାଚନ ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ନିର୍ବାଚନ ଦିନ ପ୍ରାୟ ୬୦ ପ୍ରତିଶତ ମତଦାନ କେନ୍ଦ୍ରର ୱେବ୍‌କାଷ୍ଟିଂ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ନିଂ ଅଫିସର କଣ୍ଟ୍ରୋଲ ରୁମ୍‌ରୁ ଲାଇଭ ୱେବ୍‌କାଷ୍ଟିଂକୁ ଦେଖୁଛନ୍ତି। ଜିଲା ନିର୍ବାଚନ ଅଧିକାରୀ ୱେବ୍‌କାଷ୍ଟିଂ ରେକର୍ଡ ଦାୟିତ୍ୱରେ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ନିର୍ବାଚନ ଅଧିକାରୀଙ୍କୁ ଉକ୍ତ ଭିଡିଓର ତଦନ୍ତ କରିବେ ଓ ଏହି ବିଷୟର ସ୍ପଷ୍ଟୀକରଣ ରଖିବାକୁ ସିଇଓଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ୫ ବିଜେଡି କର୍ମୀ ଗିରଫ

## ଭାଜପା ଗଞ୍ଜାମ ଜିଲା ସଭାପତିଙ୍କୁ ଆକ୍ରମଣ ଘଟଣା

**ଚାନ୍ଦବାଲି, ୨୮ା୫(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ତୋଟାପଡ଼ା ଛକଠାରେ ଭାଜପାର ଗଞ୍ଜାମ ଜିଲା ସଭାପତି ଡ. ସୁବାସ ସାହୁ ଏବଂ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ ଘଟଣାରେ ୫ ବିଜେଡି କର୍ମୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଘଣ୍ଟେଶ୍ୱର ଅଞ୍ଚଳର ସିପା ଜେନା, ଦିପୁନ ଜେନା, ରବୀନ୍ଦ୍ର ବଳ, ବିଜୟ କୁମାର ଜେନା ଓ ପପିନା ଜେନା। ପ୍ରକାଶ ଯେ, ସୋମବାର ସୁବାସ ସାହୁ ଏବଂ ତାଙ୍କର ୩ଜଣ ସହଯୋଗୀ ଏକ କାର୍‌ରେ ଚାନ୍ଦବାଲି ବ୍ଲକର ଘଣ୍ଟେଶ୍ୱରକୁ ଯାଉଥିଲେ। ସୁବାସଙ୍କ ଗାଡ଼ିରେ ଭାଜପା ପତାକା ଲାଗିଥିଲା। ପତାକା ଦେଖି ବିଜେଡି କର୍ମୀମାନେ ତୋଟାପଡ଼ା ଛକଠାରେ ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ଯୁକ୍ତିତର୍କ କରିବା ସହ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତାଙ୍କ ଗାଡ଼ି ଭଙ୍ଗାରୁଜା କରିଥିବା ବେଳେ ଆକ୍ରମଣରେ ସୁବାସଙ୍କ ଶାର୍ଟ ଚିରି ଯାଇଥିବା ସହ ତାଙ୍କ ହାତରେ କ୍ଷତ ସୃଷ୍ଟି ହୋଇଥିଲା। ସେ ଘଣ୍ଟେଶ୍ୱର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ବାଂଶଡ଼ା ଥାନାରେ ମାମଲା (ନଂ.୧୮୪/୨୪) ରୁଜୁ ହୋଇଥିଲା। ଆକ୍ରମଣକାରୀଙ୍କୁ ଗିରଫ ଦାବି କରି ଭାଜପା କର୍ମୀମାନେ ହୋହଲ୍ଲା କରିଥିଲେ। ମଙ୍ଗଳବାର ବାଂଶଡ଼ା ଥାନାଧିକାରୀ ଦେବରାଜ ଜେନା ଓ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛନ୍ତି।



ଭାରତମାତା କେବଳ କିଛି ମାଟି ନୁହଁ। ସେ ଏକ ଶକ୍ତି- ଏକ ଦେବୀ। କାରଣ, ଏହିପରି ଜଣେ ଜଣେ ଦେବୀ ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଅସ୍ତିତ୍ୱକୁ ଧରି ରଖିଛନ୍ତି ଓ ସେମାନଙ୍କୁ ଜୀବିତ ରଖିଛନ୍ତି। -ଶ୍ରୀଅରବିନ୍ଦ

-ଶ୍ରୀକ୍ଷେତ୍ରେ ଭଉଁରି



# ସାପ କାମୁଡ଼ା

ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଅଧୀନ ବାଲିଡିଆର ଆଶା ବେହେରା ଅସ୍ତରଙ୍ଗ ଥାନାକୁ ଅଭିଯୋଗ ଜଣାଇବାକୁ ଯାଇଥିଲେ। ଥାନା ପରିସରରେ ଥିବା ମେଳା ଚାନ୍ଦିନୀ ଉପରେ ତାଙ୍କ କୁନି ପୁଅ ଖେଳୁଥିବା ସମୟରେ ତାକୁ ସାପ କାମୁଡ଼ିଦେବାରୁ ଥାନା ଅଧିକାରୀ ଶିଶୁକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଶିଶୁକୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ାର ଉନ୍ନତ ସ୍ୱାସ୍ଥ୍ୟସେବା ଅଭାବକୁ ସୂଚିତ କରୁଛି। କେବଳ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୁହେଁ, ରାଜ୍ୟର ପ୍ରାୟ ସବୁ ସିଏଚ୍‌ସି ଓ ପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ରେ ସାପ କାମୁଡ଼ା ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ଅଭାବ ରହିଛି। ଚିନ୍ତାର ବିଷୟ ହେଉଛି, ସାପ କାମୁଡ଼ା ଘଟଣା ଗ୍ରାମାଞ୍ଚଳରେ ଅଧିକ ଘଟୁଥିଲେ ମଧ୍ୟ ଉନ୍ନତ ଚିକିତ୍ସା ବ୍ୟବସ୍ଥା ରହୁଛି ସୁଦୂର ସହରରେ। ଏଣୁ ଓଡ଼ିଶାରେ ସମୟାନ୍ତରରେ ଘଟୁଥିବା ସାପ କାମୁଡ଼ାଜନିତ ମୃତ୍ୟୁକୁ ନେଇ ଜରୁରୀ ଚିକିତ୍ସା ସୁବିଧାର ଅଭାବକୁ ଦାୟୀ କରାଯାଏ। ସାଧାରଣତଃ ଗ୍ରାମାଞ୍ଚଳରେ କୌଣସି ବ୍ୟକ୍ତିକୁ ସାପ କାମୁଡ଼ିଲେ ବଞ୍ଚିବାର ଆଶା କ୍ଷୀଣ। ଘଟଣା ଏଭଳି ମଧ୍ୟ ଦେଖାଦେଇଛି ଯେ, ଅନେକ ସମୟରେ ବିଷଧର ସାପ ପରିବର୍ତ୍ତେ ବିନା ବିଷଥିବା ସାପ କାମୁଡ଼ିଲେ ମଧ୍ୟ ଭୟଭୀତ ହୋଇ ଅନେକ ଲୋକଙ୍କର ପ୍ରାଣହାନି ଘଟିଛି। ଏହା ବ୍ୟତୀତ ଅନେକ ଘଟଣାରେ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ଯଦି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଏ, ସେଠାରେ ପହଞ୍ଚିବା ବେଳକୁ ବିଳମ୍ବ ହୋଇଯାଇଥାଏ। କାରଣ ପ୍ରଭାବୀ ପରିବହନ ବ୍ୟବସ୍ଥାର ସୁବିଧା ନାହିଁ। ଅନ୍ୟପକ୍ଷରେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିବିଷଧର ସାପ କୁମୁଡ଼ାର ଚିକିତ୍ସା ଲାଗି ଆଣ୍ଟି ସ୍ନେକ ଭେନମ୍ (ସାପ ବିଷ ନିରୋଧୀ ଔଷଧ)ର ଅଭାବ ଥିବା ଅଭିଯୋଗ ହୁଏ। ଉଲ୍ଲେଖନୀୟ ଯେ, ଭାରତରେ ୭ଟି କମ୍ପାନୀ ଦ୍ୱାରା ବର୍ଷକୁ ପ୍ରାୟ ୮ ନିୟୁତ ସାପ ବିଷ ନିରୋଧୀ ଔଷଧ ପ୍ରସ୍ତୁତ ହୋଇଥାଏ। ଏହି ଦେଶରେ ସମସ୍ୟା ହେଉଛି ଯେ, ଏଠାରେ ବିଭିନ୍ନ ଅଞ୍ଚଳରେ ଭିନ୍ନ ପ୍ରକାରର ସାପ ଅଛନ୍ତି। ସବୁ ସାପ କାମୁଡ଼ାରୁ ମୃତ୍ୟୁ ଘଟେ ନାହିଁ। ଅନେକ ସାପ କାମୁଡ଼ା ଯୋଗୁ ପ୍ରବଳ ଶାରୀରିକ ବ୍ୟଥା, ସ୍ନାୟୁଗତ ସମସ୍ୟା, ପଙ୍ଗୁ ଓ ପକ୍ଷାଘାତ (ପାରାଲିସିସ୍) ଭଳି ସମସ୍ୟା ମଧ୍ୟ ଉପୁଜିଥାଏ। ମୃତ୍ୟୁ ଘଟାଉଥିବା ଭିନ୍ନ ପ୍ରଜାତିର ସାପ ବିଭିନ୍ନ ଅଞ୍ଚଳରେ ମିଳିଥା'ନ୍ତି। ଏଥିସହ ଏହି ସମସ୍ୟା ମୁଖ୍ୟତଃ ଗରିବ ଗ୍ରାମାଞ୍ଚଳବାସିନ୍ଦାଙ୍କୁ ଅଧିକ ଆକ୍ରାନ୍ତ କରୁଥିବା ହେତୁ ସାପ ବିଷ ନିରୋଧୀ ଔଷଧର ଦର ବୃଦ୍ଧି କରାଯାଇପାରୁନାହିଁ। କିନ୍ତୁ ଏହି ଔଷଧ ପ୍ରସ୍ତୁତ ପ୍ରଣାଳୀରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବା ହେତୁ ବଡ଼ ଔଷଧ କମ୍ପାନୀଗୁଡ଼ିକ ସେଥିରେ ଯୋଗଦାନ କରୁନାହାନ୍ତି। ଅପରପଟେ ସରକାର ବଡ଼ କମ୍ପାନୀଠାରୁ ପୋଲିଓ ଭଳି ଅନେକ ଔଷଧକୁ ଚଢ଼ା ଦରରେ କିଣି ଜନସାଧାରଣଙ୍କୁ ମାଗଣା କିମ୍ବା ରିହାତି ଦରରେ ଯୋଗାଇ ଦେଉଥିବାବେଳେ ସାପ କାମୁଡ଼ା ଔଷଧ ପାଇଁ ସେଭଳି କୌଣସି ବ୍ୟବସ୍ଥା ଏଯାବତ୍ କରାଯାଇନାହିଁ। ସାପ ବିଷ ନିରୋଧୀ ଔଷଧର ଅଭାବ ବ୍ୟତୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ତଥା ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ସେଠାରୁ ପୀଡ଼ିତଙ୍କୁ ସହରର ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପଡୁଛି। ଫଳରେ ଅଧିକାଂଶ ପୀଡ଼ିତଙ୍କର ବିଳମ୍ବ କାରଣରୁ ମୃତ୍ୟୁ ଘଟୁଛି।

ଇଣ୍ଡିଆନ୍ କାଉନସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ତଥ୍ୟ ମୁତାବକ ଭାରତରେ ପ୍ରତିବର୍ଷ ୪୫ ହଜାରରୁ ଅଧିକ ଲୋକଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟୁଛି। ଦେଶରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଗୁଜରାଟରେ ୭୦ ପ୍ରତିଶତ ସାପ କାମୁଡାଜନିତ ମୃତ୍ୟୁ ଘଟୁଛି ବୋଲି ଆଇସିଏମ୍‌ଆର ଦର୍ଶାଇଛି। ଓଡ଼ିଶା ଷ୍ଟେଟ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି (ଓଏସ୍‌ଡିଏମ୍‌ଏ) ରିପୋର୍ଟ ଅନୁଯାୟୀ ୨୦୧୮ରୁ ୨୦୨୩ ମଧ୍ୟରେ ସାପ କାମୁଡ଼ାଜନିତ ମୃତ୍ୟୁ ବୃଦ୍ଧି ପାଇଛି ଓ ଏହି ସମୟ ମଧ୍ୟରେ ୪,୮୭୦ ଜଣଙ୍କର ମୃତ୍ୟୁ ଘଟିଛି। ଓଡ଼ିଶାର ୩୪ ପ୍ରତିଶତ ଜଙ୍ଗଲ ଥିବାରୁ ବିଷଧର ସାପଙ୍କ ସଂଖ୍ୟା ଅଧିକ। ଏହା ବ୍ୟତୀତ ରାଜ୍ୟର ପାଖାପାଖି ୭୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ରହୁଥିବାରୁ ସେଠାରେ ସାପ କାମୁଡ଼ା ଘଟଣା ବେଶି ଘଟୁଛି ଓ ମୃତ୍ୟୁହାର ମଧ୍ୟ ଅଧିକ। ଏହାର କାରଣ ସ୍ପଷ୍ଟ। ଦେଖିବାକୁ ଗଲେ ନାଗ, ଚିତି, ରଣା ଓ ଚନ୍ଦନବୋଡ଼ା ଆଦି ବିଷଧର ସାପ ସମ୍ପର୍କିତ ସୂଚନା, ସତର୍କତା ତଥା ଚିକିତ୍ସା ସଚେତନତାର ଅଭାବ ରହିଛି। ଏହା ବ୍ୟତୀତ ବିଷଧର ସାପ କାମୁଡ଼ା ଘଟଣାରେ ମାତ୍ର ଏକ ତୃତୀୟାଂଶ ଲୋକ ଚିକିତ୍ସା ପାଇଁ ମେଡିକାଲ ଯାଉଛନ୍ତି ବୋଲି ଆଇସିଏମ୍‌ଆର ଦର୍ଶାଇଛି। ଅଧିକାଂଶ ପୀଡ଼ିତ ଅନ୍ଧବିଶ୍ୱାସ ଯୋଗୁ ତ୍ରୁଟିପୂର୍ଣ୍ଣ ଦେଶୀ ଚିକିତ୍ସା ଉପରେ ଭରସା କରୁଛନ୍ତି। ସେମାନେ ଗାଁ ଗହଳିରେ କ୍ୱାକ୍, ଝଡ଼ାଫୁଙ୍କା ଉପରେ ନିର୍ଭର କରୁଛନ୍ତି କିମ୍ବା ମନ୍ଦିରକୁ ନେଇ ସେଠାରେ ଦୈବୀ ଚିକିତ୍ସାକୁ ଆପଣାଉଛନ୍ତି। ଏହି ସମୟରେ ସେବା ପାଇବାର ସୀମିତ ସମୟ (ଗୋଲ୍‌ଡେନ ଆୱାର) ଶେଷ ହୋଇଯାଇଥାଏ, ଯାହା ପୀଡ଼ିତଙ୍କ ମୃତ୍ୟୁର କାରଣ ହୋଇଥାଏ। ପରିତାପର ବିଷୟ, ୨୦୧୫ରୁ ଓଡ଼ିଶା ସରକାର ସାପ କାମୁଡ଼ାକୁ ରାଜ୍ୟ ବିପର୍ଯ୍ୟୟ ଆଖ୍ୟା ଦେଇ ଚିକିତ୍ସା ସେବାରେ ଉନ୍ନତି ଆଣିବାକୁ ଘୋଷଣା କରିଥିଲେ ମଧ୍ୟ ଚିକିତ୍ସା ବ୍ୟବସ୍ଥାରେ କୌଣସି ଉନ୍ନତି ଦେଖାଯାଉନାହିଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 4 | | | 2 |
| | | | | 7 | | | | |
| 5 | | | | | 1 | | 9 | |
| 1 | | | | 2 | | | 7 | |
| | 7 | | | 4 | 5 | | 2 | |
| 2 | | | | | 6 | | 1 | 5 |
| | 9 | | 6 | | | | | |
| 7 | 5 | | 3 | | | 4 | | |
| | | 2 | | 5 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 4 | 5 | 3 | 9 | 7 | 8 |
| 4 | 5 | 9 | 1 | 7 | 8 | 3 | 6 | 2 |
| 8 | 3 | 7 | 6 | 2 | 9 | 1 | 5 | 4 |
| 2 | 4 | 5 | 9 | 1 | 6 | 7 | 8 | 3 |
| 9 | 8 | 1 | 7 | 3 | 2 | 5 | 4 | 6 |
| 7 | 6 | 3 | 8 | 4 | 5 | 2 | 9 | 1 |
| 5 | 7 | 4 | 3 | 8 | 1 | 6 | 2 | 9 |
| 1 | 9 | 8 | 2 | 6 | 7 | 4 | 3 | 5 |
| 3 | 2 | 6 | 5 | 9 | 4 | 8 | 1 | 7 |

ଗତକାଲିର ଉତ୍ତର

# ମୁଁ ତ ଅମୃତସାଗର ବିନ୍ଦୁ



ଡ. ପବିତ୍ର ସୁବୁଦ୍ଧି

ଜନ୍ମ ହୁଏତ ଜୀବନର ଆରମ୍ଭ ହୋଇପାରେ, କିନ୍ତୁ ମୃତ୍ୟୁ ଏହାର ପରିସମାପ୍ତି ନୁହେଁ। ଶରୀର ଅନ୍ତର୍ହିତ ହୋଇପାରେ, ମାତ୍ର ଆତ୍ମ ପ୍ରକାଶର ଦୀପଶିଖା ନିର୍ବାପିତ ହୋଇପାରେନା। ଆତ୍ମା ଏକ ଅନିର୍ବାଣ ଦୀପଶିଖା। ମୃତ୍ୟୁ ଏକ ପ୍ରହେଳିକା। ଆଜକୁ ଅଢ଼େଇ ହଜାର ବର୍ଷ ତଳୁ ଅଥର୍ବ ବେଦରେ ଉତ୍କୀର୍ଣ୍ଣ ହୋଇ ରହିଛି ଏହି ଅଭୟବାଣୀ– 'ମା ବିଭୈଃ, ନ ମରିଷ୍ୟସି' 'ଭୟ କରନାହିଁ, ତୁମେ ମରିବ ନାହିଁ।' ଏହା ସତ୍ତ୍ୱେ ଏ ମଣିଷ ମୃତ୍ୟୁ ପ୍ରତି ଏତେ ପରାଙ୍ମୁଖ କାହିଁକି? ଶଙ୍କରଙ୍କ ପିତା ମୃତ୍ୟୁବରଣ କରିଛନ୍ତି। ସମସ୍ତଙ୍କ ମୁହଁରେ ଗୋଟିଏ କଥା– ସବୁ ଶେଷ ହୋଇଗଲା। ହଠାତ୍ ଶିଶୁ ଶଙ୍କରଙ୍କ ମୁହଁରୁ ଭାସି ଆସିଲା– 'ଶେଷ ନା ଆରମ୍ଭ'? କଠୋପନିଷଦରେ ଜଣେ କିଶୋର ବାଳକ ହାତରେ ମୃତ୍ୟୁଦେବ ଯମଙ୍କର ଅସହାୟ ପରାଜୟ ଆଉ ଏକ ବଳିଷ୍ଠ ଦୃଷ୍ଟାନ୍ତ। ଋଷିପୁତ୍ର ନଚିକେତା ଯମଦ୍ୱାରରେ ଉପସ୍ଥିତ ହୋଇଛନ୍ତି ପିତା ବାଜଶ୍ରବାଙ୍କ ଆଦେଶରେ। ସାମ୍ନାରେ ମୃତ୍ୟୁ ଦେବଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛନ୍ତି ଜିଜ୍ଞାସୁ ନଚିକେତା। ତୃତୀୟ ବରର ପ୍ରଶ୍ନରେ ସ୍ତବ୍ଧ ହୋଇଯାଇଛନ୍ତି ଯମରାଜ। କେହି କେହି କହନ୍ତି ମୃତ୍ୟୁ ପରେ ଜୀବନ ରହେ, କେହି କେହି କହନ୍ତି ରହେ ନାହିଁ। ଏଥିରୁ କେଉଁଟି ସତ? ହେ ମୃତ୍ୟୁଦେବ। ମୋତେ ମୃତ୍ୟୁ ଓ ପରଲୋକର ରହସ୍ୟଜ୍ଞାନ ବତେଇଦିଅନ୍ତୁ। ଯମ କହିଲେ– ଏ ପ୍ରଶ୍ନ ଦେବତାଙ୍କୁ ମଧ୍ୟ ବିଚଳିତ କରିଛି। ତେଣୁ ହେ ନଚିକେତା। ତୁମେ ଏ ପ୍ରଶ୍ନର ଉତ୍ତର ଛାଡ଼ି ପାର୍ଥିବ ଜୀବନରେ ଯାହା ଶ୍ଳାଘ୍ୟ ଓ ଦୁର୍ଲଭ ତାହା ମାଗିପାର। ନଚିକେତା, କହିଲେ– ତାହା ତ ମୋତେ ଅବଶ୍ୟ ଦେଇପାରିବେ। ତେବେ ମୋ ଆଗରେ ଏବେ ଦଣ୍ଡାୟମାନ, କିନ୍ତୁ ସମୟକ୍ରମେ ଆପଣ ଏସବୁକୁ କବଳିତ ବି କରିବେ। ଏ ନଶ୍ୱର ଗୌରବରେ ମୋର ଲାଭ କ'ଣ? ଦୟା କରି ମୋତେ ଅମର ଜୀବନର ତତ୍ତ୍ୱ କୁହନ୍ତୁ। ଜଣେ ବାରବର୍ଷ ବାଳକର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆରମ୍ଭ ହେଲା ଉପନିଷଦ।

ଯମ କହିଲେ– 'ହେ ପୁତ୍ର! ପ୍ରାକୃତିକ ପ୍ରକ୍ରିୟାରେ ସଂଜାତ ଶରୀରର ବିନାଶ ଅନିର୍ବାଯ୍ୟ ହେଲେ ମଧ୍ୟ ଆତ୍ମା ଅମର। ନା ଏହାର ମୃତ୍ୟୁ ଅଛି ନା ଜନ୍ମ ଅଛି। ଏହା ନିତ୍ୟ, ଶାଶ୍ୱତ, ସନାତନ। ମୃତ୍ୟୁରେ କେବଳ ସ୍ଥୂଳ ଶରୀର ଧ୍ୱଂସ ହୁଏ। ଆତ୍ମାର ନାଶ ହୋଇ ନଥାଏ। ଏହା ସୂକ୍ଷ୍ମରୁ ସୂକ୍ଷ୍ମତମ, ମହାନ୍‌ରୁ ମହାନତମ। ଏଣୁ ଜ୍ଞାନବାନ୍ ଆତ୍ମା କଦାପି ମରନ୍ତି ନାହିଁ। ସେ ଅଜର, ଅମର। ହନ୍ତା ଯଦି ମନେକରନ୍ତି ମୁଁ କାହାକୁ ହନନ କଲି ଅଥବା ହତବ୍ୟକ୍ତି ଯଦି ମନେକରନ୍ତି ମୁଁ ହତ ହେଲି, ତେବେ ଉଭୟଙ୍କୁ ସତ୍ୟ ସମ୍ବନ୍ଧରେ ଅନଭିଜ୍ଞ ବୋଲି ବୁଝିବାକୁ ହେବ। ଯେଉଁ ପୁରୁଷ କାଳ କବଳିତ ହେବା ପୂର୍ବରୁ ଏହି ବିଦ୍ୟା (ଆତ୍ମତତ୍ତ୍ୱ)କୁ ଜାଣିବାରେ ସକ୍ଷମ ହୋଇଥା'ନ୍ତି, ସେ ଜୀବନ୍ମୁକ୍ତ ହେବା ସହ ରୋଗ, ଶୋକ, ଜରା-ବ୍ୟାଧିକୁ ଦୂରୀଭୂତ କରି ପରମାନନ୍ଦ ପ୍ରାପ୍ତ ହୋଇଥା'ନ୍ତି। ଏହା ଆତ୍ମଜ୍ଞାନ। ବୃହଦାରଣ୍ୟକ



ଉପନିଷଦରେ ଅତି କାବ୍ୟିକ ଢଙ୍ଗରେ ଜୀବନ ବିବର୍ତ୍ତନର ଚିତ୍ର ପ୍ରଦାନ କରିଛନ୍ତି ଯାଜ୍ଞବଲ୍କ୍ୟ। ଜୋକ ଯେମିତି ଗୋଟିଏ ଘାସ ଅଗରୁ ଅନ୍ୟ ଗୋଟିଏ ଘାସ ଅଗକୁ ନିଜର ସମସ୍ତ ଶରୀରର ଭାରା ଦେଇ ଗତିକରେ, ସେହିପରି ମାନବ ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଅବଲୀଳାକ୍ରମେ ନିଜର ସମସ୍ତ କର୍ମ ସଂସ୍କାରର ଭାର ବହନ କରି ଗତି କରୁଛି। ସ୍ୱର୍ଣ୍ଣକାର ଯେମିତି ପୁରୁଣା ସୁନାକୁ ଅଗ୍ନିରେ ଦଗ୍ଧ କରି ଅନ୍ୟ ଏକ ଜାଜ୍ୱଲ୍ୟମାନ ରୂପ ପ୍ରଦାନ କରେ ଏବଂ ସର୍ପ ଯେମିତି ଜୀର୍ଣ୍ଣ କାତି ଫିଙ୍ଗି ନୂତନ କାନ୍ତି ଧାରଣ କରେ, ସେମିତି ମୃତ୍ୟୁରେ ମଣିଷର ନବକଳେବର ହୁଏ। ମୃତ୍ୟୁରେ ମଣିଷର କିଛି ହରାଏନି, ବରଂ ସତତ ନିତ୍ୟ ନୂତନତାକୁ ଅଭିବାଦନ କରେ।

ଆମେରିକାର କବି ଇମରସନଙ୍କ 'ବ୍ରହ୍ମ' ଶୀର୍ଷକ କବିତାରେ ଏକ ତତ୍ତ୍ୱ ସ୍ନିଗ୍ଧ ଓ ସରଳଭାବରେ ରୂପାୟିତ। ସେ କହନ୍ତି ମୃତ୍ୟୁ କାହିଁ? ମୁଁ ଅଛି, ଯାଉଛି ଏବଂ ପୁନଃ ପ୍ରତ୍ୟାବର୍ତ୍ତନ କରୁଛି। ଏକ ଦ୍ୱାରରୁ ବାହାରି ଅନ୍ୟ ଏକ ଦ୍ୱାରରେ ପ୍ରବେଶ ମାତ୍ର। ଅବ୍ୟକ୍ତରୁ ବ୍ୟକ୍ତ ଏବଂ ବ୍ୟକ୍ତରୁ ଅବ୍ୟକ୍ତ। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଗଣନାରେ ଦିନ, ମାସ, ବର୍ଷର ସଂକୀର୍ଣ୍ଣ ହିସାବ ରଖି ମଣିଷ ଦୁଃଖୀ ହୋଇଥାଏ। ବସ୍ତୁତଃ ଯେତେବେଳେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ନାହିଁ, ଏହା ପୃଥିବୀର ସ୍ଥିତି ଓ ଗତିର ପରିଣତି ମାତ୍ର, ସେତେବେଳେ ଆମେ ଏକ ଅନନ୍ତ ଜୀବନ ଯାତ୍ରାକୁ ବରଣ କରିଛେ। ଏହା ମହାଯାତ୍ରା ଏକ ସଂପୂର୍ଣ୍ଣ ଜୀବନର କାହାଣୀ। ଏକ ନିତ୍ୟ ଉଦୟର ଲୀଳା। ଏକ ସଫଳ ଓ ସଂପୂର୍ଣ୍ଣ ଜୀବନର ମହାକାବ୍ୟ। ପୂର୍ଣ୍ଣତାରୁ ପୂର୍ଣ୍ଣକୁ ନେଲେ କ'ଣ ପୂର୍ଣ୍ଣତାର ପରିସମାପ୍ତି ଘଟେ? ଗ୍ରୀକ୍ ଦାର୍ଶନିକ ପ୍ଲୋଟିନସ ତାଙ୍କ 'ଇନିଆଡ୍'ରେ ବି ଏହି ତତ୍ତ୍ୱର ଉତ୍ଥାପନ କରିଛନ୍ତି। ଯେପରି ସ୍ୱତଃ ନିସ୍ୟନ୍ଦିନୀ ପ୍ରସ୍ରବଣ ତା'ର ସମସ୍ତ ପ୍ରବାହକୁ ନଦୀଗର୍ଭରେ ଢାଳି ଦେଇ ମଧ୍ୟ ନିଃଶେଷ ହୁଏନା, ଯେତିକି ସେତିକି ରହେ, ସେହିପରି ଅନୁକ୍ଷଣ ବହମାନ ଏ ଜୀବନ ନିର୍ଝରିଣୀ। ଜନ୍ମ-ମୃତ୍ୟୁ କେବଳ ବସ୍ତ୍ର ବଦଳେଇବା ଭଳି ଏକ ପ୍ରକ୍ରିୟା।

ମାତ୍ର ଅଠର ବର୍ଷର ଯୁବକ ଖୁଦିରାମ ବୋଷ। ଦେଶ ପାଇଁ କ୍ରାନ୍ତିକାରୀ କାର୍ଯ୍ୟ କରି ହସି ହସି ଫାଶିଖୁଣ୍ଟରେ ଝୁଲିଥିଲେ। ଫାଶୀ ଦେବା ପୂର୍ବରୁ ବ୍ରିଟିଶ୍ ଜେଲ ଅଧୀକ୍ଷକ ଖୁଦିରାମଙ୍କୁ ପ୍ରଶ୍ନ କଲେ–''ମାତ୍ର ଅଠର ବର୍ଷର ଯୁବକ ତୁମେ, ଆଗକୁ ଲମ୍ବା ଭବିଷ୍ୟତ ପଡ଼ିଛି, ଅଥଚ ଫାଶିଖୁଣ୍ଟକୁ ଯିବା ବେଳେ ଭୟଭୀତ ହେବା ପରିବର୍ତ୍ତେ ଆହ୍ଲାଦିତ ହେଉଛ କିପରି?'' ଖୁଦିରାମ କହିଲେ– ମୁଁ ଶରୀର ନୁହେଁ, ମୁଁ ଆତ୍ମା। ମୁଁ ଜାଣେ ଆତ୍ମାର ମୃତ୍ୟୁ ନାହିଁ। ଇଂରେଜ କବି ଜନ୍‌ଡନ୍ ତାଙ୍କ କାଳଜୟୀ କବିତା 'ଡେଥ ବି ନଟ୍ ପ୍ରାଉଡ୍'ରେ ମୃତ୍ୟୁକୁ ଯେପରି ଭାବେ ଅପଦସ୍ଥ କରିଛନ୍ତି, ତା'ର ତୁଳନା ନାହିଁ। ସେ କହିଛନ୍ତି– ହେ ମୃତ୍ୟୁ! ତୋର ଅହଂକାର ମୂଲ୍ୟହୀନ। ଦେଖ୍! ତୁ ଯେଉଁ ସ୍ଥୂଳ କ୍ଷଣଭଙ୍ଗୁର ଶରୀରକୁ କବଳିତ କରୁ, ସେଥିରେ ତୋ'ର କିଛି ବାହାଦୁରି ନାହିଁ। ସ୍ଥୂଳଶରୀର ଧ୍ୱଂସରେ ଆମେ ଯେତେବେଳେ ମୁକ୍ତି ମାର୍ଗର ପାବଚ୍ଛ ଆରୋହଣ କରୁ ଏବଂ ମୁକ୍ତ ଆତ୍ମା ଆଲୋକ ରାଜ୍ୟରେ ବିଚରଣ କରେ, ସେହି ମୃତ୍ୟୁ ନିଜେ ହିଁ ମୃତ୍ୟୁବରଣ କରେ। ବସ୍ତୁତଃ ମୃତ୍ୟୁ ଲଭେ ଏ କ୍ଷଣଭଙ୍ଗୁର ଶରୀର। ମନ, ବୁଦ୍ଧି ଓ ଅହଂକାର ଇତ୍ୟାଦି ଉପାଧିର ବିଲୋପ ଘଟେ। କିନ୍ତୁ ଅନନ୍ତଜୀବନ ପ୍ରାପ୍ତିରେ ଆମେ ଉର୍ଜସ୍ୱଳ ହୋଇଉଠୁ। ମୋହଗ୍ରସ୍ତ ପାର୍ଥିବ ଜୀବନର ସ୍ୱପ୍ନଭଙ୍ଗ ହୁଏ ଏବଂ ଆତ୍ମସ୍ୱରୂପରେ ଆମେ ନିଜକୁ ଆବିଷ୍କାର କରୁ।

ବାସ୍ତବରେ ମୃତ୍ୟୁହୀନ ଏ ଜୀବନ। କାରଣ ଚେତନାର ବିନାଶ ନାହିଁ। ପଦ୍ମପତ୍ରରେ ଜଳ ଭଳି ସଦା ଢଳ ଢଳ ଏ ଜୀବନ। ମଣିଷ ଏଯାଏଁ ନିଜକୁ ଚିହ୍ନିନାହିଁ। ତେଣୁ ସେ ନିଜକୁ ହିଁ ଖୋଜିବୁଲୁଛି ଜୀବନ ପରେ ଜୀବନ ବା ଜନ୍ମ ପରେ ଜନ୍ମ। ସ୍ଫିଙ୍କ୍ସ ବା ସିଂହାସୁରୀର କାହାଣୀ ଆପଣମାନଙ୍କର ସ୍ମରଣ ଥିବ ନିଶ୍ଚୟ। ସେ ଅଦ୍ଭୁତ ପ୍ରାଣୀ ପର୍ବତ ଶିଖରରେ ଥାଇ ପଥଚାରୀକୁ ପ୍ରଶ୍ନ କରେ– ''କେଉଁ ଜୀବ ସକାଳେ ଚାରିପାଦରେ, ଦିନବେଳେ ଦୁଇପାଦରେ ଓ ସନ୍ଧ୍ୟାରେ ତିନିପାଦରେ ଚାଲେ?'' ଏ ପ୍ରଶ୍ନର ଉତ୍ତର କେହି ଦେଇପାରନ୍ତି ନାହିଁ। ସୂର୍ଯ୍ୟ ଅସ୍ତଯାଏ। ସିଂହାସୁରୀ ପଥିକକୁ ମାରିପକାଏ। ଦିନେ ସେହି ଭୟଙ୍କର ପଥ ଦେଇ ଯାତ୍ରା କରୁଥିଲେ ମହାବୀର ଓଡ଼ିପାସ୍। ସିଂହାସୁରୀ ଓଡ଼ିପାସ୍‌ଙ୍କୁ ସେହି ପ୍ରଶ୍ନ କରନ୍ତେ ସେ ଜବାବ ଦେଲେ– ''ତମର ପ୍ରଶ୍ନର ଉତ୍ତର 'ମୁଁ ସ୍ୱୟଂ'। ଅର୍ଥାତ୍ ମୁଁ ମଣିଷ ଜୀବନ ପ୍ରଭାତରେ ଦୁଇ ଗୋଡ଼ ଓ ଦୁଇହାତ ଯୋଗେ ହାମୁଡ଼ି ହାମୁଡ଼ି ଚାଲେ, ଦିନବେଳେ ଅର୍ଥାତ୍ ବୟସ ବଢ଼ିଲେ ଦୁଇଗୋଡ଼ରେ ଚାଲେ ଏବଂ ଜୀବନ ସନ୍ଧ୍ୟାରେ ଏକ ଯଷ୍ଟିର ଆଶ୍ରୟ ସହ ଅର୍ଥାତ୍ ତିନିଗୋଡ଼ରେ ଚାଲେ।'' ଓଡ଼ିପାସ୍‌ଙ୍କ ଏ ଉତ୍ତର ଶୁଣିବା ମାତ୍ରେ ସିଂହାସୁରୀ ପର୍ବତ ଶିଖରରୁ ଡେଇଁ ପଡ଼ି ମୃତ୍ୟୁବରଣ କଲା। ଏ କଥାର ମର୍ମ ହେଲା– ମଣିଷ ମରେ, ଯେହେତୁ ସେ ନିଜକୁ ଜାଣେନା। ଯେଉଁ ଦିନ ସେ ନିଜକୁ ଜାଣିବ, ସେହିଦିନ ମୃତ୍ୟୁ ହିଁ ମୃତ୍ୟୁବରଣ କରିବ।

ପାଠକେ! ଯିଏ ଆତ୍ମାରେ ବାସକରେ, ସେ ହିଁ ଅମର। ଆତ୍ମାର ଉପଲବ୍ଧି ହିଁ ଅମରତ୍ୱର ଉପଲବ୍ଧି। ମୁଁ ଅମୃତ। ମୁଁ ଅମୃତ। ସ୍ୱଭାବ କବିଗଙ୍ଗାଧରଙ୍କ ଭାଷାରେ ମୁଁ ତ ଅମୃତସାଗର ବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ...। ଏଣୁ ଆସନ୍ତୁ ନିଜେ ନିଜକୁ ଚିହ୍ନିବା। ଆପଣା ଭିତରେ ଥିବା ମହାନ୍ ଅବସ୍ଥିତିକୁ ଅନୁଭବ କରିବା।

ପ୍ରାକ୍ତନ ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ, ମୋ: ୬୩୭୦୬୪୫୭୮୯

# ବିଦ୍ୟା ଅଟଇ ମହାବଳ...



ସୌରଚନ୍ଦ୍ର ମହାପାତ୍ର

'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ। ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ। ବିଦ୍ୟା ଅଟଇ ମହାମିତ୍ର, ସେ ସଙ୍ଗେ ହୁଅ ହେ ପବିତ୍ର। ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ' – ଭକ୍ତ କବି ମଧୁସୂଦନଙ୍କ ଏହି ବିଲକ୍ଷଣ ଧାଡ଼ି ଜୀବନରେ ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସମ୍ପର୍କରେ ଆମମାନଙ୍କୁ ଆଲୋକ ବର୍ତ୍ତିକା ବାର୍ତ୍ତା ପ୍ରଦାନ କରୁଛି। ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗଗୁଡ଼ିକ ପରସ୍ପର ସହିତ ଅଭିନ୍ନ ଭାବରେ ସମ୍ପୃକ୍ତ। ଏହି ଅଙ୍ଗଗୁଡ଼ିକ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ। ମନୁଷ୍ୟ ମାନବଜାତିର ଏକ ଅଂଶ। ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ। ଏହି ପାରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ।

ଆମ୍ଭେମାନେ ପ୍ରକୃତରେ ଜଣେ ଜଣେ ମଞ୍ଚ ନିର୍ଦ୍ଦେଶକଙ୍କ ପରି ଜୀବନ ନିର୍ବାହ କରୁଛେ। ମନୁଷ୍ୟ ନିଜ ଅଧିକାର ପାଇଁ ସଂଗ୍ରାମ କରୁଛି ନିଜର ଦାୟିତ୍ୱକୁ ଭୁଲିଯାଇ। ଗଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ। ତା'ର କେବଳ କର୍ତ୍ତବ୍ୟ ଅଛି, ଅଧିକାର ନୁହେଁ। ନିଜର କର୍ତ୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବୋଧତା। ''ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତ୍ତବ୍ୟକୁ ଭୁଲିଯିବା। ଆମ୍ଭେମାନେ ନିଜର କର୍ତ୍ତବ୍ୟର ସୁସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ। ତା'ର ଏକମାତ୍ର ଅଧିକାର ହେଉଛି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା। ତା'ର ଆଉ ଅନ୍ୟ କୌଣସି ଅଧିକାର ନାହିଁ। ପିତାମାତାମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ପିଲାମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ। ପିଲାମାନେ ନିଜର ମାତାପିତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କଲେ ମାତାପିତାମାନେ ସମ୍ମାନିତ ହେବେ। ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ୍ ଭାବରେ ଆଚରଣ କରିବେ। ଛାତ୍ରୀଛାତ୍ରମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ କଲେ, କର୍ମକର୍ତ୍ତାମାନେ ସମ୍ମାନ ଲାଭ କରିବେ।''

ଆଜିର ସମୟକୁ ଦେଖିଲେ, ଆମ୍ଭେମାନେ ବାସ୍ତବରେ ଆମ ଦାୟିତ୍ୱ ସବୁକୁ ନିର୍ବାହ କରିବାରେ ଏକ ପ୍ରକାର ଭୁଲି ଯାଇଛୁ। ପ୍ରତ୍ୟେକ ନିଜର କର୍ତ୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ। ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ। ଶିକ୍ଷା କ୍ଷେତ୍ରକୁ ଦେଖିଲେ ସେଠାରେ ମଧ୍ୟ ମୂଲ୍ୟବୋଧର ଅବକ୍ଷୟ। ଆଜି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ; ଯାହା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବିଚଳିତ କରୁଛି। ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି। ଦେଶର ସର୍ବବିଧ ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି। ତ୍ୟାଗ, ଚରିତ୍ରବତ୍ତା, ସାଧୁତା ଓ ନୈତିକତା ଆଦି



ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି। ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ। ନୂତନ ସମାଜ ତିଆରି ପାଇଁ ଏବଂ ଏହାର ଆଦର୍ଶଗତ ପ୍ରଗତି ପାଇଁ ଅନେକ ଉଦ୍ୟମ, କଳ୍ପନାଜଳ୍ପନା ଦେଖିବାକୁ ମିଳୁଛି କିନ୍ତୁ ଏସବୁ ବୃଥାରେ ପରିଣତ ହେଉଛି। କେବଳ ଉତ୍ତମ ଲୋକ ଚରିତ୍ର ହିଁ ଉତ୍ତମ ରାଷ୍ଟ୍ର ପରିଚାଳନାରେ ସହାୟକ ହୋଇଥାଏ। ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ। ଏପରି ଲୋକମାନେ ସମାଜରେ ସେତିକିବେଳେ ବାହାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ। ନୈତିକ ମୂଳଦୁଆରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ପୁଷ୍ଟି କରିପାରିବ।

ଆଜି ଆମେମାନେ ଆଧ୍ୟାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରିତ କୃତ୍ରିମ ଜୀବନଯାପନ କରୁଛୁ। ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ। ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ବିନିଯୋଗ କରାଯିବା ଉଚିତ। ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିବାକୁ ହେଲେ ସେମାନେ ଉତ୍ତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ। କେବଳ ଉତ୍ତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ। ଶିକ୍ଷା ଆତ୍ମ କଲ୍ୟାଣ ବା ନିଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହଁ ଏହା ବିଶ୍ୱକଲ୍ୟାଣ ଲାଗି ଉତ୍ସର୍ଗିତ ହେବା ଉଚିତ। ଛାତ୍ରଠାରେ ଉତ୍ତମ ଗୁଣାବଳୀ ରହିଲେ ହିଁ ସେ ଜାତୀୟ ନିରାପତ୍ତା, ସମୃଦ୍ଧି ଓ କଲ୍ୟାଣ ଏବଂ ରାଷ୍ଟ୍ରର ଉନ୍ନତି ଓ ମାନବଜାତି ପ୍ରତି ପ୍ରେମ ପାଇଁ କାମ କରିପାରିବ। ଆମ୍ଭେମାନେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରତ୍ୟେକେ ବିଶ୍ୱାସ କରିବା ଉଚିତ।

ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି – 'ଜଣେ ଯେତେ ଜ୍ଞାନ ଆହରଣ କଲେ ବି ତାହା ସମସ୍ତଙ୍କ ହିତ ପାଇଁ ପ୍ରୟୋଗ କରିବା ଉଚିତ। ତା'ହେଲେ ହିଁ ସେ ଜ୍ଞାନ-ସମ୍ପନ୍ନ ହୋଇପାରିବ। ଏପରି ଜ୍ଞାନୀଜନ ସମସ୍ତ ସଦ୍‌ଗୁଣରେ ଅଳଙ୍କୃତ ହେବା ଉଚିତ।' ଏହି ମହତ୍ ଅଭିପ୍ରାୟରେ ପ୍ରାଚୀନ ଶିକ୍ଷାପଦ୍ଧତି ପ୍ରଚଳିତ ଥିଲା। ଆଜି ଛାତ୍ରମାନେ ଯାହା ସବୁ ଶିଖୁଛନ୍ତି ତାହା ଭାରତୀୟ ଶିକ୍ଷାପଦ୍ଧତି ସହିତ ଅସମ୍ପୃକ୍ତ। ଯେଉଁ ଶିକ୍ଷାପଦ୍ଧତି ମନକୁ ଭୃତ୍ୟଭାବାପନ୍ନ କରି ପକାଏ ଏବଂ ଚାକିରି ଖୋଜିବାର ମନୋବୃତ୍ତି ସୃଷ୍ଟି କରେ, ତାହାର ଭାରତୀୟ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ। ତମାମ ଜୀବନ ଭିତରେ ଜ୍ଞାନର ଜିଜ୍ଞାସା, ଅଧ୍ୟୟନର ଅନ୍ତ ହୋଇ ନ ଥାଏ। ଜୀବନ ବିସ୍ତାରୀ ଜ୍ଞାନ, ମଣିଷର ଆୟୁଷ ଭିତରେ ସେ ସହିପାରି ନ ଥାଏ। ଭକ୍ତ କବି ମଧୁସୂଦନଙ୍କ ସେହି କାଳଜୟୀ ଧାଡ଼ିଟି ଉଦ୍ଧୃତ କରୁଛି – 'ନୁହେଁ ବୃଦ୍ଧ ସେହି ଜନ, ଶୁକ୍ଳକେଶ ଅଟେ ଜାର ଶିର। ଯୌବନେ ଯେ ଜ୍ଞାନେରତ, ଦେବେ ତାକୁ ବୋଲନ୍ତି ସ୍ଥବିର।'

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ : ୯୪୩୭୦୦୪୪୬୬

## ଏଇ ଭାରତରେ

କିଛି ନୂତନତ୍ୱ ନିଶାରେ କଲ୍ୟାଣ କୁମାର କଲେଜ ପଢ଼ାରେ ଡୋରି ବାନ୍ଧିଦେଲେ। ପରେ ତାଙ୍କ ପିତାଙ୍କ କମ୍ପାନୀରେ ଏକ ମେଶିନ ତିଆରି କରି ସେଥିରେ ଶସ୍ୟଜାତ ବର୍ଜ୍ୟରୁ କପ୍, ଗିନା ଓ ଚାମଚ ଆଦି ତିଆରି କରୁଛନ୍ତି। ତାମିଲନାଡୁ କୋଏମ୍ବାଟୁର ନିବାସୀ କଲ୍ୟାଣ ଏଥିରେ ଭଲ ଆୟ କରିବା ସହ ପରିବେଶ ସୁରକ୍ଷା ମଧ୍ୟ କରିପାରୁଛନ୍ତି। କୁଣ୍ଡା ଓ ଗହମ ଚୋପା, କଇଁଆ ମଞ୍ଜି, କଦଳୀ ପତ୍ରରୁ ସେ ଏହିସବୁ ଉତ୍ପାଦ ତିଆରି କରୁଛନ୍ତି। କଲ୍ୟାଣ ବିବିଏ କୋର୍ସ ଛାଡ଼ି ପ୍ରଥମେ ତାଙ୍କ ପିତାଙ୍କ କମ୍ପାନୀରେ ୨୦୧୭ରେ ପ୍ଲାଷ୍ଟିକ ବିକଳ୍ପ ଉତ୍ପାଦ ପାଇଁ ମେଶିନ ତିଆରି କରିବା ଆରମ୍ଭ କରିଥିଲେ। ପ୍ରଥମେ ଗୁଆପତ୍ର ଖୋଳପାରୁ ପ୍ଲେଟ୍ ପାଇଁ ଓ ପରେ ଶସ୍ୟ ବର୍ଜ୍ୟରୁ କପ୍ ତିଆରି ଲାଗି ମେଶିନ ନିର୍ମାଣ କରିଥିଲେ। ସେ ତିଆରି କରୁଥିବା ଛୋଟ ମେଶିନର ଦାମ୍ ୩ ଲକ୍ଷ ଓ ବଡ଼ ମେଶିନ ୩୦ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି। ସେ ଏବେ ଯେଉଁ ମେଶିନ ବ୍ୟବହାର କରୁଛନ୍ତି ତାହା ଏକାଥରକେ ୧୦୦୦ କପ୍ ତିଆରି କରୁଛି ଓ ବଡ଼ ମେଶିନରେ ଦିନକୁ ୧୦,୦୦୦ କପ୍ ତିଆରି ହେଉଛି। ମୋଟିଏ ମାସରେ ସେ ୧୦ ଲକ୍ଷ କପ୍ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୭୫

- ଉତ୍ତର ଇଂଲଣ୍ଡରେ ଏକ ଯାତ୍ରୀବାହୀ ବସ୍ ଏକ ଗଭୀର ଗିରିଗହ୍ୱର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୪ ଜଣଙ୍କ ମୃତ୍ୟୁ।
- ବାଂଲାଦେଶ ଓ ୟୁଗୋସ୍ଲୋଭିଆ ମଧ୍ୟରେ ଏକ ଦୁଇବର୍ଷିଆ କାରିଗରି ସହଯୋଗ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାଦର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି–
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ତାଲିକା କ'ଣ ସତ

ମହାଶୟ,

ଏବେକାର ସାଧାରଣ ନିର୍ବାଚନରେ ପ୍ରାର୍ଥୀମାନଙ୍କ ସମ୍ପତ୍ତି ତାଲିକାର ସତ୍ୟତା ଉପରେ ସଂଶୟ ଆସୁଛି। ବିଭିନ୍ନ ଦଳର ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ନିକଟରେ ଉପସ୍ଥାପିତ ନିଜ ନିଜର ସମ୍ପତ୍ତି ତାଲିକା ଦାଖଲର ପ୍ରକୃତ ସତ୍ୟତା କେତେ ତାହା ଉପରେ କମିଶନ ପରୀକ୍ଷା କରିବା ଉଚିତ। ଯେମିତି ୧୦୦ ଭାଗରୁ ଜଣେ ନିଜ ନିଜର ସମ୍ପତ୍ତି ତାଲିକାର ବିବରଣୀ ପ୍ରକାଶ କରୁଛନ୍ତି। କିଏ କହୁଛି ମୋ ପାଖରେ ମାତ୍ର ୧୦୦ ଟଙ୍କା ଅଛିତ କିଏ ପୁଣି ଲକ୍ଷେ ଓ ମୋଟରଯାନ ଆଦୌ ନାହିଁ ବୋଲି କହୁଛି। ଏହାର ବାସ୍ତବତା ଉପରେ ସରଜମିନ ତଦନ୍ତ ହେବା ଉଚିତ। ଭାରତରେ ପାରିବାରିକ ଶାସନ ଜାତି ଧର୍ମକୁ ନେଇ ରାଜନୀତି ଜୋର ଧରଛି। ବେକାରୀ, ଦାରିଦ୍ର୍ୟ, ଜନସଂଖ୍ୟା ବିସ୍ଫାରଣ ଭାରତରେ ଛିଡ଼ଭିନ୍ କରିଛି। ୬୦ପ୍ରତିଶତ ଡାକ୍ତରଖାନାରେ ଡାକ୍ତର ନ ଥିବା ବେଳେ ୭୦ପ୍ରତିଶତ ଜାଗାରେ ବିଜୁଳି, ପାଣି ନାହିଁ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରାର୍ଥୀମାନଙ୍କର ସମ୍ପତ୍ତିକୁ ବିଶ୍ଳେଷଣ କରିବା ଦରକାର।

–ଦେବାଶିଷ ପତି, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







# ୯ ସେଲ୍ଫ ଗୋଲ୍ କଥା କହି ଭାଜପାକୁ ପାଣ୍ଡିଆନଙ୍କ ଟାର୍ଗେଟ

**ଭୁବନେଶ୍ୱର,୨୮।୫(ଅନିଲ ଦାସ)**

ମହାପ୍ରଭୁ ଜଗନ୍ନାଥ ଓ ଶ୍ରୀମନ୍ଦିରକୁ ରାଜନୀତିକୁ ଟାଣିବାକୁ ପସନ୍ଦ କରୁନାହାନ୍ତି ଓଡ଼ିଶାବାସୀ। ବାହାରୁ ନେତା, କେନ୍ଦ୍ରମନ୍ତ୍ରୀ ଆସି ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ଭାଷାରେ ଅସମ୍ମାନ କରୁଛନ୍ତି, ଯାହାକୁ ଓଡ଼ିଶାବାସୀ ପସନ୍ଦ କରୁନାହାନ୍ତି। ମିଶନ ଶକ୍ତିକୁ ବନ୍ଦ କରିବାକୁ ଭାଜପା ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଛି ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ପାଣ୍ଡିଆନ ଭାଜପାର ୯ଟି ସେଲ୍ଫ ଗୋଲ୍ କଥା କହି ଭାଜପାକୁ କଡ଼ା ସମାଲୋଚନା କହିଛନ୍ତି। ସେ କହିଛନ୍ତି ଯେ ଭାଜପା ସରକାରକୁ ଆସିଲେ ମିଶନ ଶକ୍ତି ବନ୍ଦ କରିବ। ନିର୍ବାଚନୀ ଇସ୍ତାହାରରେ ମିଶନ ଶକ୍ତିକୁ ବନ୍ଦ କରିବାକୁ ଭାଜପା କହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ବନ୍ଦ କରି ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ଭାଜପା ଇସ୍ତାହାରରେ ଘୋଷଣା କରିଛି। ଆୟୁଷ୍ମାନ ଭାରତ କେବଳ ବିପିଏଲ୍ ପରିବାର ପାଇଁ। କିନ୍ତୁ ବିଏସ୍‌କେୱାଇ ଯୋଜନା ସମସ୍ତଙ୍କ ପାଇଁ। ରାଜ୍ୟର ୯୦ ପ୍ରତିଶତ ଲୋକ ଏହି ସୁବିଧା ପାଉଛନ୍ତି। ଆଗକୁ ବିଏସ୍‌କେୱାଇ ନବୀନ କାର୍ଡରେ ସମସ୍ତଙ୍କୁ ସାମିଲ କରାଯିବ।

ଯୁବ କ୍ଷେତ୍ରକୁ ଗୁରୁତ୍ୱ ଦେଇ ନବୀନ ସରକାର ୫-ଟି ସ୍କୁଲ,୫-ଟି କଲେଜ, ଯୁବ ବଜେଟ ବ୍ୟବସ୍ଥା କରିଛନ୍ତି। ୯୮ ପ୍ରତିଶତ ପିଲାଙ୍କ ପାଇଁ ନୂଆ-ଓ ଛାତ୍ର ବୃତ୍ତି ଯୋଜନା ଆରମ୍ଭ ହୋଇଛି। ଯୁବକଙ୍କ ପାଇଁ ଭାଜପା ଇସ୍ତାହାରରେ କିଛି ନ ଥିବା ବେଳେ ଏହାକୁ ବନ୍ଦ କରିବାକୁ ଭାଜପା ଷଡ଼ଯନ୍ତ୍ର କରୁଛି।


କାର୍ତ୍ତିକ ପାଣ୍ଡିଆନ

ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ପରିଚୟ ପାଇଁ ଏସ୍‌ଡିସି ଗଠନ କରିଛନ୍ତି। ଡବଲ ଇଞ୍ଜିନ ଚାଲିଥିବା ରାଜ୍ୟରେ ଅଧିକ ଆଦିବାସୀ ଥାଇ ବି ଏସ୍‌ଡିସି ଗଠନ କରାଯାଇ ନାହିଁ। ଭାଜପା ସରକାରକୁ ଆସିଲେ ଏହାକୁ ବନ୍ଦ କରିବେ।

ଡବଲ ଇଞ୍ଜିନ ସରକାର ଥିବା ରାଜ୍ୟରେ ଶାନ୍ତି ନାହିଁ। ଓଡ଼ିଶାରେ ଶାନ୍ତି ଅଛି। ଓଡ଼ିଶାରେ ଦାଦାବଟି ନାହିଁ। କିନ୍ତୁ ବିଜେଡିରୁ ବିଦା ହୋଇଥିବା, ଅନେକ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତଥିବା ବ୍ୟକ୍ତିଙ୍କୁ ଭାଜପା ନିଜ ଦଳରେ ସାମିଲ କରିଛି।

ବିଜେଡିର ମାଗଣା ବିଦ୍ୟୁତ୍ ଘୋଷଣା ପରେ ଭାଜପାକୁ କରେଣ୍ଟ ଲାଗିଛି। ଭାଜପା ସୋଲାର ବ୍ୟବସ୍ଥାରେ ବିଦ୍ୟୁତ୍ ଯୋଗାଇବା କଥା କହୁଛି। ରନ୍ଧନ ଗ୍ୟାସ ମାଗଣାରେ ଯୋଗାଇବା କଥା କହି ବାରମ୍ବାର ଦର ବଢ଼ାଇ ଚାଲିଛି। ଏଲ୍‌ପିଜି ଗ୍ୟାସ୍ ପରି ଭାଜପାର ସୋଲାର ବିଦ୍ୟୁତ୍ ଘୋଷଣା ଏକ ବଡ଼ ଜୁମଲା। ଚାଷୀଙ୍କ ପାଇଁ ୩୧୦୦ ଟଙ୍କା ଏମ୍‌ଏସ୍‌ପି ମଧ୍ୟ ଆଉ ଏକ ବଡ଼ ଜୁମଲା। ଏମ୍‌ଏସ୍‌ପି ବୃଦ୍ଧି କେନ୍ଦ୍ର ବିଚାରାଧୀନ ହୋଇଥିଲେ ମଧ୍ୟ ୧୦ ବର୍ଷ ଧରି ଚାଷୀଙ୍କ କଥା ଚିନ୍ତାକରି ନ ଥିଲା ଭାଜପା। ଏବେ ନିର୍ବାଚନ ପାଇଁ ଚାଷୀଙ୍କ କଥା ମନେପଡୁଛି।

ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଭାଉଚର ଦେବାକୁ ଭାଜପାର ଘୋଷଣା ମଧ୍ୟ ଏକ ଜୁମଲା। ଯଦି ୫୦ ହଜାର ଟଙ୍କା ଦିଆଯାଏ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଓଡ଼ିଶାରେ ବିକାଶମୂଳକ ବାବଦରେ ସ୍କିମ୍ ୨୫ ହଜାର କୋଟି ଟଙ୍କା ବଜେଟ ରହୁଛି। ୧୫ ଲକ୍ଷ ଆକାଉଣ୍ଟକୁ ଟଙ୍କା ଦେବା ଘୋଷଣା କରିବା ଭାଜପାର ଆଉ ଏକ ଜୁମଲା ବୋଲି ପାଣ୍ଡିଆନ କହିଛନ୍ତି।

## ଟ୍ରକ୍ ଧକ୍କାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ମୃତ୍ୟୁ

**ପାଲଲହଡ଼ା,୨୮।୫ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା ୧୪୯ନଂ. ଜାତୀୟ ରାଜପଥର ବଡିସୁଆଁ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ଟ୍ରକ୍ କାର୍‌କୁ ଧକ୍କା ଦେବାରୁ ଖମାର ବାରକୋଟିଆ ଅଞ୍ଚଳର ପ୍ରସନ୍ନ କୁମାର ପ୍ରଧାନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ପ୍ରସନ୍ନ ଦେବଗଡ଼ ଜିଲା ବାରକୋଟ ବ୍ଲକରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଅଫିସ କାମ ଶେଷ କରି ପ୍ରସନ୍ନ କାର୍ ଚଳାଇ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ମଧ୍ୟ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ଖବରପାଇ ପାଲଲହଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।




## ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ଦୋକାନ ସିଲ୍

**ଜୟପୁର,୨୮।୫(ପବନ ପାଣିଗ୍ରାହୀ)**

ଜୟପୁର ପୌରପାଳିକା ପକ୍ଷରୁ ମଙ୍ଗଳବାର ସହରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ବ୍ୟାପକ ଗୁଟ୍‌ଖା ଜବତ କରାଯାଇଛି। ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନେତୃତ୍ୱରେ କାପୁସାହିସ୍ଥିତ ଜଗତ ଜନନୀ ଡିଷ୍ଟ୍ରିବ୍ୟୁଟର ଓ ଭଦ୍ରାୟାସାହିସ୍ଥିତ ଅମନ ଏଜେନ୍ସିର ଦୁଇଟି ଗୋଦାମ ଉପରେ ଟାଉନ ଥାନା ପୋଲିସ ସହାୟତାରେ ଚଢ଼ାଉ କରାଯାଇଥିଲା। ଅମନ ଏଜେନ୍ସି ମାଲିକଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯିବା ସହ ତାଙ୍କ ଦୋକାନ ସିଲ୍ କରାଯାଇଛି।

# କୋଲକାତାରେ ମୋଦି, ମମତାଙ୍କ ରୋଡ୍ ଶୋ'





**କୋଲକାତା,୨୮।୫**

ଚୂଡ଼ାନ୍ତ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପ୍ରଚାର ଥମିବାକୁ ବସିଥିବାବେଳେ କୋଲକାତାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହାଇଭୋଲ୍ଟେଜ୍ ରୋଡ୍ ଶୋ' କରିଛନ୍ତି। ମୋଦିଙ୍କ ରୋଡ୍ ଶୋ' ରାତି ପ୍ରାୟ ୭ଟାରେ ଶ୍ୟାମବାଜାର ଫାଇଭ୍ ପଏଣ୍ଟ କ୍ରସିଂସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଶିମ୍ଲା ଷ୍ଟ୍ରିଟ୍‌ରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପୈତୃକ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ଏହା ପୂର୍ବରୁ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ଦୁମ୍ ଦୁମ୍ ପ୍ରାର୍ଥୀଙ୍କ ପାଇଁ ରୋଡ୍ ଶୋ' କରିଥିଲେ। ମମତା ଚାଲି ଚାଲି ୯ କି.ମି. ପଥ ଅତିକ୍ରମ କରିଥିଲେ। ଉଭୟଙ୍କ ରୋଡ୍ ଶୋ'ରେ ପ୍ରବଳ ଗହଳି ହୋଇଥିଲା। ଜୁନ୍ ୧ରେ ପଶ୍ଚିମବଙ୍ଗର ୮ ଲୋକ ସଭା ଆସନରେ ନିର୍ବାଚନ ହେବ।

## ଇସି, ଭାଜପାକୁ ଟିଏମ୍‌ସି ନୋଟିସ

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିରୋଧରେ କୌଣସି ନକାରାତ୍ମକ ବିଜ୍ଞାପନ ପ୍ରକାଶ ନ କରିବାକୁ ଗତ ୨୦ ତାରିଖରେ କାଲକାଟା ହାଇକୋର୍ଟ ଭାଜପାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଭାଜପା ଏହାକୁ ଅବଜ୍ଞା କରି ଏକ୍ସ'ରେ ବିଜ୍ଞାପନ ପ୍ରକାଶ କରିଥିବା ଟିଏମ୍‌ସି ପକ୍ଷରୁ ଅଭିଯୋଗ କରାଯାଇଛି। ପଶ୍ଚିମବଙ୍ଗର ଶାସକ ଟିଏମ୍‌ସି ଏନେଇ ଭାଜପା ଏବଂ ନିର୍ବାଚନ କମିଶନ(ଇସି)ଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ ପଠାଇଛି। ଏହା ପୂର୍ବରୁ ସୋମବାର ହାଇକୋର୍ଟଙ୍କ ରାୟକୁ ଭାଜପା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେଇଥିଲେ।

## 'ଏଆଇ'ର ଦୁରୁପଯୋଗ ବିପଜ୍ଜନକ

**ଲସ୍‌ଏଞ୍ଜେଲ୍‌ସ, ୨୮।୫**

ହଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀ ତଥା ଗାୟିକା ଜେନିଫର ଲୋପେଜ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ବିପଜ୍ଜନକ ଆଖ୍ୟା ଦେଇଛନ୍ତି। ସ୍କିନ୍ କେୟାର ବିଜ୍ଞାପନଗୁଡ଼ିକରେ ଏଆଇର ଦୁରୁପଯୋଗ କରି ତାଙ୍କ ଚେହେରା ଏପଟସେପଟ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ନିକଟରେ ନେଟଫ୍ଲିକ୍ସରେ ରିଲିଜ୍ ହୋଇଥିବା ଫିଲ୍ମ 'ଆଟ୍‌ଲାସ'ରେ ଜଣେ ଡାଟା ଆନାଲିଷ୍ଟଙ୍କ ଭୂମିକା ନିଭାଇଥିବା ଜେନିଫର କହିଛନ୍ତି, ବୈଷୟିକ ପ୍ରଗତିର ସର୍ବଦା ୨ଟି ପାର୍ଶ୍ୱ ରହିଥାଏ। ଆଟ୍‌ଲାସରେ ଏହା ଭଲ ଭାବେ ଦେଖାଯାଇଛି। ସ୍କିନ କେୟାର ଉତ୍ପାଦ ବିକ୍ରି ପାଇଁ ବିନା ଅନୁମତିରେ ଏଆଇ ସହଯୋଗରେ ତାଙ୍କ ଚେହେରାକୁ ବ୍ୟବହାର କରାଯାଇଥିଲା। ଏହି ସବୁ ଉତ୍ପାଦ ବିଷୟରେ ସେ ଆଦୌ ଜାଣି ନ ଥିଲେ। ଚେହେରା ଚୋରି କରିବା ଭୟାବହ ଓ ନିନ୍ଦନୀୟ ବୋଲି ଅଭିନେତ୍ରୀ ଜଣଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।


ଜେନିଫର ଲୋପେଜ

## ମେଜର ରାଧିକା ସେନ୍ ପାଇବେ ଜାତିସଂଘ ସମ୍ମାନ

**ଜାତିସଂଘ,୨୮।୫(ପିଟିଆଇ)**

କଙ୍ଗୋରେ ଜାତିସଂଘ ମିଶନ ପାଇଁ କାର୍ଯ୍ୟ କରୁଥିବା ଭାରତୀୟ ମହିଳା ଶାନ୍ତିରକ୍ଷକ ମେଜର ରାଧିକା ସେନ୍‌ଙ୍କୁ ୨୦୨୩ ବର୍ଷ ପାଇଁ ମର୍ଯ୍ୟାଦାଜନକ ମିଲିଟାରୀ ଜେଣ୍ଡର ଆଡଭୋକେଟ୍ ଅଫ୍ ଦି ଇଅର ଆୱାର୍ଡରେ ସମ୍ମାନିତ କରାଯିବ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ତାଙ୍କୁ ଜଣେ 'ପ୍ରକୃତ ନେତା ଓ ରୋଲ୍ ମଡେଲ୍' ବୋଲି କହିଛନ୍ତି। ଅନ୍ତର୍ଜାତୀୟ ଜାତିସଂଘ ଶାନ୍ତି ରକ୍ଷକ ଦିବସ ଅବସରରେ ଆସନ୍ତା ୩୦ରେ ଜାତିସଂଘ ମୁଖ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ଗୁଟେରସ୍ ମେଜର ରାଧିକାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିବେ।



ରାଧିକା ଡେମୋକ୍ରାଟିକ ରିପବ୍ଲିକ୍ ଅଫ୍ ଦି କଙ୍ଗୋର ପୂର୍ବ ଭାଗରେ ୨୦୨୩ ମାର୍ଚ୍ଚରୁ ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ଇଣ୍ଡିଆନ୍ ରାପିଡ୍ ଡେପ୍ଲଏମେଣ୍ଟ ବାଟାଲିୟନ ପାଇଁ କମାଣ୍ଡର ଭାବେ କାର୍ଯ୍ୟ କରିଛନ୍ତି। ୧୯୯୩ରେ ହିମାଚଳପ୍ରଦେଶରେ ଜନ୍ମିତ ରାଧିକା ୮ ବର୍ଷ ପୂର୍ବେ ଭାରତୀୟ ସେନାରେ ଯୋଗଦେଇଥିଲେ।

# ଜାତୀୟ/ଅନ୍ତର୍ଜାତୀୟ

## ଲାହୋର ଚୁକ୍ତିନାମାକୁ ପାକ୍ ଉଲ୍ଲଂଘନ କରିଥିଲା: ଶରିଫ

**ଲାହୋର,୨୮।୫**

୧୯୯୯ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ମଧ୍ୟରେ ଲାହୋର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ପରେ ଇସ୍‌ଲାମାବାଦ ଏହି ଚୁକ୍ତିନାମାର ଉଲ୍ଲଂଘନ କରିଥିଲା ବୋଲି ଶରିଫ ମଙ୍ଗଳବାର ସ୍ୱୀକାର କରିଛନ୍ତି। ତତ୍କାଳୀନ ଜେନେରାଲ ପରଭେଜ ମୁଶାରଫଙ୍କ କାର୍ଗିଲ ଆକ୍ରମଣକୁ ଇଙ୍ଗିତ କରି ସେ ଏହା କହିଛନ୍ତି। ୧୯୯୮ ମେ' ୨୮ରେ ପାକିସ୍ତାନ ୫ ଅଣୁଅସ୍ତ୍ର ପରୀକ୍ଷା କରିଥିଲା। ଏହା ପରେ ବାଜପେୟୀ ଲାହୋର ଯାଇ ପାକିସ୍ତାନ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ। ଆମେ ଏହାକୁ ଉଲ୍ଲଂଘନ କରିଥିଲୁ। ଏହା ଆମର ଭୁଲ୍ ଥିଲା ବୋଲି ପିଏମ୍‌ଏଲ୍-ଏନ୍ ସାଧାରଣ ପରିଷଦ ବୈଠକରେ ଶରିଫ କହିଛନ୍ତି।

### ପିଏମ୍‌ଏଲ୍-ଏନ୍ ଅଧ୍ୟକ୍ଷ ନିର୍ବାଚିତ



ସରିଫ ମଙ୍ଗଳବାର ପାକିସ୍ତାନ ମୁସଲିମ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍)ର ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୬ ବର୍ଷ ପରେ ପୁଣି ଥରେ ସେ ଏହି ପଦ ସମ୍ଭାଳିଛନ୍ତି। ପିଏମ୍‌ଏଲ୍-ଏନ୍'ର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୧୮ରେ ପାନାମା ପେପର ମାମଲାରେ ପାକିସ୍ତାନ ସୁପ୍ରିମକୋର୍ଟଙ୍କ ରାୟ ପରେ ନୱାଜଙ୍କୁ ଦଳୀୟ ଅଧ୍ୟକ୍ଷ ପଦ ହରାଇବାକୁ ପଡ଼ିଥିଲା। ପରେ ତାଙ୍କ ଭାଇ ତଥା ବର୍ତ୍ତମାନର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଦଳର ଅଧ୍ୟକ୍ଷ ହୋଇଥିଲେ। ଗତ ମାସରେ ଶେହବାଜ ଏହି ପଦରୁ ଇସ୍ତଫା ଦେଇଥିଲେ।

## ବିବେକାନନ୍ଦ ରକ୍‌ରେ ୨ଦିନ ଧ୍ୟାନ କରିବେ ମୋଦି

**ନୂଆଦିଲ୍ଲୀ,୨୮।୫**

ଲୋକ ସଭା ନିର୍ବାଚନ ପ୍ରଚାର ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୩୦ ତାରିଖରେ ତାମିଲନାଡୁର କନ୍ୟାକୁମାରୀ ଜିଲାରେ ଥିବା ପ୍ରସିଦ୍ଧ ବିବେକାନନ୍ଦ ରକ୍ ମେମୋରିଆଲ୍‌କୁ ଯାଇ ସେଠାରେ ୪୮ ଘଣ୍ଟା ଧ୍ୟାନରେ ବସିବେ। ସ୍ଥାନୀୟ ଅଞ୍ଚଳରେ ଶ୍ରୀପଦ ପରାଇ ଭାବେ ଜଣାଶୁଣା ଉକ୍ତ ଶିଳାରେ ସ୍ୱାମୀ ବିବେକାନନ୍ଦ ତପସ୍ୟା କରୁଥିଲେ। କନ୍ୟାକୁମାରୀ ଉପକୂଳର ସମୁଦ୍ର ମଧ୍ୟରେ ତାମିଲ ସନ୍ଥ ତିରୁଭାଲୁଭାରଙ୍କ ମୂର୍ତ୍ତି ନିକଟରେ ସୁନ୍ଦର ବିବେକାନନ୍ଦ ରକ୍ ମେମୋରିଆଲ ଅବସ୍ଥିତ। ତୃତୀୟ ଥର ଜିତିବା ଲକ୍ଷ୍ୟ ରଖିଥିବା ୭୩ ବର୍ଷୀୟ ପ୍ରଧାନମନ୍ତ୍ରୀ ଗୁରୁବାର ସନ୍ଧ୍ୟାରେ ସେଠାରେ ପହଞ୍ଚି ଜୁନ୍ ୧ ପର୍ଯ୍ୟନ୍ତ ରହିବେ। ୨୦୧୯ ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପୂର୍ବରୁ ମୋଦି କେଦାରନାଥ ଗୁମ୍ଫାରେ ଧ୍ୟାନ କରିଥିଲେ।

## କ୍ଷମା ମାଗିଲେ ପୋପ୍ ଫ୍ରାନ୍ସିସ୍

**ନୂଆଦିଲ୍ଲୀ,୨୮।୫**

ସମଲିଙ୍ଗୀ ସମ୍ପର୍କକୁ ବିରୋଧ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ପୋପ୍ ଫ୍ରାନ୍ସିସ୍‌ଙ୍କୁ ମହଙ୍ଗା ପଡ଼ିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ସେ ମଙ୍ଗଳବାର କ୍ଷମା ମାଗିଛନ୍ତି। ଗତ ୨୦ ତାରିଖରେ ସେ ଇଟାଲୀୟ ବିଶପ୍‌ଙ୍କ ସହ ଏକ ରୁଦ୍ଧଦ୍ୱାର ବୈଠକରେ ଏଲ୍‌ଜିବିଟି ସମ୍ପ୍ରଦାୟକୁ ନେଇ ଅପଶବ୍ଦ ପ୍ରୟୋଗ କରିଥିଲେ। ତାଙ୍କର ସମଲୈଙ୍ଗିକୀ ବିରୋଧୀ ଭାଷା ପ୍ରୟୋଗ କରିବା ଉଦ୍ଦେଶ୍ୟ ନ ଥିଲା ବୋଲି ଭାଟିକାନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏହାକୁ ନେଇ ଯେଉଁମାନେ ଅପମାନିତ ହୋଇଛନ୍ତି, ସେମାନଙ୍କୁ ପୋପ୍ କ୍ଷମା ମାଗିଥିବା ଭାଟିକାନ୍ ମୁଖପାତ୍ର ମେଟିଓ ବ୍ରୁନି କହିଛନ୍ତି।

## ଗେମିଂ ଜୋନ୍ ନିଆଁ: ମୃତକଙ୍କ ମଧ୍ୟରେ ମାଲିକ


ପ୍ରକାଶ ହିରନ

**ରାଜକୋଟ,୨୮।୫**

ଗୁଜରାଟର ରାଜକୋଟସ୍ଥିତ ଟିଆର୍‌ପି ଗେମିଂ ଜୋନ୍‌ରେ ଗତ ଶନିବାର ନିଆଁ ଲାଗି ପ୍ରାଣ ହରାଇଥିବା ୨୮ ଜଣଙ୍କ ମଧ୍ୟରେ ଉକ୍ତ ସଂସ୍ଥାର ଜଣେ ମାଲିକ ରହିଛନ୍ତି। ଡିଏନ୍‌ଏ ନମୁନା ପରୀକ୍ଷାରୁ ଏହା ଜଣାପଡ଼ିଛି। ନିଆଁ ଲାଗିବା ଦିନ ଗେମିଂ ଜୋନ୍‌ର ଅନ୍ୟତମ ମାଲିକ ପ୍ରକାଶ ହିରନ ସେଠାରେ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡ ସ୍ଥଳରୁ ସଂଗୃହୀତ ନମୁନା ସହ ପ୍ରକାଶଙ୍କ ମାଆଙ୍କର ଡିଏନ୍‌ଏ ନମୁନା ମେଳ ଖାଇଛି। ଟିଆର୍‌ପି ଗେମିଂ ଜୋନ୍‌ର ସବୁଠୁ ବଡ଼ ଅଂଶୀଦାର ଥିଲେ ପ୍ରକାଶ। ସିସିଟିଭି ଫୁଟେଜ୍‌ରୁ ପ୍ରକାଶ ସେଠାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

**ଆଜିର ମନ୍ତବ୍ୟ**

"କୌଣସି ଅଞ୍ଚଳର ଭୌଗୋଳିକ ଏବଂ ସାମାଜିକ ସ୍ଥିତି ଆଧାରରେ ସଂରକ୍ଷଣ ଦିଆଯାଇଥାଏ। କଂଗ୍ରେସ ଧର୍ମ ଆଧାରରେ ସଂରକ୍ଷଣ ଦେବାକୁ ଚାହୁଁଛି।"
– ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସୂର୍ଯ୍ୟାଂଶ, ଜୟଦେବ ବିହାର, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- କଳାବିକାଶ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିରର ତୃତୀୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା ୩୦।
- ନୂଆପାଟଣାସ୍ଥିତ ମଦନମୋହନଙ୍କ ଚନ୍ଦନ ଯାତ୍ରା, ସ୍ଥାନ: ନୂଆପାଟଣା ବଡ଼ସାହି, ତିଗିରିଆ, ସମୟ: ଅପରାହ୍ନ ୫ଟା।

## ପୁରୀ

- ରଥର ପ୍ରଥମ ଚକ ଅଖ ସଂଯୋଗ କାର୍ଯ୍ୟକ୍ରମ, ସ୍ଥାନ: ରଥ ଖଳା ପରିସର, ପୁରୀ, ସମୟ: ସକାଳ ୯ଟା ୩୦।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ବିଶ୍ୱକର୍ମାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ରଥ ଖଳା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ଼ ଶୋ', ସ୍ଥାନ: ନିମାପଡ଼ା, ସମୟ: ଅପରାହ୍ନ ୨ଟା।
- ଶ୍ରୀକ୍ଷେତ୍ରରେ ଭଉଁରୀ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରିଣୀ ପରିସର, ପୁରୀ, ସମୟ: ଅପରାହ୍ନ ୪ଟା।
- ପ୍ରଭୁ ଶ୍ରୀ କପିଳେଶ୍ୱରଙ୍କ ଚନ୍ଦନ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରଣୀ ପାଟପୁର, ନିମାପଡ଼ା, ସମୟ: ଦିନ ଚାପ ଅପରାହ୍ନ ୪ଟା ଓ ରାତ୍ରି ଚାପ ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ୧୧ତମ ସାମ୍ବତ୍ସରିକ ଉତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ପନ୍ଦରଦୋଳ ଯାତ୍ରା ପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଭାଜପା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ଥାନ: ନରହରିପୁର ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନୀ ସଭାରେ ଯୋଗଦେବେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ସ୍ଥାନ: କୁରୁଡ଼ା ହାଟ ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଭାଜପାର ବାଇକ୍ ରାଲି, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ଅପରାହ୍ନ ୨ଟା।
- କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ବାଚନୀ ସଭା, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ଅପରାହ୍ନ ୨ଟା।
- ଅପରାଜିତା ଷଡ଼ଙ୍ଗୀଙ୍କ ନିର୍ବାଚନୀ ସଭା, ସ୍ଥାନ: କାଦବରାଙ୍ଗ, ବନ୍ତ, ସମୟ: ଅପରାହ୍ନ ୨ଟା ୩୦।
- ଭାଜପାର ଯୁବ ସମାବେଶ, ସ୍ଥାନ : ଶିଶୁ ବିଦ୍ୟାମନ୍ଦିର ପଡ଼ିଆ,ଆନନ୍ଦପୁର, ଧାମନଗର, ସମୟ : ଅପରାହ୍ନ ୩ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ବିଜେଡି କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚାର, ସ୍ଥାନ: ବିଲଣା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- କଂଗ୍ରେସର ରୋଡ୍ ଶୋ', ସ୍ଥାନ: ଚିତ୍ରଡ଼ା ଓ ମୋରଡା ବଜାର,ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜେଏମ୍‌ଏମ୍‌ର ନିର୍ବାଚନୀ ପ୍ରଚାର ସଭା, ସ୍ଥାନ: କାଣିମହୁଲି ହାଟ ପଡିଆ, ଶୁଳିଆପଦା, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରଡ଼ାରେ ବିଜେଡିର ସମାବେଶ, ସ୍ଥାନ: କାଣିମହୁଲି ପଡ଼ିଆ, ଶୁଳିଆପଦା, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- କନକଦୁର୍ଗା ଠାକୁରାଣୀ ଯାତ୍ରା ଆରମ୍ଭ, ସ୍ଥାନ:ଆଙ୍କୁଲି, ସମୟ:ସକାଳ ୬ଟା।
- ପରଳ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ବ୍ରହ୍ମପୁର ରେଲୱେ ଇନଷ୍ଟିଚ୍ୟୁଟ୍,ସମୟ: ସକାଳ ୮ଟା ୩୦।

## ଗଞ୍ଜାମ

- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମା' ଠାକୁରାଣୀଙ୍କ ଘଟ ବିସର୍ଜନ, ସ୍ଥାନ: ମିଲୁ ଢ଼େପ ସାହି, ଗୁଡ଼ାରୀ, ସମୟ: ସକାଳ ୮ଟାରୁ ଆରମ୍ଭ।
- ଅଗ୍ନି ଗାଙ୍ଗାମା ଯାତ୍ରା ଉଦ୍‌ଘାଟନ, ସ୍ଥାନ: ଟିକିରି ଦୋରା ସାହି, ସମୟ: ସକାଳ ୮ ଟା।
- ରଜ ପାଇଁ ପାରମ୍ପରିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସାନ ବ୍ରାହ୍ମଣ ସାହି, କଲ୍ୟାଣସିଂପୁର, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ

- ବ୍ୟାଙ୍କର୍ସ ସମନ୍ୱୟ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଶାବର ଶ୍ରୀକ୍ଷେତ୍ର ବାହାର ଚାପ ଖେଳ ସମାପନ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦନ ପୋଖରୀ ପାର୍କ କୋରାପୁଟ, ସମୟ: ସନ୍ଧ୍ୟା ୭ଟା୩୦।

## ସମ୍ବଲପୁର

- ଭାରତୀ ସମାଜର ବୈଠକ, ସ୍ଥାନ: ଗୁରୁ ପଦ୍ମସମ୍ଭବ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- କେପିଏଲ୍ ଧମାକାର ଚତୁର୍ଥ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା, ସମୟ: ସକାଳ ୭ଟା।
- ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତା ସଂଘ ପକ୍ଷରୁ ଧାରଣା, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରୀଡ୍ ଅଫିସ ସମ୍ମୁଖ, ସମୟ: ସକାଳ ୮ଟା।
- ନବାହ୍ନ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।

## ରାଉରକେଲା

- ମିଳିତ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଛେଣ୍ଡ ପାଠାଗାର, ସମୟ: ସକାଳ ୯ଟା।

## ବରଗଡ଼

- ବୁଢ଼ାରଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜାମମାଲ, ସମୟ: ସକାଳ ୮ଟା।
- ମାଟ୍ରିକ ଟପ୍ପର ଶୁଭକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଦୁର୍ଗା ମଣ୍ଡପ, ଗୋଡ଼ଭଗା, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଡ୍ରପ୍‌ଆଉଟ ଫ୍ରି ପଞ୍ଚାୟତ କାର୍ଯ୍ୟକ୍ରମ, ସ୍ଥାନ: ତଲଜାରିଂ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋନାବିରା ପଞ୍ଚାୟତ ପାଣ୍ଡେଲବାହାଲି, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୯ଟା ୪୫।

## ବୌଦ୍ଧ

- ବରଗାଁ ଶ୍ରୀଶ୍ରୀ ରଘୁନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞର କଳସଯାତ୍ରା, ସ୍ଥାନ: ବରଗାଁ, ସମୟ: ସକାଳ ୯ଟା।

## ଦେବଗଡ଼

- ମାସିକ ଋତୁସ୍ରାବ ଦିବସରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ, ରେଙ୍ଗାଲବେଡ଼ା ସେବାଧାମ, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ପୂଜାର୍ଚ୍ଚନା ସହିତ ଆଳତୀ, ସ୍ଥାନ: ଝାଡେଶ୍ୱର ମନ୍ଦିରସ୍ଥିତ ଗଣେଶ ମନ୍ଦିର, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ଉତ୍ସବ, ସ୍ଥାନ: ସହରସ୍ଥିତ କୁମେଲସିଂହା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ଶରଣ ଶ୍ରୀକ୍ଷେତ୍ର ଏକଘରିଆ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଭୋଟ ଗଣନା ସକାଶେ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଭୋଟ ଗଣନା ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ ଗଣନା ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଭାଜପାର ଜନସମାବେଶ, ସ୍ଥାନ: ରଘୁନାଥପୁର ବ୍ଲକ ମାଘ ମେଳା ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବରେ ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ଗାଁ ବ୍ଲକ ଆମ୍ବରାପୁର ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୪ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ୨୦ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୨୦ତମ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- ରାମଚରିତ ମାନସ ପାରାୟଣର ୩ୟ ଦିବସରେ ଶ୍ରୀରାମ ଜନ୍ମର କାରଣ ଓ ଜନକଙ୍କ ବ୍ରହ୍ମ ଦର୍ଶନ ଉପରେ ପ୍ରବଚନ, ସ୍ଥାନ: ନୟାଗଡ଼ ମାଛିପଡ଼ା ତିନି ଦୋଳ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରଘୁନାଥଜୀଉଙ୍କ ଭଉଁରୀ ଯାତ୍ରାର ୨୦ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୨୦ତମ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ: ସିଦ୍ଧ ମଠପଡ଼ିଆ, ବାରୋ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ୧୧୧ତମ ବାର୍ଷିକ ଭାଗବତ ପାରାୟଣ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ, ସ୍ଥାନ: କୁତରଙ୍ଗ, ସମୟ: ପ୍ରାତଃରୁ ଆରମ୍ଭ।

# ବସ୍ ଓଲଟି ୨ ମୃତ, ୩୦ରୁ ଊର୍ଦ୍ଧ୍ୱ ଆହତ



ଦୁର୍ଘଟଣାଗ୍ରସ୍ତ ବସକୁ ଜେସିବି ସହାୟତାରେ ଉଠାଯାଉଛି।

**ଫୁଲବାଣୀ/ଫିରିଙ୍ଗିଆ,୨୮।୫ (ରାକେଶ କୁମାର ରାଉତ/ବିକ୍ରମ ଦିଗାଲ)**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କାଳିଆ ସାହି ନିକଟ ବୁଲାଣି ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ 'ସାଲୁଙ୍କି' ନାମକ ଘରୋଇ ବସ ଓଲଟି ପଡ଼ିଛି। ଏଥିରେ କଣ୍ଡକ୍ଟର ଟୁଲୁ ପଟ୍ଟନାୟକ ଓ ଅନ୍ୟ ଜଣେ ଯାତ୍ରୀ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ସାରୁକୋଇ ଗାଁର ଅର୍ଜୁନ କହଁରଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଫିରିଙ୍ଗିଆ ପୋଲିସ, ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବସ ତଳେ କେତେଜଣ ଚାପି ହୋଇ ରହିଥିବା ଜଣାପଡିଛି। ଆହତମାନଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତରମାନଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ସାଲୁଙ୍କି ବସଟି ମୁନିଗୁଡ଼ାରୁ ଫୁଲବାଣୀ ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। କେଉଁ କାରଣରୁ ବସ ଓଲଟିଲା ତାହା ଜଣାପଡ଼ିନାହିଁ। କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସଡ଼ିପିଓ ସୁପ୍ରସନ୍ନ ମଲ୍ଲିକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଉପଶାସ୍ତ୍ରୀ ପରୀକ୍ଷା ଫଳାଫଳ ପ୍ରକାଶ: ପାସ୍ ହାର ୮୯.୮୩%




**ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ଦ୍ୱାରା ପରିଚାଳିତ ୨୦୨୪ ମସିହାର ଉପଶାସ୍ତ୍ରୀ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ଫଳାଫଳ ମଙ୍ଗଳବାର ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ସୂଚନା ଦେଇ କହିଛନ୍ତି, ଚଳିତବର୍ଷ ଫେବୃଆରୀ ୨୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୨୨ଗୋଟି ଜିଲାରେ ଥିବା ୧୬୬ ସଂସ୍କୃତ ମହାବିଦ୍ୟାଳୟର ପରୀକ୍ଷାର୍ଥୀମାନେ ୧୨୬ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ପରୀକ୍ଷା ନିମନ୍ତେ ମୋଟ ୮,୫୩୭ ପିଲା ଫର୍ମ କିଣିଥିଲେ। ତେବେ ପରୀକ୍ଷା ସମୟରେ ୯୯୭ଜଣ ଅନୁପସ୍ଥିତ ରହିଥିଲେ। ଫଳରେ ଚଳିତବର୍ଷ ମୋଟ ୭,୫୪୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬,୭୬୪ ଜଣ କୃତକାର୍ଯ୍ୟ ହୋଇଥିବାବେଳେ, ୭୬୫ ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଚଳିତ ବର୍ଷ ମୋଟ ପାସ୍ ହାର ଶତକଡା ୮୯.୮୩ ରହିଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୬,୭୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧,୯୯୦ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ, ଦ୍ୱିତୀୟ ଶ୍ରେଣୀରେ ୪,୦୧୬ ଓ ତୃତୀୟ ଶ୍ରେଣୀରେ ୬୮୦ ଜଣ ପାସ୍ ହୋଇଛନ୍ତି। ଅପରପକ୍ଷରେ କମ୍ପାର୍ଟମେଣ୍ଟାଲରେ ୭୮ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟାନ୍ୟ କାରଣବଶତଃ ୭ଜଣ ଓ ପରୀକ୍ଷା ସମୟରେ କପି କରି ୪ଜଣ ବିଦ୍ୟାର୍ଥୀଙ୍କ ପରୀକ୍ଷାଫଳକୁ ସ୍ଥଗିତ ରଖାଯାଇଛି। ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପାସ୍ ହାର ବୃଦ୍ଧି ପାଇଥିବା କୁଳପତି ପ୍ରଫେସର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ବସନ୍ତ କୁମାର ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକମାନେ ଉପସ୍ଥିତ ରହିଥିଲେ।

# ବ୍ରହ୍ମପୁର ପୁଣି ଅଶାନ୍ତ: ଦୋକାନରେ ଯୁବକଙ୍କୁ ହତ୍ୟା

**ବ୍ରହ୍ମପୁର,୨୮।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସହର ପୁଣି ଅଶାନ୍ତ ହୋଇଛି। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୮ଟାରେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ନିକଟରେ ଥିବା ଏକ ଟାଟୁ ଦୋକାନ ଭିତରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖଲାସି ସାହିର ଟୁନା ଦାସ (୩୮)। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ମୃତଦେହ ଏମକେସିଜିରେ ଥିବା ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଟୁନା ଟାଟୁ ଦୋକାନ ଭିତରେ ଥିବାବେଳେ କେତେଜଣ ଯୁବକ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ହଠାତ ଟୁନାଙ୍କୁ ଲୁହାଛଡ଼ ଓ ଅନ୍ୟାନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ ଶରୀରରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ତଳେ ଛଟପଟ ହେଉଥିବା ବେଳେ ଦୋକାନଟି ସମ୍ପୂର୍ଣ୍ଣ ରକ୍ତାକ୍ତ ହୋଇଯାଇଥିଲା। ଆକ୍ରମଣକାରୀମାନେ ଅଞ୍ଚଳରେ ଆତଙ୍କ ଖେଳାଇବା ସହ ଟାଟୁ ଦୋକାନ ଭିତରେ ଥିବା ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଟୁନାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜଣେ ତାମିଲ ମୁଖ୍ୟମନ୍ତ୍ରୀଙ୍କୁ...

ପ୍ରଥମ ପୃଷ୍ଠାରୁ...

କୃଷକମାନଙ୍କଠାରୁ କୁଇଣ୍ଟାଲ ପିଛା ଧାନ ୩୧୦୦ ଟଙ୍କାରେ କିଣାଯିବ। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୨ ବର୍ଷରେ ୫୦ହଜାର ଟଙ୍କାର ଭାଉଚର ପ୍ରଦାନ କରାଯିବ। ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କୁ ୧୦ ହଜାର ଟଙ୍କାର ବାର୍ଷିକ ଭତ୍ତା, ୧ ବର୍ଷରେ ଦେଢ଼ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ଚାକିରି ଦିଆଯିବ। ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରାରେ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣ କରାଯିବ। ସେଠାରେ ସାଢେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଯୁକ୍ତି ମିଳିବ। ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ ବାଲେଶ୍ୱରରେ ଷ୍ଟେଟ୍‌ଅଫ୍‌ଦିଆର୍ଟ ଆଇଟି ପାର୍କ ନିର୍ମାଣ ହେବ। ୧୫ ଲକ୍ଷ ଗରିବ ଲୋକଙ୍କୁ ଘର, ୨୬ ଲକ୍ଷ ବାକି ପରିବାରଙ୍କୁ ପାନୀୟ ଜଳ ଓ ୩୬ ହଜାର ଶଯ୍ୟାବିଶିଷ୍ଟ ଡାକ୍ତରଖାନା ନିର୍ମାଣ କରାଯିବ। ମହାପ୍ରଭୁଙ୍କ ରତ୍ନଭଣ୍ଡାରର ଯାଞ୍ଚ ରିପୋର୍ଟ ୧ ମାସ ମଧ୍ୟରେ ସାଧାରଣ ଲୋକଙ୍କୁ ଜଣାଇ ଦିଆଯିବ। ତେବେ ନକଲି ଚାବି ତିଆରି କରି ରତ୍ନଭଣ୍ଡାରର ଅଳଙ୍କାର ଆଦି କିଏ ନେଇଯାଇଛି ଏବଂ କିଏ ତାଙ୍କୁ ସୁରକ୍ଷା ଦେଉଛି ବୋଲି ମନ୍ତ୍ରୀ ଶାହା ପ୍ରଶ୍ନ କରିଛନ୍ତି। ଯିଏ ବି ରତ୍ନଭଣ୍ଡାରରେ ହାତ ଲଗେଇଛି ତାକୁ ଭାଜପା କଦାପି ଛାଡ଼ିବ ନାହିଁ ବୋଲି ଶାହା ଚେତାବନୀ ଦେଇଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ଭାରତର। ହେଲେ କଂଗ୍ରେସ କହୁଛି ପାକିସ୍ତାନ ପାଖରେ ଆଟମ୍ ବମ୍ ରହିଛି। ସେହି କଥା କୁହ ନାହିଁ। ମହାପ୍ରଭୁଙ୍କ ମାଟିରେ ପ୍ରତିଜ୍ଞା କରୁଛି, ପିଓକେ ଭାରତର, ଭାରତର ହୋଇ ରହିବ ଏବଂ ତାହାକୁ ନିଶ୍ଚିତ ଭାବେ ଅଧିକାର କରିବୁ ବୋଲି ଶାହା କହିଛନ୍ତି। ଦୀର୍ଘ ୫୦୦ ବର୍ଷ ପରେ ରାମମନ୍ଦିର ନିର୍ମାଣ ହୋଇଛି। ସମଗ୍ର ଦେଶ ରାମ ମହୋତ୍ସବ ପାଳନ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ଏବଂ ତାମିଲ ବାବୁ ଓଡିଆ ଲୋକଙ୍କୁ ଅଟକାଇବାକୁ ଉଦ୍ୟମ କରିଛନ୍ତି। ଯେଉଁମାନେ ରାମଭକ୍ତଙ୍କୁ ଅଟକାଇବାକୁ ଉଦ୍ୟମ କରିଛନ୍ତି, ସେମାନଙ୍କୁ ପୁଣି ଥରେ ସମର୍ଥନ ଦେବେ କି ବୋଲି ଶାହା ପ୍ରଶ୍ନ କରିଛନ୍ତି।

ସୁକିନ୍ଦା ଅଞ୍ଚଳରେ ବିପୁଳ ପରିମାଣର କ୍ରୋମାଇଟ ଗଚ୍ଛିତ ରହିଛି। ହେଲେ ଏଠାକାର ଆଦିବାସୀମାନେ ଭୋକରେ ମରୁଛନ୍ତି। ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ପ୍ରଧାନମନ୍ତ୍ରୀ ମୋଦି ଏହି ଅଞ୍ଚଳର ବିକାଶ ପାଇଁ ବିପୁଳ ଅର୍ଥ ଯୋଗାଇ ଦେଇଛନ୍ତି। ହେଲେ ସରକାରୀ ବାବୁମାନେ ଏହାକୁ ଚଳୁ କରି ଦେଇଛନ୍ତି। ତେଣୁ ଭାଜପା ସରକାର ଆସିଲେ ଖଣି ଖାଦାନରୁ ଆୟ ହେଉଥିବା ପାଣ୍ଠି ସଂପୃକ୍ତ ଅଞ୍ଚଳରେ ଖର୍ଚ୍ଚ କରାଯିବ । ଜିଲାର ବରୀ, ବିଞ୍ଝାରପୁର, ରସୁଲପୁର ଓ ବଡ଼ଚଣା ଅଞ୍ଚଳରେ ପ୍ରାୟ ପ୍ରତିବର୍ଷ ବନ୍ୟା ହୋଇଥାଏ। ହେଲେ ଭାଜପା ସରକାର ଜଳସେଚନ ଯୋଜନାରେ ସେହି ବନ୍ୟାପାଣିକୁ କୃଷକଙ୍କ କ୍ଷେତରେ ଜଳସେଚିତ କରାଯିବାର ବ୍ୟବସ୍ଥା କରିବ। ଖରସ୍ରୋତା ନଦୀରେ ମୋଟର ବେସ ବା ଜଳପଥ ପ୍ରକଳ୍ପ ମଞ୍ଜୁର ହୋଇଛି। କାମ ଆରମ୍ଭ ହୋଇଥିଲା, ହେଲେ କମିଶନ ନ ମିଳିବାରୁ ତାମିଲ ବାବୁ ଉକ୍ତ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ଜଳସେଚନ, ପାନୀୟଜଳ ଯୋଗାଣ ଇତ୍ୟାଦି ପ୍ରକଳ୍ପଗୁଡିକରେ ବ୍ୟାପକ ଦୁର୍ନୀତି ହୋଇଛି। ତେଣୁ ଭାଜପା ସରକାର ହେଲେ ଦୁର୍ନୀତିଖୋର ବାବୁମାନେ ଜେଲରେ ରହିବେ ବୋଲି ଶାହା କହିଛନ୍ତି।

ଓଡ଼ିଶାରେ ଗରିବ ଲୋକଙ୍କୁ ୫ କେଜି ଚାଉଳ ମୋଦି ସରକାର ଦେଉଛନ୍ତି। ହେଲେ ନବୀନ ସରକାର ନିଜର ଫଟୋ ଲଗାଇ ଖାଲି ବ୍ୟାଗ୍ ପ୍ରଦାନ କରିଥାନ୍ତି। ଫଟୋଲଗା ବ୍ୟାଗ୍‌ରେ କୌଣସି ଗରିବ ଲୋକଙ୍କ ପେଟ ପୂରିବନି, କିଛି ଚାଉଳ ଅଧିକ ଦେଇଥିଲେ ଗରିବ ଲୋକ ଭୋକରେ ରହୁ ନ ଥାଆନ୍ତେ। ନରେନ୍ଦ୍ର ମୋଦି ସରକାର ୭ ଲକ୍ଷ କୋଟି ଟଙ୍କା ଯୋଗାଇଦେଇ ଗରିବ ଲୋକଙ୍କୁ ଘର, ବିଜୁଳି, ପାଇଖାନା ଆଦି ଦେଇଛନ୍ତି। ହେଲେ ଏହିସବୁ ଯୋଜନା ଲୋକଙ୍କ ପାଖରେ ଠିକ୍‌ଭାବେ ପହଞ୍ଚିପାରିନାହିଁ। ତେଣୁ ଭାଜପା ସରକାର ଆସିଲେ ଓଡ଼ିଶାକୁ ଭାରତର ଏକ ନମ୍ବର ରାଜ୍ୟ କରାଯିବ ବୋଲି ଶାହା ପ୍ରତିଶ୍ରୁତି ଦେଇଛନ୍ତି। ସଭାରେ ଦଳର ଯାଜପୁର ଲୋକ ସଭା ପ୍ରାର୍ଥୀ ରବିନାରାୟଣ ବେହେରା, ଯାଜପୁର ବିଧାୟକ ପ୍ରାର୍ଥୀ ଗୌତମ ରାୟ, କୋରେଇ ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ, ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର, ଯତିନ ମହାନ୍ତି, ସଞ୍ଚିତା ମହାନ୍ତି, ସିପ୍ରା ବାଜପାୟୀ ପ୍ରମୁଖ ବକ୍ତବ୍ୟ ଦେଇଛନ୍ତି।

## କୁଟେଙ୍କୁ ନିଲମ୍ବନ କଲେ...

କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଜାରି ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ ମେ' ୪ ତାରିଖରୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ଛୁଟିରେ ଅଛନ୍ତି। ମାତ୍ର ସେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ କ୍ଷେତ୍ରସ୍ତରରୁ ବାରମ୍ବାର ଖବର ଆସୁଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରି ମେ' ୩୦ ତାରିଖ ସୁଦ୍ଧା ଆଶିଷଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କୁ କୁହାଯାଇଛି। ଏଥିସହ ଆଶିଷ କେଉଁସବୁ ରୋଗ ପାଇଁ ଚିକିତ୍ସିତ ହେଉଛନ୍ତି ତା'ର ବିସ୍ତୃତ ରିପୋର୍ଟ ମେ' ୩୧ ତାରିଖ ସୁଦ୍ଧା ପ୍ରଦାନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚିଲିକା ବିଧାୟକ ତଥା ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ ଇଭିଏମ୍ ମେଶିନ ଭଙ୍ଗା ମାମଲାର ତଦନ୍ତକୁ ଆଇନ ଅନୁସାରେ ତ୍ୱରିତ କରିବାକୁ ମଧ୍ୟ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୁପାରିସ ଓ ରିପୋର୍ଟ ଆଧାରରେ ନିର୍ବାଚନ କମିଶନ ଏହି ଦୁଇ ଆଇପିଏସ୍ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିର୍ବାଚନ ସମୟରେ ହେଉଥିବା ହିଂସାକାଣ୍ଡକୁ ରୋକିବା ସହ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ କମିଶନ ଏଭଳି ପଦକ୍ଷେପ ନେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଧନାଧିପ ଶୁକ୍ରଙ୍କ ସ୍ଥିତି ବିଭିନ୍ନ ବାଟରେ ଆର୍ଥିକ ଉନ୍ନତି ପାଇଁ ମାର୍ଗ ସୁଗମ କରିବ। କାର୍ଯ୍ୟ ହାସଲଜନିତ ମନରେ ପ୍ରଫୁଲ୍ଲତା ଭରି ରହିବା ସଙ୍ଗକୁ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମାରମ୍ଭ ପୂର୍ବରୁ ପରିସ୍ଥିତିକୁ ସାମ୍ନା କରିବା କଷ୍ଟକର ହେବ। କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା ସମସ୍ୟା ସମାଧାନ ହୋଇପାରିବ।

**ବୃଷ**
ରାଶିରେ ଶୁକ୍ରଙ୍କ ସହ ରବିଙ୍କ ସ୍ଥିତି ସୁସ୍ଥ ପାରିବାରିକ ଜୀବନ ସହ ବାଣିଜ୍ୟ କ୍ଷେତ୍ରକୁ ଉନ୍ନତ କରିବ। ଦିନଟିରେ ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଭାବପ୍ରବଣ ବଶତଃ ବନ୍ଧୁମେଳରେ ଗୁଡ଼ାଏ କଥା କହି ଅନ୍ୟମାନଙ୍କଠାରୁ ସହାନୁଭୂତି ହରାଇବେ।

**ମିଥୁନ**
କର୍ମସ୍ଥ ରାହୁ ସହ ମଙ୍ଗଳ ବିବାଦୀୟ ଘଟଣାରେ, ମାଲିମକଦ୍ଦମାରେ ପ୍ରତିବନ୍ଧକ ହଟାଇବ। ଉପରିସ୍ଥଙ୍କ ଅନୁକମ୍ପା ଲାଭ ସକାଶେ ଦିନଟି ଉପଯୁକ୍ତ ହେବ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ଅବାନ୍ତର ଯୁକ୍ତିର ସାମ୍ନା କରି ବହୁ ଚର୍ଚ୍ଚିତ ହୋଇପାରନ୍ତି। ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ସହ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ**
ତୃତୀୟ ବ୍ୟୟାଧିପ କର୍ମସ୍ଥାନରେ ଅବସ୍ଥାନ କରି ଶନିଦୃଷ୍ଟିରେ ଥିବାରୁ ନିଜର ଭଳି ମନେ ହେଉଥିବା ଲୋକଟି ସମସ୍ୟା ସୃଷ୍ଟି କରିପାରେ। ଚତୁର୍ଥଭାବକୁ ବୁଧଙ୍କ ଦୃଷ୍ଟି କୌଣସି ଜିନିଷ ବିକ୍ରୟ କରିବାର ଯୋଜନା କରିପାରନ୍ତି। ସାମାଜିକ ସ୍ତରରେ ଦକ୍ଷତା, ନିଜର କୃତି ଓ କୃତିତ୍ୱରୁ ସମ୍ମାନିତ ହେବେ।

**ସିଂହ**
ଭାଗ୍ୟାଧିପତି ଅଷ୍ଟମଭାବସ୍ଥ ଯୋଗୁ ଶିକ୍ଷା, ସନ୍ତାନ ଓ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ମନସ୍ତାପ କରିବାକୁ ପଡ଼ିପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ମଘା ନକ୍ଷତ୍ର କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହେବେ। କ୍ରୀଡା, ସଂଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କଲେ ସାମୟିକ ଆନନ୍ଦପ୍ରାପ୍ତି ହୋଇପାରେ।

**କନ୍ୟା**
ଚତୁର୍ଥାଧିପତି ସ୍ୱଭାବରୁ ଷଷ୍ଠସ୍ଥ ଯୋଗୁ କାର୍ଯ୍ୟ ସାଧନ ଲାଗି ସଂଘର୍ଷ କରିବାକୁ ପଡ଼ିବ। ଭିତିରିଆ ଉଦ୍ଦେଶ୍ୟ ସାଧନ ସକାଶେ ବନ୍ଧୁ ପ୍ରଶଂସାରେ ଶତମୁଖ ହେବେ। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବାକୁ ପଡ଼ିପାରେ। ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ ତଥାପି ଉନ୍ନତ ଚିନ୍ତା ଓ ସେବା ମନୋଭାବରୁ ପ୍ରଶଂସିତ ହେବେ।

**ତୁଳା**
କର୍ମାଧିପଙ୍କ କର୍ମସ୍ଥାନକୁ ଦେଖୁଥିବାରୁ ମନ ଅନୁଯାୟୀ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। ପଡ଼ୋଶୀ କିମ୍ବା ପ୍ରିୟଜନଙ୍କ ସାହାଯ୍ୟ କାର୍ଯ୍ୟ ସାଧନରେ ସହାୟକ ହେବ। ଉପରିସ୍ଥଙ୍କ ଅନୁକମ୍ପାରୁ ଦୀର୍ଘ ଦିନର ଯୋଜନାକୁ ବାସ୍ତବ ରୂପ ଦେବେ। ଆଜିର ଦୂରଯାତ୍ରା ଶୁଭପ୍ରଦ ହେବ କିନ୍ତୁ ଅପରାହ୍ନରେ ବ୍ୟସ୍ତତା ବୃଦ୍ଧି ଘଟିପାରେ।

**ବିଛା**
ଆଜିର ତୃତୀୟସ୍ଥ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ରାହୁଯୁକ୍ତ ରାଶ୍ୟାଧିପତି ଯୋଗୁ ଯାହା କରୁଛନ୍ତି ଭାବିଚିନ୍ତି କରିବା ଭଲ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ଅବଶ୍ୟ ହେବେ। କଳା ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ମୁଖଭାବରେ ଚନ୍ଦ୍ରଙ୍କ ପ୍ରଭାବରୁ ମିଠାକଥାରେ ଅନ୍ୟମାନଙ୍କ ବିଶ୍ୱାସଭାଜନ ହେବେ। ଆଜି ଯେଉଁ କାମରେ ହାତ ଦେଇଛନ୍ତି, ତାହା ପୂରଣ ହେବ। ଚଳନ୍ତା ଗାଡ଼ିରେ ଜଣେ ଅଜଣା ବ୍ୟକ୍ତିଙ୍କୁ ବିଶ୍ୱାସ କରି ସଙ୍କଟଜନକ ପରିସ୍ଥିତିରେ ପଡ଼ିବାର ସୂଚନା ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର**
ଶନିକ୍ଷେତ୍ରସ୍ଥ ଉତ୍ତରାଷାଢା ନକ୍ଷତ୍ରର ଚନ୍ଦ୍ର ଅଧିକାଂଶ ସମୟ ଡିପ୍ରେସନରେ ରଖିପାରେ। ଶ୍ରବଣା ନକ୍ଷତ୍ର ଯାତ୍ରା, ବାଣିଜ୍ୟ, ହାତକୁ ନେଇଥିବା କାମ, କଚେରି ମାମଲା କ୍ଷେତ୍ରରେ ସଫଳତା ମିଳିବ। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀ ପ୍ରଶଂସା କରିବେ।

**କୁମ୍ଭ**
ଯେତେ ଭଲ କାମ କଲେ ମଧ୍ୟ ସବୁ କାମରେ କିଛିଟା ସମସ୍ୟାଜନିତ ମନ ଭାରାକ୍ରାନ୍ତ ରହିବ। ପଦମର୍ଯ୍ୟାଦା ବୃଦ୍ଧି ସଙ୍ଗକୁ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଆର୍ଥିକ ସ୍ଥିତି ଭଲ ରହିବ। ଜିଦ୍‌ଖୋର ପ୍ରବୃତ୍ତି ତ୍ୟାଗକରି କୌଶଳ ପ୍ରୟୋଗ କରି କାମ କଲେ ହାସଲରେ ସମର୍ଥ ହେବେ।

**ମୀନ**
ଦ୍ୱିତୀୟସ୍ଥ ବୁଧ ପ୍ରଭାବରେ ସତ୍ୟଭାଷଣଜନିତ ସମସ୍ୟା ଆସିବା ସୂଚନା ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ମତାନ୍ତର ଘଟିବାଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ସଭାସମିତିରେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ମେ ୨୯ ତାରିଖ, ଶ୍ରୀକ୍ଷେତ୍ରେ ଭଉଁରି, ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ବୁଧବାର, ରାଶି ନକ୍ଷତ୍ର-ଦିବା ଘ.୦୮.୩୮ମି. ଗତେ ଧନିଷ୍ଠା/ମକର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୪୮ ମି. ଗତେ ଘ.୦୮.୨୭ମି. ମଧ୍ୟେ, ଘ.୧୦.୦୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁକାଳ।

# ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ବେଗୁନିଆ,୨୮।୫(ହର ପ୍ରସନ୍ନ ପଣ୍ଡା)

**ବେଗୁନିଆ ବ୍ଲକ୍**

- ହେଉନି ସ୍ଥାୟୀ ଜଳସେଚନ ବ୍ୟବସ୍ଥା
- ସରକାରୀ ପ୍ରୋତ୍ସାହନ ବାଟବଣା
- ବହୁ ଚାଷୀ ପରିବାର ଗରିବ

ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ବହୁ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚାଷୀଙ୍କ ରୋଜଗାର ପନ୍ଥାକୁ ସଶକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ସ୍ୱତନ୍ତ୍ର ବଜେଟ ସ୍ଥିର କରାଯାଉଛି। ଏହା ସତ୍ତ୍ୱେ ଚାଷୀ ପରିବାର ଗରିବ ହୋଇ ରହିଛନ୍ତି। ୨୦୧୯ରେ ସରକାରଙ୍କ ଦ୍ୱାରା ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍‌ଓ) ଏବଂ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ (ଏନ୍‌ଏସ୍‌ଓ) ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ବହୁ ଗରିବ ଚାଷୀ ଅଛନ୍ତି ବୋଲି ଜଣାପଡିଥିଲା। ଉକ୍ତ ଅଞ୍ଚଳର ବହୁ ଚାଷୀ ପରିବାର କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛନ୍ତି। ଅନ୍ୟପକ୍ଷରେ ବ୍ଲକ କୃଷି ବିଭାଗର ଅବହେଳାରୁ ସ୍ଥାନୀୟ ଅଞ୍ଚଳରେ ବଢୁନି ସମନ୍ୱିତ ଚାଷ। ଜମି ସଙ୍କୁଚିତ ହେବା ସହ ପଡୁଛି ପଡ଼ିଆ।

ସୂଚନାଥାଉ କି, ଏହି ବ୍ଲକରେ ୮୦% ଚାଷୀ କୃଷି ଉପରେ ନିର୍ଭର କରିଥାନ୍ତି। ୨୦୧୨ରୁ ବେଗୁନିଆ ବ୍ଲକ ଚାଷୀଙ୍କ ଫସଲ ଉପରେ କ୍ରମାଗତ ଭାବେ ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପ ବୃଷ୍ଟି, ଅଦିନିଆ ବର୍ଷା, ସାମୁଦ୍ରିକ ଝଡ଼ ସହିତ ରୋଗ ପୋକଙ୍କ ପ୍ରାଦୁର୍ଭାବ ଲାଗି ରହିଛି। ଏଭଳି ସ୍ଥିତିରେ ସରକାରୀ ପ୍ରୋତ୍ସାହନ, ଜଳସେଚନ ଓ ବିଭିନ୍ନ ଯୋଜନାର ସୁଫଳ ପାଉନାହାନ୍ତି ଚାଷୀ। ଫଳରେ ବହୁ ଚାଷୀ ଚାଷରୁ ମୁହଁ ଫେରାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏପରିକି ଚାଷୀ ଅନ୍ୟ ରାଜ୍ୟରେ ନିର୍ଯାତିତ ହେଲେ ମଧ୍ୟ ଭିଟାମାଟିକୁ ଫେରି ଚାଷକୁ ଗୁରୁତ୍ୱ ଦେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହାର ସ୍ଥାୟୀ ସମାଧାନ କ୍ଷେତ୍ରରେ କୃଷି ବିଭାଗ ପକ୍ଷରୁ କୌଣସି ପ୍ରୟାସ କରାଯାଉ ନାହିଁ ବୋଲି ବିଗତ ସମିତି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଅଞ୍ଚଳରେ ଏପର୍ଯ୍ୟନ୍ତ ସ୍ଥାୟୀ ଜଳସେଚନ ବ୍ୟବସ୍ଥା ହୋଇନାହିଁ। ସେହିପରି ପିଏମ୍ କିଷାନ, କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ କେତେଜଣ ଚାଷୀ ବାଦ୍ ପଡିଛନ୍ତି। ଧାନ ଓ ଅଣଧାନ ଫସଲ ଉପରେ ପ୍ରାକୃତିକ ଦୁର୍ବିପାକ ପଡ଼ିଲେ କ୍ଷତିଗ୍ରସ୍ତ ଚାଷୀ ଚୟନ କରାଯାଇ ସହାୟତା ଯୋଗାଇ ଦିଆଯାଏ। ହେଲେ ପୂର୍ବରୁ ହୋଇଥିବା ସାମୁଦ୍ରିକ ଝଡ 'ଜୱାଦ' ସହାୟତାରୁ ପ୍ରାୟ ୩୦% ଚାଷୀ ବାଦ୍ ପଡିଥିଲେ। ସେହିପରି ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ଚାଷୀ ଧାନ ଦେଇ ନ ପାରି ଦଲାଲଙ୍କ ଜରିଆରେ ବାହାର ରାଜ୍ୟର ବେପାରୀଙ୍କୁ ବିକ୍ରି କରୁଥିବା ନଜିର ରହିଛି। ଏଭଳି ସମସ୍ତ ଅସୁବିଧାର ସମ୍ମୁଖୀନ ହୋଇ ଚାଷରୁ ମୁହଁ ଫେରାଉଥିବା ଚାଷୀଙ୍କ ନିକଟତର କୃଷି ବିଭାଗ ହୋଇପାରୁନାହିଁ ବୋଲି ସମିତି ସଭ୍ୟମାନେ କହିଥିଲେ। ଅନ୍ୟପକ୍ଷରେ କୃଷି ବିଭାଗ ପକ୍ଷରୁ ଫସଲ ଅମଳ ଉପରେ କିମ୍ବା ବିଭିନ୍ନ ଉପାଦେୟତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଗ୍ରାମରେ ଆୟୋଜନ କରାଯାଉନାହିଁ। ଧାନ ଓ ଅଣଧାନ ଫସଲ ଉପରୁ ଚାଷୀ ମୁହଁ ଫେରାଇଲେ ମଧ୍ୟ ଏହାର ପ୍ରତିକାର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ଏଥିରେ ଅର୍ଥକରୀ ଫସଲ ପରିବା, ତୈଳବୀଜ, ଫଳ ଫୁଲ ଚାଷ ଆଦି ରହିଛି। ସେହିପରି ମହୁ, କୁକୁଡ଼ା, ଗୁଣ୍ଡୁରି ପକ୍ଷୀ ଆଦି ଚାଷ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଫସଲରେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ମୃତ୍ତିକା ନଷ୍ଟ ହେଉଛି। ଜୈବିକ ସାର ପ୍ରଣାଳୀ ଉପରେ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉନାହିଁ ବୋଲି ସିକୋ, ଗଡ଼ମାଣତିର, ହଜ୍ ଆଦି ପଞ୍ଚାୟତର ସମିତି ସଭ୍ୟମାନେ ବିଗତ ଦିନରେ ଦାବି ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ଚାଷୀ ଓ ଚାଷ ଉପରେ ବିଭାଗ ସର୍ବଦା ଗୁରୁତ୍ୱ ଦେଇଆସିଛି।

## ସଂକ୍ଷେପରେ

### ଯୁକ୍ତ ୨ କଳାରେ ସଂସ୍କୃତି ମହାପାତ୍ର ଓଡ଼ିଶାରେ ୫ମ



ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ସଂସ୍କୃତି ମହାପାତ୍ର ଓଡ଼ିଶାରେ ଯୁକ୍ତ ୨ କଳାରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୫୫୪ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ପ୍ରକାଶ ଯେ, ସଂସ୍କୃତି ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ ସେ ତୃତୀୟ, ପଞ୍ଚମ, ଅଷ୍ଟମ ଏବଂ ଦଶମ ଶ୍ରେଣୀରେ ସରକାରୀ ବୃତ୍ତି ମଧ୍ୟ ପାଇଥିଲେ। ସେ ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ରୀ ହୋଇଥିବା ବେଳେ ଦଶମ ଶ୍ରେଣୀରେ ମଧ୍ୟ ୯୧ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ସଂସ୍କୃତି ବାଣପୁର ଅଞ୍ଚଳର ଆଇନଜୀବୀ ସନ୍ଦୀପ କୁମାର ମହାପାତ୍ର ଓ ସରିତା ମହାପାତ୍ରଙ୍କ କନିଷ୍ଠ କନ୍ୟା। ତେବେ ସଂସ୍କୃତିଙ୍କ ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ହାତୀ ଆକ୍ରମଣରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ବେଗୁନିଆ,୨୮।୫(ସନ୍ଧ୍ୟାରାଣୀ ମିଶ୍ର)

ହାତୀ ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିବା ବେଗୁନିଆ ବ୍ଲକ ଅନ୍ତର୍ଗତ ଓଗାଳପୁର ଗ୍ରାମର ବୈକୁଣ୍ଠ ରାଉତରାୟ (୭୯)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଗତ ୧୮ ତାରିଖ ଅପରାହ୍ନ ସାଢ଼େ ୫ଟାରେ ବୈକୁଣ୍ଠ ଗ୍ରାମ ନିକଟ କାଜୁ ବଗିଚାକୁ ଯାଇଥିଲେ। ବଗିଚାରେ ବୁଲୁଥିବା ହାତୀପଲଙ୍କ ମଧ୍ୟରୁ ଗୋଟିଏ ହାତୀ ଆସି ବୈକୁଣ୍ଠଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଲୋକେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ସହିତ ବୈକୁଣ୍ଠଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଜିଲାରେ ଏ୧ରେ ୧୭୩

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷାରେ ଖୋର୍ଦ୍ଧା ଜିଲା ରାଜ୍ୟରେ ସର୍ବୋଚ୍ଚ ସଫଳତା ହାର ରହିଛି। ଜିଲାରେ ୨୭,୭୬୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ଏ୧ରେ ୧୭୩, ଏ୨ରେ ୭୫୦, ବି୧ରେ ୨୨୮୮, ବି୨ରେ ୪୧୮୨, ସିରେ ୭୪୧୧, ଇରେ ୫୨୯୧ଜଣ ପାସ୍ କରିଥିବା ବେଳେ ୨୫୮ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ୧୨୯ ବିଦ୍ୟାଳୟର ସଫଳତା ହାର ଶତପ୍ରତିଶତ ରହିଛି।



ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ମା'ବଘେଇଙ୍କ ବାର୍ଷିକୋତ୍ସବ, ବିଶ୍ୱଶାନ୍ତି ଯଜ୍ଞ

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଧଉଳିମୁହଁ ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ଇଷ୍ଟଦେବୀ ମା'ବଘେଇଙ୍କ ଏକାଦଶତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୭ ତାରିଖରେ ଅଙ୍କୁରାରୋପଣ ହେବା ପରେ ମଙ୍ଗଳବାର ଗ୍ରାମର ଶତାଧିକ ମାନସିକଧାରୀ ପୁରୁଷ ଓ ମହିଳା ଏକତ୍ର ହୋଇ ପୁଷ୍କରିଣୀରୁ ଜଳ ଆଣି ଗ୍ରାମ ଶୋଭାଯାତ୍ରା କରି ମା'ଙ୍କ ପୀଠକୁ ଆସିଥିଲେ। ପରେ ଶାଳାମଣ୍ଡନ, ସୂର୍ଯ୍ୟପୂଜା, ସର୍ବଦେବୀ ଆବାହନ ଅଗ୍ନିସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରେ ସମସ୍ତ ମାନସିକଧାରୀ ଓ ଅନ୍ୟାନ୍ୟ ଶ୍ରଦ୍ଧାଳୁ ଯଜ୍ଞ ନାରାୟଣଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ବିଶ୍ୱର କଲ୍ୟାଣ, ସୁଖଶାନ୍ତି ପାଇଁ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ସମୟରେ ଭଜନ କୀର୍ତ୍ତନ ସହିତ ହରିନାମ ଜପ ଓ ରାତିରେ ଶ୍ରୀରାମ ନାଟକ ପରିବେଷଣ କରାଯାଇଥିଲା। ଏହି ଯଜ୍ଞରେ କର୍ତ୍ତାଭାବେ ଗ୍ରାମର ବିଜୟ କୁମାର ସାହୁ, କର୍ତ୍ତ୍ରୀ କୁମୁଦିନୀ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।



କଣ୍ଟାବଣିଆରେ ଅନୁଷ୍ଠିତ ଯଜ୍ଞ ଉତ୍ସବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ଏବଂ ଅନ୍ୟମାନେ।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ,୨୮।୫(ରଘୁନାଥ ସାହୁ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି। ଟାଙ୍ଗୀ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ପାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ଛାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର ୫୬୩ ମାର୍କ ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ସେହି ବିଦ୍ୟାଳୟର ଦେବାଶିଷ ବେହେରା ୫୫୨ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। କମାଗୁରୁ ଉଚ୍ଚ ବିଦ୍ୟାଳୟର ଅଂଶୁମାନ ଗୁମାନସିଂ ୫୫୨, ସୂର୍ଯ୍ୟକାନ୍ତ ବେହେରା ୫୪୪, ସଙ୍ଗୀତା ସାହୁ ୫୪୦, ବାଲିପାଟପୁର ରିଫ୍ୟୁଜି ଉଚ୍ଚ ବିଦ୍ୟାଳୟର ପୁଷ୍ପାଞ୍ଜଳି ପରିଡ଼ା ୫୪୯, ସ୍ୱରୂପା ପାତ୍ର ୫୪୦, ସୁନ୍ଦରପୁର ପଦ୍ମକୁମୁଦ ବିଦ୍ୟାନିକେତନର ଅଙ୍କିତା ପ୍ରଧାନ ୫୪୨, ରୂପଶ୍ରୀ ରୂପସ୍ମିତା ୫୪୦, ନିରାକାରପୁର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ବନ୍ଦିତା ସାହୁ ୫୪୦ ମାର୍କ ରଖି ଏ-୧ ଗ୍ରେଡ୍‌ରେ ପାସ କରି ବିଦ୍ୟାଳୟର ସମ୍ମାନକୁ ଗୌରବାନ୍ୱିତ କରିଥିବାରୁ ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁଲତା ବେହେରା, ସିଆର୍‌ସିସି ପ୍ରସନ୍ନ ପାଇକରାୟ, ଅମିତ୍ କୁମାର ଚକ୍ରବର୍ତ୍ତୀ, ପ୍ରସନ୍ନ ଶ୍ରୀଚନ୍ଦନ, ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ପ୍ରିୟଙ୍କା ରାଉତ, ଭବାନୀ କୁମାରୀ ମହାରଣା, ମଧୁସୂଦନ ମହାପାତ୍ର, ବଳରାମ ଦେବ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଗଣେଶ ବାରିକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ମାଧବ ମହାରଣା ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୨୮।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ମଧୁସୂଦନ ସୁବୁଦ୍ଧି ଯୋଗଦେଇ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଋତୁସ୍ରାବ ଜନିତ ସମସ୍ୟା ଓ ପ୍ରତିଷେଧ ମୂଳକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଫାର୍ମାସିଷ୍ଟ ଗୌତମ ସାମନ୍ତରାୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ।

## ମହିଳାଙ୍କଠାରୁ ଲୁଟିନେଲେ ସୁନାଚେନ୍

ବାରଙ୍ଗ,୨୮।୫(ଲିଙ୍ଗରାଜ ରାଉତ)

ଜଣେ ବୟସ୍କା ମହିଳାଙ୍କ ବେକରୁ ୨ ଦୁର୍ବୃତ୍ତ ଦେଢ଼ ଲକ୍ଷ ଟଙ୍କାର ସୁନାଚେନ୍ ଛିଣ୍ଡାଇ ନେଇଥିବା ମଙ୍ଗଳବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରଘୁନାଥପୁର ଗାଁର ସୌଦାମିନୀ ପଢ଼ିହାରୀ (୭୮) ଅପରାହ୍ନ ସାଢେ ୪ଟା ସମୟରେ ନିଜ ଘର ବାରଣ୍ଡାରେ ବସିଥିଲେ। ସେହି ବାରଣ୍ଡାକୁ ଲାଗି ତାଙ୍କ ପୁଅ କରିଥିବା ଦୋକାନକୁ ୨ ଜଣ ଯୁବକ ଆସି ସିଗାରେଟ ପାଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣେ ଗାଁ ଭିତରକୁ ଯାଇଥିବାବେଳେ ଅନ୍ୟ ଜଣଙ୍କ ବାଇକ୍ ପାଖରେ ଛିଡ଼ା ହୋଇଥିଲେ। ସେହି ସମୟରେ ସୌଦାମିନୀଙ୍କ ନାତୁଣୀ ଘରୁ ବାହାରକୁ ଆସୁଥିବାବେଳେ ତା' ପାଟି ଶୁଣି ସେ ପଛକୁ ଅନାଇଥିଲେ। ଗାଁ ଭିତରକୁ ଯାଇଥିବା ଯୁବକ ଜଣଙ୍କ ତାଙ୍କ ବେକରୁ ସୁନାଚେନ୍‌କୁ ଛିଣ୍ଡାଇ ନେଇଥିଲେ। ସୌଦାମିନୀଙ୍କ ବେକରେ ଆଘାତ ଲାଗିବା ସହ ମୁଣ୍ଡ କବାଟରେ ବାଡେଇ ହୋଇ ଆଘାତ ଲାଗିଥିଲା।

## ଫାଇନାଲରେ ଓଡ଼ିଶା

**ଜାତୀୟ ସବ୍‌ଜୁନିୟର ଟେନିସ୍ ବଲ କ୍ରିକେଟ**





ଖୋର୍ଦ୍ଧା,୨୮।୫ (ପ୍ରଭାତ ପାଣିଗ୍ରାହୀ)

ଗୁଜରାଟର ଅହମଦାବାଦଠାରେ ଚାଲିଥିବା ୨୯ତମ ଜାତୀୟ ସବ୍‌ଜୁନିୟର ଟେନିସ୍ ବଲ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଫାଇନାଲକୁ ଉନ୍ନୀତ ହୋଇଛି। ଦଳ କ୍ୱାର୍ଟର ଫାଇନାଲରେ ଗୁଜରାଟକୁ ହରାଇବା ପରେ ସେମିଫାଇନାଲରେ ପୂର୍ବାଞ୍ଚଳ ଦଳକୁ ୬ ରନରେ ପରାସ୍ତ କରିଛି। ଏହି ମ୍ୟାଚରେ ଆଶିଷ ମଲିକ ଏବଂ ଲିପିସନ ଦିଗଲ ଯଥାକ୍ରମେ ପ୍ଲେୟର ଅଫ୍ ଦ ମ୍ୟାଚ ଏବଂ ବେଷ୍ଟ ବୋଲର ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ବୁଧବାର ଫାଇନାଲ ମ୍ୟାଚ୍ ଓଡ଼ିଶା ଓ ଉତ୍ତରପ୍ରଦେଶ ଟିମ୍ ମଧ୍ୟରେ ହେବ। ଓଡ଼ିଶା ଦଳର ଏହି ପ୍ରଦର୍ଶନକୁ ନେଇ କୋଚ୍ ରଞ୍ଜନ ନାୟକ ଏବଂ ଟି. ଦିଲେଶ୍ୱର ରାଓଙ୍କୁ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, ସହ ସମ୍ପାଦକ ସୋମନାଥ ପରିଡା, କୋଷାଧ୍ୟକ୍ଷ ଅଶୋକ ଦାସ, ଯୁଗ୍ମ ସମ୍ପାଦକ ସଞ୍ଜୟ ବିଶୋଇ, ସୁନୀଲ କୁମାର ମହାରଣା, ଚକ୍ରଧର ମାଝୀ, ପଙ୍କଜ ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ୩ ରଥର ସମସ୍ତ ସାଲ ଗୁଜ, ଟୀଖ ଗୁଜ କାର୍ଯ୍ୟ ଜାରି

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ବୁଧବାର ଭଉଁରୀ ନୀତି ଥିବାରୁ ରଥ ସଂହିତା ଅନୁଯାୟୀ ସକାଳ ଧୂପ ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ୩ ରଥର ୨ଗୋଟି ଚକ ସହ ଗୋଟିଏ ଗୋଟିଏ ଅଖ ସଂଯୋଗ କରାଯିବାର ବିଧି ରହିଛି। ତେଣୁ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶକ୍ରମେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ରଥ ନିର୍ମାଣର ଅଷ୍ଟାଦଶ ଦିବସରେ ତିନି ରଥର ନିର୍ମାଣକାରୀ ସେବକମାନେ ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ ମତେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୩ ରଥର ୧୬ଗୋଟି ଚକ ନିର୍ମାଣ ଶେଷ ହୋଇଥିବାବେଳେ ମଙ୍ଗଳବାର ୩ରଥର ଆଉ ଦୁଇଟି ଲେଖାଏ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନୋଟି ଲେଖାଏ ତୁମ୍ବରେ ଅର ସଂଯୋଗ ପୂର୍ବକ ଯନ୍ତାଗାଡ଼ଠାରେ ତୁମ୍ବ ଆରରେ କଣ୍ଟା ବାଡିଆ ବା ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଭୋଇ ସେବକମାନେ ଶେଷକରି ଅଖବିନ୍ଧ ପାଇଁ ରଥ ଚାଳିକୁ ଯୋଗାଇଥିବା ସିଙ୍ଗଡ଼ା ତୁମ୍ବଗୁଡ଼ିକରେ ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ଅଖବିନ୍ଧ ପରେ ତିନି ରଥର ମହାରଣା ସେବକମାନେ ମାପ ପ୍ରକାରେ ସାଲ କାର୍ଯ୍ୟ ଶେଷ କରିଛନ୍ତି। ପରେ ତିନି ରଥର ମହାରଣା ସେବକମାନେ ଦୁଇ ଦୁଇଟି ଚକ ପ୍ରସ୍ତୁତ ପାଇଁ ୮ ଟି ଲେଖାଏ ପଇ ବିନ୍ଧ ଶେଷ କଲାପରେ ତିନି ରଥର ଦୁଇ ଦୁଇଟି ସିଙ୍ଗଡ଼ାରେ ପଇ ସଂଯୋଗ ଶେଷ ହୋଇଛି। ଏହା ପରେ ପଇରେ କିଳା ଗାଡିଆ ବା ବିଲେଇ ବାଡିଆ ହୋଇ ପଇ କଳସା ଜାରି ରହିଛି। ରଥ ଖଳାରେ ସ୍ଥାନାଭାବ ଯୋଗୁଁ ଅଧିକ ଚକ ନିର୍ମାଣ କରି ରଖିବା ସମ୍ଭବ ହେଉ ନାହିଁ। ତେଣୁ ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ପରେ ନିର୍ମାଣ ସରିଥିବା ଚକଗୁଡ଼ିକୁ ବିଧିମତେ ବାହାରକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯିବ ବୋଲି ସୂଚନା ଦିଆଯାଇଛି। ସନ୍ଧ୍ୟା ସୁଦ୍ଧା ତିନି ରଥର ସମସ୍ତ ସାଲ ଗୁଜ, ଟୀଖ ଗୁଜ, ଜଳଯନ୍ତ୍ର, କୁତୁକା, ଦୁଇଟି ଲେଖାଏ ଓରା ଏବଂ ଗୋଟିଏ ଲେଖାଏ ସିଂହାସନ ନିର୍ମାଣ ଶେଷ କରିଛନ୍ତି। ଏଥିସହ ରଥର ପ୍ରଭା ଅପସରା ଚଉପଟ କାର୍ଯ୍ୟ ଜାରି ରହିଛି।

## ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଖୋର୍ଦ୍ଧା ଷ୍ଟାଡିୟମ୍‌ଠାରେ ଦୁଇଦିନ ଧରି ଚାଲିଥିବା ୨୮ତମ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୧୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ଓ ବାଳିକା ବର୍ଗର ୧୦୦ମି., ୨୦୦ମି., ୪୦୦ମି, ୬୦୦ମି., ୮୦୦ମି, ୧୫୦୦ମି, ୩୦୦୦ମି, ୫୦୦୦ମିଟର ଦୌଡ ସହିତ ଡିସ୍କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ, ଲମ୍ଫଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାକୁ ଜିଲା କ୍ରୀଡ଼ା ସଂସଦର ସଭ୍ୟମାନେ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଆସନ୍ତା ଜୁନ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡା ସଂସଦର ସଭ୍ୟ ଜ୍ୟୋତିପ୍ରକାଶ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡାନିଏଲ୍ ନାୟକ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ସଂସଦର ବରିଷ୍ଠ ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପ୍ରତିଭା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଶିବପ୍ରସାଦ ପଟ୍ଟନାୟକ, ପ୍ରେମାନନ୍ଦ ବରାଳ, ଦିଲୀପ କୁମାର କର, ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ମନୋରଞ୍ଜନ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



ପ୍ରତିଯୋଗିତାରେ ଯୋଗଦେଇଥିବା ଖେଳାଳିମାନେ।

# ଆଜି ଶ୍ରୀକ୍ଷେତ୍ର ଭଉଁରି, ଚକ ଡେରା

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସ ବୁଧବାର ଶ୍ରୀକ୍ଷେତ୍ର ଭଉଁରି ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ରଥ ସଂହିତା ଅନୁଯାୟୀ ରଥ ଖଳାରେ ପରମ୍ପରା ମୁତାବକ ତିନିରଥର ପ୍ରତ୍ୟେକ ଦୁଇଟି ଚକ ସହ ଗୋଟିଏ ଅଖ ସଂଯୋଗ କରାଯିବ, ଯାହାକୁ ଚକଅଖ ଡେରା ନୀତି କୁହନ୍ତି। ଏଥିପାଇଁ ବିଶ୍ୱକର୍ମା ମହାରଣାମାନେ ୬ଟି ଚକ ଓ ତିନୋଟି ଅଖ ପ୍ରସ୍ତୁତ କରି ରଖିଛନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ତିନିବାଡର ପୂଜାପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାକୁ ଆସିବେ। ଆଜ୍ଞାମାଳ ପ୍ରଦାନ ପରେ ସେଠାରେ ଭୋଇ ସେବକମାନେ ଚକ ଅଖ ଡେରା କାର୍ଯ୍ୟ ସମ୍ପନ୍ନ କରି ନିୟମ ଅନୁଯାୟୀ ପ୍ରଥମ ହରିବୋଲ ପକାଇବେ। ସେହିପରି ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ। ପରେ ଦିନ ଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରରେ ଥିବା ଚନ୍ଦନ କୁଣ୍ଡକୁ ବିଜେ କରିବେ। ପରେ ବେଶ ହୋଇ ଭୋଗ ମଣୋହି ହେବେ। ପରେ ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରି ପାଇଁ ଚାପ ଡଙ୍ଗାକୁ ବିଜେ କରିବେ। ପୁଷ୍କରିଣୀର ସମସ୍ତ କୋଣରେ ଏବଂ ଦିପିଦାଣ୍ଡି ନିକଟରେ ଚାପ ଡଙ୍ଗା ୨୧ ଘେରା ଲେଖାଏଁ ବୁଲିବ। ଏହାକୁ ଭଉଁରି ବୋଲି କୁହାଯାଇଥାଏ। ତେବେ ମହାପ୍ରଭୁଙ୍କ ଭଉଁରି ଯାତ୍ରାକୁ ନେଇ ଶ୍ରମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ଶ୍ରୀମନ୍ଦିର ଦ୍ୱାର ରାତ୍ର ୩ଟାରେ ଫିଟା ଯିବ।


ମଣି ବିମାନରେ ଭୂଦେବୀ, ଶ୍ରୀଦେବୀଙ୍କ ସହ ମଦନମୋହନ ନୌକାବିହାର ପାଇଁ ଚନ୍ଦନ ପୁଷ୍କରିଣୀକୁ ଯାଉଛନ୍ତି ।

## ସଂକ୍ଷେପରେ

### ଜଙ୍ଗଲବରିରେ ବିଜେଡିର ଭୋଟ ଭିକ୍ଷା

ଯୋଗେଶ୍ୱରପୁର,୨୮।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବରି ପଞ୍ଚାୟତରେ ମଙ୍ଗଳବାର ବିଜେଡି ପକ୍ଷରୁ ଭୋଟ ଭିକ୍ଷା କରାଯାଇଛି। ସଭାପତି କାହ୍ନୁଚରଣ ସାହୁ, କାର୍ଯ୍ୟକାରୀ ସଭାପତି କୈଳାସ ସାହୁ, ୱାର୍ଡ ସଭ୍ୟ ମୁନା କାଣ୍ଡି, କାର୍ତ୍ତିକ ବେହେରା, ପରମା ପାତ୍ର, ଜୁଲୁ ସାହୁ, ଲୋଚନ ପାତ୍ର, ରିଣ୍ଟୁ ମହାପାତ୍ର, କାନନ ଓଝା ପ୍ରମୁଖଙ୍କ ନେତୃତ୍ୱରେ ମଧୁବନ କୁମାରୀ ଓ ଜଳଧାରୀ ନୂଆପାଟଣା ଗ୍ରାମରେ ବୁଲି ଭୋଟରଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଜୁଲାଇ ୧ରୁ ୧୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ ଓ ପିଲା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରଙ୍କ ସବୁ କ୍ଷେତ୍ରରେ ସହାୟତା ସାଙ୍ଗକୁ ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡରେ ମାଗଣା ଚିକିତ୍ସା ପାଉଥିବା ସମ୍ପର୍କରେ ଭୋଟରଙ୍କୁ ବୁଝାଇଥିଲେ।

### ଚାଲି ଚାଲି ରୋଜାଲିନ୍‌ଙ୍କ ପ୍ରଚାର

ଗୋପ,୨୮।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଜୁନ୍ ୧ରେ ଶେଷ ପର୍ଯ୍ୟାୟ ନିର୍ବାଚନ ଥିବାବେଳେ ନିମାପଡ଼ା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ରୋଜାଲିନ୍ ପ୍ରଧାନ ଚାଲି ଚାଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ରୋଜାଲିନ୍ ଦୀର୍ଘ ବର୍ଷ ଧରି ଏକ ସ୍ୱେଚ୍ଛାସେବୀ ସଂଗଠନରେ କାର୍ଯ୍ୟ କରୁଛନ୍ତି। ସେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ତାଙ୍କ ପ୍ରଚାର ଚଳାଇଛନ୍ତି।

### ଖବରଦାତା ସଂଗ୍ରାମଙ୍କୁ ଶ୍ରଦ୍ଧାଞ୍ଜଳି

କୋଣାର୍କ,୨୮।୫(ଜ୍ୟୋତିରାଜ ମହାନ୍ତି)

କରୋନା ଯୋଦ୍ଧା ଖବରଦାତା ସଂଗ୍ରାମ କେଶରୀ ମହାପାତ୍ରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଚନ୍ଦ୍ରଭାଗାସ୍ଥିତ ଛୋଟାରାମ ମଠ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମ ମହାପାତ୍ର ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଏହି ସଭାରେ କୋଣାର୍କର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗଦେଇ ଦିବଙ୍ଗତ ସଂଗ୍ରାମଙ୍କ ଜୀବନାଦର୍ଶନର ସ୍ମୃତିଚାରଣ କରିଥିଲେ। ମଠ ପରିସରରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହେବା ସହ ମହାପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସଭାରେ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ଖବରଦାତା ସଞ୍ଜୟ ପତି, ଧନଞ୍ଜୟ ବେହେରା, ରାମକୃଷ୍ଣ ମହାନ୍ତି, ମାନସରଞ୍ଜନ ପାତ୍ର, ଜ୍ୟୋତିରାଜ ମହାନ୍ତି, ଭାଗିରଥୀ ସ୍ୱାଇଁ, ମନୋରଞ୍ଜନ ପଣ୍ଡା, ଅନୀଭୂଷଣ ବାରିକ, ଅଜିତ ମଲ୍ଲିକ, ତାରକେଶ୍ୱର ବରାଳଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ରଥଖଳାରୁ...

### ୩ ରଥର ସାଲ ଗୁଜ, ତିଖ ଗୁଜ କାର୍ଯ୍ୟ ଜାରି



ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ବୁଧବାର ଭଉଁରି ନୀତି ଥିବାରୁ ରଥ ସଂହିତା ଅନୁଯାୟୀ ସକାଳ ଧୂପ ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ୩ ରଥର ୨ଗୋଟି ଚକ ସହ ଗୋଟିଏ ଗୋଟିଏ ଅଖ ସଂଯୋଗ କରାଯିବାର ବିଧି ରହିଛି। ତେଣୁ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶକ୍ରମେ ରଥ ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଚାଲିଛି। ରଥ ନିର୍ମାଣର ଅଷ୍ଟାଦଶ ଦିବସରେ ତିନି ରଥର ନିର୍ମାଣକାରୀ ସେବକମାନେ ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ ମତେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୩ ରଥର ୧୬ଗୋଟି ଚକ ନିର୍ମାଣ ଶେଷ ହୋଇଥିବାବେଳେ ମଙ୍ଗଳବାର ୩ରଥର ଆଉ ଦୁଇଟି ଲେଖାଏ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନୋଟି ଲେଖାଏ ତୁମ୍ବରେ ଅର ସଂଯୋଗ ପୂର୍ବକ ଯନ୍ତାଗାଡ଼ଠାରେ ତୁମ୍ବ ଅରରେ କଣ୍ଟା ବାଡିଆ ବା ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଭୋଇ ସେବକମାନେ ଶେଷକରି ଅଖବିନ୍ଧ ପାଇଁ ରଥ ଚାଳିକୁ ଯୋଗାଇଥିବା ସିଙ୍ଗଡ଼ା ତୁମ୍ବଗୁଡ଼ିକରେ ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ଅଖବିନ୍ଧ ପରେ ତିନି ରଥର ମହାରଣା ସେବକମାନେ ମାପ ପ୍ରକାରେ ସାଲ କାର୍ଯ୍ୟ ଶେଷ କରିଛନ୍ତି। ପରେ ତିନି ରଥର ମହାରଣା ସେବକମାନେ ଦୁଇ ଦୁଇଟି ଚକ ପ୍ରସ୍ତୁତ ପାଇଁ ୮ ଟି ଲେଖାଏ ପଇ ବିନ୍ଧ ଶେଷ କଲାପରେ ତିନି ରଥର ଦୁଇ ଦୁଇଟି ସିଙ୍ଗଡ଼ାରେ ପଇ ସଂଯୋଗ ଶେଷ ହୋଇଛି। ଏହା ପରେ ପଇରେ କିଳା ବାଡିଆ ବା ବିଲେଇ ବାଡିଆ ହୋଇ ପଇ କଳସା ଜାରି ରହିଛି। ରଥ ଖଳାରେ ସ୍ଥାନାଭାବ ଯୋଗୁଁ ଅଧିକ ଚକ ନିର୍ମାଣ କରି ରଖିବା ସମ୍ଭବ ହେଉ ନାହିଁ। ତେଣୁ ଭଉଁରି ତିଥିରେ ଚକ ଅଖ ଡେରା ନୀତି ପରେ ନିର୍ମାଣ ସରିଥିବା ଚକଗୁଡ଼ିକୁ ବିଧିମତେ ବାହାରକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯିବ ବୋଲି ସୂଚନା ଦିଆଯାଇଛି। ସନ୍ଧ୍ୟା ସୁଦ୍ଧା ତିନି ରଥର ସମସ୍ତ ସାଲ ଗୁଜ, ତୀଖ ଗୁଜ, ଜଳଯନ୍ତ୍ର, କୁଡୁକା, ଦୁଇଟି ଲେଖାଏ ଓରା ଏବଂ ଗୋଟିଏ ଲେଖାଏଁ ସିଂହାସନ ନିର୍ମାଣ ଶେଷ କରିଛନ୍ତି। ଏଥିସହ ଆଜି ୩ ରଥର ଗୋଟିଏ ଗୋଟିଏ ପ୍ରଭା ଅପସରା ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ତିନି ରଥର ୧୧ଟି ଲେଖାଏ ସାଲ ଗୁଜରେ ଖୋଦେଇ ଜାରି ରଖିଛନ୍ତି। ଅପରପକ୍ଷରେ ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଆବଶ୍ୟକ ପନ୍ଦାରି, ତୁମ୍ବ ବଳା, ଚକ ପାଇଁ ଆବଶ୍ୟକ ଅର କଣ୍ଟା ନିର୍ମାଣ ଶେଷକରି ଚକା ଡେରା ନୀତି ପାଇଁ ଅନୁକୂଳ ପନ୍ଦାରୀ ଚାବି ନିର୍ମାଣ ଶେଷ କରିଛନ୍ତି।

## ମହିଳା ସିଆର୍‌ପିଏଫ୍‌ଙ୍କ ଫ୍ଲାଗମାର୍ଚ୍ଚ

କୋଣାର୍କ,୨୮।୫(ଜ୍ୟୋତିରାଜ ମହାନ୍ତି)

ଜୁନ ୧ରେ ହେବାକୁ ଥିବା ଶେଷ ପର୍ଯ୍ୟାୟ ନିର୍ବାଚନକୁ ନଜରରେ ରଖି କୋଣାର୍କ, ରାମଚଣ୍ଡୀ, ଚନ୍ଦ୍ରଭଗା ମେରାଇନ ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ବଜାଇ ରଖିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କୋଣାର୍କ ପୋଲିସ ଫୋର୍ସ ପକ୍ଷରୁ ମଙ୍ଗଳବାର କୋଣାର୍କ ବଜାର ସମେତ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ, ରିଂରୋଡ ଓ କୋଣାର୍କ ଏନ୍‌ଏସିର ବିଭିନ୍ନ ୱାର୍ଡରେ ମହିଳା ସିଆର୍‌ପିଏଫ୍‌ମାନେ ଫ୍ଲାଗମାର୍ଚ୍ଚ କରିଥିଲେ। କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ



ନେତୃତ୍ୱରେ ୧ କମ୍ପାନୀ ବେଙ୍ଗାଲୁରୁର ମହିଳା ସିଆର୍‌ପିଏଫ୍ ଫୋର୍ସଙ୍କ ସହିତ ସିଆର୍‌ପିଏଫ୍ ମହିଳା କମାଣ୍ଡେଣ୍ଟ ମଞ୍ଜୁଳା, ପୁରୀ ରିଜର୍ଭ ପୋଲିସ ଏଏସ୍‌ଆଇ ରମାକାନ୍ତ ବିଶ୍ୱାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସେହିପରି ରାମଚଣ୍ଡୀ ଓ ଚନ୍ଦ୍ରଭାଗା ମେରାଇନ ଥାନା ପକ୍ଷରୁ ରାମଚଣ୍ଡୀ ଓ ଚନ୍ଦ୍ରଭାଗା ମେରାଇନ ଥାନା ଅଧୀନ ଚିକିନା, ତୋରକର ପଞ୍ଚାୟତ, ବଡ଼ଗାଁ ପଞ୍ଚାୟତ, ଭୁଆଁ, ଇତିଭୁଆଁ, ବାଲିଘାଇ, ଛାଇତନା, ବଣିଆ ସାହି, ସୁତନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ରାମଚଣ୍ଡୀ ଥାନା ଅଧିକାରୀ ସୁରେଶ ଚନ୍ଦ୍ର ପୃଷ୍ଟି ଓ ଚନ୍ଦ୍ରଭଗା ମେରାଇନ ଥାନା ଅଧିକାରିଣୀ ପ୍ରତିମା ସାହୁଙ୍କ ମିଳିତ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା। ନିର୍ବାଚନକୁ ଶୃଙ୍ଖଳିତ ଭାବେ ଶେଷ କରିବା ଓ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି।

## ପୁରୀ ଆଇଟିଆଇରେ ଆପ୍ରେଣ୍ଟିଶିପ୍ ସଚେତନତା

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ପୁରୀ ଆନୁକୂଲ୍ୟରେ ଆପ୍ରେଣ୍ଟିଶିପ୍ ସଚେତନତା ଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁରୀ ଜିଲା ଦକ୍ଷତାବିକାଶ ଓ କର୍ମନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଆପ୍ରେଣ୍ଟିଶିପ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ କଟକରୁ ମନୋରଞ୍ଜନ ସାମଲ, ପୁରୀଜିଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ଅଭିମନ୍ୟୁ ସାହୁ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ତଥା ଆପ୍ରେଣ୍ଟିଶିପ୍ ଏବଂ ତତ୍‌ପରବର୍ତ୍ତୀ ଉଦ୍ୟୋଗିତା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଗୋଲଡେନ ଟ୍ରିର ଅରବିନ୍ଦ ଚକ୍ରବର୍ତ୍ତୀ, ଅନନ୍ୟା ରିସର୍ଟ ସନ୍ତୋଷ କୁମାର ନାୟକ, ପେଟାଲ୍‌ସ ଗ୍ରୁପ୍‌ର କମଲ କୁମାର, ହୋଟେଲ ହଲିଡେ ରିସର୍ଟର ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆପ୍ରେଣ୍ଟିଶିପ୍ ସମ୍ପର୍କିତ ଆଲୋଚନା ମାଧ୍ୟମରେ ସଚେତନ କରାଇଥିଲେ। ପୁରୀ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଅରବିନ୍ଦ ଘୋଷ ନିଜ ବକ୍ତବ୍ୟରେ ସରକାରୀ ଆଇଟିଆଇରେ ଦିଆଯାଉଥିବା ଆଧୁନିକ ଦକ୍ଷତା ଭିତ୍ତିକ ଜ୍ଞାନ କୌଶଳ ଓ ନିଯୁକ୍ତି ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆପ୍ରେଣ୍ଟିଶିପ୍ ଅଧିକାରୀ ତାପସ କୁମାର ଖିଲାର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।


ଆପ୍ରେଣ୍ଟିଶିପ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

## ତାଲିମ, କୋଚିଂ ମାଧ୍ୟମରେ ଯୁବତୀଯୁବକଙ୍କ ଅପ୍‌ସ୍କିଲିଂ

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସ୍‌ସି/ଏସ୍‌ଟି)ବର୍ଗର ଛାତ୍ରୀଛାତ୍ର ମାନଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ତଥା ସଫଳତା ପାଇଁସରକାରୀ ଆଇଟିଆଇ ପରିସରରେ ସ୍ୱତନ୍ତ୍ର କୋଚିଂ କ୍ଲାସ୍ ଅନୁଷ୍ଠିତ ହୋଇଛି। ଓଏସ୍‌ଏଫ୍‌ଡିସି ତରଫରୁ ଗଣିତ, ପ୍ରଯୁକ୍ତି, ସାଧାରଣ ଜ୍ଞାନ, ଇଂଲିଶ ଏବଂ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅନ୍ତର୍ଭୁକ୍ତ କରି ୩୦ଦିନିଆ ସ୍ୱତନ୍ତ୍ର କୋଚିଂ କ୍ଲାସ୍ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅବସରରେ ଅତିଥିଭାବରେ ଜିଲା ନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଡିଟିଇଟିରୁ ମନୋରଞ୍ଜନ ସାମଲ, ଜିଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହନ୍ତ, ଆସିଷ୍ଟାଣ୍ଟ ମ୍ୟାନେଜର ଶିଳ୍ପ ବିକାଶ କେନ୍ଦ୍ର ଅଭିମନ୍ୟୁ ସାହୁ ଏବଂ ସରକାରୀ ଆଇଟିଆଇର ପ୍ରିନ୍ସିପାଲ୍ ଅରୋବିନ୍ଦ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍ୱତନ୍ତ୍ର କୋଚିଂ କ୍ଲାସ୍‌ରେ ଯୋଗଦେଇ କୃତକାର୍ଯ୍ୟ ହୋଇଥିବା ଏସ୍‌ସି ଏବଂ ଏସ୍‌ଟି ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷାର୍ଥୀଙ୍କୁ ଉପକରଣ କିଟ୍ ଏବଂ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରାଗଲା। ଏହି ପଦକ୍ଷେପ ଦ୍ୱାରା ପ୍ରଶିକ୍ଷାର୍ଥୀମାନେ ପ୍ରକୃତରେ ଉପକୃତ ହୋଇଥିଲେ, ଯାହା ସେମାନଙ୍କ ଭବିଷ୍ୟତର ସୁଯୋଗ ଏବଂ ବୃତ୍ତି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ।

## ଦଶମରେ ଶ୍ୱେତପଦ୍ମା ରାଜ୍ୟରେ ଷଷ୍ଠ, ସତ୍ୟମ କାକଟପୁର ବ୍ଲକରେ ଦ୍ୱିତୀୟ

ଅସ୍ତରଙ୍ଗ,୨୮।୫(ମମତା ଜେନା)

କାକଟପୁର ବ୍ଲକ ଅଧୀନ ମହାଦେବବସ୍ତ ଗ୍ରାମର ତ୍ରିଲୋଚନେଶ୍ୱର ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ରୀ ଶ୍ୱେତପଦ୍ମା ତ୍ରିପାଠୀ ମାଟ୍ରିକ ପରୀକ୍ଷାରେ ୫୭୫ ନମ୍ବର ରଖି ରାଜ୍ୟରେ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସତ୍ୟମ ଶୁଭଦର୍ଶୀ ସାହୁ ୫୬୧ ନମ୍ବର ରଖି କାକଟପୁର ବ୍ଲକରେ ୨ୟ ସ୍ଥାନ ଅଧିକାର କରି ପୁରୀ ଶିକ୍ଷାମଣ୍ଡଳ ତଥା କାକଟପୁର ବ୍ଲକରେ ଗୌରବ ଆଣିଛନ୍ତି। ତ୍ରିଲୋଚନେଶ୍ୱର ବିଦ୍ୟାପୀଠରେ ଚଳିତ ବର୍ଷ ୭୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇ ଶତ ପ୍ରତିଶତ ଫଳ ହାସଲ କରିଛନ୍ତି। ଇତିମଧ୍ୟରେ ଏ-୧ରେ ୨ ଜଣ, ଏ-୨ରେ ୧୦ ଜଣ, ବି-୧ରେ ୪ ଜଣ, ବି-୨ରେ ୧୩ ଜଣ ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି।



ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବନବିହାରୀ ଗ୍ରହାଚାର୍ଯ୍ୟ ଶ୍ୱେତପଦ୍ମା ଓ ସତ୍ୟମ୍‌ଙ୍କ ବାସଭବନ ଦହିଖିଆ ଓ ଶ୍ରୀରାମପୁର ଗ୍ରାମକୁ ଯାଇ ୨ କୃତୀ ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଖୁଆଇ ଆଶୀର୍ବାଦ କରିଥିଲେ। ବିଦ୍ୟାପୀଠର ସମସ୍ତ ଗୁରୁଜୀ ଗୁରୁମା' ଓ ମହାଦେବବସ୍ତ ଗ୍ରାମବାସୀ ୨ କୃତୀ ବିଦ୍ୟାର୍ଥୀଙ୍କ ଉତ୍ତରୋତ୍ତର କାମନା କରିଥିଲେ।



ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କାମନା କରାଯାଇଛି ।

## ହାତୀ ଆକ୍ରମଣରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ବେଗୁନିଆ,୨୮।୫(ସନ୍ଧ୍ୟାରାଣୀ ମିଶ୍ର)

ହାତୀ ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିବା ବେଗୁନିଆ ବ୍ଲକ ଅନ୍ତର୍ଗତ ଓଗାଳପୁର ଗ୍ରାମର ବୈକୁଣ୍ଠ ରାଉତରାୟ (୭୯)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଗତ ୧୮ ତାରିଖ ଅପରାହ୍ନ ସାଢ଼େ ୫ଟାରେ ବୈକୁଣ୍ଠ ଗ୍ରାମ ନିକଟ କାଜୁ ବଗିଚାକୁ ଯାଇଥିବା ଗୋଟିଏ ହାତୀ ଆସି ବୈକୁଣ୍ଠଙ୍କୁ ଆକ୍ରମଣ କରିଥିଲା। ସେ ଗୁରୁତର ଆହତ ହୋଇ ଏମ୍‌ସରେ ଚିକିତ୍ସିତ ହୋଇଥିଲେ ।

## ଯୁକ୍ତ ୨ରେ ଛାତ୍ରୀଛାତ୍ର ଫେଲ୍, କଲେଜ ଆଗରେ ଧାରଣା

କଣାସ,୨୮।୫(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକର ଦୟାବିହାରସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଫେଲ୍ ହୋଇଥିବାରୁ ସମ୍ପୃକ୍ତ ଛାତ୍ରୀଛାତ୍ର ମଙ୍ଗଳବାର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ମହାବିଦ୍ୟାଳୟ ସମ୍ମୁଖରେ କାଠଗଣ୍ଡି ଜାଳି ଗଣଧାରଣା ଦେଇଥିଲେ। ଖବର ପାଇ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିବାରୁ ସେମାନେ ଧାରଣାରୁ ଉଠିଥିଲେ।

ଖବର ନେବାରେ ଜଣାପଡିଛି, କଳାରେ ୨୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୨୭, ଦ୍ୱିତୀୟ ଶ୍ରେଣୀରେ ୪୦, ତୃତୀୟ ଶ୍ରେଣୀରେ ୯୪ ଜଣ ଓ ଜଣେ ମାତ୍ର କମ୍ପାର୍ଟମେଣ୍ଟରେ ପାସ୍ କରିଥିଲେ। ହେଲେ ୭୯ ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ସେହିପରି ବିଜ୍ଞାନରେ ୭୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୮, ଦ୍ୱିତୀୟ ଶ୍ରେଣୀରେ ୧୦, ତୃତୀୟ ଶ୍ରେଣୀରେ ୫ ଜଣ ପାସ୍ କରିଥିବାବେଳେ ୫୩ ଜଣ ଫେଲ୍ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୨, ଦ୍ୱିତୀୟ ଶ୍ରେଣୀରେ ୨ ଓ ତୃତୀୟ ଶ୍ରେଣୀରେ ୭ ଜଣ ପାସ୍ କରିଥିବାବେଳେ ୧୯ ଜଣ ଫେଲ୍ ହୋଇଥିବା ଜଣାପଡ଼ିଛି। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦ ଭାଗ ଇଣ୍ଟରନାଲ୍ ମାର୍କ କାଉସିଲ୍‌କୁ ପଠାଯାଇ ନ ଥିବା ଦାବି କରି ବିଫଳ ହୋଇଥିବା ଛାତ୍ରୀଛାତ୍ର ମହାବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ, ୨୦ ଭାଗ ଇଣ୍ଟରନାଲ ମାର୍କ ସେ କାଉନ୍‌ସିଲ୍‌କୁ ଅନ୍‌ଲାଇନରେ ପଠାଇଥିଲେ। ହେଲେ ସେହି ମାର୍କ ଛାତ୍ରୀଛାତ୍ରଙ୍କ ଖାତାରେ ଯୋଡ଼ା ଯାଇଛି କି ନାହିଁ ସେଥିପାଇଁ ସେ ଆଜି ଜଣେ କିରାଣିଙ୍କୁ କାଉସିଲ୍‌କୁ ପଠାଇଥିବା କହିଥିଲେ।


ଧାରଣାରେ ବସି ରହିଥିବା ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଘର ଆଗରୁ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ବାରଙ୍ଗ,୨୮।୫(ଲିଙ୍ଗରାଜ ରାଉତ): ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ସୌଦାମିନୀ ପଢ଼ିହାରୀ (୭୮)ଙ୍କ ବେକରୁ ୨ ଜଣ ଦୁର୍ବୃତ୍ତ ସୁନାଚେନ୍ ଲୁଟି ନେଇଛନ୍ତି। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ସୌଦାମିନୀ ଘର ବାରଣ୍ଡାରେ ବସିଥିଲେ। ସେହି ବାରଣ୍ଡାକୁ ଲାଗି ତାଙ୍କ ପୁଅ କରିଥିବା ଦୋକାନକୁ ୨ ଜଣ ଦୁର୍ବୃତ୍ତ ଆସି ସିଗାରେଟ୍ ନେଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣେ ଗାଁ ଭିତରକୁ ଯାଇଥିବାବେଳେ ଅନ୍ୟ ଜଣଙ୍କ ବାଇକ୍ ପାଖରେ ଛିଡ଼ା ହୋଇଥିଲେ। ସେହି ସମୟରେ ସୌଦାମିନୀଙ୍କ ନାତୁଣୀ ଘରୁ ବାହାରକୁ ଆସୁଥିବାବେଳେ ତା' ପାଟି ଶୁଣି ସେ ପଛକୁ ଅନାଇଥିଲେ। ଏହାର ସୁଯୋଗ ନେଇ ଗାଁ ଭିତରକୁ ଯାଇଥିବା ଯୁବକ ଜଣଙ୍କ ତାଙ୍କ ବେକରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କାର ସୁନାଚେନ୍ ଛିଣ୍ଡାଇ ନେଇଥିଲେ। ଫଳରେ ସୌଦାମିନୀଙ୍କ ବେକରେ ଆଘାତ ଲାଗିବା ସହ ମୁଣ୍ଡ କବାଟରେ ବାଡେଇ ହୋଇ ଆଘାତ ଲାଗିଥିଲା। ଦୁଇଜଣ ଯୁବକ ପଲସର ଯୋଗେ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ପଳାଇ ଯାଇଛନ୍ତି।

### ହାତୀ ଆକ୍ରମଣରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ବେଗୁନିଆ,୨୮।୫(ସନ୍ଧ୍ୟାରାଣୀ ମିଶ୍ର): ହାତୀ ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିବା ବେଗୁନିଆ ବ୍ଲକ ଅନ୍ତର୍ଗତ ଓଗାଳପୁର ଗ୍ରାମର ବୈକୁଣ୍ଠ ରାଉତରାୟ (୭୯)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଗତ ୧୮ ତାରିଖ ଅପରାହ୍ନ ସାଢ଼େ ୫ଟାରେ ବୈକୁଣ୍ଠ ଗ୍ରାମ ନିକଟ କାଜୁ ବଗିଚାକୁ ଯାଇଥିଲେ। ବଗିଚାରେ ବୁଲୁଥିବା ହାତୀପଲଙ୍କ ମଧ୍ୟରୁ ଗୋଟିଏ ହାତୀ ଆସି ବୈକୁଣ୍ଠଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଲୋକେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ସହିତ ବୈକୁଣ୍ଠଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଜିଲାରେ ଏ୧ରେ ୧୭୩

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷାରେ ଖୋର୍ଦ୍ଧା ଜିଲା ରାଜ୍ୟରେ ସର୍ବୋଚ୍ଚ ସଫଳତା ହାର ରହିଛି। ଜିଲାରେ ୨୭,୭୬୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ଏ୧ରେ ୧୭୩, ଏ୨ରେ ୭୫୦, ବି୧ରେ ୨୨୮୮, ବି୨ରେ ୪୧୮୨, ସିରେ ୭୪୧୧, ଇରେ ୫୨୯୧ଜଣ ପାସ୍ କରିଥିବା ବେଳେ ୨୫୮ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ୧୨୯ ବିଦ୍ୟାଳୟର ସଫଳତା ହାର ଶତପ୍ରତିଶତ ରହିଛି।

### ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ଏସ୍‌ସିବିରୁ ଗଲେ ୬ ଜଣିଆ ଡାକ୍ତରୀ ଟିମ୍

କଟକ,୨୮।୫(ଶିଳ୍ପୀ ପ୍ରିୟଦର୍ଶିନୀ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ନିର୍ବାଚନୀ ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏସ୍‌ସିବି ମେଡିକାଲ ପକ୍ଷରୁ ୬ ଜଣିଆ ଡାକ୍ତରୀ ଟିମ୍ ମଙ୍ଗଳବାର ଉପରୋକ୍ତ ତିନୋଟି ଅଞ୍ଚଳକୁ ଯାଇଛି। ଏହି ଟିମ୍ ମଧ୍ୟରେ ୩ ଜଣ ନ୍ୟୁରୋସର୍ଜରି ଓ ୩ ଜଣ କାର୍ଡିଓଲୋଜିଷ୍ଟ ଅଛନ୍ତି। ଏହି ଟିମ୍ ଉପରୋକ୍ତ ଜିଲାର ହେଡ୍‌କ୍ୱାର୍ଟର୍ସରେ ପହଞ୍ଚି ସେଠାରେ ଥିବା ଅନ୍ୟ ଡାକ୍ତରଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବେ ବୋଲି ମେଡିକାଲ ପକ୍ଷରୁ ସୂଚନା ରହିଛି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଏସ୍‌ସିବିର ଡାକ୍ତରମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମୟରେ ଉପସ୍ଥିତ ରହି ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବେ। ଏପରି କି ପ୍ରଧାନମନ୍ତ୍ରୀଙ୍କ ଟିମ୍‌ରେ ଥିବା ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଉପରେ ସେମାନେ ଦୃଷ୍ଟି ଦେବେ। ପ୍ରବଳ ଖରା ହେଉଥିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ଆଶଙ୍କାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମୁତୟନ କରାଯାଇଛି।

# ମିଳୁନି ଯକ୍ଷ୍ମା ଔଷଧ, ନୟାନ୍ତ ହେଲେଣି ରୋଗୀ

**କ୍ୟାପିଟାଲ ହସ୍ପିଟାଲ**

ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)

ଯକ୍ଷ୍ମା ରୋଗୀଙ୍କୁ ଠିକ୍ ସମୟରେ ଔଷଧ ମିଳୁନି। ବାରମ୍ବାର ହସ୍ପିଟାଲକୁ ଆସି ରୋଗୀ ନୟାନ୍ତ ହେବା ସହ ନିରାଶରେ ଫେରୁଛନ୍ତି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ୬ ମାସ ଜାଗାରେ ୧୨ ମାସ ଏବଂ ୧୨ ମାସ ଜାଗାରେ ୨୪ ମାସ ଧରି ଔଷଧ ଖାଇବାକୁ ପଡୁଛି। ସ୍ୱାସ୍ଥ୍ୟ ବିଭାଗର ଅନିୟମିତତା ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ୧୨ଶହରୁ ଅଧିକ ଯକ୍ଷ୍ମା ରୋଗୀ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଗତ ୩ମାସ ହେବ ନିୟମିତ ମେଡିସିନ ମିଳୁ ନ ଥିବାରୁ ରୋଗୀ ଅସୁବିଧା ଭୋଗୁଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ନିରାମୟ ଯୋଜନାରେ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇଦେବାକୁ ନିୟମ ରହିଛି। ହେଲେ ଖୋର୍ଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ଯକ୍ଷ୍ମା ଔଷଧ ଅଭାବ ଏବେ ଚିନ୍ତା ବଢ଼ାଇଛି। ଯଦି ଠିକ ସମୟରେ ରୋଗୀ ଔଷଧ ସେବନ ନ କରିବେ ତାହାହେଲେ ରୋଗ ଆହୁରି ଜଟିଳ ସ୍ଥିତିକୁ ଗତି କରିବାର ଆଶଙ୍କା ରହିଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ଯକ୍ଷ୍ମା ରୋଗୀଙ୍କର ଏହି ସମସ୍ୟା ବିଷୟରେ ଅବଗତ ଅଛୁ ଏବଂ ଏନେଇ ଟେଣ୍ଡର ସରିଛି। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ।

ଅନ୍ୟପକ୍ଷରେ ଓଡ଼ିଶାକୁ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ରାଜ୍ୟ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ହେଲେ ଯକ୍ଷ୍ମା ରୋଗୀଙ୍କ ପାଇଁ ଔଷଧ ମିଳୁନି। ଏପରି ସ୍ଥିତିରେ ଯକ୍ଷ୍ମାମୁକ୍ତ ରାଜ୍ୟ କିପରି ସଫଳ ହେବ ସେ ନେଇ ପ୍ରଶ୍ନ ଉଠିଛି। ସେପଟେ ସ୍ୱାସ୍ଥ୍ୟ ବିଭାଗ କହିଛି, ସମସ୍ତ ଜିଲାକୁ ମେଡିସିନ ଯୋଗାଇ ଦିଆଯାଉଛି। ଫେବୃଆରୀ ପରଠାରୁ ଯକ୍ଷ୍ମା ଔଷଧ ଅଭାବ ଦେଖାଦେଇଛି। ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଭଳି ରାଜ୍ୟରେ ବି ଅଭାବ ଦେଖାଦେଇଛି। ତେବେ କିଛି ମାସ ପାଇଁ ଅଭାବ ହୋଇଯାଇଥିଲା, ବର୍ତ୍ତମାନ ଅଭାବ ପୂରଣ ହୋଇପାରିଛି।


ଔଷଧ ମିଳୁ ନ ଥିବା ସମ୍ପର୍କରେ ଅଭିଯୋଗ ଜଣାଇବାକୁ ଆସିଥିବା ଲୋକେ।

# ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚିଲା ଶୁଣାଣି

**ଏନ୍‌ଜିଟିରେ ଟିଟିଏସ୍ ମାମଲା**

ଭୁବନେଶ୍ୱର, ୨୮।୫ (ବନ୍ଦନା ସେଠୀ)

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ଚାଲିଥିବା ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିୟାର୍ଡ ଟିଟିଏସ୍ (ଟେମ୍ପୋରାରି ଟ୍ରାନ୍‌ଜିଟ ଷ୍ଟେଶନ) ମାମଲାର ଶୁଣାଣି ପୁନର୍ବାର ଘୁଞ୍ଚିଲା। ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ସରକାରୀ ଓକିଲ ଅନୁପସ୍ଥିତ ଥିଲେ। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିବା ସୂଚନା ମିଳିଛି। ପୂର୍ବରୁ ଏପ୍ରିଲ୍ ୧୯ରେ ଉକ୍ତ ମାମଲାର ଶୁଣାଣି କରାଯାଇଥିଲା।

ସୂଚନାଯୋଗ୍ୟ, ଟିଟିଏସ୍ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ସହରବାସୀଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେଉଛି। ଏଥିସହ ଦୁର୍ଗନ୍ଧ ପାଇଁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗକରି ଚନ୍ଦ୍ରଶେଖରପୁର ଅଞ୍ଚଳର ହରିପ୍ରିୟା ପଟେଲ ଏନ୍‌ଜିଟିରେ ଅଭିଯୋଗ ଦାଖଲ କରିଥିଲେ। ପରେ ଏନ୍‌ଜିଟି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜଆଡୁ ମାମଲା ରୁଜୁ କରିଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଆଧାରରେ ଏକ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ସମେତ ଫେବୃଆରୀ ୨୪ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ଅଚାନକ ଟିଟିଏସ୍ ଗସ୍ତ କରିଥିଲେ। ଫେବୃଆରୀ ୨୯ ସୁଦ୍ଧା ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଜିଟିରେ ଦାଖଲ କରିବ ଏବଂ ମାର୍ଚ୍ଚ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ହୋଇପାରି ନ ଥିବାରୁ ଶୁଣାଣିକୁ ଏପ୍ରିଲ୍ ୧୯ ଯାଏ ଘୁଞ୍ଚାଯାଇଥିଲା। ତେବେ ଶୁଣାଣିରେ ଅଭିଯୋଗକାରୀଙ୍କ ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ମେ ୨୮ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ଚଳିତ ଶୁଣାଣିରେ ସରକାରୀ ଓକିଲଙ୍କ ଅନୁପସ୍ଥିତି ପାଇଁ ପୁନର୍ବାର ଏହାକୁ ଘୁଞ୍ଚାଯାଇଥିବା ସୂଚନା ଦିଆଯାଇଛି।


ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କୁ ଏମ୍‌ୟୁଭିଆଇ ଫାଉଣ୍ଡେସନ ପକ୍ଷରୁ ପ୍ରଦତ୍ତ ୬୦୦ ଛତା ବଣ୍ଟନ ଅବସରରେ ମଙ୍ଗଳବାର କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଅନ୍ୟମାନେ।

## ମାଟ୍ରିକ୍, ଯୁକ୍ତ୨ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଅପୂର୍ବ ସଫଳତା ହାସଲ କରିଛନ୍ତି। ରାଜ୍ୟର ୩୦୪ଟି ଶିଶୁ ବିଦ୍ୟା ମନ୍ଦିରରୁ ମୋଟ ୧୫,୬୨୬ ଜଣ ପରୀକ୍ଷା ଦେଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୫,୬୧୬ଜଣ (୯୯.୯୪%) ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୪୪ ଜଣ ପରୀକ୍ଷାର୍ଥୀ ଏ-୧ ଗ୍ରେଡ୍ ପାଇଥିବାବେଳେ ୨,୧୪୩ଜଣ ଏ-୨, ୩,୮୭୪ଜଣ ବି-୧, ୪,୧୪୩ଜଣ ବି-୨, ୩,୨୭୨ଜଣ ସି, ୧,୩୭୯ଜଣ ଡି ଏବଂ ୨୬୧ଜଣ ଇ-ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ରହ୍ମପୁରର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଆୟୁଷ ଆଶୁତୋଷ ବେହେରା ୫୮୨ (୯୭%) ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି।

ସେହିପରି ଯୁକ୍ତ୨ ପରୀକ୍ଷାରେ ଶିକ୍ଷା ବିକାଶ ସମିତି ଛାତ୍ରୀଛାତ୍ର ଅଭୁତପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ମୋଟ ୧,୭୧୬ଜଣ ପରୀକ୍ଷା ଦେଇଥିବା ବେଳେ ୧,୭୦୮ଜଣ (୯୯.୫୩%) ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୧,୦୭୮ , ଦ୍ୱିତୀୟ ଶ୍ରେଣୀରେ ୨୨୦ ଏବଂ ତୃତୀୟ ଶ୍ରେଣୀରେ ୬୦ଜଣ ପିଲା ରହିଛନ୍ତି। ସେହିପରି ବାଣିଜ୍ୟରେ ୧୩୨ଜଣ ପ୍ରଥମ ଶ୍ରେଣୀରେ ଓ ୭ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଯୁକ୍ତ୨ କଳାରେ ୨୯ଜଣ ପ୍ରଥମ, ୩୧ ଜଣ ଦ୍ୱିତୀୟ ଏବଂ ୧୫୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏହି ସଫଳତା ନେଇ ଶିକ୍ଷା ବିକାଶ ସମିତି ପକ୍ଷରୁ ସୋମବାର ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ଡ. ସରୋଜ କୁମାର ହାତୀ, ଉପସଭାପତି କମଳାକାନ୍ତ ମିଶ୍ର, ୟୁନିଟ-୩ ସରସ୍ୱତୀ ଶିଶୁ ମନ୍ଦିର ସଭାପତି ଲକ୍ଷ୍ମୀନାରାୟଣ ରଥ ପ୍ରମୁଖ ଏହି ସୂଚନା ଦେଇଥିଲେ।

# ଅସିତ ମହାନ୍ତିଙ୍କୁ ନାରଦ ସମ୍ମାନ

ଭୁବନେଶ୍ୱର,୨୮।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟିକ ତଥା ପୌରୁଷ ପତ୍ରିକାର ସମ୍ପାଦକ ଡ. ଅସିତ ମହାନ୍ତିଙ୍କୁ ମଙ୍ଗଳବାର ସୂଚନା ଭବନଠାରେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ନାରଦ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ପୁରସ୍କାର ସ୍ୱରୂପ ୨୧ହଜାର ଟଙ୍କାର ଅର୍ଥରାଶି, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ବିଂଶତମ ନାରଦ ସମ୍ମାନ' ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକ୍ଷେତ୍ର ପ୍ରଚାର ପ୍ରମୁଖ ପ୍ରାଧ୍ୟାପକ ଡ. ଜିଷ୍ଣୁ ବସୁ ଯୋଗଦେଇଥିଲେ। ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମହାନଗର ସଂଘଚାଳକ ସିନ୍ନିବାସ ମାନସିଂହ ଅତିଥି ପରିଚୟ ଦେଇଥିବାବେଳେ ଇଂ. ଜ୍ଞାନ ରଞ୍ଜନ ନାୟକ ମାନପତ୍ର ପାଠ କରିଥିଲେ। ମନୀନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।


ସୂଚନା ଭବନଠାରେ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଆୟୋଜିତ ଉତ୍ସବରେ ଡ. ଅସିତ ମହାନ୍ତିଙ୍କୁ ନାରଦ ସମ୍ମାନ ପ୍ରଦାନ କରାଯାଉଛି।

# ଲକ୍ଷେଶ୍ୱରଙ୍କ ଚନ୍ଦନଯାତ୍ରା

ଫୁଲନଖରା,୨୮।୫(ସତ୍ୟରଞ୍ଜନ ଦାସମହାପାତ୍ର)

ଚଳିତବର୍ଷ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହେଉଛି। ୫ ଦିନ ଧରି ଏହି ଯାତ୍ରା ଚାଲିବ। ମଙ୍ଗଳବାର ତୃତୀୟ ଦିନରେ ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦନେଶ୍ୱରଙ୍କୁ ମନ୍ଦିରରୁ ସୁସଜ୍ଜିତ ବିମାନରେ କାଚରାମାଳ ଗ୍ରାମର କୁଆଖାଇ ନଦୀଘାଟକୁ ନିଆଯାଇଥିଲା। ସେଠାରେ ଠାକୁର ନୌକାରେ ବସି ଚାପ ଖେଳିଥିଲେ। ପରେ ଚନ୍ଦନଯାତ୍ରା ପଡ଼ିଆସ୍ଥିତ ମଣ୍ଡପରେ ବିଜେ କରାଯାଇ ଭୋଗ ଲାଗି କରାଯାଇଥିଲା। ଯାତ୍ରା କମିଟି ସଭାପତି ଭକ୍ତବନ୍ଧୁ ବରାଳ, ସମ୍ପାଦକ ସୁକାନ୍ତ ଭୋଇ, କୋଷାଧ୍ୟକ୍ଷ କିଶୋର ବରାଳ, ପ୍ରଶାନ୍ତ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାରଣା, ସୁଧାକର ସ୍ୱାଇଁ, ବସନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ୍

**ଅବସରପ୍ରାପ୍ତ ପୋଲିସ ଡିଜିଙ୍କ ଘରୁ ଚୋରି ମାମଲା**

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ଘରୁ ଚୋରି ମାମଲାରେ ମଙ୍ଗଳବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଅଜୁ ବର୍ଦ୍ଧନ ଏବଂ ଏସ୍.କେ. ଇସ୍‌ଲାମ ଓରଫ କଦମ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୨ବର୍ଷ ଲେଖାଏ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ସେମାନଙ୍କୁ ୫୦୦ ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅବସରପ୍ରାପ୍ତ ପୋଲିସ ଡିଜି ପ୍ରହରାଜଙ୍କ ଆଇଆର୍‌ସି ଭିଲେଜ ଭି.ଆଇ.ପି-୪ସ୍ଥିତ ଘରକୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରିଥିଲେ। ୨୦୨୩ ସେପ୍ଟେମ୍ବର ୩୦ରେ ମନମୋହନ ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ସହ ପୈତୃକ ଗାଁକୁ ଯାଇଥିଲେ। ସେହି ରାତିରେ ଅଜୁ ଏବଂ କଦମ ତାଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଆଲମିରା ଏବଂ ସିକ୍ୟୁରିଟି ଲକରକୁ ତାଡ଼ି ୧୨ ଭରି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ସେହି ଦିନ ରାତି ପ୍ରାୟ ୨ଟା ୩୦ରେ ମନମୋହନ ଘରକୁ ଫେରି ଚୋରି ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୪୪୭/୨୦୨୩) ରୁଜୁ ସହ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା ଚୌଧୁରୀ ପରିଚାଳନା କରିଥିଲେ।


ଅଭିଯୁକ୍ତ ଏସ୍.କେ ଇସ୍‌ଲାମ୍ ଏବଂ ଅଜୁ ବର୍ଦ୍ଧନ।

# ମୋ ବସ୍ ଡ୍ରାଇଭରଙ୍କୁ ହାଣିଦେଲେ ଦୁର୍ବୃତ୍ତ

ଚୌଦ୍ୱାର,୨୮।୫(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳରେ ମୋ ବସ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଡ୍ରାଇଭର ସୁକାନ୍ତ ଦାସଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ଅପରାହ୍ନରେ ମୋ ବସ୍‌ଟି କଟକରୁ ବାହାରି ଚୌଦ୍ୱାର ଆଗ୍ରାହାଟସ୍ଥିତ ଡିଏମ୍‌ଟିଆଇ ଛକରେ ପହଞ୍ଚିଥିଲା। ସେଠାରେ ଯାତ୍ରୀଙ୍କୁ ଓହ୍ଲାଇ ପୁନର୍ବାର କଟକ ଅଭିମୁଖେ ଯିବାକୁ ବହାରୁଥିଲା। ଏହି ସମୟରେ ୩ଜଣ ଯୁବକ କଳାରଙ୍ଗର ଏକ ପଲ୍‌ସର୍ ବାଇକ୍‌ରେ ଆସି ବସ୍ ସମ୍ମୁଖରେ ଅଟକିଥିଲେ। ହଠାତ୍ ବସ୍ ଡ୍ରାଇଭର ସୁକାନ୍ତଙ୍କୁ ଗାଳିଗୁଲଜ କରିବା ସହ ଗାଡ଼ିରୁ ତଳକୁ ଟାଣିଆଣି ମାରଣାସ୍ତ୍ରରେ ତାଙ୍କ ହାତ, ଗୋଡ଼ ଓ ମୁଣ୍ଡକୁ ହାଣି ଦେଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଜମା ହୋଇଯିବାରୁ ସମ୍ପୃକ୍ତ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସୁକାନ୍ତଙ୍କୁ ପ୍ରଥମେ ଟାଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆକ୍ରମଣର କାରଣ ଜଣାପଡ଼ିନାହିଁ। ଏନେଇ ଅଭିଯୋଗ ହେବା ପରେ ଚୌଦ୍ୱାର ପୋଲିସ ତଦନ୍ତ ଆରମ୍ଭ କରିଛି।

# ଋତୁସ୍ରାବ ସମସ୍ୟା ନୁହେଁ, ସମ୍ମାନ

ଭୁବନେଶ୍ୱର, ୨୮।୫(ବନ୍ଦନା ସେଠୀ)

ଋତୁସ୍ରାବ ହେଉଛି ମହିଳାଙ୍କ ଜୀବନର ଏକ ପ୍ରମୁଖ ଶାରୀରିକ ପରିବର୍ତ୍ତନ। ଋତୁସ୍ରାବ ଏକ ସମସ୍ୟା ନୁହେଁ, ଏହା ଏକ ସମ୍ମାନ। ଋତୁସ୍ରାବକୁ ନେଇ ଥିବା ଅନ୍ଧବିଶ୍ୱାସକୁ ପ୍ରତିହତ କରିବା ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟ, ସମ୍ମାନ ଓ କଲ୍ୟାଣ ଦିଗରେ ଆଗକୁ ବଢ଼ିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ଆକ୍ସନ ଏଡ୍ ଆସୋସିଏଶନ ଏବଂ ସିସିଡବ୍ଲ୍ୟୁଡି ମିଳିତ ଆନୁକୂଲ୍ୟରେ ୱାର୍ଡ ନଂ. ୧୬ ଅନ୍ତର୍ଗତ ନୀଳଚକ୍ର ନଗରଠାରେ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍ନିଗ୍ଧା ଦାସ, ସୁଶ୍ରୀ ଶୁଭେଚ୍ଛା ଶୁକ୍ଳା, ରେଣୁବାଳା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସରସ୍ୱତୀ ପରିଡ଼ା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସୁଚରିତା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ୟଙ୍ଗ ଅର୍ବାନ ୱିମେନ ଫୋରମର ପ୍ରତିନିଧିମାନେ ସାମିଲ ହୋଇ ରଙ୍ଗୋଲି ପ୍ରଦର୍ଶନ କରିଥିଲେ।


କାର୍ଯ୍ୟକ୍ରମରେ ସାମିଲ ଥିବା ମହିଳା ଓ ଯୁବତୀମାନେ।

# ଋତୁସ୍ରାବ ପ୍ରତ୍ୟେକ ଝିଅଙ୍କ କ୍ଷେତ୍ରରେ ଏକ ସ୍ୱାଭାବିକ ପ୍ରକ୍ରିୟା

ଭୁବନେଶ୍ୱର, ୨୮।୫(ବନ୍ଦନା ସେଠୀ)

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଉପଲକ୍ଷେ ମଙ୍ଗଳବାର ବିଚାର ଭାରତୀ ଟ୍ରଷ୍ଟର 'ଶ୍ରୀ' ଅଭିଯାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇନ୍‌ଫୋସିଟି ନିକଟ ଚୁନୁକୋଳି ବସ୍ତିରେ ୯ ବର୍ଷରୁ ୧୬ବର୍ଷ ବୟସର କିଶୋରୀଙ୍କ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ପିରିୟଡ଼ (ଋତୁସ୍ରାବ) ବେଳେ ଅନେକ ଝିଅ ମାନସିକ ସ୍ତରରେ ଚାପଗ୍ରସ୍ତ ହୋଇଯାଇଥାନ୍ତି। ଏହି ପରିସ୍ଥିତିରେ ଚାପଗ୍ରସ୍ତ ନ ହୋଇ କେମିତି ସ୍ୱଚ୍ଛତା ପ୍ରତି ସଚେତନ ରହିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ଝିଅ ତଥା ମହିଳାଙ୍କ କ୍ଷେତ୍ରରେ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ତେଣୁ ଏହାକୁ ନେଇ ଲାଜ କିମ୍ବା ସଙ୍କୋଚବୋଧ କରିବା ଉଚିତ ନୁହେଁ ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ ପିଲାଙ୍କ ସହ ଖୋଲାଖୋଲି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୫୦ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଇନ୍‌ଫୋସିସ୍‌ର ଏଚ୍‌ଆର୍ ମୁଖ୍ୟ ପଦ୍ମାଳୟା ମାନ୍ଧାତା, ଅନ୍ୟତମ ଅତିଥି ଭାବେ ସାମାଜିକକର୍ମୀ ସ୍ୱପ୍ନା ତ୍ରିପାଠୀ, ମନୋବିଶେଷଜ୍ଞ ଡା. ନିଧି ଗର୍ଗ, 'ଶ୍ରୀ' ଅଭିଯାନର ମୁଖ୍ୟ ପ୍ରୀତି ଧଳ ଯୋଗଦେଇଥିଲେ। ଟ୍ରଷ୍ଟର ଉପସଭାପତି ସଂଘମିତ୍ରା ପାଢ଼ୀ ଏବଂ ଅଭିଯାନର ସଂଯୋଜିକା ବବିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ମହିଳାମାନେ।

# ଏସ୍‌ସିବିରେ ଅବ୍ୟବସ୍ଥା, ରୋଗୀ ଅସନ୍ତୁଷ୍ଟ

କଟକ,୨୮।୫(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ଲୋକମାନେ ଅସହ୍ୟ ଗରମରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

■ଟିକେଟ କାଉଣ୍ଟର, ନିରାମୟ କେନ୍ଦ୍ରରେ ଫ୍ୟାନ୍ ବ୍ୟବସ୍ଥା ନାହିଁ
■ଘଣ୍ଟା ଘଣ୍ଟା ତଳେ ପଡ଼ି ରହୁଛନ୍ତି ରୋଗୀ
■ଗୁଳୁଗୁଳିରେ ଛଟପଟ ରୋଗୀ ସମ୍ପର୍କୀୟ

କଟକ ଏସ୍‌ସିବି ମେଡିକାଲରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମେଡିକାଲର କେତେକ ସ୍ଥାନରେ ଫ୍ୟାନ୍ ବ୍ୟବସ୍ଥା ନ ଥିବାବେଳେ ଆଉ କେତେକ ସ୍ଥାନରେ ଲାଗିଥିବା ଏସିରୁ ଗରମ ପବନ ବାହାରୁଛି। ମେଡିକାଲ ପରିସରରେ ଥିବା ଥାଲାସେମିଆ ବିଭାଗ, ନେଫ୍ରୋଲୋଜି, କାର୍ଡିଓଲୋଜି ବିଭାଗ, କାଜୁଆଲ୍‌ଟି ସମେତ ଅନ୍ୟ ବିଭାଗର ଟିକେଟ କାଉଣ୍ଟର ଓ ନିରାମୟ କେନ୍ଦ୍ରଗୁଡ଼ିକରେ ଗରମକୁ ନଜରରେ ରଖି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏବେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସେମାନେ ମେଡିକାଲ ପରିସରରେ ଅସହ୍ୟ ଗୁଳୁଗୁଳିରେ ଛଟପଟ ହେଉଛନ୍ତି। ଏପରି କି ଗରମରେ ଟିକେଟ ପାଇଁ ଘଣ୍ଟା ଘଣ୍ଟା ଧରି ରୋଗୀ ସମ୍ପର୍କୀୟଙ୍କୁ ଧାଡିରେ ଛିଡା ହେବାକୁ ପଡୁଛି। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନେ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ଏଠାରେ ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ସୁବିଧା ମିଳୁ ନ ଥିବାବେଳେ ଅନେକ ବ୍ୟବସ୍ଥା ରହିଛି। ବିଶେଷକରି ବିଭିନ୍ନ ପରୀକ୍ଷା ଓ ଔଷଧ ଆଣିବା ପାଇଁ ଟିକେଟ୍ କରିବାକୁ ଅସହ୍ୟ ଗରମରେ ଦୀର୍ଘ ସମୟ ଧରି ଲମ୍ବାଧାଡିରେ ଛିଡାହେବାକୁ ପଡୁଛି। ବାରିପଦା ବାଲିଡିହା ଅଞ୍ଚଳର ପାର୍ବତୀ ବେହେରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ସୋମବାର ଏସ୍‌ସିବି ମେଡିକାଲର ନେଫ୍ରୋଲୋଜି ବିଭାଗକୁ ଆସିଥିଲେ। ତାଙ୍କର ପରୀକ୍ଷା ପାଇଁ ନେଫ୍ରୋଲୋଜି ବିଭାଗରୁ ରଞ୍ଜନରଶ୍ମି ବିଭାଗକୁ ଆସିବାକୁ ବ୍ୟାଟେରି ଗାଡି କିମ୍ବା ଷ୍ଟ୍ରେଚରର ଆବଶ୍ୟକତା ଥିଲା। ହେଲେ ତାହା ନ ମିଳିବାରୁ ପାର୍ବତୀଙ୍କୁ ତାଙ୍କ ସ୍ୱାମୀ, ପୁଅ ଓ ଝିଆଁ ଟେକିନେଇ ପରୀକ୍ଷା କରାଇଥିଲେ। ଏପରି ଗରମରେ ମଙ୍ଗଳବାର ୩ ଘଣ୍ଟାରୁ ଅଧିକ ସମୟ ଧରି ପାର୍ବତୀ ତଳେ ପଡି ରହିଥିଲେ। ଏନେଇ ପାର୍ବତୀଙ୍କ ସ୍ୱାମୀ ପ୍ରେମ୍‌ଚାନ୍ଦ ବେହେରା କହିଛନ୍ତି, ଏସ୍‌ସିବିରେ ଷ୍ଟ୍ରେଚର କିମ୍ବା ବ୍ୟାଟେରି ଗାଡି ଥାଇ ମଧ୍ୟ ଠିକ୍ ସମୟରେ ତାହା ରୋଗୀ ସେବାରେ ଲାଗିପାରୁନାହିଁ। ଏଠାରେ ଦୁଇଦିନ ହେବ ରହିଛୁ। ପାଣି ଟିକିଏ ମିଳୁ ନ ଥିବାବେଳେ ଫ୍ୟାନ୍ ବ୍ୟବସ୍ଥା ନ ଥିବା ସେ କହିଛନ୍ତି।

ସେହିପରି ନିଆଳିରୁ ଏସ୍‌ସିବି ମେଡିକାଲକୁ ଆସିଥିବା ରୋଗୀ ସମ୍ପର୍କୀୟ ପିଣ୍ଟୁ ବାରିକ କହିଛନ୍ତି, ନିଶୁଳ୍କ ଚିକିତ୍ସା ଓ ଔଷଧ ପାଇଁ ବାପାଙ୍କୁ ନେଇ ଏସ୍‌ସିବି ଆସିଛି। ନିରାମୟ କେନ୍ଦ୍ରରୁ ଔଷଧ ନେବା ପାଇଁ ଏକ ଘଣ୍ଟାରୁ ଅଧିକ ସମୟ ଧରି ଧାଡିରେ ଛିଡ଼ା ହୋଇଛି। ଏଠାରେ ଫ୍ୟାନ୍ ବ୍ୟବସ୍ଥା ନ ଥିବାବେଳେ ଏସିର ଗରମ ପବନ ମାଡ଼ ହେଉଛି। ସାଲେପୁର ଅଞ୍ଚଳରୁ ଏସ୍‌ସିବିକୁ ଆସିଥିବା ରୋଗୀ ସମ୍ପର୍କୀୟ ସଞ୍ଜୟ ଦାସ କହିଛନ୍ତି, ଏସ୍‌ସିବି ମେଡିକାଲରେ ବହୁ ବିଳମ୍ବରେ ଡାକ୍ତର ଦେଖାଇବା ପରେ ଔଷଧ ପାଇଁ ନିରାମୟ କେନ୍ଦ୍ରରେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡା ହୋଇଛି। ମେଡ଼ିକାଲ କର୍ତ୍ତୃପକ୍ଷ ଏସିରେ ବସି ଏଭଳି ଅବ୍ୟବସ୍ଥାକୁ ଅଣଦେଖା କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି। ଅପରପକ୍ଷରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ପାନୀୟ ଜଳ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ମେଡିକାଲର ଯେଉଁସ୍ଥାନରେ ଫ୍ୟାନ୍ ନାହିଁ ତୁରନ୍ତ ସେଠାରେ ଲଗାଯିବା ପାଇଁ ବ୍ୟବସ୍ଥା କରାଯିବ। ରଞ୍ଜନରଶ୍ମୀ ବିଭାଗ ପରିସରରେ ଥିବା ରୋଗୀ ପାର୍ବତୀ ସମ୍ପର୍କରେ ଗଣମାଧ୍ୟମରୁ ଖବର ଜାଣିବାକୁ ପାଇଲି। ପରେ ତାଙ୍କୁ ବ୍ୟାଟେରି ଗାଡି ଯୋଗେ ଅନ୍ୟ ବିଭାଗକୁ ନିଆଯାଇଥିବା ମିଶ୍ର କହିଛନ୍ତି।

# ୫ ଅଟୋକ୍ଲେଭ ମେଶିନ ଅଚଳ

କଟକ,୨୮।୫(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବିମେଡିକାଲ ସେଣ୍ଟ୍ରାଲ ଷ୍ଟେରିଲାଇଜଡ୍ ସେଣ୍ଟରରେ ରହିଥିବା ୬ଟି ଅଟୋକ୍ଲେଭ ମେଶିନ ମଧ୍ୟରୁ ୫ଟି ଅଚଳ ହୋଇପଡ଼ିଛି। ଏଥିଯୋଗୁ ଚିକିତ୍ସା ସରଞ୍ଜାମ ବିଶୋଧନ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। ଏପରି କି ଅସ୍ତ୍ରୋପଚାର ନିମନ୍ତେ ବ୍ୟବହୃତ ସରଞ୍ଜାମ ଠିକ୍ ଭାବେ ବିଶୋଧନ କରାଯାଇପାରୁନାହିଁ। ଫଳରେ ରୋଗୀଙ୍କୁ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ମେଡିକାଲର ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓଟିରୁ ଆରମ୍ଭ କରି ସର୍ଜରି, ଟ୍ରମା କାଜୁଆଲ୍‌ଟି, ଇଏନ୍‌ଟି, ଚକ୍ଷୁ ବିଭାଗ ଓଟିରେ ସମସ୍ୟା ଦେଖାଦେଲାଣି। ଅଟୋକ୍ଲେଭ ମେଶିନ ଅଚଳ ହେବା ଯୋଗୁ ପାଣିରେ ବିଭିନ୍ନ ଯନ୍ତ୍ରାଂଶ ଧୋଇ ରୋଗୀ ସେବା କରାଯାଉଛି। ଏଭଳି କରାଗଲେ ସଂକ୍ରମଣର ଭୟ ରହିଛି। ଏନେଇ ମେଡିକାଲ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଲକ୍ଷେଶ୍ୱରଙ୍କ ଚନ୍ଦନଯାତ୍ରା


ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦନେଶ୍ୱର କୁଆଖାଇ ନଦୀରେ ଚାପ ଖେଳୁଛନ୍ତି।

ଫୁଲନଖରା,୨୮।୫(ସତ୍ୟରଞ୍ଜନ ଦାସମହାପାତ୍ର)

ଚଳିତବର୍ଷ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହେଉଛି। ୫ ଦିନ ଧରି ଏହି ଯାତ୍ରା ଚାଲିବ। ମଙ୍ଗଳବାର ତୃତୀୟ ଦିନରେ ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦନେଶ୍ୱରଙ୍କୁ ମନ୍ଦିରରୁ ସୁସଜ୍ଜିତ ବିମାନରେ କାଚରାମାଳ ଗ୍ରାମର କୁଆଖାଇ ନଦୀଘାଟକୁ ନିଆଯାଇଥିଲା। ସେଠାରେ ଠାକୁର ନୌକାରେ ବସି ଚାପ ଖେଳିଥିଲେ। ପରେ ଚନ୍ଦନଯାତ୍ରା ପଡ଼ିଆସ୍ଥିତ ମଣ୍ଡପରେ ବିଜେ କରାଯାଇ ଭୋଗ ଲାଗି କରାଯାଇଥିଲା। ଯାତ୍ରା କମିଟି ସଭାପତି ଭକ୍ତବନ୍ଧୁ ବରାଳ, ସମ୍ପାଦକ ସୁକାନ୍ତ ଭୋଇ, କୋଷାଧ୍ୟକ୍ଷ କିଶୋର ବରାଳ, ପ୍ରଶାନ୍ତ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାରଣା, ସୁଧାକର ସ୍ୱାଇଁ, ବସନ୍ତ ସାହୁ ଓ ଯୋଗେନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ଗୁଣନିଧି ପଟ୍ଟନାୟକ, ଟ୍ରଷ୍ଟି ବଂଶୀଧର ଭୋଳଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଏହାକୁ ଦେଖିବା ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା।

## ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ଏସ୍‌ସିବିରୁ ଗଲେ ୬ ଜଣିଆ ଡାକ୍ତରୀ ଟିମ୍

କଟକ,୨୮।୫(ଶିଳ୍ପା ପ୍ରିୟଦର୍ଶିନୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ନିର୍ବାଚନୀ ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏସ୍‌ସିବି ମେଡିକାଲ ପକ୍ଷରୁ ୬ ଜଣିଆ ଡାକ୍ତରୀ ଟିମ୍ ମଙ୍ଗଳବାର ଉପରୋକ୍ତ ତିନୋଟି ଅଞ୍ଚଳକୁ ଯାଇଛି। ଏହି ଟିମ୍ ମଧ୍ୟରେ ୩ ଜଣ ନ୍ୟୁରୋସର୍ଜରି ଓ ୩ ଜଣ କାର୍ଡିଓଲୋଜିଷ୍ଟ ଅଛନ୍ତି। ଏହି ଟିମ୍ ଉପରୋକ୍ତ ଜିଲାର ହେଡ୍‌କ୍ୱାର୍ଟର୍ସରେ ପହଞ୍ଚି ସେଠାରେ ଥିବା ଅନ୍ୟ ଡାକ୍ତରଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବେ ବୋଲି ମେଡିକାଲ ପକ୍ଷରୁ ସୂଚନା ରହିଛି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଏସ୍‌ସିବିର ଡାକ୍ତରମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମୟରେ ଉପସ୍ଥିତ ରହି ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବେ। ଏପରି କି ପ୍ରଧାନମନ୍ତ୍ରୀଙ୍କ ଟିମ୍‌ରେ ଥିବା ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଉପରେ ସେମାନେ ଦୃଷ୍ଟି ଦେବେ। ପ୍ରବଳ ଖରା ହେଉଥିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯିବା ଆଶଙ୍କାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମୁତୟନ କରାଯାଇଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶିକ୍ଷାବିତ୍ ମନ୍ମଥ କୁମାର ସାହୁଙ୍କ ରଚିତ ଆତ୍ମଜୀବନ୍ୟୁପନ୍ୟାସ 'ଜୀବନ ନିର୍ଝର'ର ଭାଗ ୧ ଓ ୨କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଯୁକ୍ତ ୨ ବିଜ୍ଞାନରେ ଏକାଡେମିଆ ଇଣ୍ଟରନ୍ୟାଶନାଲ୍‌ର ଶତପ୍ରତିଶତ ସଫଳତା

କଟକ,୨୮।୫ (କାର୍ତ୍ତିକ ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦରଗ୍ରାମସ୍ଥିତ ଦଧୀଚି ଶିକ୍ଷାନୁଷ୍ଠାନ ସମୂହ ଅନ୍ତର୍ଗତ ଏକାଡେମିଆ ଇଣ୍ଟରନ୍ୟାଶନାଲ୍ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଫଳାଫଳ ଶତପ୍ରତିଶତ ରହିଛି। କୃତକାର୍ଯ୍ୟ ହୋଇଥିବା ୯୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୫% ପ୍ରଥମ ଶ୍ରେଣୀରେ ଓ ୨୫% ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ସ୍ୱାଧୀନା ସାହୁ ସର୍ବାଧିକ ୫୧୨ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଭାଗ୍ୟଶ୍ରୀ ପଲେଇ ୫୦୦ ନମ୍ବର ରଖି ଦ୍ୱିତୀୟ ଓ ଛାତ୍ର ଅମରେଶ୍ୱର ନାୟକ ୪୮୫ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରାୟ ୫୦ ଜଣ ଛାତ୍ରୀଛାତ୍ର ୪୦୦ରୁ ଅଧିକ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ରାଜ୍ୟରେ ଶତପ୍ରତିଶତ ସଫଳତା ହାସଲ କରିଥିବା ୨୯୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ଏକାଡେମିଆ ଇଣ୍ଟରନ୍ୟାଶନାଲ ବିଜ୍ଞାନ ବିଦ୍ୟାଳୟ ଅନ୍ୟତମ। ଦଧୀଚି ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ଏହି ସଫଳତା ପାଇଁ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମୋ ବସ୍ ଡ୍ରାଇଭରଙ୍କୁ ହାଣିଦେଲେ ଦୁର୍ବୃତ୍ତ

ଚୌଦ୍ୱାର,୨୮।୫(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳରେ ମୋ ବସ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଡ୍ରାଇଭର ସୁକାନ୍ତ ଦାସଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ଅପରାହ୍ନରେ ମୋ ବସ୍‌ଟି କଟକରୁ ବାହାରି ଚୌଦ୍ୱାର ଆଗ୍ରାହାଟସ୍ଥିତ ଡିଏମ୍‌ଟିଆଇ ଛକରେ ପହଞ୍ଚିଥିଲା। ସେଠାରେ ଯାତ୍ରୀଙ୍କୁ ଓହ୍ଲାଇ ପୁନର୍ବାର କଟକ ଅଭିମୁଖେ ଯିବାକୁ ବହାରୁଥିଲା। ଏହି ସମୟରେ ୩ଜଣ ଯୁବକ କଳାରଙ୍ଗର ଏକ ପଲ୍‌ସର୍ ବାଇକ୍‌ରେ ଆସି ବସ୍ ସମ୍ମୁଖରେ ଅଟକିଥିଲେ। ହଠାତ୍ ବସ୍ ଡ୍ରାଇଭର ସୁକାନ୍ତଙ୍କୁ ଗାଳିଗୁଲଜ କରିବା ସହ ଗାଡ଼ିରୁ ତଳକୁ ଟାଣିଆଣି ମାରଣାସ୍ତ୍ରରେ ତାଙ୍କ ହାତ, ଗୋଡ଼ ଓ ମୁଣ୍ଡକୁ ହାଣି ଦେଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଜମା ହୋଇଯିବାରୁ ସମ୍ପୃକ୍ତ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସୁକାନ୍ତଙ୍କୁ ପ୍ରଥମେ ଟାଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆକ୍ରମଣର କାରଣ ଜଣାପଡ଼ିନାହିଁ। ଏନେଇ ଅଭିଯୋଗ ହେବା ପରେ ଚୌଦ୍ୱାର ପୋଲିସ ତଦନ୍ତ ଆରମ୍ଭ କରିଛି।

## ଘର ଆଗରୁ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟ୍

ବାରଙ୍ଗ,୨୮।୫(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ସୌଦାମିନୀ ପଢ଼ିହାରୀ (୭୮)ଙ୍କ ବେକରୁ ୨ ଜଣ ଦୁର୍ବୃତ୍ତ ସୁନାଚେନ୍ ଲୁଟି ନେଇଛନ୍ତି। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ସୌଦାମିନୀ ଘର ବାରଣ୍ଡାରେ ବସିଥିଲେ। ସେହି ବାରଣ୍ଡାକୁ ଲାଗି ତାଙ୍କ ପୁଅ କରିଥିବା ଦୋକାନକୁ ୨ ଜଣ ଦୁର୍ବୃତ୍ତ ଆସି ସିଗାରେଟ୍ ଖାଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣେ ଗାଁ ଭିତରକୁ ଯାଇଥିବାବେଳେ ଅନ୍ୟ ଜଣଙ୍କ ବାଇକ୍ ପାଖରେ ଛିଡ଼ା ହୋଇଥିଲେ। ସେହି ସମୟରେ ସୌଦାମିନୀଙ୍କ ନାତୁଣୀ ଘରୁ ବାହାରକୁ ଆସୁଥିବାବେଳେ ତା' ପାଟିଶୁଣି ସେ ପଛକୁ ଅନାଇଥିଲେ। ଏହାର ସୁଯୋଗ ନେଇ ଗାଁ ଭିତରକୁ ଯାଇଥିବା ଯୁବକ ଜଣଙ୍କ ତାଙ୍କ ବେକରୁ ସୁନାଚେନ୍‌କୁ ଛିଣ୍ଡାଇ ନେଇଥିଲେ। ଫଳରେ ସୌଦାମିନୀଙ୍କ ବେକରେ ଆଘାତ ଲାଗିବା ସହ ମୁଣ୍ଡ କବାଟରେ ବାଡେଇ ହୋଇ ଆଘାତ ଲାଗିଥିଲା। ଦୁଇଜଣ ଯୁବକ ପଲସର ଯୋଗେ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ପଳାଇ ଯାଇଛନ୍ତି।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜଳିଗଲା

ଫୁଲନଖରା,୨୮।୫(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ଜାତୀୟ ରାଜପଥର ରୁଦ୍ରପୁରଠାରେ ବୁଧବାର ସକାଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇଯାଇଛି। ହଠାତ୍ ସେଥିରେ ନିଆଁ ଲାଗିଯିବାରୁ ଭ୍ୟାନ୍‌ର ସମ୍ମୁଖ ଭାଗ ପୋଡିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପିକ୍‌ଅପ୍ ଭ୍ୟାନ୍‌ଟି ୧୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ନେଇ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହେଲେ ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଛନ୍ତି। ଏଥିସହ ଗୋଚାଲାଣକାରୀମାନେ ଗାଡିରେ ଥିବା ଗୋରୁମାନଙ୍କୁ ବାହାରେ ଛାଡି ଚାଲିଯାଇଛନ୍ତି। ଦୁର୍ଘଟଣାସ୍ଥଳରେ କିଛି ଗୋରୁ ଶିଂଘ, ପଘା ଓ ରକ୍ତ ପଡିଥିବା ଦେଖିବାକୁ ମିଳିଛି। ଦୁର୍ଘଟଣାରେ ଏକ ଗୋରୁ ଆହତ ହୋଇଛନ୍ତି। ଖବରପାଇ ବିଶ୍ୱ ଗୋସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ପହଞ୍ଚି ଆହତ ଗୋରୁଙ୍କ ଚିକିତ୍ସା କରାଇ ହଂସପାଳ ନିକଟସ୍ଥ ଗୋଶାଳାରେ ଛାଡିଥିଲେ। ପାହାଳ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌କୁ ଜବତ ତଦନ୍ତ ଆରମ୍ଭ କରିଛି। ହେଲେ ଏହି ତଦନ୍ତକୁ ନେଇ ପଣ୍ଡା କ୍ଷୋଭପ୍ରକାଶ କରିଛନ୍ତି। ଏନେଇ ପାହାଳ ଥାନା ଆଇଆଇସି ବିଚ୍ୟୁତି ମହାନ୍ତି କହିଛନ୍ତି, ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ।


ପୋଡିଯାଇଥିବା ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍।

# 'ସଙ୍ଗୀତ, ନୃତ୍ୟରେ ତାଳ ଠିକ୍ ରହିବା ଜରୁରୀ'



କଟକ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୮।୫ (କାର୍ତ୍ତିକ ସାହୁ)

**ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରର ଦ୍ୱିତୀୟ ଦିବସ**

ସଙ୍ଗୀତ ଓ ନୃତ୍ୟରେ ତାଳ ଠିକ୍ ରହିବା ଜରୁରୀ। କଳାକାରର ପ୍ରତିଭାକୁ ଶାଣିତ କରେ ତାଳ। ତାଳଜ୍ଞାନରେ ଶୁଦ୍ଧତା ରହିବା ଆବଶ୍ୟକ ବୋଲି କଟକ କଳାବିକାଶ କେନ୍ଦ୍ରରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିରର ମଙ୍ଗଳବାର ଦ୍ୱିତୀୟ ଦିବସରେ ବିଶିଷ୍ଟ ତବଲା ବାଦକ ହରମୋହନ ଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି। କଳାବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ୪ ଦିବସୀୟ କର୍ମଶାଳାରେ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ, ଚିତ୍ରକଳା ଓ ନାଟକ ଆଦିରେ ପ୍ରତିଭା ଅନ୍ୱେଷଣ ହୋଇଥିଲା। କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଶିବିର ପରିଚାଳକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା ଓଡ଼ିଶୀ ନୃତ୍ୟର ବିଭିନ୍ନ ଭଙ୍ଗୀ ବିଷୟରେ ତାଲିମ ଦେଇଥିଲେ। ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଚିତ୍ର ଆଙ୍କିବାରେ ତୂଳୀ ଚାଳନାର ବିଭିନ୍ନ କୌଶଳ ବିଷୟରେ ଶିଖାଇଥିଲେ। ନାଟ୍ୟ ନିର୍ଦ୍ଦେଶକ ସନ୍ଦୀପ ପାଣି ନାଟକରେ ଅଭିନୟର ବିଭିନ୍ନ ଦିଗ ଉପରେ ତାଲିମ ଦେଇଥିଲେ। ଭକ୍ତବଲ୍ଲଭ ଦାସ, ସୁଦୀପ୍ତା ଦାସ, ବିକାଶ ଚନ୍ଦ୍ର ଦାଶ, ଡ. ସ୍ନେହଲତା ମିଶ୍ର, ରାଧାମୋହନ ସାହୁ, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ନିର୍ବାଚନ ମଇଦାନରେ ୩୧ ପ୍ରାର୍ଥୀ

କଟକ,୨୮।୫ (କାର୍ତ୍ତିକ ସାହୁ)

**ଭୋଟରଙ୍କୁ ମନେଇବା ପାଇଁ ଦିନରାତି ଏକାକାର**

ମାହାଙ୍ଗା, ସାଲେପୁର ଓ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ଜୁନ୍ ୧ରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରାର୍ଥୀ ଓ କର୍ମୀମାନେ ଭୋଟରଙ୍କୁ ମନେଇବା ପାଇଁ ଦିନରାତି ଏକ୍ କରିଦେଇଛନ୍ତି। ଫଳରେ ଗ୍ରୀଷ୍ମର ଉଷ୍ମତାକୁ ବଳିଯାଇଛି ନିର୍ବାଚନୀ ଉଷ୍ମତା। ନିର୍ବାଚନ ଜିତିବା ପାଇଁ ପ୍ରାର୍ଥୀମାନେ ନିଜ ଢଙ୍ଗରେ କୌଶଳ ପ୍ରୟୋଗ କରିଚାଲିଛନ୍ତି। ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ୧୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସାଲେପୁରରେ ୯ ଓ ନିଆଳିରେ ୯ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିରୁ ଅଙ୍କିତ୍ ପ୍ରତାପ ଜେନା, କଂଗ୍ରେସ୍‌ରୁ ଦେବେନ୍ଦ୍ର କୁମାର ସାହୁ, ଭାଜପାରୁ ସୁମନ୍ତ କୁମାର ଘଡ଼େଇ, ବହୁଜନ ସମାଜ ପାର୍ଟିରୁ ଗୋଲାମ ଜିଲାନି ଖାନ୍, ଆମ୍ ଆଦ୍‌ମୀ ପାର୍ଟିରୁ ସାରଦା ପ୍ରସାଦ ଦାସ, ଓଡ଼ିଶା ଜନତା ପାର୍ଟିରୁ ଚିତ୍ତରଞ୍ଜନ ସାହୁ, ଉତ୍କଳ ସମାଜରୁ ଚିତ୍ତରଞ୍ଜନ ରାଉତ, ଇଣ୍ଡିଆନ୍ ସିଟିଜେନ୍‌ସ ପାର୍ଟିରୁ ଡ. ଦୁର୍ଗାଚରଣ ନାୟକ, ସମୃଦ୍ଧ ଓଡ଼ିଶାରୁ ପ୍ରଦୀପ୍ତ ମହାନ୍ତି, ସମାଜବାଦୀ ପାର୍ଟିରୁ ଶାରଳାପୁତ୍ର ଶ୍ରୀରାମ ବିନୋଦ ଷଡ଼ଙ୍ଗୀ, ସ୍ୱାଧୀନ ପ୍ରାର୍ଥୀ ଜୟନ୍ତ କୁମାର ଦାସ, ଶାରଦା ପ୍ରସାଦ ପ୍ରଧାନ ଓ ଶ୍ରୀରାମ ପାଣ୍ଡେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଏଠାରେ ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଓ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରସାଦ ପ୍ରଧାନଙ୍କ ମଧ୍ୟରେ ଲଢ଼େଇ ହେଉଥିବା ନିର୍ବାଚନୀ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଭାଜପା ପ୍ରାର୍ଥୀ ସୁମନ୍ତ ଘଡ଼େଇ ମଧ୍ୟ ନିଜ ସପକ୍ଷରେ ଜନମତ ଗୋଟାଇବାକୁ ପ୍ରୟାସ ଚଳାଇଛନ୍ତି। କେନ୍ଦ୍ର ନେତାଙ୍କ ପ୍ରଭାବକୁ ଭୋଟରଙ୍କ ମଧ୍ୟରେ ସଞ୍ଚରିତ କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି।

ସାଲେପୁର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଅରିନ୍ଦମ ରାଏ, କଂଗ୍ରେସର ଆକ୍ୟୁବୁଜ୍ଜମା ଖାନ୍, ବିଜେଡିର ପ୍ରଶାନ୍ତ ବେହେରା, କମ୍ୟୁନିଷ୍ଟ ପାର୍ଟିର ବଦ୍ରି ନାରାୟଣ ଦାଶ, ବହୁଜନ ସମାଜ ପାର୍ଟିର ଯଶୋବନ୍ତ ଜେନା, ସମାଜବାଦୀ ପାର୍ଟିର ଅମରେଶ ପାତ୍ର, କୃପା ପାର୍ଟିର ମଧୁସୂଦନ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱେଶ୍ୱର ସ୍ୱାଇଁ, ଶୁଭେଶ ରଞ୍ଜନ ପରିଡ଼ା ନିର୍ବାଚନ ଲଢୁଛନ୍ତି। ଏଠାରେ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚିତ ହୋଇଥିବା ଚର୍ଚ୍ଚା ହେଉଛି।

ସେହିପରି ନିଆଳି ନିର୍ବାଚନମଣ୍ଡଳୀରେ ବିଜେଡିର ଡା. ପ୍ରମୋଦ କୁମାର ମଲ୍ଲିକ, ଭାଜପାର ଛବି ମଲ୍ଲିକ, କଂଗ୍ରେସର ଗୀତାଞ୍ଜଳି ମଲ୍ଲିକ, ଜୟ ମହାଭାରତ ପାର୍ଟିର ଦିଲୀପ ଦାସ, ବହୁଜନ ସମାଜବାଦୀ ପାର୍ଟିର ବେଦପ୍ରକାଶ ଦାସ, ସମୃଦ୍ଧ ଓଡ଼ିଶାର ଅରୂପ କୁମାର ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଅଭିମନ୍ୟୁ ମଲ୍ଲିକ, କୃଷ୍ଣଚନ୍ଦ୍ର ବେହେରା, ତୃପ୍ତିରଞ୍ଜନ ବେହେରା ପ୍ରାର୍ଥୀ ହୋଇଛନ୍ତି। ଏଠାରେ ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ବାଧକ ସାଜିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ହେଲେ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହେଉଛି।

ଅପରପକ୍ଷରେ ମତଦାନ କେନ୍ଦ୍ରକୁ ପୋଲିଂ ପାର୍ଟି ପଠାଇବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତା ୩୧ ତାରିଖରେ ପୋଲିଂ ପାର୍ଟି ମତଦାନ କେନ୍ଦ୍ର ଅଭିମୁଖେ ଯାତ୍ରା କରିବେ। ଅନ୍ତିମ ପର୍ଯ୍ୟାୟ ମତଦାନ ପରେ ଜୁନ୍ ୪ ତାରିଖରେ ଭୋଟ ଗଣତି ହେବା ପାଇଁ ମଧ୍ୟ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

# ନାବାଳିକା ଝିଅଙ୍କୁ ବଳାତ୍କାର ପରେ ଥାନାରେ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ରାତି ଅଧରେ ନାବାଳିକା ଝିଅଙ୍କୁ ବଳାତ୍କାର କଲେ ଜନ୍ମଦାତା। ପୋଲିସ ଗିରଫ କରି ଥାନାକୁ ନେବାପରେ ଲୋକଲଜ୍ଜାରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ ଏକ ଧାରୁଆ ଅସ୍ତ୍ରରେ ନିଜ ଶରୀରର ବିଭିନ୍ନ ଅଙ୍ଗକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ମୈତ୍ରୀ ବିହାର ଥାନା ପରିସରରେ। ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହିରେ ରହୁଥିବା ଭଦ୍ରକ ଚାନ୍ଦବାଲି ଅଞ୍ଚଳର ବାଦଲ ଦାସ। ବାଦଲଙ୍କୁ ଆହତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ କଟକ ଏସ୍‌ସିବି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଥାନାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାଦଲ ଧାରୁଆ ଅସ୍ତ୍ରରେ ଏଭଳି ଘଟଣା ଘଟାଇବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସେଣ୍ଟ୍ରିଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବାଦଲ ପରିବାର ସହ ସାଲିଆ ସାହିରେ ରୁହନ୍ତି। ସୋମବାର ରାତିରେ ତାଙ୍କର ୧୪ବର୍ଷୀୟା ଝିଅ ଘରେ ଶୋଇଥିବାବେଳେ ତାକୁ ବଳାତ୍କାର କରିଥିଲେ। ଭୟରେ ଏହି ଘଟଣାକୁ ରାତିରେ ପୀଡ଼ିତା ଝିଅ ମା'ଙ୍କୁ ଜଣାଇ ନ ଥିଲେ। ମଙ୍ଗଳବାର ସକାଳେ ବାଦଲ କାମକୁ ଯିବା ପରେ ମା'ଙ୍କୁ ଝିଅ ବାପାଙ୍କ କୁକର୍ମ ବିଷୟରେ ଜଣାଇଥିଲେ। ଏହା ଜାଣିବା ପରେ ପୀଡ଼ିତା ଝିଅଙ୍କୁ ସାଙ୍ଗରେ ଧରି ମା' ଥାନାକୁ ଆଣିଥିଲେ। ପୀଡ଼ିତା ନାବାଳିକାଙ୍କ ଏତଲାକ୍ରମେ ପୋଲିସ ଆଇପିସି ଦଫା ୩୭୬(୩) ଓ ପୋକ୍ସୋ ଆକ୍ଟର ଦଫା ୬ରେ ଏକ ମାମଲା (ନଂ.୨୩୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଧ୍ୟାହ୍ନ ୧୨ଟା ୪୫ ବେଳେ ବାଦଲଙ୍କୁ ପୋଲିସ ଗିରଫ କରିଥିଲା। ବାଦଲ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାପିଟାଲ୍ ହସ୍ପିଟାଲରେ କରାଯିବା ପରେ ଥାନାକୁ ନିଆଯାଇଥିଲା। ଥାନା ଭିତରେ ଦାୟିତ୍ୱରେ ଥିବା ସେଣ୍ଟ୍ରିଙ୍କୁ ଲାଟ୍ରିନ୍ ଯିବାକୁ ବାଦଲ ଅନୁରୋଧ କରିଥିଲେ। ସେଣ୍ଟ୍ରିଙ୍କ ଅନୁମତିକ୍ରମେ ବାଦଲ ଲାଟ୍ରିନ୍‌କୁ ଯାଇ ଭିତର ପଟୁ ହଠାତ୍ କବାଟ ବନ୍ଦ କରି ଦେଇଥିଲେ। ଏନେଇ ସେଣ୍ଟ୍ରି ତଦନ୍ତ ଅଧିକାରୀଙ୍କୁ ଜଣାଇବା ପରେ ସମସ୍ତେ କବାଟ ଖୋଲିବାକୁ କହିଥିଲେ। ତେବେ ହଠାତ୍ ବାଦଲ ଯନ୍ତ୍ରଣାରେ ଚିତ୍କାର କରିବାରୁ ପୋଲିସ ପକ୍ଷରୁ କବାଟ ଭଙ୍ଗା ଯାଇଥିଲା। ବାଦଲଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଥାନା ଲାଟ୍ରିନରେ ବାଦଲ କିଭଳି ଧାରୁଆ ଅସ୍ତ୍ର ପାଇଲେ, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

# ୩ରଥର ସାଲ ଗୁଜ, ତୀଖ ଗୁଜ କାର୍ଯ୍ୟ ଜାରି



ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି। ବୁଧବାର ଭଉଁରୀ ନୀତି ଥିବାରୁ ରଥ ସଂହିତା ଅନୁଯାୟୀ ସକାଳ ଧୂପ ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ୩ ରଥର ୨ଗୋଟି ଚକ ସହ ଗୋଟିଏ ଗୋଟିଏ ଅଖ ସଂଯୋଗ କରାଯିବାର ବିଧି ରହିଛି। ତେଣୁ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶକ୍ରମେ ରଥ ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଚାଲିଛି। ରଥ ନିର୍ମାଣର ଅଷ୍ଟାଦଶ ଦିବସରେ ତିନି ରଥର ନିର୍ମାଣକାରୀ ସେବକମାନେ ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ ମତେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୩ ରଥର ୧୬ଗୋଟି ଚକ ନିର୍ମାଣ ଶେଷ ହୋଇଥିବାବେଳେ ମଙ୍ଗଳବାର ୩ରଥର ଆଉ ଦୁଇଟି ଲେଖାଏ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନୋଟି ଲେଖାଏ ତୁମ୍ବରେ ଅର ସଂଯୋଗ ପୂର୍ବକ ଯନ୍ତାଗାଡ଼ଠାରେ ତୁମ୍ବ ଆରରେ କଣ୍ଟା ବାଡିଆ ବା ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଭୋଇ ସେବକମାନେ ଶେଷକରି ଅଖବିନ୍ଧ ପାଇଁ ରଥ ଚାଳିକୁ ଯୋଗାଇଥିବା ସିଙ୍ଗଡ଼ା ତୁମ୍ବଗୁଡ଼ିକରେ ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ଅଖବିନ୍ଧ ପରେ ତିନି ରଥର ମହାରଣା ସେବକମାନେ ମାପ ପ୍ରକାରେ ସାଲ କାର୍ଯ୍ୟ ଶେଷ କରିଛନ୍ତି। ପରେ ତିନି ରଥର ମହାରଣା ସେବକମାନେ ଦୁଇ ଦୁଇଟି ଚକ ପ୍ରସ୍ତୁତ ପାଇଁ ୮ ଟି ଲେଖାଏ ପଇ ବିନ୍ଧ ଶେଷ କଲାପରେ ତିନି ରଥର ଦୁଇ ଦୁଇଟି ସିଙ୍ଗଡ଼ାରେ ପଇ ସଂଯୋଗ ଶେଷ ହୋଇଛି। ଏହା ପରେ ପଇରେ କିଳା ଗାଡିଆ ବା ବିଳେଇ ବାଡିଆ ହୋଇ ପଇ କଳସା ଜାରି ରହିଛି। ରଥ ଖଳାରେ ସ୍ଥାନାଭାବ ଯୋଗୁଁ ଅଧିକ ଚକ ନିର୍ମାଣ କରି ରଖିବା ସମ୍ଭବ ହେଉ ନାହିଁ। ତେଣୁ ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ପରେ ନିର୍ମାଣ ସରିଥିବା ଚକଗୁଡ଼ିକୁ ବିଧିମତେ ବାହାରକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯିବ ବୋଲି ସୂଚନା ଦିଆଯାଇଛି। ସନ୍ଧ୍ୟା ସୁଦ୍ଧା ତିନିରଥର ସମସ୍ତ ସାଲ ଗୁଜ, ତୀଖ ଗୁଜ, ଜଳଯନ୍ତ୍ର, କୁତ୍ତୁକା, ଦୁଇଟି ଲେଖାଏ ଓରା ଏବଂ ଗୋଟିଏ ଲେଖାଏଁ ସିଂହାସନ ନିର୍ମାଣ ଶେଷ କରିଛନ୍ତି।

# ଫାଇନାଲରେ ଓଡ଼ିଶା

## ଜାତୀୟ ସବ୍‌ଜୁନିୟର ଟେନିସ୍ ବଲ କ୍ରିକେଟ

ଖୋର୍ଦ୍ଧା,୨୮।୫ (ପ୍ରଭାତ ପାଣିଗ୍ରାହୀ)

ଗୁଜରାଟର ଅହମଦାବାଦଠାରେ ଚାଲିଥିବା ୨୯ତମ ଜାତୀୟ ସବ୍‌ଜୁନିୟର ଟେନିସ୍ ବଲ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଫାଇନାଲକୁ ଉନ୍ନୀତ ହୋଇଛି। ଦଳ କ୍ୱାର୍ଟର ଫାଇନାଲରେ ଗୁଜରାଟକୁ ହରାଇବା ପରେ ସେମିଫାଇନାଲରେ ପୂର୍ବାଞ୍ଚଳ ଦଳକୁ ୬ ରନରେ ପରାସ୍ତ କରିଛି। ଏହି ମ୍ୟାଚରେ ଆଶିଷ ମଲିକ ଏବଂ ଲିପିସନ ଦିଗଲ ଯଥାକ୍ରମେ ପ୍ଲେୟର ଅଫ୍ ଦ ମ୍ୟାଚ ଏବଂ ବେଷ୍ଟ ବୋଲର ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ବୁଧବାର ଫାଇନାଲ ମ୍ୟାଚ୍ ଓଡ଼ିଶା ଓ ଉତ୍ତରପ୍ରଦେଶ ଟିମ୍ ମଧ୍ୟରେ ହେବ। ଓଡ଼ିଶା ଦଳର ଏହି ପ୍ରଦର୍ଶନକୁ ନେଇ କୋଚ୍ ରଞ୍ଜନ ନାୟକ ଏବଂ ଟି. ଦିଲେଶ୍ୱର ରାଓଙ୍କୁ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, ସହ ସମ୍ପାଦକ ସୋମନାଥ ପରିଡା, କୋଷାଧ୍ୟକ୍ଷ ଅଶୋକ ଦାସ, ଯୁଗ୍ମ ସମ୍ପାଦକ ସଞ୍ଜୟ ବିଶୋଇ, ସୁନୀଲ କୁମାର ମହାରଣା, ଚକ୍ରଧର ମାଝୀ, ପଙ୍କଜ ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# 'ସଙ୍ଗୀତ, ନୃତ୍ୟରେ ତାଳ ଠିକ୍ ରହିବା ଜରୁରୀ'



କଟକ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୮।୫ (କାର୍ତ୍ତିକ ସାହୁ)

## ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରର ଦ୍ୱିତୀୟ ଦିବସ

ସଙ୍ଗୀତ ଓ ନୃତ୍ୟରେ ତାଳ ଠିକ୍ ରହିବା ଜରୁରୀ। କଳାକାରର ପ୍ରତିଭାକୁ ଶାଣିତ କରେ ତାଳ। ତାଳଜ୍ଞାନରେ ଶୁଦ୍ଧତା ରହିବା ଆବଶ୍ୟକ ବୋଲି କଟକ କଳାବିକାଶ କେନ୍ଦ୍ରରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିରର ମଙ୍ଗଳବାର ଦ୍ୱିତୀୟ ଦିବସରେ ବିଶିଷ୍ଟ ତବଲା ବାଦକ ହରମୋହନ ଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି। କଳାବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ୪ ଦିବସୀୟ କର୍ମଶାଳାରେ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ, ଚିତ୍ରକଳା ଓ ନାଟକ ଆଦିରେ ପ୍ରତିଭା ଅନ୍ୱେଷଣ ହୋଇଥିଲା। କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଶିବିର ପରିଚାଳକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା ଓଡ଼ିଶୀ ନୃତ୍ୟର ବିଭିନ୍ନ ଭଙ୍ଗୀ ବିଷୟରେ ତାଲିମ ଦେଇଥିଲେ। ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଚିତ୍ର ଆଙ୍କିବାରେ ତୂଳୀ ଚାଳନାର ବିଭିନ୍ନ କୌଶଳ ବିଷୟରେ ଶିଖାଇଥିଲେ। ନାଟ୍ୟ ନିର୍ଦ୍ଦେଶକ ସନ୍ଦୀପ ପାଣି ନାଟକରେ ଅଭିନୟର ବିଭିନ୍ନ ଦିଗ ଉପରେ ତାଲିମ ଦେଇଥିଲେ। ଭକ୍ତବଲ୍ଲଭ ଦାସ, ସୁଦୀପ୍ତା ଦାସ, ବିକାଶ ଚନ୍ଦ୍ର ଦାଶ, ଡ. ସ୍ନେହଲତା ମିଶ୍ର, ରାଧାମୋହନ ସାହୁ, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ୫ ଅଟୋକ୍ଲେଭ ମେଶିନ ଅଚଳ

କଟକ,୨୮।୫(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ସେଣ୍ଟ୍ରାଲ ଷ୍ଟେରିଲାଇଜଡ୍ ସେଣ୍ଟରରେ ରହିଥିବା ୬ଟି ଅଟୋକ୍ଲେଭ ମେଶିନ ମଧ୍ୟରୁ ୫ଟି ଅଚଳ ହୋଇପଡିଛି। ଏଥିଯୋଗୁ ଚିକିତ୍ସା ସରଞ୍ଜାମ ବିଶୋଧନ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। ଏପରି କି ଅସ୍ତ୍ରୋପଚାର ନିମନ୍ତେ ବ୍ୟବହୃତ ସରଞ୍ଜାମ ଠିକ୍ ଭାବେ ବିଶୋଧନ କରାଯାଇପାରୁନାହିଁ। ଫଳରେ ରୋଗୀଙ୍କୁ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ମେଡିକାଲର ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓଟିରୁ ଆରମ୍ଭ କରି ସର୍ଜରି, ଟ୍ରମା କାଜୁଆଲ୍‌ଟି, ଇଏନ୍‌ଟି, ଚକ୍ଷୁ ବିଭାଗ ଓଟିରେ ସମସ୍ୟା ଦେଖାଦେଲାଣି। ଅଟୋକ୍ଲେଭ ମେଶିନ ଅଚଳ ହେବା ଯୋଗୁ ପାଣିରେ ବିଭିନ୍ନ ଯନ୍ତ୍ରାଂଶ ଧୋଇ ରୋଗୀ ସେବା କରାଯାଉଛି। ଏଭଳି କରାଗଲେ ସଂକ୍ରମଣର ଭୟ ରହିଛି। ଏନେଇ ମେଡିକାଲ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମଦ ଜବତ, ଅଭିଯୁକ୍ତ ଫେରାର

ସାଲେପୁର,୨୮।୫(ଅରବିନ୍ଦ ଭୂୟାଁ):

ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ଅଞ୍ଚଳର ମାତନଗର ବଜାର ପାଖରେ ଚଢ଼ାଉ କରାଯାଇ ଏକ ଚାଳିଆ ଘରୁ ୧୧୬ଲିଟର ମଦ ଜବତ କରାଯାଇଛି। ମାତ୍ର ଅଭିଯୁକ୍ତ କାହ୍ନୁଚରଣ ବେହେରା ଘଟଣାସ୍ଥଳରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଛନ୍ତି। ସାଲେପୁର ପୋଲିସ ଏକ ବିଶେଷସୂତ୍ରରୁ ଖବରପାଇ ଭୋର ସମୟରେ ଉକ୍ତ ଘର ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରୁ ୧୧୧ଲିଟର ବିଦେଶୀ ଓ ୫ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏନେଇ ଥାନାରେ ମାମଲା (ନଂ. ୨୩୧/୨୪) ରୁଜୁ କରାଯାଇଛି ବୋଲି ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ଆଜି ଶ୍ରୀକ୍ଷେତ୍ର ଭଉଁରୀ

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

## ରଥ ନିର୍ମାଣ ପର୍ବରେ ଚକ ଡେରା

ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସ ବୁଧବାର ଶ୍ରକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ରଥ ସଂହିତା ଅନୁଯାୟୀ ରଥ ଖଳାରେ ପରମ୍ପରା ମୁତାବକ ତିନିରଥର ପ୍ରତ୍ୟକ ଦୁଇଟି ଚକ ସହ ଗୋଟିଏ ଅଖ ସଂଯୋଗ କରାଯିବ, ଯାହାକୁ ଚକଅଖ ଡେରା ନୀତି କୁହନ୍ତି। ଏଥିପାଇଁ ବିଶ୍ୱକର୍ମା ମହାରଣାମାନେ ୬ଟି ଚକ ଓ ତିନୋଟି ଅଖ ପ୍ରସ୍ତୁତ କରି ରଖିଛନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢିବା ପରେ ତିନିବାଡର ପୂଜାପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାକୁ ଆସିବେ। ଆଜ୍ଞାମାଳ ପ୍ରଦାନ ପରେ ସେଠାରେ ଭୋଇ ସେବକମାନେ ଚକ ଅଖ ଡେରା କାର୍ଯ୍ୟ ସମ୍ପନ୍ନ କରି ନିୟମ ଅନୁଯାୟୀ ପ୍ରଥମ ହରିବୋଲ ପକାଇବେ। ସେହିପରି ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରୀ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କିଂ ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ। ପରେ ଦିନ ଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରରେ ଥିବା ଚନ୍ଦନ କୁଣ୍ଡକୁ ବିଜେ କରିବେ। ପରେ ବେଶ ହୋଇ ଭୋଗ ମଣୋହି ହେବେ। ପରେ ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରୀ ପାଇଁ ଚାପ ଡଙ୍ଗାକୁ ବିଜେ କରିବେ। ପୁଷ୍କରିଣୀର ସମସ୍ତ କୋଣରେ ଏବଂ ଦିପିଦାଣ୍ଡି ନିକଟରେ ଚାପ ଡଙ୍ଗା ୨୧ ଘେରା ଲେଖାଏଁ ବୁଲିବ। ଏହାକୁ ଭଉଁରୀ ବୋଲି କୁହାଯାଇଥାଏ। ତେବେ ମହାପ୍ରଭୁଙ୍କ ଭଉଁରୀ ଯାତ୍ରାକୁ ନେଇ ଶ୍ରମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ଶ୍ରୀମନ୍ଦିର ଦ୍ୱାର ରାତ୍ର ୩ ଟାରେ ଫିଟା ଯିବ।

# 'ନବୀନ ତାମିଲନାଡୁରୁ ନିର୍ବାଚନ ଲଢ଼ନ୍ତୁ'

ନିମାପଡ଼ା,୨୮।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନବୀନ ପଟ୍ଟନାୟକ ତାମିଲନାଡୁରୁ ନିର୍ବାଚନ ଲଢ଼ନ୍ତୁ। ଓଡ଼ିଶାରେ ତାମିଲ ମୁଖ୍ୟମନ୍ତ୍ରୀ ନୁହେଁ ଓଡ଼ିଆ ମୁଖ୍ୟମନ୍ତ୍ରୀ ଦରକାର। ତାମିଲ ପ୍ରଶାସନିକ ଅଧିକାରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାକୁ ଦିବା ସ୍ୱପ୍ନ ଦେଖୁଛନ୍ତି ବୋଲି ନିମାପଡ଼ାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସିଧାସଳଖ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ଦୁଇ ଗୁଣା ବିକାଶ ହେବ। ଦେଢ଼ ବର୍ଷ ଭିତରେ ଦେଢ଼ ଲକ୍ଷ ବେକାର ଯୁବତୀଯୁବକ ରୋଜଗାର ପାଇବେ। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କାର କ୍ୟାଶ ଭାଉଚର, ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ରିଟର୍ନ, ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କା ଆଦି ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ଜଗନ୍ନାଥ ମନ୍ଦିରର ୪ଦ୍ୱାର ଖୋଲିବା ସହିତ ରତ୍ନ ଭଣ୍ଡାର ଚାବି ଖୋଲି ଶହେ ଦିନ ମଧ୍ୟରେ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି ଶାହା କହିଛନ୍ତି। ଗରିବଙ୍କ ପାଇଁ ମାଗଣା ପକ୍କା ଘର, କୃଷକଙ୍କ ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କର ବହୁବିଧ ବିକାଶ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ପ୍ରତିଶ୍ରୁତି ଦେଇଥିଲାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ଲୋକ ହେବ ବୋଲି କହିଥିଲେ। ନିମାପଡ଼ାସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଏକ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ଏବେ ତାମିଲ ଶାସନ ଚାଲିଛି, ତେଣୁ ଏହି ତାମିଲ ଶାସନକୁ ହଟାଇବାକୁ ହେବ। ଯାହା ଜଣାପଡୁଛି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ବାବୁ ନିର୍ବାଚନ ଲଢୁନାହାନ୍ତି, ତାମିଲନାଡୁର ପାଣ୍ଡିଆନ ଏହି ନିର୍ବାଚନ ଲଢୁଛନ୍ତି ବୋଲି କହି ନବୀନଙ୍କୁ କଟାକ୍ଷ କରି କହିଥିଲେ। ଏଥିସହ ଶାହା କଂଗ୍ରେସକୁ ମଧ୍ୟ ଟାର୍ଗେଟ କରି କହିଥିଲେ, କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ପାକିସ୍ତାନର ଏଜେଣ୍ଟ ଭଳି କାମ କରୁଛନ୍ତି, ପାକିସ୍ତାନ ପାଖରେ ଆଟମ୍ ବମ୍ ରହିଥିବା କହି ରାହୁଲ ଦେଶବାସୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି। ଭାଜପା ଏଥିରେ ଭୟଭୀତ ନୁହେଁ ବୋଲି ଶାହା କହିଥିଲେ। ନିମାପଡ଼ାବାସୀ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ୨ଥର ପଦ୍ମ ଫୁଲରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ ମୁଖପାତ୍ର ସମୀର ଦାଶ, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ, ବିଧାୟକ ପ୍ରାର୍ଥିନୀ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜଳିଗଲା

ଫୁଲନଖରା,୨୮।୫(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ଜାତୀୟ ରାଜପଥର ରୁଦ୍ରପୁରଠାରେ ବୁଧବାର ସକାଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇଯାଇଛି। ହଠାତ୍ ସେଥିରେ ନିଆଁ ଲାଗିଯିବାରୁ ଭ୍ୟାନ୍‌ର ସମ୍ମୁଖ ଭାଗ ପୋଡିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପିକ୍‌ଅପ୍ ଭ୍ୟାନ୍‌ଟି ୧୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ନେଇ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହେଲେ ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଛନ୍ତି। ଏଥିସହ ଗୋଚାଲାଣକାରୀମାନେ ଗାଡିରେ ଥିବା ଗୋରୁମାନଙ୍କୁ ବାହାରେ ଛାଡି ଚାଲିଯାଇଛନ୍ତି। ଦୁର୍ଘଟଣାସ୍ଥଳରେ କିଛି ଗୋରୁ ଶିଂଘ, ପଘା ଓ ରକ୍ତ ପଡିଥିବା ଦେଖିବାକୁ ମିଳିଛି। ଦୁର୍ଘଟଣାରେ ଏକ ଗୋରୁ ଆହତ ହୋଇଛନ୍ତି। ଖବରପାଇ ବିଶ୍ୱ ଗୋସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ପହଞ୍ଚି ଆହତ ଗୋରୁଙ୍କ ଚିକିତ୍ସା କରାଇ ହଂସପାଳ ନିକଟସ୍ଥ ଗୋଶାଳାରେ ଛାଡିଥିଲେ। ପାହାଳ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌କୁ ଜବତ ତଦନ୍ତ ଆରମ୍ଭ କରିଛି। ହେଲେ ଏହି ତଦନ୍ତକୁ ନେଇ ପଣ୍ଡା କ୍ଷୋଭପ୍ରକାଶ କରିଛନ୍ତି। ଏନେଇ ପାହାଳ ଥାନା ଆଇଆଇସି ବିଯୁଟି ମହାନ୍ତି କହିଛନ୍ତି, ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ।



ପୋଡିଯାଇଥିବା ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍।

# ଏସ୍‌ସିବିରେ ଅବ୍ୟବସ୍ଥା, ରୋଗୀ ଅସନ୍ତୁଷ୍ଟ

■ ଟିକେଟ କାଉଣ୍ଟର, ନିରାମୟ କେନ୍ଦ୍ରରେ ଫ୍ୟାନ୍ ବ୍ୟବସ୍ଥା ନାହିଁ
■ ଘଣ୍ଟା ଘଣ୍ଟା ତଳେ ପଡ଼ି ରହୁଛନ୍ତି ରୋଗୀ
■ ଗୁଳୁଗୁଳିରେ ଛଟପଟ ରୋଗୀ ସମ୍ପର୍କୀୟ

କଟକ,୨୮।୫(ଶିଳ୍ପା ପ୍ରିୟଦର୍ଶିନୀ)




ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ଲୋକମାନେ ଅସହ୍ୟ ଗରମରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

କଟକ ଏସ୍‌ସିବି ମେଡିକାଲରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମେଡିକାଲର କେତେକ ସ୍ଥାନରେ ଫ୍ୟାନ୍ ବ୍ୟବସ୍ଥା ନ ଥିବାବେଳ ଆଉ କେତେକ ସ୍ଥାନରେ ଲାଗିଥିବା ଏସିରୁ ଗରମ ପବନ ବାହାରୁଛି। ମେଡିକାଲ ପରିସରରେ ଥିବା ଥାଲାସେମିଆ ବିଭାଗ, ନେଫ୍ରୋଲୋଜି, କାର୍ଡିଓଲୋଜି ବିଭାଗ, କାଜୁଆଲ୍‌ଟି ସମେତ ଅନ୍ୟ ବିଭାଗର ଟିକେଟ କାଉଣ୍ଟର ଓ ନିରାମୟ କେନ୍ଦ୍ରଗୁଡ଼ିକରେ ଗରମକୁ ନଜରରେ ରଖି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏବେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସେମାନେ ମେଡିକାଲ ପରିସରରେ ଅସହ୍ୟ ଗୁଳୁଗୁଳିରେ ଛଟପଟ ହେଉଛନ୍ତି। ଏପରି କି ଗରମରେ ଟିକେଟ ପାଇଁ ଘଣ୍ଟା ଘଣ୍ଟା ଧରି ରୋଗୀ ସମ୍ପର୍କୀୟଙ୍କୁ ଧାଡିରେ ଛିଡା ହେବାକୁ ପଡୁଛି। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନେ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ଏଠାରେ ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ସୁବିଧା ମିଳୁ ନ ଥିବାବେଳେ ଅନେକ ଅବ୍ୟବସ୍ଥା ରହିଛି। ବିଶେଷକରି ବିଭିନ୍ନ ପରୀକ୍ଷା ଓ ଔଷଧ ଆଣିବା ପାଇଁ ଟିକେଟ୍ କରିବାକୁ ଅସହ୍ୟ ଗରମରେ ଦୀର୍ଘ ସମୟ ଧରି ଲମ୍ବାଧାଡିରେ ଛିଡାହେବାକୁ ପଡୁଛି। ବାରିପଦା ବାଲିଡିହା ଅଞ୍ଚଳର ପାର୍ବତୀ ବେହେରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ସୋମବାର ଏସ୍‌ସିବି ମେଡିକାଲର ନେଫ୍ରୋଲୋଜି ବିଭାଗକୁ ଆସିଥିଲେ। ତାଙ୍କର ପରୀକ୍ଷା ପାଇଁ ନେଫ୍ରୋଲୋଜି ବିଭାଗରୁ ରଞ୍ଜନରଶ୍ମି ବିଭାଗକୁ ଆସିବାକୁ ବ୍ୟାଟେରି ଗାଡି କିମ୍ବା ଷ୍ଟ୍ରେଚରର ଆବଶ୍ୟକତା ଥିଲା। ହେଲେ ତାହା ନ ମିଳିବାରୁ ପାର୍ବତୀଙ୍କୁ ତାଙ୍କ ସ୍ୱାମୀ, ପୁଅ ଓ ଜ୍ୱାଇଁ ଟେକିନେଇ ପରୀକ୍ଷା କରାଇଥିଲେ। ଏପରି ଗରମରେ ମଙ୍ଗଳବାର ୩ ଘଣ୍ଟାରୁ ଅଧିକ ସମୟ ଧରି ପାର୍ବତୀ ତଳେ ପଡି ରହିଥିଲେ। ଏନେଇ ପାର୍ବତୀଙ୍କ ସ୍ୱାମୀ ପ୍ରେମ୍‌ଚାନ୍ଦ ବେହେରା କହିଛନ୍ତି, ଏସ୍‌ସିବିରେ ଷ୍ଟ୍ରେଚର କିମ୍ବା ବ୍ୟାଟେରି ଗାଡି ଥାଇ ମଧ୍ୟ ଠିକ୍ ସମୟରେ ତାହା ରୋଗୀ ସେବାରେ ଲାଗିପାରୁନାହିଁ। ଏଠାରେ ଦୁଇଦିନ ହେବ ରହିଛୁ। ପାଣି ଟିକିଏ ମିଳୁ ନ ଥିବାବେଳେ ଫ୍ୟାନ୍ ବ୍ୟବସ୍ଥା ନ ଥିବା ସେ କହିଛନ୍ତି।

ସେହିପରି ନିଆଳିରୁ ଏସ୍‌ସିବି ମେଡିକାଲକୁ ଆସିଥିବା ରୋଗୀ ସମ୍ପର୍କୀୟ ପିଣ୍ଟୁ ବାରିକ କହିଛନ୍ତି, ନିଶୁଳ୍କ ଚିକିତ୍ସା ଓ ଔଷଧ ପାଇଁ ବାପାଙ୍କୁ ନେଇ ଏସ୍‌ସିବି ଆସିଛି। ନିରାମୟ କେନ୍ଦ୍ରରୁ ଔଷଧ ନେବା ପାଇଁ ଏକ ଘଣ୍ଟାରୁ ଅଧିକ ସମୟ ଧରି ଧାଡିରେ ଛିଡ଼ା ହୋଇଛି। ଏଠାରେ ଫ୍ୟାନ୍ ବ୍ୟବସ୍ଥା ନ ଥିବାବେଳେ ଏସିର ଗରମ ପବନ ମାଡ଼ ହେଉଛି। ସାଲେପୁର ଅଞ୍ଚଳରୁ ଏସ୍‌ସିବିକୁ ଆସିଥିବା ରୋଗୀ ସମ୍ପର୍କୀୟ ସଞ୍ଜୟ ଦାସ କହିଛନ୍ତି, ଏସ୍‌ସିବି ମେଡିକାଲରେ ବହୁ ବିଳମ୍ବରେ ଡାକ୍ତର ଦେଖାଇବା ପରେ ଔଷଧ ପାଇଁ ନିରାମୟ କେନ୍ଦ୍ରରେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡା ହୋଇଛି। ମେଡ଼ିକାଲ କର୍ତ୍ତୃପକ୍ଷ ଏସିରେ ବସି ଏଭଳି ଅବ୍ୟବସ୍ଥାକୁ ଅଣଦେଖା କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି। ଅପରପକ୍ଷରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ପାନୀୟ ଜଳ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ମେଡିକାଲର ଯେଉଁସ୍ଥାନରେ ଫ୍ୟାନ୍ ନାହିଁ ତୁରନ୍ତ ସେଠାରେ ଲଗାଯିବା ପାଇଁ ବ୍ୟବସ୍ଥା କରାଯିବ। ରଞ୍ଜନରଶ୍ମୀ ବିଭାଗ ପରିସରରେ ଥିବା ରୋଗୀ ପାର୍ବତୀ ସମ୍ପର୍କରେ ଗଣମାଧ୍ୟମରୁ ଖବର ଜାଣିବାକୁ ପାଇଲି। ପରେ ତାଙ୍କୁ ବ୍ୟାଟେରି ଗାଡି ଯୋଗେ ଅନ୍ୟ ବିଭାଗକୁ ନିଆଯାଇଥିବା ମିଶ୍ର କହିଛନ୍ତି।

**ସଂକ୍ଷେପରେ**

## ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚିଲା ଶୁଣାଣି

### ଏନ୍‌ଜିଟିରେ ଟିଟିଏସ୍ ମାମଲା

ଭୁବନେଶ୍ୱର, ୨୮।୫ (ବନ୍ଦନା ସେଠୀ)

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ଚାଲିଥିବା ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିଂୟାର୍ଡ ଟିଟିଏସ୍ (ଟେମ୍ପୋରାରି ଟ୍ରାନ୍‌ଜିଟି ଷ୍ଟେଶନ) ମାମଲାର ଶୁଣାଣି ପୁନର୍ବାର ଘୁଞ୍ଚିଲା। ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ସରକାରୀ ଓକିଲ ଅନୁପସ୍ଥିତ ଥିଲେ। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିବା ସୂଚନା ମିଳିଛି। ପୂର୍ବରୁ ଏପ୍ରିଲ୍ ୧୯ରେ ଉକ୍ତ ମାମଲାର ଶୁଣାଣି କରାଯାଇଥିଲା।

ସୂଚନାଯୋଗ୍ୟ, ଟିଟିଏସ୍ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ସହରବାସୀଙ୍କ ମାନବାଧିକାର କ୍ଷୁଣ୍ଣ ହେଉଛି। ଏଥିସହ ଦୁର୍ଗନ୍ଧ ପାଇଁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗକରି ଚନ୍ଦ୍ରଶେଖରପୁର ଅଞ୍ଚଳର ହରିପ୍ରିୟା ପଟେଲ ଏନ୍‌ଜିଟିରେ ଅଭିଯୋଗ ଦାଖଲ କରିଥିଲେ। ପରେ ଏନ୍‌ଜିଟି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜଆଡୁ ମାମଲା ରୁଜୁ କରିଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଆଧାରରେ ଏକ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ସମେତ ଫେବୃଆରୀ ୨୪ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ଅଚାନକ ଟିଟିଏସ୍ ଗସ୍ତ କରିଥିଲେ। ଫେବୃଆରୀ ୨୯ ସୁଦ୍ଧା ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଜିଟିରେ ଦାଖଲ କରିବ ଏବଂ ମାର୍ଚ୍ଚ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ହୋଇପାରି ନ ଥିବାରୁ ଶୁଣାଣିକୁ ଏପ୍ରିଲ୍ ୧୯ ଯାଏ ଘୁଞ୍ଚାଯାଇଥିଲା। ତେବେ ଶୁଣାଣିରେ ଅଭିଯୋଗକାରୀଙ୍କ ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ମେ ୨୮ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ଚଳିତ ଶୁଣାଣିରେ ସରକାରୀ ଓକିଲଙ୍କ ଅନୁପସ୍ଥିତି ପାଇଁ ପୁନର୍ବାର ଏହାକୁ ଘୁଞ୍ଚାଯାଇଥିବା ସୂଚନା ଦିଆଯାଇଛି।

# ମିଳୁନି ଯକ୍ଷ୍ମା ଔଷଧ, ନୟାନ୍ତ ହେଲେଣି ରୋଗୀ

ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)



ଯକ୍ଷ୍ମା ରୋଗୀଙ୍କୁ ଠିକ୍ ସମୟରେ ଔଷଧ ମିଳୁନି। ବାରମ୍ବାର ହସ୍ପିଟାଲକୁ ଆସି ରୋଗୀ ନୟାନ୍ତ ହେବା ସହ ନିରାଶରେ ଫେରୁଛନ୍ତି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ୬ ମାସ ଜାଗାରେ ୧୨ ମାସ ଏବଂ ୧୨ ମାସ ଜାଗାରେ ୨୪ ମାସ ଧରି ଔଷଧ ଖାଇବାକୁ ପଡୁଛି। ସ୍ୱାସ୍ଥ୍ୟ ବିଭାଗର ଅନିୟମିତତା ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ୧୨ଶହରୁ ଅଧିକ ଯକ୍ଷ୍ମା ରୋଗୀ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଗତ ୩ମାସ ହେବ ନିୟମିତ ମେଡିସିନ ମିଳୁ ନ ଥିବାରୁ ରୋଗୀ ଅସୁବିଧା ଭୋଗୁଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ନିରାମୟ ଯୋଜନାରେ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇଦେବାକୁ ନିୟମ ରହିଛି। ହେଲେ ଖୋର୍ଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ଯକ୍ଷ୍ମା ଔଷଧ ଅଭାବ ଏବେ ଚିନ୍ତା ବଢ଼ାଇଛି। ଯଦି ଠିକ ସମୟରେ ରୋଗୀ ଔଷଧ ସେବନ ନ କରିବେ ତାହେଲେ ରୋଗ ଆହୁରି ଜଟିଳ ସ୍ଥିତିକୁ ଗତି କରିବାର ଆଶଙ୍କା ରହିଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ଯକ୍ଷ୍ମା ରୋଗୀଙ୍କର ଏହି ସମସ୍ୟା ବିଷୟରେ ଅବଗତ ଅଛୁ ଏବଂ ଏନେଇ ଟେଣ୍ଡର ସରିଛି। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ।

ଅନ୍ୟପକ୍ଷରେ ଓଡ଼ିଶାକୁ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ରାଜ୍ୟ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ହେଲେ ଯକ୍ଷ୍ମା ରୋଗୀଙ୍କ ପାଇଁ ଔଷଧ ମିଳୁନି। ଏପରି ସ୍ଥିତିରେ ଯକ୍ଷ୍ମାମୁକ୍ତ ରାଜ୍ୟ କିପରି ସଫଳ ହେବ ସେ ନେଇ ପ୍ରଶ୍ନ ଉଠିଛି। ସେପଟେ ସ୍ୱାସ୍ଥ୍ୟ ବିଭାଗ କହିଛି, ସମସ୍ତ ଜିଲାରେ ମେଡିସିନ ଯୋଗାଇ ଦିଆଯାଉଛି। ଏକ ମାସ ପର୍ଯ୍ୟନ୍ତ ପାଇଁ ରହିଛି। ଫେବୃଆରୀ ପରଠାରୁ ଯକ୍ଷ୍ମା ଔଷଧ ଅଭାବ ଦେଖାଦେଇଛି। ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଭଳି ରାଜ୍ୟରେ ବି ଅଭାବ ଦେଖାଦେଇଛି। ତେବେ କିଛି ମାସ ପାଇଁ ଅଭାବ ହୋଇଯାଇଥିଲା, ବର୍ତ୍ତମାନ ଅଭାବ ପୂରଣ ହୋଇପାରିଛି।

# ୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୪୮ ଲକ୍ଷ ଭୋଟର

ସାଲେପୁର, ୨୮।୫(ଅରବିନ୍ଦ ଭୂୟାଁ)

ସାଲେପୁର ନିର୍ବାଚନମଣ୍ଡଳୀରେ ଜୁନ୍ ୧ରେ ମତଦାନ ହେବ। ଏହି ନିର୍ବାଚନମଣ୍ଡଳୀରେ କିଭଳି ଶାନ୍ତିଶୃଙ୍ଖଳାର ସହ ମତଦାନ କରାଯିବ ସେନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସାଲେପୁର ନିର୍ବାଚନମଣ୍ଡଳୀରେ ଭୋଟର ସଂଖ୍ୟା ୨ଲକ୍ଷ ୪୮ହଜାର ୬୧୧ଜଣ ହୋଇଥିବାବେଳେ ସେଥିରୁ ୧ଲକ୍ଷ ୨୬ହଜାର ୬୬୭ ପୁରୁଷ ଭୋଟର, ୧ଲକ୍ଷ ୨୧ହଜାର ୯୨୧ ମହିଳା ଭୋଟର, ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୨୩ ରହିଛି। ସେହିପରି ଏହି ନିର୍ବାଚନମଣ୍ଡଳୀରେ ୩,୧୧୫ଜଣ ବରିଷ୍ଠ ନାଗରିକ ୫୧୯୧ଜଣ ନୂତନ ଭୋଟର ଏବଂ ୬୦୦୩ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି। ସାଲେପୁର ନିର୍ବାଚନମଣ୍ଡଳୀର ଟାଙ୍ଗୀ ସାଲେପୁର ବ୍ଲକରେ ମୋଟ୍ ୨୫୩ଟି ବୁଥ୍ ରହିଥିବାବେଳେ ଟାଙ୍ଗୀ ବ୍ଲକ୍‌ରେ ୮୨ ଓ ସାଲେପୁର ବ୍ଲକ୍‌ରେ ୧୭୧ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ସାଲେପୁରରେ ୧୧ଟି ଭୋଟ ଗ୍ରହଣ କେନ୍ଦ୍ର ଉତ୍ତେଜନାପ୍ରବଣ ବୋଲି ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ସେହିପରି ଚଳିତ ବର୍ଷ ହେବାକୁ ଥିବା ଭୋଟଗ୍ରହଣ କେନ୍ଦ୍ର ନିମନ୍ତେ ଆଦର୍ଶ ମତଦାନ କେନ୍ଦ୍ର ଆଦର୍ଶ ସଖୀ ବୁଥ୍ ୫୦ଟି କରାଯିବାକୁ ସ୍ଥିର କରାଯାଇଛି। ଚଳିତ ନିର୍ବାଚନରେ ସାଲେପୁର ବ୍ଲକ୍‌ର ଭୋଟର ସଂଖ୍ୟା ୧ଲକ୍ଷ ୬୭ହଜାର ୯୪୪ ଓ ଟାଙ୍ଗୀ ବ୍ଲକ୍‌ରେ ୮୦ହଜାର ୬୬୭ ଭୋଟର ୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ଜଣାଯାଇଛି।

# ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ୍

**ଅବସରପ୍ରାପ୍ତ ପୋଲିସ ଡିଜିଙ୍କ ଘରୁ ଚୋରି ମାମଲା**

ଭୁବନେଶ୍ୱର, ୨୮।୫(ସତ୍ୟଜିତ୍ ରାଉତ)





ଅଭିଯୁକ୍ତ ଅଜ୍ଜୁ ବର୍ଦ୍ଧନ ଏବଂ ଏସ୍.କେ ଇସ୍‌ଲାମ୍

ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ଘରୁ ଚୋରି ମାମଲାରେ ମଙ୍ଗଳବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଅଜ୍ଜୁ ବର୍ଦ୍ଧନ ଏବଂ ଏସ୍.କେ. ଇସ୍‌ଲାମ ଓରଫ କଦମ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୨ବର୍ଷ ଲେଖାଏ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ସେମାନଙ୍କୁ ୫୦୦ ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅବସରପ୍ରାପ୍ତ ପୋଲିସ ଡିଜି ପ୍ରହରାଜଙ୍କ ଆଇଆର୍‌ସି ଭିଲେଜ ଭି.ଆଇ.ପି-୪ସ୍ଥିତ ଘରକୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରିଥିଲେ। ୨୦୨୩ ସେପ୍ଟେମ୍ବର ୩୦ରେ ମନମୋହନ ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ସହ ପୈତୃକ ଗାଁକୁ ଯାଇଥିଲେ। ସେହି ରାତିରେ ଅଜ୍ଜୁ ଏବଂ କଦମ ତାଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଆଲମିରା ଏବଂ ସିକ୍ୟୁରିଟି ଲକରକୁ ତାଡ଼ି ୧୨ ଭରି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ସେହି ଦିନ ରାତି ପ୍ରାୟ ୨ଟା ୩୦ରେ ମନମୋହନ ଘରକୁ ଫେରି ଚୋରି ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୪୪୭/୨୦୨୩) ରୁଜୁ ସହ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା ଚୌଧୁରୀ ପରିଚାଳନା କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ, ଜନଜୀବନ ଅସ୍ତବ୍ୟସ୍ତ

ନିରାକାରପୁର, ୨୮।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ଓ ବାରମ୍ବାର ବିଦ୍ୟୁତ୍‌କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ତେବେ ବିଦ୍ୟୁତ୍ କାଟକୁ ନେଇ ବିଭାଗ ପକ୍ଷରୁ କୌଣସି ଘୋଷଣା କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ ଯୋଗୁ ଲୋକେ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ଏନେଇ ଜଙ୍କିଆ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଭାଗ୍ୟବାନ ପ୍ରଧାନ କହିଛନ୍ତି, ଟେକ୍ନିକାଲ ସମସ୍ୟା ପାଇଁ ବିଦ୍ୟୁତ୍‌କାଟ ସମସ୍ୟା ଦେଖାଦେଉଛି। ଭୋଲ୍ଟେଜ ଅପ ଆଣ୍ଡ ଡାଉନ ହେବା ଗ୍ରୀଡ୍ ଉପରେ ନିର୍ଭର କରେ। ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

## ଏ-୧ ଗ୍ରେଡ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକମାନେ।

ସାଲେପୁର, ୨୮।୫(ଅରବିନ୍ଦ ଭୂୟାଁ)

ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠାନର ସଂପାଦକ ଦେବେନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ଗ୍ରେଡ୍ ପାଇଥିବା ୭ଜଣ ଛାତଛାତ୍ରମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ ମେଧାବୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସହ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାମନ୍ଦିର ପ୍ରମୁଖ ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧୬ ଲିଟର ମଦ ଜବତ



ସାଲେପୁର, ୨୮।୫(ଅରବିନ୍ଦ ଭୂୟାଁ):

ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ଅଞ୍ଚଳର ମାତନଗର ବଜାର ପାଖରେ ଚଢ଼ାଉ କରାଯାଇ ଏକ ଚାଳିଆ ଘରୁ ୧୧୬ଲିଟର ମଦ ଜବତ କରାଯାଇଛି। ମାତ୍ର ଅଭିଯୁକ୍ତ କାହ୍ନୁଚରଣ ବେହେରା ଘଟଣାସ୍ଥଳରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଛନ୍ତି। ସାଲେପୁର ପୋଲିସ ଏକ ବିଶେଷସୂତ୍ରରୁ ଖବରପାଇ ଭୋର ସମୟରେ ଉକ୍ତ ଘର ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ସେଠାରୁ ୧୧୧ଲିଟର ବିଦେଶୀ ଓ ୫ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏନେଇ ଥାନାରେ ମାମଲା (ନଂ. ୨୩୧/୨୪) ରୁଜୁ କରାଯାଇଛି ବୋଲି ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ରତ୍ନଭଣ୍ଡାର ଚାବିକୁ ନେଇ ତାମିଲ ବାବୁଙ୍କୁ ଟାର୍ଗେଟ

ନିଶ୍ଚିନ୍ତକୋଇଲି, ୨୮।୫
(ଅଶୋକ କୁମାର ମହାପାତ୍ର)




ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମୁଖ୍ୟପାତ୍ର ଓ ଅନ୍ୟମାନେ।

ଓଡ଼ିଶାରେ ନବୀନ ବାବୁ ୨୫ ବର୍ଷ ଶାସନ କଲେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟର ବିକାଶ ହୋଇନାହିଁ। ତାମିଲ ବାବୁଙ୍କ ଚକ୍ରବ୍ୟୁହରେ ପଡ଼ି ଓଡିଆର ଅସ୍ମିତାକୁ ଜଳାଞ୍ଜଳି ଦିଆଯିବା ସହ ଓଡିଆଙ୍କ ଭାବାବେଗ ସହ କୁଠାରାଘାତ କରାଯାଇଛି। ତାମିଲ ବାବୁଙ୍କ ହାତରେ ରତ୍ନଭଣ୍ଡାର ଚାବି ଟେକି ଦେଇ ଓଡିଶାର ଆଧାତ୍ମିକ ଜାଗରଣକୁ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଭାଜପା ସରକାର ଆସିଲେ ୪ ଦ୍ୱାର ଖୋଲିବା ସହ ଚାବି ଚୋରକୁ ଧରି ଉଚିତ ଦଣ୍ଡ ଦିଆଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପାର ରାଜ୍ୟ ମୁଖପାତ୍ର ପ୍ରକାଶ ଦତ୍ତ ସୂଚନା ଦେଇଛନ୍ତି। ନରେନ୍ଦ୍ର ମୋଦି ସରକାର ଲୋକଙ୍କ ପାଇଁ କରୁଥିବା ଜନ କଲ୍ୟାଣ ଯୋଜନାକୁ ହାଇଜାକ୍ କରି ନବୀନ ବାବୁ ନିଜ ମୋହର ମାରି ବାହା ବାହା ନେଉଛନ୍ତି। ଲୋକଙ୍କ ଆଖିରୁ କଳାପଟି ଏବେ ଖୋଲି ଯାଇଛି। କିଏ ଲୋକଙ୍କ ପାଇଁ ଅଛନ୍ତି ଆଉ କିଏ ଶୋଷଣ କରୁଛନ୍ତି ତାହା ସବୁ ଜାଣିଗଲେଣି। ଚଳିତ ଥର ଓଡ଼ିଶାରେ ଓ କେନ୍ଦ୍ରରେ ମୋଦି ସରକାର କରିବା ପାଇଁ ଲୋକେ ମନସ୍ଥ କରିଛନ୍ତି। ସେଥିପାଇଁ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶା ଉପରେ ଫୋକସ କରୁଛନ୍ତି ବୋଲି ବରିଷ୍ଠ ଭାଜପା ନେତା ପୀୟୂଷ ମହାନ୍ତି କହିଛନ୍ତି। ସେହିଭଳି ଭାଜପାର ରାଜ୍ୟ ସମ୍ପାଦକ ସାରଦା ଶତପଥୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି, କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଉତ୍ତର ପ୍ରଦେଶ ପ୍ରଭାରୀ ଦାୟିତ୍ୱରେ ଥିବାରୁ କିଛି ସମୟ କେନ୍ଦ୍ରାପଡା ଆସି ନ ଥିଲେ। ଏହାକୁ ଏବେ ବିରୋଧୀ ଦଳ ରାଜନୈତିକ ପ୍ରସଙ୍ଗ ବନାଇଛନ୍ତି। ତେବେ ସେମାନେ କରିଥିବା ଏମ୍‌ପି ଏବେ କେଉଁଠି ବୋଲି ଶତପଥୀ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ଏବେ କେନ୍ଦ୍ରାପଡା ଆସିବେ। ତୁଳସୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ବିଜୟର ସ୍ଲୋଗାନ୍ ଦେବେ। ମାହାଙ୍ଗା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ ଖବରଦାତା ସମ୍ମିଳନୀରେ ଯୋଗଦେଇ କହିଥିଲେ, ମାହାଙ୍ଗାରେ ଏବେ ବିକାଶ ନୁହେଁ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ବିଧାୟକଙ୍କୁ ଟାର୍ଗେଟ କରି କହିଥିଲେ ଯେ, ସେ ଲୋକପ୍ରିୟତା ହରାଇବା ପରେ ତାଙ୍କ ପୁଅକୁ ପ୍ରାର୍ଥୀ କରାଇଛନ୍ତି। ମାହାଙ୍ଗା ଭଳି ସଂସ୍କୃତି ସମ୍ପନ୍ନ ମାଟିରେ ଅପରାଧୀଙ୍କ ସ୍ଥାନ ନାହିଁ ବୋଲି କଟୂକ୍ତି ପ୍ରକାଶ କରିଥିଲେ। ମାହାଙ୍ଗାକୁ ବିକଶିତ ଓ ଅପରାଧୀମୁକ୍ତ କରିବାକୁ ହେଲେ ଭାଜପାକୁ କ୍ଷମତାସୀନ ହେବାକୁ ପଡିବ। ଆମ ପାଖରେ କ୍ଷମତା ନାହିଁ କି ଅର୍ଥବଳ ନାହିଁ। ମଦ ମାଂସ ନିର୍ବାଚନ ସମୟରେ ମିଳେ। କିନ୍ତୁ ମୁଁ ମାହାଙ୍ଗାବାସୀଙ୍କ ସେବା କରିବାକୁ ମନସ୍ଥ କରିଛି। ସଦାସର୍ବଦା ପାଖରେ ରହିବି। ଗରିବ ଚାଷୀ ପରିବାର ପିଲା ହିସାବରେ ସମସ୍ତଙ୍କୁ ଭୋଟ ଭିକ୍ଷା କରୁଛି। ମାହାଙ୍ଗାବାସୀଙ୍କ ହାତରେ ଏଠାକାର ବିକାଶ ଡୋର ବୋଲି କହି ଭାବପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ।

## ଅସିତ୍ ମହାନ୍ତିଙ୍କୁ ନାରଦ ସମ୍ମାନ



ଭୁବନେଶ୍ୱର, ୨୮।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟିକ ତଥା ପୌରୁଷ ପତ୍ରିକାର ସମ୍ପାଦକ ଡ. ଅସିତ ମହାନ୍ତିଙ୍କୁ ମଙ୍ଗଳବାର ସୂଚନା ଭବନଠାରେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ନାରଦ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ପୁରସ୍କାର ସ୍ୱରୂପ ୨୧ହଜାର ଟଙ୍କାର ଅର୍ଥରାଶି, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ବିଂଶତମ ନାରଦ ସମ୍ମାନ' ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକ୍ଷେତ୍ର ପ୍ରଚାର ପ୍ରମୁଖ ପ୍ରାଧ୍ୟାପକ ଡ. ଜିଷ୍ଣୁ ବସୁ ଯୋଗଦେଇଥିଲେ। ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମହାନଗର ସଂଘଚାଳକ ସିନ୍ନିବାସ ମାନସିଂହ ଅତିଥି ପରିଚୟ ଦେଇଥିବାବେଳେ ଇଂ. ଜ୍ଞାନ ରଞ୍ଜନ ନାୟକ ମାନପତ୍ର ପାଠ କରିଥିଲେ। ମନିନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।

# ନାବାଳିକା ଝିଅଙ୍କୁ ବଳାତ୍କାର ପରେ ଥାନାରେ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୨୮।୫(ସତ୍ୟଜିତ୍ ରାଉତ)

ରାତି ଅଧରେ ନାବାଳିକା ଝିଅଙ୍କୁ ବଳାତ୍କାର କଲେ ଜନ୍ମଦାତା। ପୋଲିସ ଗିରଫ କରି ଥାନାକୁ ନେବାପରେ ଲୋକଲଜ୍ଜାରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ ଏକ ଧାରୁଆ ଅସ୍ତ୍ରରେ ନିଜ ଶରୀରର ବିଭିନ୍ନ ଅଙ୍ଗକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ମୈତ୍ରୀ ବିହାର ଥାନା ପରିସରରେ। ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହିରେ ରହୁଥିବା ଭଦ୍ରକ ଚାନ୍ଦବାଲି ଅଞ୍ଚଳର ବାଦଲ ଦାସ। ବାଦଲଙ୍କୁ ଆହତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ କଟକ ଏସ୍‌ସିବି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଥାନାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାଦଲ ଧାରୁଆ ଅସ୍ତ୍ରରେ ଏଭଳି ଘଟଣା ଘଟାଇବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସେଣ୍ଟ୍ରିଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବାଦଲ ପରିବାର ସହ ସାଲିଆ ସାହିରେ ରୁହନ୍ତି। ସୋମବାର ରାତିରେ ତାଙ୍କର ୧୪ବର୍ଷୀୟା ଝିଅ ଘରେ ଶୋଇଥିବାବେଳେ ତାକୁ ବଳାତ୍କାର କରିଥିଲେ। ଭୟରେ ଏହି ଘଟଣାକୁ ରାତିରେ ପୀଡ଼ିତା ଝିଅ ମା'ଙ୍କୁ ଜଣାଇ ନ ଥିଲେ। ମଙ୍ଗଳବାର ସକାଳେ ବାଦଲ କାମକୁ ଯିବା ପରେ ମା'ଙ୍କୁ ଝିଅ ବାପାଙ୍କ କୁକର୍ମ ବିଷୟରେ ଜଣାଇଥିଲେ। ଏହା ଜାଣିବା ପରେ ପୀଡ଼ିତା ଝିଅଙ୍କୁ ସାଙ୍ଗରେ ଧରି ମା' ଥାନାକୁ ଆଣିଥିଲେ। ପୀଡ଼ିତା ନାବାଳିକାଙ୍କ ଏତଲାକ୍ରମେ ପୋଲିସ ଆଇପିସି ଦଫା ୩୭୬(୩) ଓ ପୋକ୍ସୋ ଆକ୍ଟର ଦଫା ୬ରେ ଏକ ମାମଲା (ନଂ.୨୩୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଧ୍ୟାହ୍ନ ୧୨ଟା ୪୫ ବେଳେ ବାଦଲଙ୍କୁ ପୋଲିସ ଗିରଫ କରିଥିଲା। ବାଦଲ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାପିଟାଲ୍ ହସ୍ପିଟାଲରେ କରାଯିବା ପରେ ଥାନାକୁ ନିଆଯାଇଥିଲା। ଥାନା ଭିତରେ ଦାୟିତ୍ୱରେ ଥିବା ସେଣ୍ଟ୍ରିଙ୍କୁ ଲାଟ୍ରିନ୍ ଯିବାକୁ ବାଦଲ ଅନୁରୋଧ କରିଥିଲେ। ସେଣ୍ଟ୍ରିଙ୍କ ଅନୁମତିକ୍ରମେ ବାଦଲ ଲାଟ୍ରିନ୍‌କୁ ଯାଇ ଭିତର ପଟୁ ହଠାତ୍ କବାଟ ବନ୍ଦ କରି ଦେଇଥିଲେ। ଏନେଇ ସେଣ୍ଟ୍ରି ତଦନ୍ତ ଅଧିକାରୀଙ୍କୁ ଜଣାଇବା ପରେ ସମସ୍ତେ କବାଟ ଖୋଲିବାକୁ କହିଥିଲେ। ତେବେ ହଠାତ୍ ବାଦଲ ଯନ୍ତ୍ରଣାରେ ଚିତ୍କାର କରିବାରୁ ପୋଲିସ ପକ୍ଷରୁ କବାଟ ଭଙ୍ଗା ଯାଇଥିଲା। ବାଦଲଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଥାନା ଲାଟ୍ରିନରେ ବାଦଲ କିଭଳି ଧାରୁଆ ଅସ୍ତ୍ର ପାଇଲେ, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

# ରାଜରାଜୁଡ଼ା ଅମଳରୁ ବଡ଼ମ୍ବା ପ୍ରସିଦ୍ଧ ଚନ୍ଦନ ଯାତ୍ରା ଐତିହ୍ୟ ସୃଷ୍ଟି କରିଛି

**ତ୍ରୟୋଦଶ ବଡ଼ମ୍ବା ଚନ୍ଦନ ମହୋତ୍ସବ ଉଦ୍‌ଘାଟିତ**

ବଡ଼ମ୍ବା, ୨୮।୫(ମାୟାଧର ମଲ୍ଲିକ)




ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବଡ଼ମ୍ବା ଗାନ୍ଧୀ ଛକ ଟେନିସ ପଡ଼ିଆସ୍ଥିତ କବିଚନ୍ଦ୍ର ମଣ୍ଡପରେ ବଡ଼ମ୍ବା ପ୍ରସିଦ୍ଧ ଚନ୍ଦନ ଯାତ୍ରା ତଥା ତ୍ରୟୋଦଶ ଚନ୍ଦନ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବ ପାଳନ କମିଟି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜାରାଜୁଡ଼ା ଅମଳର ଉକ୍ତ ବଡ଼ମ୍ବା ପ୍ରସିଦ୍ଧ ଚନ୍ଦନ ଯାତ୍ରା ଐତିହ୍ୟ ସୃଷ୍ଟି କରିଛି ବୋଲି କହିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିବା ବେଳେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ମହୋତ୍ସବ କମିଟି ଉପଦେଷ୍ଟା ମୁରଲୀଧର ମହାପାତ୍ର, ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, କଳାତୀର୍ଥ ଅନୁଷ୍ଠାନ ସମ୍ପାଦକ ତଥା ସିନେ କଳାକାର ମନୋରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ତ୍ରିବିକ୍ରମ ପଢ଼ିଆରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସହ ସମ୍ପାଦକ ଶକ୍ତି ପ୍ରସାଦ ଦାଶ, ଉପ ସଭାପତି ଶକ୍ତି ଶଙ୍କର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ପତିତପାବନ ରଣା ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ପ୍ରମୁଖ କର୍ମକର୍ତ୍ତା ତଥା କୃତୀ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଓ ଶିବ ପ୍ରସାଦ ବ୍ରହ୍ମା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ଉକ୍ତ ଚନ୍ଦନ ଯାତ୍ରା ଏକୋଇଶ ଦିନ ବ୍ୟାପୀ ହେବାକୁ ଥିବା ବେଳେ ମଙ୍ଗଳବାର ଏହା ୧୯ ଦିନରେ ପହଞ୍ଚିଛି। ଉକ୍ତ ଭଉଁରି ଯାତ୍ରାରେ ବଡ଼ମ୍ବା ରାଜବାଟୀର ଆରାଧ୍ୟ ଶ୍ରୀ ଗୋପୀନାଥଦେବଙ୍କ ସହ ଶ୍ରୀ ଲୋକନାଥ ଦେବ, ରାଧାକାନ୍ତ ଦେବ, ଶ୍ରୀ ସିଂଘନାଥଦେବ, ଭୂଦେବୀ ଓ ଶ୍ରୀଦେବୀ ଚାପକ୍ରୀଡା ବିଜେ କରି ପ୍ରତ୍ୟହ ଚାପ ଖେଳି ଥାନ୍ତି। ବିଜେ ପ୍ରତିମାଙ୍କ ଚାପ ଖେଳ ଏବଂ ମହୋତ୍ସବ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଗୁରୁବାର ମହୋତ୍ସବ ଉଦ୍‌ଯାପିତ ହେବାକୁ ଥିବାବେଳେ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ରଣା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମହାଶକ୍ତି ଭିନ୍ନକ୍ଷମ ଭଜନ ସନ୍ଧ୍ୟାର କଳାକାରମାନେ ଭଜନ ପରିବେଷଣ କରିଥିଲେ। ପରେ ସଙ୍ଗୀତ ନିର୍ଦ୍ଦେଶକ ଶକ୍ତି ମିଶ୍ର ଓ ସାଥୀ କଳାକାରଙ୍କ ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ, ଜନଜୀବନ ଅସ୍ତବ୍ୟସ୍ତ

ନିରାକାରପୁର,୨୮।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ଓ ବାରମ୍ବାର ବିଦ୍ୟୁତ୍‌କାଟ ଜନଜବୀବନକୁ ଅସ୍ତବ୍ୟବସ୍ତ କରିପକାଉଛି। ତେବେ ବିଦ୍ୟୁତ୍ କାଟକୁ ନେଇ ବିଭାଗ ପକ୍ଷରୁ କୌଣସି ଘୋଷଣା କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ ଯୋଗୁ ଲୋକେ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ଏନେଇ ଜଙ୍କିଆ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଭାଗ୍ୟବାନ ପ୍ରଧାନ କହିଛନ୍ତି, ଟେକ୍ନିକାଲ ସମସ୍ୟା ପାଇଁ ବିଦ୍ୟୁତ୍‌କାଟ ସମସ୍ୟା ଦେଖାଦେଉଛି। ଭୋଲ୍ଟେଜ ଅପ ଆଣ୍ଡ ଡାଉନ ହେବା ଗ୍ରୀଡ୍ ଉପରେ ନିର୍ଭର କରେ। ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

### ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚିଲା ଶୁଣାଣି

#### ଏନ୍‌ଜିଟିରେ ଟିଟିଏସ୍ ମାମଲା

ଭୁବନେଶ୍ୱର, ୨୮।୫ (ବନ୍ଦନା ସେଠୀ)

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ଚାଲିଥିବା ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିୟାର୍ଡ ଟିଟିଏସ୍ (ଟେମ୍ପୋରାରି ଟ୍ରାନ୍‌ଜିଟ୍ ଷ୍ଟେଶନ) ମାମଲାର ଶୁଣାଣି ପୁନର୍ବାର ଘୁଞ୍ଚିଲା। ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ସରକାରୀ ଓକିଲ ଅନୁପସ୍ଥିତ ଥିଲେ। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିବା ସୂଚନା ମିଳିଛି। ପୂର୍ବରୁ ଏପ୍ରିଲ୍ ୧୯ରେ ଉକ୍ତ ମାମଲାର ଶୁଣାଣି କରାଯାଇଥିଲା।

ସୂଚନାଯୋଗ୍ୟ, ଟିଟିଏସ୍ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ସହରବାସୀଙ୍କ ମାନବାଧିକାର କ୍ଷୁଣ୍ଣ ହେଉଛି। ଏଥିସହ ଦୁର୍ଗନ୍ଧ ପାଇଁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗକରି ଚନ୍ଦ୍ରଶେଖରପୁର ଅଞ୍ଚଳର ହରିପ୍ରିୟା ପଟେଲ ଏନ୍‌ଜିଟିରେ ଅଭିଯୋଗ ଦାଖଲ କରିଥିଲେ। ପରେ ଏନ୍‌ଜିଟି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜଆଡୁ ମାମଲା ରୁଜୁ କରିଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଆଧାରରେ ଏକ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ସମେତ ଫେବୃଆରୀ ୨୪ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ଅଚାନକ ଟିଟିଏସ୍ ଗସ୍ତ କରିଥିଲେ। ଫେବୃଆରୀ ୨୯ ସୁଦ୍ଧା ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଜିଟିରେ ଦାଖଲ କରିବ ଏବଂ ମାର୍ଚ୍ଚ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ହୋଇପାରି ନ ଥିବାରୁ ଶୁଣାଣିକୁ ଏପ୍ରିଲ୍ ୧୯ ଯାଏ ଘୁଞ୍ଚାଯାଇଥିଲା। ତେବେ ଶୁଣାଣିରେ ଅଭିଯୋଗକାରୀଙ୍କ ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ମେ ୨୮ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା।

# ମିଳୁନି ଯକ୍ଷ୍ମା ଔଷଧ, ନୟାନ୍ତ ହେଲେଣି ରୋଗୀ

ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)



ଯକ୍ଷ୍ମା ରୋଗୀଙ୍କୁ ଠିକ୍ ସମୟରେ ଔଷଧ ମିଳୁନି। ବାରମ୍ବାର ହସ୍ପିଟାଲକୁ ଆସି ରୋଗୀ ନୟାନ୍ତ ହେବା ସହ ନିରାଶରେ ଫେରୁଛନ୍ତି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ୬ ମାସ ଜାଗାରେ ୧୨ ମାସ ଏବଂ ୧୨ ମାସ ଜାଗାରେ ୨୪ ମାସ ଧରି ଔଷଧ ଖାଇବାକୁ ପଡୁଛି। ସ୍ୱାସ୍ଥ୍ୟ ବିଭାଗର ଅନିୟମିତତା ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ୧୨ଶହରୁ ଅଧିକ ଯକ୍ଷ୍ମା ରୋଗୀ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଗତ ୩ମାସ ହେବ ନିୟମିତ ମେଡିସିନ ମିଳୁ ନ ଥିବାରୁ ରୋଗୀ ଅସୁବିଧା ଭୋଗୁଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ନିରାମୟ ଯୋଜନାରେ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇଦେବାକୁ ନିୟମ ରହିଛି। ହେଲେ ଖୋର୍ଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ଯକ୍ଷ୍ମା ଔଷଧ ଅଭାବ ଏବେ ଚିନ୍ତା ବଢ଼ାଇଛି। ଯଦି ଠିକ ସମୟରେ ରୋଗୀ ଔଷଧ ସେବନ ନ କରିବେ ତାହେଲେ ରୋଗ ଆହୁରି ଜଟିଳ ସ୍ଥିତିକୁ ଗତି କରିବାର ଆଶଙ୍କା ରହିଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ଯକ୍ଷ୍ମା ରୋଗୀଙ୍କର ଏହି ସମସ୍ୟା ବିଷୟରେ ଅବଗତ ଅଛୁ ଏବଂ ଏନେଇ ଟେଣ୍ଡର ସରିଛି। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ।

ଅନ୍ୟପକ୍ଷରେ ଓଡ଼ିଶାକୁ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ରାଜ୍ୟ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ହେଲେ ଯକ୍ଷ୍ମା ରୋଗୀଙ୍କ ପାଇଁ ଔଷଧ ମିଳୁନି। ଏପରି ସ୍ଥିତିରେ ଯକ୍ଷ୍ମାମୁକ୍ତ ରାଜ୍ୟ କିପରି ସଫଳ ହେବ ସେ ନେଇ ପ୍ରଶ୍ନ ଉଠିଛି। ସେପଟେ ସ୍ୱାସ୍ଥ୍ୟ ବିଭାଗ କହିଛି, ସମସ୍ତ ଜିଲାରେ ମେଡିସିନ ଯୋଗାଇ ଦିଆଯାଉଛି। ଏକ ମାସ ପର୍ଯ୍ୟନ୍ତ ପାଇଁ ରହିଛି। ଫେବୃଆରୀ ପରଠାରୁ ଯକ୍ଷ୍ମା ଔଷଧ ଅଭାବ ଦେଖାଦେଇଛି। ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଭଳି ରାଜ୍ୟରେ ବି ଅଭାବ ଦେଖାଦେଇଛି। ତେବେ କିଛି ମାସ ପାଇଁ ଅଭାବ ହୋଇଯାଇଥିଲା, ବର୍ତ୍ତମାନ ଅଭାବ ପୂରଣ ହୋଇପାରିଛି।



ଟ୍ରାଫିକ୍‌ରେ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀଙ୍କୁ ଏମ୍‌ୟୁଭିଆଇ ଫାଉଣ୍ଡେଶନ ପକ୍ଷରୁ ପ୍ରଦତ୍ତ ୬୦୦ ଛତା ବଣ୍ଟନ ଅବସରରେ ମଙ୍ଗଳବାର କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଅନ୍ୟ ଅଧିକାରୀମାନେ।

### ରତୁସ୍ରାବ ଏକ ସମସ୍ୟା ନୁହେଁ, ସମ୍ମାନ

ଭୁବନେଶ୍ୱର, ୨୮।୫(ବନ୍ଦନା ସେଠୀ)

ରତୁସ୍ରାବ ହେଉଛି ମହିଳାଙ୍କ ଜୀବନର ଏକ ପ୍ରମୁଖ ଶାରୀରିକ ପରିବର୍ତ୍ତନ। ରତୁସ୍ରାବ ଏକ ସମସ୍ୟା ନୁହେଁ, ଏହା ଏକ ସମ୍ମାନ। ରତୁସ୍ରାବକୁ ନେଇ ଥିବା ଅନ୍ଧବିଶ୍ୱାସକୁ ପ୍ରତିହତ କରିବା ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟ, ସମ୍ମାନ ଓ କଲ୍ୟାଣ ଦିଗରେ ଆଗକୁ ବଢ଼ିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ଆକ୍ସନ ଏଡ୍ ଆସୋସିଏଶନ ଏବଂ ସିସିଡବ୍ଲ୍ୟୁଡି ମିଳିତ ଆନୁକୂଲ୍ୟରେ ୱାର୍ଡ ନଂ. ୧୬ ଅନ୍ତର୍ଗତ ନୀଳଚକ୍ର ନଗରଠାରେ ରତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍ନିଗ୍ଧା ଦାସ, ସୁଶ୍ରୀ ଶୁଭେଚ୍ଛା ଶୁକ୍ଳା, ରେଣୁବାଳା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସରସ୍ୱତୀ ପରିଡ଼ା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସୁଚରିତା ବେହେରା ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱର ୟଙ୍ଗ ଅର୍ବାନ ୱିମେନ ଫୋରମର ପ୍ରତିନିଧିମାନେ ରଙ୍ଗୋଲି ପ୍ରଦର୍ଶନ କରିଥିଲେ।

## ନାବାଳିକା ଝିଅଙ୍କୁ ବଳାତ୍କାର ପରେ ଥାନାରେ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ରାତି ଅଧରେ ନାବାଳିକା ଝିଅଙ୍କୁ ବଳାତ୍କାର କଲେ ଜନ୍ମଦାତା। ପୋଲିସ ଗିରଫ କରି ଥାନାକୁ ନେବାପରେ ଲୋକଲଜ୍ୟାରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ ଏକ ଧାରୁଆ ଅସ୍ତ୍ରରେ ନିଜ ଶରୀରର ବିଭିନ୍ନ ଅଙ୍ଗକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ମୈତ୍ରୀ ବିହାର ଥାନା ପରିସରରେ। ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହିରେ ରହୁଥିବା ଭଦ୍ରକ ଚାନ୍ଦବାଲି ଅଞ୍ଚଳର ବାଦଲ ଦାସ। ବାଦଲଙ୍କୁ ଆହତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ କଟକ ଏସ୍‌ସିବି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଥାନାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାଦଲ ଧାରୁଆ ଅସ୍ତ୍ରରେ ଏଭଳି ଘଟଣା ଘଟାଇବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସେଣ୍ଟ୍ରିଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବାଦଲ ପରିବାର ସହ ସାଲିଆ ସାହିରେ ରୁହନ୍ତି। ସୋମବାର ରାତିରେ ତାଙ୍କର ୧୪ବର୍ଷୀୟା ଝିଅ ଘରେ ଶୋଇଥିବାବେଳେ ତାକୁ ବଳାତ୍କାର କରିଥିଲେ। ଭୟରେ ଏହି ଘଟଣାକୁ ରାତିରେ ପୀଡ଼ିତା ଝିଅ ମା'ଙ୍କୁ ଜଣାଇ ନ ଥିଲେ। ମଙ୍ଗଳବାର ସକାଳେ ବାଦଲ କାମକୁ ଯିବା ପରେ ମା'ଙ୍କୁ ଝିଅ ବାପାଙ୍କ କୁକର୍ମ ବିଷୟରେ ଜଣାଇଥିଲେ। ଏହା ଜାଣିବା ପରେ ପୀଡ଼ିତା ଝିଅଙ୍କୁ ସାଙ୍ଗରେ ଧରି ମା' ଥାନାକୁ ଆଣିଥିଲେ। ପୀଡ଼ିତା ନାବାଳିକାଙ୍କ ଏତଲାକ୍ରମେ ପୋଲିସ ଆଇପିସି ଦଫା ୩୭୬(୩) ଓ ପୋକ୍ସୋ ଆକ୍ଟର ଦଫା ୬ରେ ଏକ ମାମଲା (ନଂ.୨୩୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୪୫ ବେଳେ ବାଦଲଙ୍କୁ ପୋଲିସ ଗିରଫ କରିଥିଲା। ବାଦଲ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାପିଟାଲ୍ ହସ୍ପିଟାଲରେ କରାଯିବା ପରେ ଥାନାକୁ ନିଆଯାଇଥିଲା। ଥାନା ଭିତରେ ଦାୟିତ୍ୱରେ ଥିବା ସେଣ୍ଟ୍ରିଙ୍କୁ ଲାଟ୍ରିନ ଯିବାକୁ ବାଦଲ ଅନୁରୋଧ କରିଥିଲେ। ସେଣ୍ଟ୍ରିଙ୍କ ଅନୁମତିକ୍ରମେ ବାଦଲ ଲାଟ୍ରିନ୍‌କୁ ଯାଇ ଭିତର ପଟୁ ହଠାତ୍ କବାଟ ବନ୍ଦ କରି ଦେଇଥିଲେ। ଏନେଇ ସେଣ୍ଟ୍ରି ତଦନ୍ତ ଅଧିକାରୀଙ୍କୁ ଜଣାଇବାପରେ ସମସ୍ତେ କବାଟ ଖୋଲିବାକୁ କହିଥିଲେ। ତେବେ ହଠାତ୍ ବାଦଲ ଯନ୍ତ୍ରଣାରେ ଚିତ୍କାର କରିବାରୁ ପୋଲିସ ପକ୍ଷରୁ କବାଟ ଭଙ୍ଗା ଯାଇଥିଲା। ବାଦଲଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଥାନା ଲାଟ୍ରିନରେ ବାଦଲ କିଭଳି ଧାରୁଆ ଅସ୍ତ୍ର ପାଇଲେ, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

### ୫ ଅଟୋକ୍ଲେଭ ମେଶିନ ଅଚଳ

କଟକ,୨୮।୫(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ସେଣ୍ଟ୍ରାଲ ଷ୍ଟେରିଲାଇଜଡ୍ ସେଣ୍ଟରରେ ରହିଥିବା ୬ଟି ଅଟୋକ୍ଲେଭ ମେଶିନ ମଧ୍ୟରୁ ୫ଟି ଅଚଳ ହୋଇପଡିଛି। ଏଥିଯୋଗୁ ଚିକିତ୍ସା ସରଞ୍ଜାମ ବିଶୋଧନ କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। ଏପରି କି ଅସ୍ତ୍ରୋପଚାର ନିମନ୍ତେ ବ୍ୟବହୃତ ସରଞ୍ଜାମ ଠିକ୍ ଭାବେ ବିଶୋଧନ କରାଯାଇପାରୁନାହିଁ। ଫଳରେ ରୋଗୀଙ୍କୁ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ମେଡିକାଲର ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓଟିରୁ ଆରମ୍ଭ କରି ସର୍ଜରି, ଟ୍ରମା କାଜୁଆଲ୍‌ଟି, ଇଏନ୍‌ଟି, ଚକ୍ଷୁ ବିଭାଗ ଓଟିରେ ସମସ୍ୟା ଦେଖାଦେଲାଣି। ଅଟୋକ୍ଲେଭ ମେଶିନ ଅଚଳ ହେବା ଯୋଗୁ ପାଣିରେ ବିଭିନ୍ନ ଯନ୍ତ୍ରାଂଶ ଧୋଇ ରୋଗୀ ସେବା କରାଯାଉଛି।

## 'ସଙ୍ଗୀତ, ନୃତ୍ୟରେ ତାଳ ଠିକ୍ ରହିବା ଜରୁରୀ'

କଟକ,୨୮।୫ (କାର୍ତ୍ତିକ ସାହୁ)

**ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରର ଦ୍ୱିତୀୟ ଦିବସ**

ସଙ୍ଗୀତ ଓ ନୃତ୍ୟରେ ତାଳ ଠିକ୍ ରହିବା ଜରୁରୀ। କଳାକାରର ପ୍ରତିଭାକୁ ଶାଣିତ କରେ ତାଳ। ତାଳଜ୍ଞାନରେ ଶୁଦ୍ଧତା ରହିବା ଆବଶ୍ୟକ ବୋଲି କଟକ କଳାବିକାଶ କେନ୍ଦ୍ରରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିରର ମଙ୍ଗଳବାର ଦ୍ୱିତୀୟ ଦିବସରେ ବିଶିଷ୍ଟ ତବଲା ବାଦକ ହରମୋହନ ଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି। କଳାବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ୪ ଦିବସୀୟ କର୍ମଶାଳାରେ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ, ଚିତ୍ରକଳା ଓ ନାଟକ ଆଦିରେ ପ୍ରତିଭା ଅନ୍ୱେଷଣ ହୋଇଥିଲା। କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଶିବିର ପରିଚାଳକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା ଓଡ଼ିଶୀ ନୃତ୍ୟର ବିଭିନ୍ନ ଭଙ୍ଗୀ ବିଷୟରେ ତାଲିମ ଦେଇଥିଲେ। ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଚିତ୍ର ଆଙ୍କିବାରେ ତୂଳୀ ଚାଳନାର ବିଭିନ୍ନ କୌଶଳ ବିଷୟରେ ଶିଖାଇଥିଲେ। ନାଟ୍ୟ ନିର୍ଦ୍ଦେଶକ ସନ୍ଦୀପ ପାଣି ନାଟକରେ ଅଭିନୟର ବିଭିନ୍ନ ଦିଗ ଉପରେ ତାଲିମ ଦେଇଥିଲେ। ଭକ୍ତବଲ୍ଲଭ ଦାସ, ସୁଦୀପ୍ତା ଦାସ, ବିକାଶ ଚନ୍ଦ୍ର ଦାଶ, ଡ. ସ୍ନେହଲତା ମିଶ୍ର, ରାଧାମୋହନ ସାହୁ, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

## ୨ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

**ଅବସରପ୍ରାପ୍ତ ପୋଲିସ ଡିଜିଙ୍କ ଘରୁ ଚୋରି ମାମଲା**





ଅଭିଯୁକ୍ତ ଏସ୍.କେ ଇସ୍‌ଲାମ୍ ଏବଂ ଅଜୁ ବର୍ଦ୍ଧନ

ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ଘରୁ ଚୋରି ମାମଲାରେ ମଙ୍ଗଳବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଅଜୁ ବର୍ଦ୍ଧନ ଏବଂ ଏସ୍.କେ. ଇସ୍‌ଲାମ ଓରଫ କଦମ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୨ବର୍ଷ ଲେଖାଏ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ସେମାନଙ୍କୁ ୫୦୦ ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅବସରପ୍ରାପ୍ତ ପୋଲିସ ଡିଜି ପ୍ରହରାଜଙ୍କ ଆଇଆର୍‌ସି ଭିଲେଜ ଭି.ଆଇ.ପି-୪ସ୍ଥିତ ଘରକୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରିଥିଲେ। ୨୦୨୩ ସେପ୍ଟେମ୍ବର ୩୦ରେ ମନମୋହନ ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ସହ ପୈତୃକ ଗାଁକୁ ଯାଇଥିଲେ। ସେହି ରାତିରେ ଅଜୁ ଏବଂ କଦମ ତାଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଆଲମିରା ଏବଂ ସିକ୍ୟୁରିଟି ଲକରକୁ ତାଡ଼ି ୧୨ ଭରି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ସେହି ଦିନ ରାତି ପ୍ରାୟ ୨ଟା ୩୦ରେ ମନମୋହନ ଘରକୁ ଫେରି ଚୋରି ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୪୪୭/୨୦୨୩) ରୁଜୁ ସହ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା ଚୌଧୁରୀ ପରିଚାଳନା କରିଥିଲେ।

## ଅସିତ ମହାନ୍ତିଙ୍କୁ ନାରଦ ସମ୍ମାନ



ଭୁବନେଶ୍ୱର,୨୮।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟିକ ତଥା ପୌରୁଷ ପତ୍ରିକାର ସମ୍ପାଦକ ଡ. ଅସିତ ମହାନ୍ତିଙ୍କୁ ମଙ୍ଗଳବାର ସୂଚନା ଭବନଠାରେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ନାରଦ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ପୁରସ୍କାର ସ୍ୱରୂପ ୨୧ହଜାର ଟଙ୍କାର ଅର୍ଥରାଶି, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ବିଂଶତମ ନାରଦ ସମ୍ମାନ' ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକ୍ଷେତ୍ର ପ୍ରଚାର ପ୍ରମୁଖ ପ୍ରାଧ୍ୟାପକ ଡ. ଜିଷ୍ଣୁ ବସୁ ଯୋଗଦେଇଥିଲେ। ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମହାନଗର ସଂଘଚାଳକ ସିନିବାସ ମାନସିଂହ ଅତିଥି ପରିଚୟ ଦେଇଥିବାବେଳେ ଇଂ. ଜ୍ଞାନ ରଞ୍ଜନ ନାୟକ ମାନପତ୍ର ପାଠ କରିଥିଲେ। ମନିନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।

## ଏସ୍‌ସିବିରେ ଅବ୍ୟବସ୍ଥା, ରୋଗୀ ହଇରାଣ

କଟକ,୨୮।୫(ଶିଲ୍ପା ପ୍ରିୟଦର୍ଶିନୀ)

- ଟିକେଟ କାଉଣ୍ଟର, ନିରାମୟ କେନ୍ଦ୍ରରେ ଫ୍ୟାନ୍ ବ୍ୟବସ୍ଥା ନାହିଁ
- ଘଣ୍ଟା ଘଣ୍ଟା ତଳେ ପଡ଼ି ରହୁଛନ୍ତି ରୋଗୀ
- ଗୁଳୁଗୁଳିରେ ଛଟପଟ ରୋଗୀ ସମ୍ପର୍କୀୟ




ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ଲୋକମାନେ ଅସହ୍ୟ ଗରମରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

କଟକ ଏସ୍‌ସିବି ମେଡିକାଲରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମେଡିକାଲର କେତେକ ସ୍ଥାନରେ ଫ୍ୟାନ୍ ବ୍ୟବସ୍ଥା ନ ଥିବାବେଳ ଆଉ କେତେକ ସ୍ଥାନରେ ଲାଗିଥିବା ଏସିରୁ ଗରମ ପବନ ବାହାରୁଛି। ମେଡିକାଲ ପରିସରରେ ଥିବା ଥାଲାସେମିଆ ବିଭାଗ, ନେଫ୍ରୋଲୋଜି, କାର୍ଡିଓଲୋଜି ବିଭାଗ, କାଜୁଆଲ୍‌ଟି ସମେତ ଅନ୍ୟ ବିଭାଗର ଟିକେଟ କାଉଣ୍ଟର ଓ ନିରାମୟ କେନ୍ଦ୍ରଗୁଡ଼ିକରେ ଗରମକୁ ନଜରରେ ରଖି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏବେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସେମାନେ ମେଡିକାଲ ପରିସରରେ ଅସହ୍ୟ ଗୁଳୁଗୁଳିରେ ଛଟପଟ ହେଉଛନ୍ତି। ଏପରି କି ଗରମରେ ଟିକେଟ ପାଇଁ ଘଣ୍ଟା ଘଣ୍ଟା ଧରି ରୋଗୀ ସମ୍ପର୍କୀୟଙ୍କୁ ଧାଡିରେ ଛିଡା ହେବାକୁ ପଡୁଛି। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନେ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ଏଠାରେ ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ସୁବିଧା ମିଳୁ ନ ଥିବାବେଳେ ଅନେକ ବ୍ୟବସ୍ଥା ରହିଛି। ବିଶେଷକରି ବିଭିନ୍ନ ପରୀକ୍ଷା ଓ ଔଷଧ ଆଣିବା ପାଇଁ ଟିକେଟ୍ କରିବାକୁ ଅସହ୍ୟ ଗରମରେ ଦୀର୍ଘ ସମୟ ଧରି ଲମ୍ବାଧାଡିରେ ଛିଡାହେବାକୁ ପଡୁଛି। ବାରିପଦା ବାଲିଡିହା ଅଞ୍ଚଳର ପାର୍ବତୀ ବେହେରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ସୋମବାର ଏସ୍‌ସିବି ମେଡିକାଲର ନେଫ୍ରୋଲୋଜି ବିଭାଗକୁ ଆସିଥିଲେ। ତାଙ୍କର ପରୀକ୍ଷା ପାଇଁ ନେଫ୍ରୋଲୋଜି ବିଭାଗରୁ ରଞ୍ଜନରଶ୍ମି ବିଭାଗକୁ ଆସିବାକୁ ବ୍ୟାଟେରି ଗାଡି କିମ୍ବା ଷ୍ଟ୍ରେଚରର ଆବଶ୍ୟକତା ଥିଲା। ହେଲେ ତାହା ନ ମିଳିବାରୁ ପାର୍ବତୀଙ୍କୁ ତାଙ୍କ ସ୍ୱାମୀ, ପୁଅ ଓ ବ୍ୱାଇଁ ଟେକିନେଇ ପରୀକ୍ଷା କରାଇଥିଲେ। ଏପରି ଗରମରେ ମଙ୍ଗଳବାର ୩ ଘଣ୍ଟାରୁ ଅଧିକ ସମୟ ଧରି ପାର୍ବତୀ ତଳେ ପଡି ରହିଥିଲେ। ଏନେଇ ପାର୍ବତୀଙ୍କ ସ୍ୱାମୀ ପ୍ରେମ୍‌ଚାନ୍ଦ ବେହେରା କହିଛନ୍ତି, ଏସ୍‌ସିବିରେ ଷ୍ଟ୍ରେଚର କିମ୍ବା ବ୍ୟାଟେରି ଗାଡି ଥାଇ ମଧ ଠିକ୍ ସମୟରେ ତାହା ରୋଗୀ ସେବାରେ ଲାଗିପାରୁନାହିଁ। ଏଠାରେ ଦୁଇଦିନ ହେବ ରହିଛୁ। ପାଣି ଟିକିଏ ମିଳୁ ନ ଥିବାବେଳେ ଫ୍ୟାନ୍ ବ୍ୟବସ୍ଥା ନ ଥିବା ସେ କହିଛନ୍ତି।

ସେହିପରି ନିଆଳିରୁ ଏସ୍‌ସିବି ମେଡିକାଲକୁ ଆସିଥିବା ରୋଗୀ ସମ୍ପର୍କୀୟ ପିଣ୍ଟୁ ବାରିକ କହିଛନ୍ତି, ନିଶୁଳ୍କ ଚିକିତ୍ସା ଓ ଔଷଧ ପାଇଁ ବାପାଙ୍କୁ ନେଇ ଏସ୍‌ସିବି ଆସିଛି। ନିରାମୟ କେନ୍ଦ୍ରରୁ ଔଷଧ ନେବା ପାଇଁ ଏକ ଘଣ୍ଟାରୁ ଅଧିକ ସମୟ ଧରି ଧାଡିରେ ଛିଡ଼ା ହୋଇଛି। ଏଠାରେ ଫ୍ୟାନ୍ ବ୍ୟବସ୍ଥା ନ ଥିବାବେଳେ ଏସିର ଗରମ ପବନ ମାଡ଼ ହେଉଛି। ସାଲେପୁର ଅଞ୍ଚଳରୁ ଏସ୍‌ସିବିକୁ ଆସିଥିବା ରୋଗୀ ସମ୍ପର୍କୀୟ ସଞ୍ଜୟ ଦାସ କହିଛନ୍ତି, ଏସ୍‌ସିବି ମେଡିକାଲରେ ବହୁ ବିଳମ୍ବରେ ଡାକ୍ତର ଦେଖାଇବା ପରେ ଔଷଧ ପାଇଁ ନିରାମୟ କେନ୍ଦ୍ରରେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡା ହୋଇଛି। ମେଡ଼ିକାଲ କର୍ତ୍ତୃପକ୍ଷ ଏସିରେ ବସି ଏଭଳି ଅବ୍ୟବସ୍ଥାକୁ ଅଣଦେଖା କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି। ଅପରପକ୍ଷରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ପାନୀୟ ଜଳ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ମେଡିକାଲର ଯେଉଁସ୍ଥାନରେ ଫ୍ୟାନ୍ ନାହିଁ ତୁରନ୍ତ ସେଠାରେ ଲଗାଯିବା ପାଇଁ ବ୍ୟବସ୍ଥା କରାଯିବ। ରଞ୍ଜନରଶ୍ମୀ ବିଭାଗ ପରିସରରେ ଥିବା ରୋଗୀ ପାର୍ବତୀ ସମ୍ପର୍କରେ ଗଣମାଧ୍ୟମରୁ ଖବର ଜାଣିବାକୁ ପାଇଲି। ପରେ ତାଙ୍କୁ ବ୍ୟାଟେରି ଗାଡି ଯୋଗେ ଅନ୍ୟ ବିଭାଗକୁ ନିଆଯାଇଥିବା ମିଶ୍ର କହିଛନ୍ତି।

# 'ନବୀନ ତାମିଲନାଡୁରୁ ନିର୍ବାଚନ ଲଢ଼ନ୍ତୁ'

ନିମାପଡ଼ା,୨୮।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନବୀନ ପଟ୍ଟନାୟକ ତାମିଲନାଡୁରୁ ନିର୍ବାଚନ ଲଢ଼ନ୍ତୁ। ଓଡ଼ିଶାରେ ତାମିଲ ମୁଖ୍ୟମନ୍ତ୍ରୀ ନୁହେଁ ଓଡ଼ିଆ ମୁଖ୍ୟମନ୍ତ୍ରୀ ଦରକାର। ତାମିଲ ପ୍ରଶାସନିକ ଅଧିକାରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାକୁ ଦିବା ସ୍ୱପ୍ନ ଦେଖୁଛନ୍ତି ବୋଲି ନିମାପଡ଼ାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସିଧାସଳଖ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ଦୁଇ ଗୁଣା ବିକାଶ ହେବ। ଦେଢ଼ ବର୍ଷ ଭିତରେ ଦେଢ଼ ଲକ୍ଷ ବେକାର ଯୁବତୀଯୁବକ ରୋଜଗାର ପାଇବେ। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କାର କ୍ୟାଶ ଭାଉଚର, ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ରିଟର୍ନ, ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କା ଆଦି ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ଜଗନ୍ନାଥ ମନ୍ଦିରର ୪ଦ୍ୱାର ଖୋଲିବା ସହିତ ରତ୍ନ ଭଣ୍ଡାର ଚାବି ଖୋଲି ଶହେ ଦିନ ମଧ୍ୟରେ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି ଶାହା କହିଛନ୍ତି। ଗରିବଙ୍କ ପାଇଁ ମାଗଣା ପକ୍କା ଘର, କୃଷକଙ୍କ ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କର ବହୁବିଧ ବିକାଶ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ପ୍ରତିଶ୍ରୁତି ଦେଇଥିଲାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ଲୋକ ହେବ ବୋଲି କହିଥିଲେ।



ନିମାପଡାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଅନ୍ୟ ନେତାମାନେ ।

ନିମାପଡ଼ାସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଏକ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ଏବେ ତାମିଲ ଶାସନ ଚାଲିଛି, ତେଣୁ ଏହି ତାମିଲ ଶାସନକୁ ହଟାଇବାକୁ ହେବ। ଯାହା ଜଣାପଡୁଛି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ବାବୁ ନିର୍ବାଚନ ଲଢୁନାହାନ୍ତି, ତାମିଲନାଡୁର ପାଣ୍ଡିଆନ ଏହି ନିର୍ବାଚନ ଲଢୁଛନ୍ତି ବୋଲି କହି ନବୀନଙ୍କୁ କଟାକ୍ଷ କରି କହିଥିଲେ। ଏଥିସହ ଶାହା କଂଗ୍ରେସକୁ ମଧ୍ୟ ଟାର୍ଗେଟ କରି କହିଥିଲେ, କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ପାକିସ୍ତାନର ଏଜେଣ୍ଟ ଭଳି କାମ କରୁଛନ୍ତି, ପାକିସ୍ତାନ ପାଖରେ ଆଟମ୍ ବମ୍ ରହିଥିବା କହି ରାହୁଲ ଦେଶବାସୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି। ଭାଜପା ଏଥିରେ ଭୟଭୀତ ନୁହେଁ ବୋଲି ଶାହା କହିଥିଲେ। ନିମାପଡ଼ାବାସୀ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ୨ଥର ପଦ୍ମ ଫୁଲରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ ମୁଖପାତ୍ର ସମୀର ଦାଶ, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ, ବିଧାୟକ ପ୍ରାର୍ଥିନୀ ପ୍ରଭାତୀ ପରିଡ଼ା, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପ ନଗରପାଳ ସନ୍ତୋଷ ଦାଶ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ପ୍ରଦୀପ୍ତ ଖଟୋଇ, ସୁଧୀର ରଞ୍ଜନ ଦାଶ, ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ନିମାପଡ଼ାବାସୀଙ୍କୁ ନିବେଦନ କରିଥିଲେ। ତେବେ ସମାବେଶରେ ଶାହା ନିମାପଡ଼ା ବଦଳରେ ବାରମ୍ବାର ଜଗତ୍‌ସିଂହପୁରବାସୀ ବୋଲି ସମ୍ବୋଧିତ କରିବା ଘଟଣା ଉପସ୍ଥିତ ଜନତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଏସ୍‌ସିଏସ୍ କଲେଜରେ ପ୍ରଥମ ୧୦ ଜଣରେ ଦିବ୍ୟାଜ୍ୟୋତି



ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ(ଏସ୍‌ସିଏସ୍)ର ଯୁକ୍ତ ୨ କଳା ବିଭାଗର ଛାତ୍ରୀ ଦିବ୍ୟାଜ୍ୟୋତି ପ୍ରତିହାରୀ ମହାବିଦ୍ୟାଳୟ ପ୍ରଥମ ୧୦ ଜଣଙ୍କ ଭିତରେ ସ୍ଥାନ ପାଇଛନ୍ତି। ଦିବ୍ୟାଜ୍ୟୋତିଙ୍କ ଘର ସୁଆର ସାହିରେ ହୋଇଥିବାବେଳେ ତାଙ୍କ ବାପା ନରସିଂହ ପ୍ରତିହାରୀ ମହାପ୍ରଭୁଙ୍କ ସେବାୟତ ଅଛନ୍ତି। ଯୁକ୍ତ ୨ ପରୀକ୍ଷା ନିମନ୍ତେ ଦିବ୍ୟାଜ୍ୟୋତି ପ୍ରତ୍ୟେକ ଦିନ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ଏହି ସଫଳତା ପାଇଁ ଦିବ୍ୟାଜ୍ୟୋତି ତାଙ୍କ ମା' ବାପା ଏବଂ ଆଇଙ୍କ ସମେତ କୋଚିଂ ସେଣ୍ଟରର ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ସେ ଭବିଷ୍ୟତରେ ଜଜ୍ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ତେଣୁ ସେ ଏନେଇ ଅଧିକ ପରିଶ୍ରମ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଲୋକନାଥଙ୍କ ଆଶୀର୍ବାଦରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ବୋଲି ଦିବ୍ୟାଜ୍ୟୋତି ଆଶା କରିଛନ୍ତି।

### ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚିଲା ଶୁଣାଣି

ଭୁବନେଶ୍ୱର, ୨୮।୫ (ବନ୍ଦନା ସେଠୀ)

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ଚାଲିଥିବା ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିଂୟାର୍ଡ ଟିଟିଏସ୍ (ଟେମ୍ପୋରାରି ଟ୍ରାନ୍‌ଜିଟ ଷ୍ଟେଶନ) ମାମଲାର ଶୁଣାଣି ପୁନର୍ବାର ଘୁଞ୍ଚିଲା। ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ସରକାରୀ ଓକିଲ ଅନୁପସ୍ଥିତ ଥିଲେ। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିବା ସୂଚନା ମିଳିଛି। ପୂର୍ବରୁ ଏପ୍ରିଲ୍ ୧୯ରେ ଉକ୍ତ ମାମଲାର ଶୁଣାଣି କରାଯାଇଥିଲା। ସୂଚନାଯୋଗ୍ୟ, ଟିଟିଏସ୍ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ସହରବାସୀଙ୍କ ମାନବାଧିକାର କ୍ଷୁଣ୍ଣ ହେଉଛି। ଏଥିସହ ଦୁର୍ଗନ୍ଧ ପାଇଁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗକରି ଚନ୍ଦ୍ରଶେଖରପୁର ଅଞ୍ଚଳର ହରିପ୍ରିୟା ପଟେଲ ଏନ୍‌ଜିଟିରେ ଅଭିଯୋଗ ଦାଖଲ କରିଥିଲେ। ପରେ ଏନ୍‌ଜିଟି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜଆଡୁ ମାମଲା ରୁଜୁ କରିଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଆଧାରରେ ଏକ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ସମେତ ଫେବୃଆରୀ ୨୪ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ଅଚାନକ ଟିଟିଏସ୍ ଗସ୍ତ କରିଥିଲେ। ଫେବୃଆରୀ ୨୯ ସୁଦ୍ଧା ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଜିଟିରେ ଦାଖଲ କରିବ ଏବଂ ମାର୍ଚ୍ଚ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ହୋଇପାରି ନ ଥିବାରୁ ଶୁଣାଣିକୁ ଏପ୍ରିଲ୍ ୧୯ ଯାଏ ଘୁଞ୍ଚାଯାଇଥିଲା। ତେବେ ଶୁଣାଣିରେ ଅଭିଯୋଗକାରୀଙ୍କ ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ମେ ୨୮ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ଚଳିତ ଶୁଣାଣିରେ ସରକାରୀ ଓକିଲଙ୍କ ଅନୁପସ୍ଥିତି ପାଇଁ ପୁନର୍ବାର ଏହାକୁ ଘୁଞ୍ଚାଯାଇଥିବା ସୂଚନା ଦିଆଯାଇଛି।

## ଅସିତ ମହାନ୍ତିଙ୍କୁ ନାରଦ ସମ୍ମାନ

ଭୁବନେଶ୍ୱର,୨୮।୫(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟିକ ତଥା ପୌରୁଷ ପତ୍ରିକାର ସମ୍ପାଦକ ଡ. ଅସିତ ମହାନ୍ତିଙ୍କୁ ମଙ୍ଗଳବାର ସୂଚନା ଭବନଠାରେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ନାରଦ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ପୁରସ୍କାର ସ୍ୱରୂପ ୨୧ହଜାର ଟଙ୍କାର ଅର୍ଥରାଶି, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ବିଂଶତମ ନାରଦ ସମ୍ମାନ' ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହକ୍ଷେତ୍ର ପ୍ରଚାର ପ୍ରମୁଖ ପ୍ରାଧ୍ୟାପକ ଡ. ଜିଷ୍ଣୁ ବସୁ ଯୋଗଦେଇଥିଲେ। ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମହାନଗର ସଂଘଚାଳକ ସିନ୍ନିବାସ ମାନସିଂହ ଅତିଥି ପରିଚୟ ଦେଇଥିବାବେଳେ ଇଂ. ଜ୍ଞାନ ରଞ୍ଜନ ନାୟକ ମାନପତ୍ର ପାଠ କରିଥିଲେ। ମନିନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।



## କାକଟପୁର, ନିମାପଡ଼ା ନିର୍ବାଚନମଣ୍ଡଳୀରେ ହେବ ୯୮ ଆଦର୍ଶ ବୁଥ୍

ପୁରୀ,୨୮।୫(ଅଜିତ୍ ମହାନ୍ତି)

ଜୁନ ୧ରେ କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ପଡ଼ିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟରମାନେ ସେମାନଙ୍କ ନିର୍ଦ୍ଧାରିତ ବୁଥ୍‌ରେ ମତଦାନ କରିପାରିବେ। ୨ଟିଯାକ ନିର୍ବାଚନମଣ୍ଡଳୀ ପାଇଁ ମୋଟ ୫୬୦ଟି ମତଦାନ କେନ୍ଦ୍ରରେ ମତଦାନ କରାଯିବ। ଏଥିରେ କାକଟପୁରର ୨୮୦ଟି ଓ ନିମାପଡ଼ାର ୨୮୦ଟି ବୁଥ୍ ରହିଛି। ଏଥିମଧ୍ୟରୁ ମୋଟ ୯୮ଟି ବୁଥ୍‌କୁ ମଡେଲ ବା ଆଦର୍ଶ ବୁଥ୍ କରାଯାଇଛି। ସେଥିମଧ୍ୟରୁ ୭୬ ବୁଥ୍‌ରେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ସଖୀ ବୁଥ୍ ହୋଇଥିବାବେଳେ ଭିନ୍ନକ୍ଷମ ପୋଲିଂ ଅଫିସରଙ୍କ ଦ୍ୱାରା ୪ଟି, ଯୁବ ପୋଲିଂ ଅଫିସରଙ୍କ ଦ୍ୱାରା ପରିଚାଳିତ ୫ଟି, ପରିବେଶ ଉପଯୋଗୀ ବା ଇକୋ ଫ୍ରେଣ୍ଡ୍‌ଲି ୮ ଓ ଥିମ ବେଶ ୫ଟି ବୁଥ୍ ରହିଛି। କାକଟପୁର ଓ ନିମାପଡ଼ାରେ ୩୮ ଲେଖାଏଁ ସଖୀ ବୁଥ୍, ୨ଟି ଲେଖାଏଁ ଭିନ୍ନକ୍ଷମ ପୋଲିଂ ଅଫିସରଙ୍କ ଦ୍ୱାରା ପରିଚାଳିତ ବୁଥ୍, କାକଟପୁରରେ ୪ଟି ଯୁବ ପୋଲିଂ ପରିଚାଳିତ ବୁଥ୍, ୨ଟି ଇକୋ ଫ୍ରେଣ୍ଡ୍‌ଲି ବୁଥ୍ ଓ ୩ଟି ଥିମ ବେଶ ବୁଥ୍ ହୋଇଛି। ନିମାପଡ଼ାରେ ଯୁବ ପୋଲିଂ ଅଫିସରଙ୍କ ଦ୍ୱାରା ପରିଚାଳିତ ଗୋଟିଏ, ଇକୋ ଫ୍ରେଣ୍ଡ୍‌ଲି ୬ଟି ଓ ଥିମ୍ ବେଶ ୨ଟି ବୁଥ୍‌ର ବ୍ୟବସ୍ଥା ହୋଇଛି। ପୂର୍ବରୁ ସୁଇପ୍ ବା ସିଷ୍ଟମେଟିକ ଭୋଟର୍ସ ଏଡୁକେଶନ ଆଣ୍ଡ ଇଲେକ୍ଟର୍ସ ପାର୍ଟିସିପେଶନ ପ୍ରୋଗ୍ରାମ ମାଧ୍ୟମରେ ଭୋଟରଙ୍କୁ ବ୍ୟାପକ ସଚେତନତା କରାଯାଇ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରି ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରାଯାଇଥିଲା। ଜୁନ ୧ରେ କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଭୋଟର ନିଶ୍ଚିତ ମତଦାନ କରିବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅନୁରୋଧ କରିଛନ୍ତି।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଆରମ୍ଭ

ସାକ୍ଷୀଗୋପାଳ,୨୮।୫
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ମାନସ ଚିନ୍ତନଚକ୍ର ଆନୁକୂଲ୍ୟରେ ଶ୍ରୀସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ଶ୍ରୀରାମ ମନ୍ଦିର ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଡକ୍ଟର ଅଭିମନ୍ୟୁ ବରାଳ ଉଦ୍‌ଘାଟନ କରିଥିଲେ। ଡକ୍ଟର ବରାଳ, ପ୍ରବଚକ ଶ୍ରୀଧର ଭାରତୀ, ପ୍ରବଚକ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ପ୍ରମୁଖ ପ୍ରବଚନ ଦେଇଥିଲେ। ବ୍ୟାସ ନାରାୟଣ ଦାସ ଶ୍ରୀରାମ ଚରିତ ମାନସ ପାଠ କରିଥିଲେ। ଅନୁଷ୍ଠାନର ପରିଚାଳକ ବିଶ୍ୱନାଥ ମହାପାତ୍ର ଓ ବଂଶୀଧର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆସନ୍ତା ୯ ତାରିଖରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।

## ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କ ବିୟୋଗରେ ଶୋକ

ସାକ୍ଷୀଗୋପାଳ,୨୮।୫
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ସାକ୍ଷୀଗୋପାଳ ମନ୍ଦିର ଯୁବ ସେବାୟତ ବିଶ୍ୱନାଥ ମେକାପ(ମିଟୁ)(୩୯)ଙ୍କ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବିଶ୍ୱନାଥଙ୍କ ପେଟରେ ଯନ୍ତ୍ରଣା ହେବାରୁ ରବିବାର ରାତିରେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବିଶ୍ୱନାଥ ବୃଦ୍ଧ ମାତା ପିତାଙ୍କ ଏକମାତ୍ର ପୁତ୍ର ହୋଇଥିବାବେଳେ ତାଙ୍କର ସ୍ତ୍ରୀ, ୫ ଓ ବର୍ଷକର ୨ଟି କନ୍ୟା ରହିଛନ୍ତି। ଏହି ଘଟଣାରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱାସୀ ତ୍ରିପାଠୀ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ, କୋଷାଧ୍ୟକ୍ଷ ଉମେଶଚନ୍ଦ୍ର ନନ୍ଦଙ୍କ ସହିତ କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମୃତଦେହ ସେବକ ସାହିରେ ପହଞ୍ଚିବା ପରେ ଯୁବ ସେବାୟତମାନେ ବିଶ୍ୱନାଥଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରମ୍ପରା ଅନୁଯାୟୀ ମନ୍ଦିର ରୋଷ ଚୁଲାରୁ ଅଗ୍ନି ସଂଗ୍ରହ କରାଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ସମୁଦାୟ ମେକାପ ସେବାୟତ ଅଶୌଚ ହୋଇଥିବାରୁ ଠାକୁରଙ୍କ ଦିନ ଚାପ କିଛି ସମୟ ବିଳମ୍ବରେ ହୋଇଥିଲା। ରାତିରେ ହେବାକୁ ଥିବା ସେବକଙ୍କ ୧୯ ପାଳି ଚନ୍ଦନ ପାଳି ଫିକା ପଡ଼ିଯାଇଥିବା ଦେଖାଯାଇଥିଲା।

## ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ୍

**ଅବସରପ୍ରାପ୍ତ ପୋଲିସ ଡିଜିଙ୍କ ଘରୁ ଚୋରି ମାମଲା**

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ଘରୁ ଚୋରି ମାମଲାରେ ମଙ୍ଗଳବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ର ବିଚାରପତି ପୂଜା ଜୈନ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଅଜୁ ବର୍ଦ୍ଧନ ଏବଂ ଏସ୍.କେ. ଇସ୍‌ଲାମ ଓରଫ କଦମ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୨ବର୍ଷ ଲେଖାଏ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ସେମାନଙ୍କୁ ୫୦୦ ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।



ଅଭିଯୁକ୍ତ ଅଜୁ ବର୍ଦ୍ଧନ ଏବଂ ଏସ୍.କେ ଇସ୍‌ଲାମ୍

ଅବସରପ୍ରାପ୍ତ ପୋଲିସ ଡିଜି ପ୍ରହରାଜଙ୍କ ଆଇଆର୍‌ସି ଭିଲେଜ ଭି.ଆଇ.ପି-୪ସ୍ଥିତ ଘରକୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ୍ କରିଥିଲେ। ୨୦୨୩ ସେପ୍ଟେମ୍ବର ୩୦ରେ ମନମୋହନ ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ସହ ପୈତୃକ ଗାଁକୁ ଯାଇଥିଲେ। ସେହି ରାତିରେ ଅଜୁ ଏବଂ କଦମ ତାଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଆଲମିରା ଏବଂ ସିକ୍ୟୁରିଟି ଲକରକୁ ତାଡ଼ି ୧୨ ଭରି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଯାଇଥିଲେ। ସେହିଦିନ ରାତିପ୍ରାୟ ୨ଟା ୩୦ରେ ମନମୋହନ ଘରକୁ ଫେରି ଚୋରି ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୪୪୭/୨୦୨୩) ରୁଜୁ ସହ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା ଚୌଧୁରୀ ପରିଚାଳନା କରିଥିଲେ।

## ମହିଳାଙ୍କଠାରୁ ଲୁଟିନେଲେ ସୁନାଚେନ

ବାରଙ୍ଗ,୨୮।୫(ଲିଙ୍ଗରାଜ ରାଉତ)

ଜଣେ ବୟସ୍କା ମହିଳାଙ୍କ ବେକରୁ ୨ ଦୁର୍ବୃତ୍ତ ଦେଢ଼ ଲକ୍ଷ ଟଙ୍କାର ସୁନାଚେନ୍ ଛିଣ୍ଡାଇ ନେଇଥିବା ମଙ୍ଗଳବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରଘୁନାଥପୁର ଗାଁର ସୌଦାମିନୀ ପଢ଼ିହାରୀ (୭୮) ଅପରାହ୍ନ ସାଢ଼େ ୪ଟା ସମୟରେ ନିଜ ଘର ବାରଣ୍ଡାରେ ବସିଥିଲେ। ସେହି ବାରଣ୍ଡାକୁ ଲାଗି ତାଙ୍କ ପୁଅ କରିଥିବା ଦୋକାନକୁ ୨ ଜଣ ଯୁବକ ଆସି ସିଗାରେଟ ପାଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣେ ଗାଁ ଭିତରକୁ ଯାଇଥିବାବେଳେ ଅନ୍ୟ ଜଣଙ୍କ ବାଇକ୍ ପାଖରେ ଛିଡ଼ା ହୋଇଥିଲେ। ସେହି ସମୟରେ ସୌଦାମିନୀଙ୍କ ନାତୁଣୀ ଘରୁ ବାହାରକୁ ଆସୁଥିବାବେଳେ ତା' ପାଟି ଶୁଣି ସେ ପଛକୁ ଅନାଇଥିଲେ। ଗାଁ ଭିତରକୁ ଯାଇଥିବା ଯୁବକ ଜଣଙ୍କ ତାଙ୍କ ବେକରୁ ସୁନାଚେନ୍‌କୁ ଛିଣ୍ଡାଇ ନେଇଥିଲେ। ସୌଦାମିନୀଙ୍କ ବେକରେ ଆଘାତ ଲାଗିବା ସହ ମୁଣ୍ଡ କବାଟରେ ବାଡେଇ ହୋଇ ଆଘାତ ଲାଗିଥିଲା।

## ଫାଇନାଲରେ ଓଡ଼ିଶା

**ଜାତୀୟ ସବ୍‌ଜୁନିୟର ଟେନିସ୍ ବଲ କ୍ରିକେଟ**

ଖୋର୍ଦ୍ଧା,୨୮।୫ (ପ୍ରଭାତ ପାଣିଗ୍ରାହୀ)

ଗୁଜରାଟର ଅହମ୍ମଦାବାଦଠାରେ ଚାଲିଥିବା ୨୯ତମ ଜାତୀୟ ସବ୍‌ଜୁନିୟର ଟେନିସ୍ ବଲ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଫାଇନାଲକୁ ଉନ୍ନୀତ ହୋଇଛି। ଦଳ କ୍ୱାର୍ଟର ଫାଇନାଲରେ ଗୁଜରାଟକୁ ହରାଇବା ପରେ ସେମିଫାଇନାଲରେ ପୂର୍ବାଞ୍ଚଳ ଦଳକୁ ୬ ରନରେ ପରାସ୍ତ କରିଛି। ଏହି ମ୍ୟାଚରେ ଆଶିଷ ମଲିକ ଏବଂ ଲିପିସନ ଦିଗଲ ଯଥାକ୍ରମେ ପ୍ଲେୟର ଅଫ୍ ଦ ମ୍ୟାଚ ଏବଂ ବେଷ୍ଟ ବୋଲର ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ବୁଧବାର ଫାଇନାଲ ମ୍ୟାଚ୍ ଓଡ଼ିଶା ଓ ଉତ୍ତରପ୍ରଦେଶ ଟିମ୍ ମଧ୍ୟରେ ହେବ। ଓଡ଼ିଶା ଦଳର ଏହି ପ୍ରଦର୍ଶନକୁ ନେଇ କୋଚ୍ ରଞ୍ଜନ ନାୟକ ଏବଂ ଟି. ଦିଲେଶ୍ୱର ରାଓଙ୍କୁ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, ସହ ସମ୍ପାଦକ ସୋମନାଥ ପରିଡା, କୋଷାଧ୍ୟକ୍ଷ ଅଶୋକ ଦାସ, ଯୁଗ୍ମ ସମ୍ପାଦକ ସଞ୍ଜୟ ବିଶୋଇ, ସୁନୀଲ କୁମାର ମହାରଣା, ଚକ୍ରଧର ମାଝୀ, ପଙ୍କଜ ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



## ବିଜେଡିରେ ମିଶିଲେ ଭାଜପା, ଆପ୍ କର୍ମୀ

ନିମାପଡ଼ା,୨୮।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ବିଜେଡି ପକ୍ଷରୁ ସ୍ଥାନୀୟ ନକ୍ଷତ୍ର ମଣ୍ଡପଠାରେ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବ୍ଲକ ଧୀନ ବଳଙ୍ଗା ଜୋନ୍‌ର ଗୋପୀନାଥପୁର, ଶଗଡା, ଚଁଅରପଦା, ବାମନାଳ, ଧଳେଶ୍ୱର ଆଦି ପଞ୍ଚାୟତର ଅନେକ ଭାଜପା ଓ ଆମ ଆଦ୍‌ମୀ ପାର୍ଟି(ଆପ୍)ର କର୍ମୀମାନେ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନୂତନ କର୍ମୀମାନେ ଚନ୍ଦନ ବେହେରା, ରାକେଶ ବେହେରା, ବେଣୁଧର ପ୍ରଧାନ, ପ୍ରକାଶ ପ୍ରଧାନ, ସୌମ୍ୟଜିତ୍ ମହାନ୍ତି, ରାକେଶ ମୁଖି ପ୍ରମୁଖଙ୍କ ନେତୃତ୍ୱରେ ଦଳରେ ସାମିଲ ହୋଇଥିଲେ। ନୂତନ ସଦସ୍ୟଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଏବଂ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।




ବିଜେଡିର ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ଦଳୀୟ ନେତା ।

ଏହି ଅବସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବୁଧବାର ମୁଖ୍ୟମନ୍ତ୍ରୀ ନିମାପଡ଼ାଗସ୍ତରେ ଆସିବେ। ଏଥିସହ ସେ ବିଜେଡି ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀ ଦିଲୀପ ନାୟକଙ୍କ ପାଇଁ ସ୍ଥାନୀୟ ଦୋଳବେଦୀ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରୋଡ ଶୋ' ଓ ବିଭିନ୍ନ ଛକରେ ପଥପ୍ରାନ୍ତ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି। ମିଶ୍ରଣ ପର୍ବ ଓ ସମ୍ମିଳନୀରେ ଅତିଥି ଭାବେ ରାଜ୍ୟସଭ୍ୟ ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଜେଡି ମହିଳା ସଂଗଠନ ରାଜ୍ୟ ସମ୍ପାଦକ କସ୍ତୁରୀବାଳା ସ୍ୱାଇଁ, ପର୍ଯ୍ୟବେକ୍ଷକ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ସଭାପତି ଦିବାକର ପାତ୍ର, ରବି ମଲ୍ଲିକ ଏବଂ ସୁବ୍ରତ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ସିସିଟିଭି ଫୁଟେଜ୍ ଖୋଲିବ ଗୁମର

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନମ୍ବର ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ଘଟଣାରେ ପୋଲିସ ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ତେବେ ଇଭିଏମ୍ କିଏ ଭାଙ୍ଗିଛି ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିବା ବେଳେ ଏକ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି, ଯାହାକି ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏଥିରେ ଦେଖିବାକୁ ମିଳିଛି, ଜଗଦ୍ଦେବ ପ୍ରଥମେ ଲୋକ ସଭା ପାଇଁ ଭୋଟ ଦେବା ପରେ ପୋଲିଂ ଅଧିକାରୀଙ୍କଠାରୁ ଚିରକୁଟ୍ ନେଇ ବିଧାନସଭା ପାଇଁ ଭୋଟ ଦେବାକୁ ଯାଉଛନ୍ତି। ଇଭିଏମ୍ ଭାଙ୍ଗିବା ଦୃଶ୍ୟ ସିସିଟିଭି ଫୁଟେଜରେ ଦେଖାଯାଉନାହିଁ। ତେବେ ସେ ବିଧାନସଭା ପାଇଁ ଭୋଟ ଦେବାକୁ ଯିବାବେଳେ ପ୍ରଚଣ୍ଡ ଶବ୍ଦ ଶୁଣାଯାଉଛି। ଇଭିଏମ୍ ଭାଙ୍ଗିବା ଶବ୍ଦ ବେଳେ ଜଗଦ୍ଦେବ ଦୂରରେ ଅଛନ୍ତି। ପରେ ସେ ବୁଥକେନ୍ଦ୍ରରୁ ବାହାରି ଯାଉଛନ୍ତି। ତେବେ ବୁଥ୍ ଭିତରେ ୧୫ରୁ ୨୦ଜଣ ଭୋଟର ଥିବା ନେଇ ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ତେବେ ଏକାଥରକେ ଏତେସଂଖ୍ୟକ ଭୋଟର ବୁଥ୍‌କେନ୍ଦ୍ରକୁ କିପରି ଆସିଲେ, ସେଠାରେ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ଥିବା କେନ୍ଦ୍ରୀୟ ସୁରକ୍ଷା ବଳ ଓ ପୋଲିସ କ'ଣ କରୁଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ଏହି ଭିଡିଓର ଯାଞ୍ଚ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଖୋର୍ଦ୍ଧା ଜିଲା ନିର୍ବାଚନ ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବରିଷ୍ଠ ଆଇନଜୀବୀ ପ୍ରଭାତ ଦାଶ କହିଛନ୍ତି, ଜଗଦ୍ଦେବ ଭୋଟ ଦେଉଥିବା ବେଳେ ଏହି ଅଘଟଣ ଘଟିଥିଲା। ପୋଲିସ କୌଣସି ସତ୍ୟାସତ୍ୟ ଅନୁସନ୍ଧାନ ନ କରି ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗକୁ ଆଧାର କରି ବିଳମ୍ବିତ ରାତିରେ ଜଗଦ୍ଦେବଙ୍କୁ ଗିରଫ କରିବା ନିନ୍ଦନୀୟ। ପୋଲିସର ଭୂମିକା ସନ୍ଦେହ ଘେରରେ ବୋଲି ସେ କହିଛନ୍ତି। ସେହିପରି ଭାଜପା ଲୋକ ସଭା ପ୍ରଭାରୀ ଜୀବନ ସାହୁ କହିଛନ୍ତି, ଇଭିଏମ୍ ଭାଙ୍ଗିବା ଘଟଣାରେ ପ୍ରଶାନ୍ତଙ୍କ କୌଣସି ସମ୍ପୃକ୍ତି ନ ଥିବା ବେଳେ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଶାସକ ଦଳ ପ୍ରଚୋଚନାରେ ଗିରଫ କରାଯାଇଛି। ସେହିପରି ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ କହିଛନ୍ତି, କୌଣସି ଦୋଷ ନ ଥାଇ ଜଗଦ୍ଦେବ ୩ଦିନ ହେବ ଜେଲରେ ଅଛନ୍ତି। ତାଙ୍କୁ ତୁରନ୍ତ ଛଡ଼ା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ।



ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଭୋଟ୍ ଦେବା ବେଳର ଭିଡିଓ ଫୁଟେଜ୍।

## ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଘଟଣା

- ଇଭିଏମ୍ ଭଙ୍ଗା ସମୟରେ ଦୂରରେ ଅଛନ୍ତି ପ୍ରଶାନ୍ତ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

## ଜଗଦ୍ଦେବଙ୍କ ବିରୋଧରେ କହିବାକୁ ବାଧ କରିଥିଲା ପୋଲିସ: ବନମାଳୀ

ଖୋର୍ଦ୍ଧା,୨୮।୫ (ପ୍ରଭାତ ପାଣିଗ୍ରାହୀ)

ଇଭିଏମ୍ ଭଙ୍ଗାଯିବା ଅଭିଯୋଗରେ ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫ ଘଟଣା ନୂଆ ମୋଡ଼ ନେଇଛି। ଖୋର୍ଦ୍ଧା ପୋଲିସ ବିରୋଧରେ ଅଭିଯୋଗ ଆଣିଛନ୍ତି ଜଗଦ୍ଦେବ ଓ ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ ନେଇ ଯାଉଥିବା କାର୍ ଡ୍ରାଇଭର ବନମାଳି ବେହେରା। ତେବେ ବନମାଳୀ ଗଣମାଧ୍ୟମରେ କହିଛନ୍ତି ଯେ, ସେ ଖଣ୍ଡଗିରିର ଘାଟିକିଆରେ ରୁହନ୍ତି। ସେଠାରେ କାର୍ ରଖେ। ସୋମବାର ରାତି ୧୦ଟାରେ ତାଙ୍କୁ ୪ଜଣ ପୋଲିସ ଉଠାଇ ନେଇଥିଲେ। ଗାଡି ଦ୍ରୁତଗତିରେ ଚଳାଉଛ, କାହା ଉପରେ ଚଢ଼ାଇଦେବ କହି ପୋଲିସ ମାଡ଼ ମାରିଥିଲା। ପରେ ଜଗଦ୍ଦେବ ଇଭିଏମ୍ ଭାଙ୍ଗିଥିଲା କି ନାହିଁ ବୋଲି ପଚାରିଥିଲେ। ସେ ବାହାରେ ଗାଡ଼ି ପାଖରେ ଥିଲେ, ଭିତରେ କ'ଣ ହୋଇଛି ଜାଣିନାହିଁ ବୋଲି କହିଥିଲେ। ଜଗଦ୍ଦେବ ଇଭିଏମ ଭାଙ୍ଗିଛି କହିବୁ ନା ମାଡ଼ ଖାଇବୁ ପୋଲିସ କହିବା ପରେ ସେ ଡରିକି ହଁ କହିଥିଲେ ବୋଲି ବନମାଳୀ କହିଛନ୍ତି। ଏହାପରେ ପୋଲିସ ତାଙ୍କୁ ଛାଡ଼ିଦେଇଥିଲେ। ଏହି ଘଟଣା ପରିବାର ଲୋକେ ଜାଣିବା ପରେ ମାନସିକ ଚାପରେ ରହିଛନ୍ତି। ତେଣୁ ବାଧ ହୋଇ ଗଣମାଧ୍ୟମ ଆଗରେ କହିଲି। ରାଜନୀତିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ସେ ଜଣେ ଡ୍ରାଇଭର ହୋଇଥିବାରୁ ଗାଡ଼ି ଚଲାଇବା ତାଙ୍କର କାମ ବୋଲି କହିଛନ୍ତି। ଏନେଇ ଏସ୍‌ପି ଅବିନାଶ କୁମାର କହିଛନ୍ତି, ଖୋର୍ଦ୍ଧା ପୋଲିସ କାହାରିକୁ ଉଠାଇ ନାହିଁ। ବନମାଳିଙ୍କୁ କେହି ଯଦି ହଇରାଣ କରିଛନ୍ତି ସେ ସ୍ଥାନୀୟ ଥାନାରେ ଅଭିଯୋଗ କରନ୍ତୁ।




୨୮।୫।୨୦୨୪

| | |
|---|---|
| ୬,୨୮,୨୩୭ ଟଙ୍କା | |
| ସୁନା | ୧.୦୮୦ କି.ଗ୍ରା. |
| ରୁପା | ୧.୨୦୦ ଗ୍ରାମ୍ |

## ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଲା ୧ କେଜିରୁ ଊର୍ଦ୍ଧ୍ୱ ସୁନା

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ହୁଣ୍ଡିରୁ ମଙ୍ଗଳବାର ସର୍ବାଧିକ ୧ କି.ଗ୍ରା.ରୁ ଊର୍ଦ୍ଧ୍ୱ ସୁନା ମିଳିଛି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଟଙ୍କା ଦାନ ଦେବା ସହ ହୁଣ୍ଡିରେ ସୁନା ଓ ରୂପା ଆଦି ଦାନ ଦେଇଥାନ୍ତି। ଯାହାକୁ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ପ୍ରତ୍ୟେକ ଦିନ ଗଣତି କରାଯାଇଥାଏ। ତେବେ ମଙ୍ଗଳବାର ହୁଣ୍ଡି ଟଙ୍କା ଗଣାଯିବା ସମୟରେ ୬ ଲକ୍ଷ ୨୮ ହଜାର ୨୩୭ ଟଙ୍କା ମିଳିଥିବାବେଳେ ରୁପା ୧ ଗ୍ରାମ ୨୦୦ ମିଲିଗ୍ରାମ ମିଳିଥିଲା। ତେବେ ହୁଣ୍ଡି ମଧ୍ୟରୁ ୧ କି.ଗ୍ରା ୮୦ ଗ୍ରାମ ଓଜନର ସୁନା ମିଳିଛି। ତେବେ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିବାବେଳେ କେହି ଜଣେ ଭକ୍ତ ଏତେ ପରିମାଣରେ ସୁନା ଆଣି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିଥିବା ଅନୁମାନ କରାଯାଉଛି। ତେବେ ପ୍ରଥମଥର ପାଇଁ ହୁଣ୍ଡିରୁ ଏତେ ପରିମାଣରେ ସୁନା ଗୋଟିଏ ଦିନରେ ବାହାରିଥିବା କୁହାଯାଉଛି।

## 'ନଟ ସମ୍ରାଟ'ରେ ବସ୍ତୁବାଦୀ ଦୁନିଆର କାହାଣୀ

### ଷଷ୍ଠ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ୫ଦିନ ଧରି ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଷଷ୍ଠ ଜାତୀୟ ନାଟକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ମୁମ୍ବାଇ ଏକରଙ୍ଗ ଅନୁଷ୍ଠାନ ପକ୍ଷରୁ ହିନ୍ଦୀ ନାଟକ ନଟସମ୍ରାଟ ମଞ୍ଚସ୍ଥ ହୋଇଥିଲା। 'ନଟ ସମ୍ରାଟ' ନାଟକର କାହାଣୀ ବିଗତ ଦିନର ଜଣେ ପ୍ରସିଦ୍ଧ ମଞ୍ଚ ଅଭିନେତା ଗଣପତରାଓ ବିଲୱାଲକର୍‌ଙ୍କ ଜୀବନ କାହାଣୀ ଯିଏ କି ତାଙ୍କ ଅଭିନୟ ଜୀବନରେ ସେକ୍ସପିଅରଙ୍କ ରଚିତ ଅନେକ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରି ଲୋକପ୍ରିୟତା ସାଉଁଟିଥିଲେ। ନିଜ ପୁଅ, ଝିଅ, ସ୍ତ୍ରୀଙ୍କୁ ନେଇ ତାଙ୍କର ଥିଲା ଏକ ସୁଖୀ ପରିବାର। ଧୀରେ ଧୀରେ ତାଙ୍କର ମଞ୍ଚ ନାଟକରେ ଅଭିନୟ କରିବାର ସୁଯୋଗ କମିଗଲା। ପରିବାରର ପ୍ରତ୍ୟେକ ସଦସ୍ୟ ଏବେ ନିଜର ଧନ, ମାନ, ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ପ୍ରତି ସମ୍ବେଦନଶୀଳ ହୋଇପଡ଼ିଲେ। ବିଲୱାଲକରଙ୍କ ଲୋକପ୍ରିୟତାକୁ ଭୁଲିଗଲେ। କେବଳ ଏହି ସମୟରେ ତାଙ୍କୁ ସାହସ, ସମ୍ମାନ ଓ ଭରସା ଦେଉଥାଆନ୍ତି ତାଙ୍କର ଏକମାତ୍ର ସ୍ତ୍ରୀ କାବେରୀ। ହଠାତ୍ ଦିନେ କାବେରୀଙ୍କର ମୃତ୍ୟୁ ହେଲା। ପରିବାରରେ ଗଣପତରାଓ ଏକାକୀ ଅଲୋଡ଼ା ପାଲଟି ଗଲେ ଓ ଅସୁସ୍ଥ ହୋଇପଡ଼ିଲେ। ଏହି ପରିସ୍ଥିତିରେ ତାଙ୍କୁ ଦୁରବସ୍ଥାରୁ ଉଦ୍ଧାର କରିବା ପାଇଁ ରାଜା ନାମକ ଯୁବକ ତାଙ୍କର ସେବା ଶୁଶ୍ରୂଷା କରିବା ପାଇଁ ନିଜ ପାଖକୁ ନେଇଗଲେ। ଗଣପତରାଓଙ୍କ ଅନୁପସ୍ଥିତିରେ ପରିବାରର ଲୋକେ ବିଚଳିତ ହୋଇପଡ଼ିଲେ। ସେମାନେ ନିଜ ନିଜର ଭୁଲ ବୁଝି ବାପା ଗଣପତରାଓଙ୍କୁ ଘରକୁ ଫେରାଇ ନେବା ପାଇଁ ଆସିଲେ। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇସାରିଥିଲା। ପରିବାର ଲୋକଙ୍କ ସ୍ନେହ ଶ୍ରଦ୍ଧା, ଫେରିପାଇବା ଆଗରୁ ସେ ଆରପାରିକୁ ଚାଲିଯାଇଥିଲେ। ଏହି ନାଟକ ଜରିଆରେ ନାଟ୍ୟକାର ବିଷ୍ଣୁୱାମନ ଶିରଭାଦିକର ଆଜିକାଲିର ବସ୍ତୁବାଦୀ, ସ୍ୱାର୍ଥବାଦୀ, ଅର୍ଥବାଦୀ ଦୁନିଆରେ ସମସ୍ତେ ଅତିମାତ୍ରାରେ ସ୍ୱାର୍ଥପର ହୋଇଯାଉଥିବା ଦର୍ଶାଇଛନ୍ତି। ଅଭିନୟରେ ଆଲୋକ ଚାଟାର୍ଜୀ, ଦୀପଶିଖା ସୋନି, ହରିଶ ବର୍ମା, ଆଶି ମାଲବୀୟ, ସନ୍ଦୀପ ପାଟିଲ, ଜ୍ୟୋତି ରାଏ କୱାର, ବାନ୍ୟା ଦତ୍ତା, ଆଶିଷ ଓଝା ଓ ସାହିଲ ମିଶ୍ରା ରହିଥିଲେ। ଅତିଥି ଭାବେ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ, ନାଟ୍ୟକାର ଶୈଳେଶ୍ୱର ନନ୍ଦ, ଲଲାଟେନ୍ଦୁ ରଥ, ମିହିର କୁମାର ମେହେର, ସୁବୋଧ ପଟ୍ଟନାୟକ, ଅନୁଷ୍ଠାନର ସଭାପତି ଇଂ. ସୁଧାକର ପତ୍ରୀ ଉପସ୍ଥିତ ଥିଲେ। ସମ୍ପାଦକ ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।



ନାଟକ 'ନଟ ସମ୍ରାଟ'ର ଏକ ଦୃଶ୍ୟ।

## ପୁରୀ ସମୁଦ୍ରରେ ଭାସିଗଲେ ଯୁବତୀ

ରାଉରକେଲା,୨୮।୫(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୭ ଥାନା ଅଭିରାମପାଲୀ ବସ୍ତିର ରଶ୍ମି ପରିଡା(୨୩) ପୁରୀ ସମୁଦ୍ରରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଏନେଇ ପୁରୀ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ରଶ୍ମିଙ୍କ ପରିବାର ଲୋକେ ମଙ୍ଗଳବାର ପୁରୀରେ ପହଞ୍ଚି ଖୋଜାଖୋଜି କରୁଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ଯୁବତୀଙ୍କ ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ରଶ୍ମି ଗତ ୨୬ରେ ବନ୍ଧୁଙ୍କ ସହ ପୁରୀ ବୁଲିବାକୁ ଯାଇଥିଲେ। ସେଠାରେ ସମୁଦ୍ରରେ ଗାଧୋଉଥିବା ବେଳେ ହଠାତ୍ ଭାସିଯାଇଥିଲେ। ପାଖରେ ଥିବା ଲାଇଫ୍ ଗାର୍ଡ ତାଙ୍କୁ ଉଦ୍ଧାରକରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।

## ନିର୍ବାଚନ ଡ୍ୟୁଟିରେ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ

### ୯ ମହିଳା ପୋଲିସ କର୍ମଚାରୀ ଆହତ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ନିର୍ବାଚନ ଡ୍ୟୁଟିରେ ଯାଉଥିବା ଏକ ବସ୍ ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ସତସଙ୍ଗ ବିହାର ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ଦୁର୍ଘଟଣାର ଶିକାର ହୋଇଛି। ଶ୍ରୀମନ୍ଦିର ନାମକ ଏହି ଘରୋଇ ବସ୍ (ଓଆର୍ ୦୫ ଏଜି୦୭୬)ରେ ଥିବା ପ୍ରାୟ ୩୦ଜଣ ମହିଳା ହୋମଗାର୍ଡ/କନଷ୍ଟେବଲଙ୍କ ମଧ୍ୟରୁ ୯ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ଅନ୍ୟପକ୍ଷରେ ବସ୍‌ଟିର ସାମ୍ନା କ୍ୟାବିନ୍ କ୍ଷତିଗ୍ରସ୍ତ ହୋଇଛି। ବସ୍‌ଟି ବଲାଙ୍ଗୀରରୁ କେନ୍ଦ୍ରାପଡ଼ା ଯାଉଥିଲା। ସତ୍‌ସଙ୍ଗ ବିହାର ରାସ୍ତାରେ ବସ୍ ଆଗକୁ ଏକ ଟାଟା ପିକଅପ୍ ଭ୍ୟାନ୍ ଆସିଯାଇଥିଲା। ହଠାତ ବସ୍‌ଟି ବ୍ରେକ୍ ମାରିଥିବା ବେଳେ ଭ୍ୟାନ୍ ପଛରେ ଧକ୍କା ହୋଇଥିଲା। ବସ ସାମ୍ନାରେ ବସିଥିବା ମହିଳା ପୋଲିସ କର୍ମଚାରୀମାନେ ଆହତ ହୋଇଥିଲେ। ଏନେଇ ବସ୍ ଡ୍ରାଇଭରଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ପିକଅପ୍ ଭ୍ୟାନ୍ (ଓଡି୦୨ବିକେ୬୦୯୫)କୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆଉ ଏକ ଗାଡ଼ି ଯୋଗେ ସମସ୍ତ ମହିଳା ପୋଲିସ କର୍ମଚାରୀମାନେ ନିର୍ବାଚନ କାର୍ଯ୍ୟରେ ଯୋଗଦେବାକୁ ଯାଇଛନ୍ତି।





@ ପ୍ରେମାନନ୍ଦ



@ ସିଦ୍ଧାର୍ଥ



@ ସ୍ୱର୍ଣ୍ଣପ୍ରଭା

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପରମେଶ୍ୱର ଫୁଙ୍କୱାଲ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର,୨୮।୫
(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଆଇଆର୍‌ଏମ୍‌ଏସ୍ ପରମେଶ୍ୱର ଫୁଙ୍କୱାଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଇଆଇଟି କାନପୁରର ପୂର୍ବତନ ଛାତ୍ର ଏବଂ ଭାରତୀୟ ରେଲୱେ ଇଞ୍ଜିନିୟର୍ସ ସେବା (ଆଇଆର୍‌ଏସ୍‌ଇ) ୧୯୮୮ ବ୍ୟାଚ୍‌ର ଅଧିକାରୀ। ସେ ଡିଆର୍‌ଏମ୍, ଅହମ୍ମଦାବାଦ ଏଡିଆର୍‌ଏମ୍, ଆର୍‌ଆର୍‌ବି ଅଧ୍ୟକ୍ଷ ଏବଂ ଆର୍‌ଡିଏସ୍‌ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ପୂର୍ବତଟ ରେଳପଥରେ ନିଯୁକ୍ତି ପାଇବା ପୂର୍ବରୁ ସେ ପଶ୍ଚିମ ରେଳପଥ ମୁମ୍ବାଇରେ ପ୍ରିନ୍ସିପାଲ ଚିଫ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଆର୍‌ଡିଏସ୍‌ଓରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବେଗ ବୃଦ୍ଧି କରିବା ପାଇଁ ଟ୍ରାକ୍ ଏବଂ ବ୍ରିଜ୍ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ପ୍ରଚଳନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରେଲୱେ ଇଞ୍ଜିନିୟରିଂ ବ୍ୟତୀତ ମାନବସମ୍ବଳ କାର୍ଯ୍ୟ, ଗବେଷଣା, ଡିଜାଇନ ଏବଂ ସାଧାରଣ ପ୍ରଶାସନରେ ତାଙ୍କର ବିପୁଳ ଅଭିଜ୍ଞତା ରହିଛି। ଟ୍ରାକ୍, ବ୍ରିଜ୍ ଏବଂ ପରିବେଶ ଇଞ୍ଜିନିୟରିଂ ଉପରେ ତାଙ୍କର ଅନେକ ଗବେଷଣାପତ୍ର ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ଚାଇନାର ବେଜିଂ, କାନାଡାର କାଲ୍‌ଗରି ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ହେଭି ହାଲ୍ ଆସୋସିଏଶନ (ଆଇଏଚ୍‌ଏଚ୍‌ଏ) ସମ୍ମିଳନୀରେ ସେ ରିସର୍ଚ୍ଚ ପେପର ଉପସ୍ଥାପନ କରିଥିଲେ। ସେ ସ୍ୱିଡେନ, ଡେନ୍‌ମାର୍କ, ଫ୍ରାନ୍ସ, ଜର୍ମାନୀ, ଚାଇନା, କାନାଡା, ମାଲେସିଆ, ସିଙ୍ଗାପୁର ଏବଂ ଇଟାଲି ଗସ୍ତ କରି ବିଭିନ୍ନ ପ୍ରଶିକ୍ଷଣ ଏବଂ ଅଧ୍ୟୟନ କାର୍ଯ୍ୟ କରିଛନ୍ତି। ଫୁଙ୍କୱାଲଙ୍କର ସାହିତ୍ୟ ପ୍ରତି ଗଭୀର ଆଗ୍ରହ ରହିଛି ଏବଂ ତାଙ୍କର କେତେକ କବିତା ସମକାଳୀନ ହିନ୍ଦୀ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି।

## ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଅସୁସ୍ଥ

ଭୁବନେଶ୍ୱର,୨୮।୫(ଶର୍ମିଷ୍ଠା ପାଣିଗ୍ରାହୀ)



ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅସୁସ୍ଥ ହୋଇପଡ଼ିଛନ୍ତି। ଏ ନେଇ ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଯୋଗେ ମଙ୍ଗଳବାର ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି, ଜୟ ଜଗନ୍ନାଥ, ବୋଧହୁଏ କୋଭିଡ୍ ପରବର୍ତ୍ତୀ ଶ୍ୱାସକ୍ରିୟା ଜନିତ ସମସ୍ୟା କାରଣରୁ ମୁଁ ଏକ ଘରୋଇ ହସ୍ପିଟାଲରେ ଆଡ୍‌ମିଟ୍ ହୋଇଛି। ଡାକ୍ତରମାନେ ମୋ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି। ତାଙ୍କର ଏହି ପୋଷ୍ଟ ପରେ ବିଭିନ୍ନ ମହଲରୁ ଆଶୁ ଆରୋଗ୍ୟ କାମନା କରାଯାଇଛି।

## ଋତୁସ୍ରାବ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚିନ୍ତାଜନକ

ଭୁବନେଶ୍ୱର, ୨୮।୫ (ବନ୍ଦନା ସେଠୀ)

ସାରା ବିଶ୍ୱରେ ଝିଅମାନଙ୍କର ପ୍ରାରମ୍ଭିକ ଋତୁସ୍ରାବର ବୟସ ହାରାହାରି ୧୨ବର୍ଷ ବୟସ ଥିବାବେଳେ ବିଗତ କିଛି ବର୍ଷରେ ଏହି ବୟସ ହ୍ରାସ ଘଟିବା ଦେଖାଦେଇଛି। ଏହା ଜଳବାୟୁ ପରିବର୍ତ୍ତନର ଏକ ପ୍ରଭାବ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚିନ୍ତାଜନକ ବୋଲି ମତ ପ୍ରକାଶ ପାଇଛି। ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଉପରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନ ସମୂହ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ବିଶ୍ୱ ଋତୁସ୍ରାବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଋତୁସ୍ରାବ ଓ ଜଳବାୟୁ ପରିବର୍ତ୍ତନ' କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ଦ୍ୱାରା ବନ୍ୟା, ବାତ୍ୟା ଓ ଅତିଶୟ ଖରା, ଗରମ ଓ ଅନ୍ୟ ଦୁର୍ବିପାକଗୁଡ଼ିକର ସିଧାସଳଖ ପ୍ରଭାବ ଖାଦ୍ୟ ଉତ୍ପାଦନ, ପୋଷଣ ବିଭେଦତା ଉପରେ ପଡ଼ିଥାଏ। ତେଣୁ ଖାଦ୍ୟ ପରିବର୍ତ୍ତନ, ଖାଦ୍ୟସାର ଅଭାବ, ପ୍ୟାକେଟ୍‌ରେ ମିଳୁଥିବା ଖାଦ୍ୟ ଓ ବିଷାକ୍ତ ଖାଦ୍ୟର ପ୍ରଭାବ ମେଦ ବହୁଳତା ତଥା ଅତିଶୟ ଖରାଜନିତ ଗରମ ଦ୍ୱାରା ପ୍ରାରମ୍ଭିକ ଋତୁସ୍ରାବର ସମୟ ପ୍ରଭାବିତ ହୋଇଥାଏ ବୋଲି ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆର ବରିଷ୍ଠ କାର୍ଯ୍ୟକର୍ତ୍ତା ବିରାଜିତା ଚିମଲାପତି, ଆର୍‌ସିଡିସିର ଜଗନ୍ନାଥ ଚାଟାର୍ଜୀ, ସିଡ୍‌ସ୍‌ର ଦିବ୍ୟା ଗୁପ୍ତା, ୟୁନିସେଫ୍‌ର ସିପ୍ରା ସାକ୍‌ସେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ।

ଦ୍ୱିତୀୟ ଅଧିବେଶନରେ 'ଅନ୍ତର୍ଭୁକ୍ତି ଓ ଋତୁସ୍ରାବ' ଶୀର୍ଷକ ଆଲୋଚନା ହୋଇଥିଲା। ଋତୁସ୍ରାବ, ଋତୁଚକ୍ର ଭଳି କଥାଗୁଡ଼ିକୁ ଋତୁମତୀମାନେ ବୁଝିବା ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ସେମାନେ ନିଜର ଯତ୍ନ ଓ ପରିଚ୍ଛନ୍ନତା ଦିଗରେ ସଚେତନ ହୋଇଥାନ୍ତି ଏବଂ ଆବଶ୍ୟକ ମୁତାବକ ପଦକ୍ଷେପ ନେଇଥାନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ସେବା ମହାପାତ୍ର ଯୋଗଦେଇ, ସମାଜରେ ଋତୁସ୍ରାବ ସଚେତନତାର ଅଭାବ ବହୁମାତ୍ରାରେ ପରିଲକ୍ଷିତ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଏମ୍‌ଏଚ୍‌ଏଚ୍ ଆଲାଏନ୍ସର ସମ୍ପାଦିକା ସ୍ନେହ ମିଶ୍ର ଯୋଗଦେଇ କହିଲେ, ସାରା ବିଶ୍ୱରେ ଋତୁସ୍ରାବ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ଜାତିସଂଘ ତରଫରୁ ୨୦୨୪କୁ 'ଋତୁସ୍ରାବ ଅନୁକୂଳ ବିଶ୍ୱ' ବର୍ଷଭାବେ ପରିକଳ୍ପନା କରାଯାଇ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି। 'ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ଋତୁସ୍ରାବ' ଚଳିତବର୍ଷର ଆହ୍ୱାନ ରହିଥିବା ସେ କହିଥିଲେ। ସଭାପରେ ଋତୁସ୍ରାବ ସଚେତନତାଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର 'କାଚ କଣ୍ଢେଇ', 'ରଜସ୍ୱଳା', 'ବ୍ଲାକ୍ ଟୁ ୱେଲ୍ ରେଡ୍' ପ୍ରଦର୍ଶିତ ହୋଇଥିଲା। ପରେ ୧୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ପ୍ରତିନିଧି ଋତୁସ୍ରାବ ଓ ପରିଚ୍ଛନ୍ନତା ସମ୍ପର୍କିତ ବିଷୟକୁ ବିବିଧ ଖେଳ ମାଧ୍ୟମରେ ଶିକ୍ଷାଲାଭ କରିଥିଲେ। ଆଇନାର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




କର୍ମଶାଳାରେ ଅତିଥିମାନେ ସଚେତନତା ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡ୍ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



**Second Birthday Wish**




**SHREYANSHI (Guduli)**
Kharakhia, Old Town, Bhubaneswar
Many many happy returns of the day. Happy Birthday Shreyanshi.
Best Wishes From: Bapa, Maa, Baba, Mama, Aja, Aai, Mamu, Maain, Kaka & Relatives.
ଧ-୩୯୯



CLASSIFIED DISPLAY
MORE SPACE • SAME PRICE
TARIFF GST 5%



**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947



ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଦୈନିକ ୫୧,୦୦୦ ଖାଦ୍ୟ ପ୍ୟାକେଟ ବିତରଣ କରିବ ମାଲାବାର

**ଭୁବନେଶ୍ୱର,୨୮।୫ (ଅଭୟ ଦାଶ)**

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମାଲାବାର ଗ୍ରୁପ୍‌ର ଗୋଆସ୍ଥିତ ମାଲାବାର ହେଡ୍‌କ୍ୱାର୍ଟର୍ସ ପରିସରରେ ବିଶ୍ୱ କ୍ଷୁଧା ଦିବସ (ୱାର୍ଲଡ ହଙ୍ଗର ଡେ) ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରୁପ୍‌ର ଗହଣା ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଓଡ଼ିଶା ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଭୁବନେଶ୍ୱର ଶହୀଦନଗରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଶୋ'ରୁମ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଷ୍ଟୋର ହେଡ୍ ଅସ୍‌ନାଫ ଆରାକଲ୍, ଷ୍ଟୋର ମ୍ୟାନେଜର ଚନ୍ଦନ ନାୟକ, ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ ଓ ଅନ୍ୟମାନେ ଯୋଗଦେଇଥିଲେ। ସେହିଭଳି ମାଲାବାର ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହଙ୍ଗର-ଫ୍ରି ୱାର୍ଲଡ' ଜରିଆରେ ଦୈନିକ ୫୧,୦୦୦ ପର୍ଯ୍ୟନ୍ତ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବିତରଣ ସହ ଅଧିକରୁ ଅଧିକ ସହର ଓ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଗ୍ରୁପ୍ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଅଧୀନରେ ସର୍ବାଧିକ ୩୧,୦୦୦ ଖାଦ୍ୟ ପ୍ୟାକେଟ ବିତରଣ କରାଯାଉଛି,ଯାହାକୁ ମିଳିତ ଜାତିସଂଘର 'ସଷ୍ଟେନେବୁଲ ଡେଭଲପମେଣ୍ଟ ଗୋଲ୍ ୨-ଜିରୋ ହଙ୍ଗର' ଅଭିଯାନକୁ ସମର୍ଥନ କରିବା ପାଇଁ ଆରମ୍ଭ କରାଯାଇଥିଲା। ଉଲ୍ଲେଖଯୋଗ୍ୟ,ମାଲାବାର ଗ୍ରୁପ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏହି ଘୋଷଣା ଓ ସମ୍ପ୍ରସାରଣ ଯୋଜନା କରାଯାଇଛି ବୋଲି ଗ୍ରୁପ୍ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ (ଚେୟାରମ୍ୟାନ) ଏମ୍‌ପି ଅହମ୍ମଦ କହିଥିଲେ, ବର୍ତ୍ତମାନ ବି ଆମ ଚତୁଃପାର୍ଶ୍ୱରେ ଅନେକ ଲୋକ ରହିଛନ୍ତି, ଯିଏକି ଦିନକୁ ଥରେ ଖାଦ୍ୟ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଏପରିକି ଆମେ ଏହି କାର୍ଯ୍ୟକ୍ରମକୁ ବିଶ୍ୱରୁ କ୍ଷୁଧା ଦୂରକରିବା ପାଇଁ କଠିନ ପରିଶ୍ରମ କରୁଥିବା ଏଜେନ୍ସି ଓ ସରକାରଙ୍କ ପାଇଁ ଛୋଟିଆ ସାହାଯ୍ୟ ଭାବେ ଏହାକୁ ଶୁଭାରମ୍ଭ କରିଥିଲୁ। ବର୍ତ୍ତମାନ ଏହି କାର୍ଯ୍ୟକ୍ରମକୁ ଗଲ୍ଫ ଦେଶଗୁଡିକର କିଛି କେନ୍ଦ୍ର ବ୍ୟତୀତ ଭାରତର (ଭାରତର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ) ୩୭ଟି ସହରରେ କାର୍ଯ୍ୟକାରୀ କରାଯାଉଛି। ଅପରପକ୍ଷରେ ହଙ୍ଗର ଫ୍ରି ୱାର୍ଲ୍ଡ ପ୍ରୋଗ୍ରାମକୁ ପ୍ରତିଷ୍ଠିତ ସାମାଜିକ ସଂସ୍ଥା (କଲ୍ୟାଣକାରୀ ଏନ୍‌ଜିଓ) 'ଥାନାଲ-ଦୟା ରିହାବିଲିଟେଶନ ଟ୍ରଷ୍ଟ' ସହଯୋଗରେ କାର୍ଯ୍ୟକାରୀ କରାଯାଉଛି।




# ଖସିଲା ଶେୟାର ବଜାର

**ଭୁବନେଶ୍ୱର,୨୮।୫**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୨୦(୨୨୦.୦୫) ପଏଣ୍ଟ କମି ୭୫,୧୭୦(୭୫,୧୭୦.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୪(୪୪.୩୦) ପଏଣ୍ଟ ହ୍ରାସ ଘଟି ୨୨,୮୮୮(୨୨,୮୮୮.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


**ପଚାଶ ବର୍ଷ ବିବାହ ପୂର୍ତ୍ତି ଉତ୍ସବ**



ଶ୍ରୀମତୀ ତୁଳସୀପ୍ରଭା ନାୟକ
ଶ୍ରୀଯୁକ୍ତ ପ୍ରକାଶ କୁମାର ନାୟକ
ନୂଆଗାଁ, ଜାରକା, ଧର୍ମଶାଳା, ଯାଜପୁର
ଶୁଭେଚ୍ଛା ସହ: ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୩୯୦


# ଶ୍ରୀଦୁର୍ଗାର ସ୍ୱତନ୍ତ୍ର ଅଫର

**ସାବିତ୍ରୀ ଓ ରଜ ଉପଲକ୍ଷେ 'ସରପ୍ରାଇଜିଂ ଶପିଂର ସୁବର୍ଣ୍ଣ ସୁଯୋଗ'**

**ଭୁବନେଶ୍ୱର,୨୮।୫**

sridurga
A FAMILY CLOTH STORE

ରାଜ୍ୟର ସର୍ବବୃହତ୍ ଶାଢ଼ି ଏବଂ ଗାର୍ମେଣ୍ଟ୍ସ ଶୋ'ରୁମ୍ 'ଶ୍ରୀଦୁର୍ଗା'ର ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷର ସାବିତ୍ରୀ ଓ ରଜ ଉପଲକ୍ଷେ ସାବିତ୍ରୀ ରାଣୀ ଓ ରଜ କୁମାରୀମାନଙ୍କୁ ସପିଂର ନିଆରା ଅନୁଭୂତି ଦେବା ପାଇଁ 'ଶ୍ରୀଦୁର୍ଗାର ସରପ୍ରାଇଜିଂ ଶପିଂର ସୁବର୍ଣ୍ଣ ସୁଯୋଗ' ଶୋ'ରୁମ୍ ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିଭଳି ପ୍ରତିଦିନ 'ଫାଣ୍ଟାଷ୍ଟିକ୍ ଫାଇଣ୍ଡ୍‌ସ' ସେକ୍ସନରେ ଆକର୍ଷଣୀୟ ଅଫର୍ ଉପଲବ୍ଧ ରହିଛି। ଏହି ଅଫର୍ ୨୦୨୪ ଜୁନ ୨୦ ପର୍ଯ୍ୟନ୍ତ ଶ୍ରୀଦୁର୍ଗାର ସମସ୍ତ ଆଉଟଲେଟରେ ଉପଲବ୍ଧ। ଏହି ଅଫର ଜରିଆରେ ଗ୍ରାହକ ୭୯୯୯ ଟଙ୍କା ମୂଲ୍ୟର ଶାଢ଼ି, ସାଲୱାର ସୁଟ୍ ଏବଂ ପିଲାଙ୍କ ଡ୍ରେସ୍ ଆଜି ଶପିଂ କଲେ ୪,୦୦୧ ଟଙ୍କାର ଅତିରିକ୍ତ ମାଗଣା ଶପିଂ କରିପାରିବେ। ଅପରପକ୍ଷରେ ସର୍ବନିମ୍ନ ୧୯୯୯ ଟଙ୍କାର ଶପିଂ କଲେ ଗ୍ରାହକଙ୍କୁ ନିଶ୍ଚିତ ଅଫର୍ ଷ୍ଟୋର୍ ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିପରି କାରବାର ସମୟରେ ଗ୍ରାହକ ଏସ୍‌ବିଆଇ କାର୍ଡ ବ୍ୟବହାର କଲେ ୫%ର କ୍ୟାଶ୍‌ବ୍ୟାକ୍ ଅଫର୍ ମଧ୍ୟ ରହିଛି। ଏହି ଅଫର୍ ଭୁବନେଶ୍ୱରସ୍ଥିତ ଜନପଥ ଓ ପାତ୍ରପଡ଼ା ଏବଂ ବ୍ରହ୍ମପୁରସ୍ଥିତ ବଡ଼ ବଜାର ଶୋ'ରୁମ୍‌ରେ ଉପଲବ୍ଧ।

# ଚାନ୍ଦି ଭଣ୍ଡାରର ନୂତନ କଲେକ୍ସନ

- ସାବିତ୍ରୀ ଉପଲକ୍ଷେ 'ସଙ୍ଗମ'
- ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି

**ଭୁବନେଶ୍ୱର, ୨୮।୫**

ଚାନ୍ଦି ଭଣ୍ଡାରର ନୂତନ କଲେକ୍ସନ 'ସଙ୍ଗମ'ର ଅନାବରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷର ସାବିତ୍ରୀ ଉପଲକ୍ଷେ 'ସଙ୍ଗମ'ର ଆନୁଷ୍ଠାନିକ ଅନାବରଣ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହୋଇଯାଇଛି। ବିଶେଷ କରି ଅତି ଯତ୍ନର ସହ ଷ୍ଟର୍ଲିଂ ସିଲଭରରେ ପ୍ରସ୍ତୁତ ପ୍ରତ୍ୟକ ମଙ୍ଗଳସୂତ୍ର ପରମ୍ପରା ଏବଂ ସମସାମୟିକ ଆକର୍ଷଣର ସୁସଙ୍ଗତ ମିଶ୍ରଣକୁ ଦର୍ଶାଉଛି। ସେହିଭଳି ଚମତ୍କାର ଜିର୍‌କନ୍ ପଥର, ସୂକ୍ଷ୍ମ ମୁକ୍ତା ଏବଂ ଜଟିଳ ଅକ୍ସିଡାଇଜ୍‌ଡ ଡିଟେଲିଂରେ ସୁସଜ୍ଜିତ ଏହି ମଙ୍ଗଳସୂତ୍ରଗୁଡ଼ିକ ବିବାହର ଅନନ୍ତ ପବିତ୍ରତାର ପ୍ରତୀକ ଭାବେ ଏକ ଆକର୍ଷଣକୁ ପ୍ରକାଶ କରୁଛି।

ଉଲ୍ଲେଖଯୋଗ୍ୟ, ଚାନ୍ଦି ଭଣ୍ଡାରର ଏହି କଲେକ୍ସନକୁ ଉନ୍ମୋଚନ କରିବା ପାଇଁ ଏକ ଆକର୍ଷଣୀୟ ଟିଭି କମର୍ସିଆଲ (ଟିଭିସି)ର ଶୁଭାରମ୍ଭ କରାଯାଇଛି, ଯାହାକି ସାବିତ୍ରୀ ପର୍ବ ଦ୍ୱାରା ଭକ୍ତି ଏବଂ ପ୍ରେମର ମହତ୍ତ୍ୱକୁ ପରିପ୍ରକାଶ କରୁଛି।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି, ଆମେ ପ୍ରତ୍ୟେକ ମହିଳାଙ୍କ ଭୂମିକାର ଶକ୍ତି, ଅନୁଗ୍ରହ ଏବଂ ଗୁରୁତ୍ୱକୁ ସ୍ୱୀକୃତି ଦେଇ ସାବିତ୍ରୀର ମହତ୍ତ୍ୱକୁ ସମ୍ମାନ ଦେଉଛୁ, ଖୁବଶୀଘ୍ର ତାଳଚେରଠାରେ ଚାନ୍ଦି ଭଣ୍ଡାରର ୧୪ତମ ଷ୍ଟୋର ଖୋଲିବାକୁ ଯାଉଥିବାରୁ ଆମେ ବେଶ ଉତ୍ସାହିତ ଅଛୁ। ଅପରପକ୍ଷରେ ମାଣିକ ହଂସ କହିଛନ୍ତି ସାବିତ୍ରୀ ଉପଲକ୍ଷେ ଗ୍ରାହକଙ୍କ ଖୁସିକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଏହା ଅନ୍ତର୍ଗତ ଗ୍ରାହକ ୨୦୨୪ ଜୁନ୍ ୬ ପର୍ଯ୍ୟନ୍ତ ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦%ର ରିହାତି ପାଇପାରିବେ।





# Classified Everyday

0674-2580101, 2549949




## BRIDE WANTED

Handsome Brahmin Boy 1992, 5'7", M.Tech Serving OAS "SUNASANSAR". 9937512659, 8249969649. D-402

## GROOM WANTED

Khandayat bride- age 31y/ 5.3"/ B.Tech. SBI employee. Father Central Government retired class-I employee. Settled in Bhubaneswar. Looking for a suitable groom. Bank or Government employee preferable. Caste no bar. Mob- 9438135083/ 9348578447. D-350

Doctor bride MBBS 24+, 5'4" very fair, early marriage. 7008468672. D-379

Suitable Brahmin Groom for Girl 27yrs 5.3' Magha Simha Masters Development Economics IIT Madras, Senior Manager Startup, Bengaluru Send HBP - 7855990091. D-360

ବୟସ 32 Primary School ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-85335




## SALE

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possesion. 7848939838. D-75961

1700sqft. Roadside plot for sale Banamali Prasad, Dhenkanal. Contact- 9658877226, 9861254667. D-76011

**1BHK Ready to move in flats available in Hi-Tech Brundaban Project near Bata-mangala Temple, Puri Town. 8328857872, 8895816302.** D-401

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟଳାରେ SC Plot 2000sqft. 28,00,000/-. 9114705579. D-75956

Freehold 60'x45' (2,700sqft.) Vacant GA corner plot (North & West facing) in Saheed Nagar, Bhubaneswar. 7205845077. D-75540

Purchase single plot with boundarywall at Chandaka, Nakhara, Patrapada, Jatani gate immediate registration. 9439363944. D-75960

**Developed gharabari plot at ଉତ୍ତରାଞ୍ଚଳ ଗୁଡ଼ିଆପୋଖରୀ ଏବଂ ପିପିଲି- NH. 9337110932.** D-322




Monalisa massage Club: All types Body massage with hiprofile smart lady rooms service available. 9708545108. D-376

Newly open health benefits SPA special offer @ 999 Bapujinagar. 8018429809. D-76123

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

**Relax, Refresh your body, Mind at Saikrupa Spa with best therapies. 8984068077.** D-306

## LOST

Notice is here by given that the following Lease Deed in favor of M/s Ashamani Poly Products Pvt. Ltd. bearing No.- 10061109857, have been misplaced and not traceable. If found inform to below address Bhagabat Das, Salabani, Januganj, Remuna, Balasore- 756019 M-7978136109, Email- ashapolly@rediffmail.com. D-395

## AFFIDAVIT

I, Santosh Kumar Sahu S/o Maheswar Sahu, R/o Vill-Palia, Paliabindha, Dist.-Bhadrak, PIN-756167,Odisha declare by this affidavit No.-65AA 931419, dated.17.05.2024 that Santosh Sahu and Santosh Kumar Sahu both are one and same person and shall henceforth be known as Santosh Kumar Sahu for all future purposes. D-396

I, BADRIS RANJAN PADHEE, S/o- Late Harish Chandra Padhee, R/o- G.M. College Road, P.S.- Sambalpur Town, Dist.- Sambalpur-768001, Odisha. declare by this affidavit No.-13915 dt. 22.05.2024 that now onwards I shall be known as BADRISH RANJAN PADHEE for all future purposes. D-397

I, D Tulasiram, S/o- Danda Narasinga Murti, resident of At/P.O.- Boipariguda, Dist.- Koraput, Odisha, PIN-764043 declare by this affidavit No.- 916 dated 24.05.2024, that now onwards I shall be known as **DANDA TULASI RAM** for all future purposes. D-392

I, Prateek Kumar Sahoo, aged about 28 yrs., S/o- Pramod Kumar Sahoo, resident of Qrs. No.- L/80, Phase-1, Chhend Colony, Rourkela-769015, P.S.- Chhend, Dist.- Sundargarh, Odisha declare by affidavit No.-8902/1 dated 24.05.2024, that now onwards I shall be known as Prateek Kumar Sahoo for all future purposes. Prateek Kumar Sahoo & Prateek Sahoo stand for one & same person. D-398

## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ହରିପ୍ରିୟା ମହାନ୍ତି**
Qrs No.- IVR-PF-19, Unit-6, BBSR
ଆବିର୍ଭାବ: ଅଗଷ୍ଟ,୧୯୪୬
ତିରୋଧାନ: ୨୦।୦୫।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୦୦

**୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀ ହୃଦାନନ୍ଦ ମହାନ୍ତି**
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୦୯।୦୭।୧୯୨୭
ତିରୋଧାନ: ୦୬।୦୫।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୩୯୬


# ମେ' ୩୧ ସୁଦ୍ଧା ଆଧାର-ପାନ୍ ଲିଙ୍କ୍ କରିବାକୁ ପରାମର୍ଶ

**ଭୁବନେଶ୍ୱର,୨୮।୫(ଅନୁରାଧା ମହାରଣା)**

ମେ' ୩୧ ତାରିଖ ସୁଦ୍ଧା ଲୋକଙ୍କୁ ସେମାନଙ୍କର ପ୍ୟାନ୍ ଏବଂ ଆଧାରକୁ ଲିଙ୍କ୍ କରିବାକୁ ପଡ଼ିବ। ଏନେଇ ଆୟକର(ଆଇଟି) ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ଆଇଟି ବିଭାଗ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ' ରେ ଲେଖିଛି ଯେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଏହି କାର୍ଯ୍ୟ ସମାପ୍ତକରି ଅଧିକ ଟିକସ ପୈଠକୁ ଏଡ଼ାଇ ପାରିବେ ବୋଲି ଉଲ୍ଲେଖ ରହିଛି। ଆୟକର ଅଧିନିୟମର ଧାରା ୨୦୬ଏଏ ଏବଂ ୨୦୬ସିସି ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ଚଳିତବର୍ଷ ଆୟକର ରିଟର୍ନ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ ଧାର୍ଯ୍ୟ କରାଯାଇଛି। ଏହାପୂର୍ବରୁ ସିବିଡିଟି ମଧ୍ୟ କରଦାତାଙ୍କୁ ସେମାନଙ୍କର ପାନ୍ ଏବଂ ଆଧାର ଲିଙ୍କ୍ କରିବାକୁ ପରାମର୍ଶ ଦେଇଥିଲା। ସିବିଡିଟି ଏହି ସର୍କୁଲାର ଏପ୍ରିଲ୨୩ରେ ଜାରି କରିଥିଲା। ଏଥିରେ ପାନ୍ ଏବଂ ଆଧାରକୁ ସଂଯୋଗ ନ କରିବାର ଅସୁବିଧା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏଥିରେ କୁହାଯାଇଥିଲା ଯେ ପାନ୍ ଓ ଆଧାର ଲିଙ୍କ୍ ନ ହେବା ଦ୍ୱାରା କରଦାତାଙ୍କଠାରୁ ୨ଗୁଣା ଟ୍ୟାକ୍ସ ଆଦାୟ କରାଯାଇପାରେ। ଆୟକରର ଧାରା ୧୩୯ଏଏ ଅନୁଯାୟୀ, ପ୍ରତ୍ୟେକ ପାନ୍ କାର୍ଡଧାରୀଙ୍କୁ ତାଙ୍କର ଆଧାର ନମ୍ବର ଲିଙ୍କ୍ କରିବାକୁ ପଡ଼ିବ। ଏପରି ନ କଲେ ପାନ୍ କାର୍ଡ ଅବୈଧ ଘୋଷଣା କରାଯିବ। ସୂଚନା ଥାଉ କି, ୨୦୨୩ ଜୁନ୍ ୩୦ ପରେ ଅନେକ ପାନ୍ କାର୍ଡ ଅବୈଧ ଘୋଷିତ ହୋଇଛି। ପାନ୍ ଏବଂ ଆଧାରକୁ ଲିଙ୍କ୍ କରିବାକୁ ଇନ୍‌କମ୍ ଟାକ୍ସ ଇ-ଫାଇଲ ପୋର୍ଟାଲକୁ ଯିବାକୁ ପଡ଼ିବ। ଏହା ପରେ ଲିଙ୍କ୍ ଆଧାର ଅପ୍‌ସନକୁ ଯାଇ ପାନ୍, ଆଧାର କାର୍ଡ ଏବଂ ମୋବାଇଲ ନମ୍ବର ବିଷୟରେ ସୂଚନା ଦେବାକୁ ପଡ଼ିବ। ୨୦୨୪ ଜାନୁୟାରୀ ୨୯ ସୁଦ୍ଧା ମିଳିଥିବା ସୂଚନାନୁସାରେ ଦେଶରେ ୧୧.୪୮ କୋଟି ପାନ୍ କାର୍ଡ ଆଧାର ସହ ଲିଙ୍କ୍ ହୋଇନାହିଁ।

# ସାରା ଓଡ଼ିଶାରେ ବିଏର ୫ଜି ନେଟ୍‌ୱର୍କ

**ଭୁବନେଶ୍ୱର,୨୮।୫**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ(ବିଏ)ର ଓଡ଼ିଶା ୟୁନିଟ ନିକଟରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କମ୍ପାନୀ ସାରା ଓଡ଼ିଶାରେ ୫ଜି ନେଟ୍‌ୱର୍କ ଉପଲବ୍ଧ କରାଇବା ସହ ରାଜ୍ୟରେ ମୋଟ ୧୯ ଲକ୍ଷ ଗ୍ରାହକ ୫ଜି ସେବା ଉପଭୋଗ କରୁଛନ୍ତି। ସେହିଭଳି କମ୍ପାନୀ ରାଜ୍ୟର ସମସ୍ତ ସହର ଓ ଜିଲାରେ ୫ଜି ସେବାକୁ ସଫଳତାର ସହ ନିୟୋଜିତ କରିଛି, ଯାହା ପରବର୍ତ୍ତୀ ପିଢ଼ିର ମୋବାଇଲ ସଂଯୋଗ ପ୍ରଦାନ ଦିଗରେ ଏକ ଆଶାଜନକ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ସେହିପରି ଗତ ୬ ମାସ ମଧ୍ୟରେ ରାଜ୍ୟର ଏୟାରଟେଲ ୫ଜି ଉପଭୋକ୍ତାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ଏପରିକି କମ୍ପାନୀର ବିସ୍ତୃତ ନେଟ୍‌ୱର୍କ ନିୟୋଜନ ସହ ସମଗ୍ର ରାଜ୍ୟରେ କମ୍ପାନୀ ସେବାକୁ ପ୍ରଭାବଶାଳୀ ଭାବେ ବିସ୍ତାର କରିଛି, ଯାହା ଗ୍ରାହକମାନଙ୍କୁ ୫ଜି ଗ୍ରହଣ କରିବାର ପ୍ରକ୍ରିୟାକୁ ବହୁତ ସରଳ କରିଛି। ଏ ସମ୍ପର୍କରେ ବିଏର ଓଡ଼ିଶା ସିଓଓ ଆର ବାଲାଜୀ ସିଂହ କହିଛନ୍ତି, ଓଡ଼ିଶାରେ ୫ଜି ସେବାକୁ ବ୍ୟାପକ ଭାବେ ଗ୍ରହଣ କରିବା ପାଇଁ ଆବଶ୍ୟକ ନେଟୱର୍କ ଭିତ୍ତିଭୂମି ନିର୍ମାଣ ଦିଗରେ ଆମେ ଉଲ୍ଲେଖନୀୟ ଅଗ୍ରଗତି କରୁଛୁ। ଏପରିକି ଆମେ ଆମର ମୂଲ୍ୟବାନ ଗ୍ରାହକମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ, ଯେଉଁମାନେ ବିନା ଅତିରିକ୍ତ ମୂଲ୍ୟରେ ଅସୀମିତ ୫ଜିର ସେବା ଉପଭୋଗ କରିବାକୁ ଅପଗ୍ରେଡ୍ କରିଛନ୍ତି। ଅପରପକ୍ଷରେ ଦ୍ରୁତ ନେଟୱର୍କ ବୃଦ୍ଧି, ତ୍ୱରାନ୍ୱିତ ୫ଜି ରୋଲଆଉଟ୍ ଏବଂ ୫ଜି ଡିଭାଇସର ଉପଲବ୍ଧତା ଯୋଗୁ ଦେଶରେ ୫ଜିର ଦ୍ରୁତ ନିୟୋଜନ ଏବଂ ଗ୍ରହଣ ହେଉଛି, ଉପଭୋକ୍ତାଙ୍କ ପାଇଁ ସୁଲଭ ଉପକରଣ ଉପଲବ୍ଧ କରାଇବା ପାଇଁ ଏୟାରଟେଲ ପୋକୋ ସହ ମିଶି ୧୦ହଜାରରୁ କମ୍ ୫ଜି ସ୍ମାର୍ଟଫୋନ୍ ପ୍ରଦାନ କରିଛି, ଯାହା ଦେଶରେ ଏହାର ସାମଗ୍ରିକ ୫ଜି ଉପଭୋକ୍ତା ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହୋଇଛି, ଷ୍ଟୋରଗୁଡିକର ଭୌତିକ ଫର୍ମାଟ ବୃଦ୍ଧି ପାଇଁ ଏହି ଅଞ୍ଚଳରେ ଖୁଚୁରା ସମ୍ପ୍ରସାରଣ ଗ୍ରାହକମାନଙ୍କୁ ୫ଜି ସେବାକୁ ସୁବିଧାରେ ଅପଗ୍ରେଡ୍ କରିବାରେ ସାହାଯ୍ୟ କରିବା ପାଇଁ ଉପଭୋକ୍ତା ସଂଯୋଗକୁ ଆହୁରି ବୃଦ୍ଧି କରିଛି।

**ଲୋହିତ ସାଗରରେ ଜାହାଜକୁ ଟାର୍ଗେଟ**
ୟେମେନ୍ ଉପକୂଳ ଲୋହିତ ସାଗରରେ ମଙ୍ଗଳବାର ଏକ ଜାହାଜ ଉପରେ ମିଶାଇଲ ଆକ୍ରମଣ ହୋଇଛି। ପୂର୍ବରୁ ହୁଟି ବିଦ୍ରୋହୀମାନେ ଇସ୍ରାଏଲ୍‌ର ଗାଜା ଯୁଦ୍ଧକୁ ବିରୋଧକରି ଅନେକ ଜାହାଜକୁ ଟାର୍ଗେଟ କରିଆସିଥିବାବେଳେ ସଦ୍ୟ ଆକ୍ରମଣ ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହିଁ। କ୍ଷତିଗ୍ରସ୍ତ ହୋଇଥିବା ଜାହାଜଟି ୟୁଏଇର ଫୁଜାଇରାହ ଆଡ଼କୁ ମୁହାଁଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ପ୍ରଚଣ୍ଡ ଗ୍ରୀଷ୍ମ ଲହର: କୋଟାରେ ୨୧ ମଲେଣି

ଜୟପୁର,୨୮।୫

ରାଜସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ଲହର ଲାଗିରହିଥିବାବେଳେ ୧୧ଟି ସହରର ତାପମାତ୍ରା ୪୭ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଛି। ରାଜଧାନୀ ଜୟପୁରରେ ତାପମାତ୍ରା ୪୬ ଡିଗ୍ରୀରୁ ଅଧିକ ରହିଛି, ଯାହାକି ୮ ବର୍ଷ ମଧ୍ୟରେ ସର୍ବାଧିକ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅକସ୍ମାତ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। କେବଳ କୋଟାରେ ଗତ ୪୮ ଘଣ୍ଟାରେ ୨୧ ପରିତ୍ୟକ୍ତ ମୃତଦେହ ମିଳିବା ପରେ ସେଗୁଡ଼ିକର ଶେଷକୃତ୍ୟ ପାଇଁ କର୍ମଯୋଗୀ ସେବା ସଂସ୍ଥାନ ନାମକ ଏକ ଏନ୍‌ଜିଓକୁ ହସ୍ତାନ୍ତର କରାଯାଇଛି। ଫୁଟ୍‌ପାଥ, ଅଣ୍ଡରବ୍ରିଜ୍, ରେଳଲାଇନ ନିକଟ ଏବଂ ମନ୍ଦିର ଓ ଦରଘା ବାହାରୁ ଏହି ମୃତଦେହଗୁଡ଼ିକ ମିଳିଥିଲା। ତେବେ ସେଗୁଡ଼ିକ ଅଂଶୁଘାତଜନିତ ମୃତ୍ୟୁ ନୁହେଁ ବୋଲି ସରକାର କହିଛନ୍ତି। ସରକାରୀ ଭାବେ ଜଣେ ଅଂଶୁଘାତରେ ମରିଥିବା କୁହାଯାଇଛି। ତେବେ ବାସ୍ତବରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ବହୁତ ଅଧିକ। ଅନ୍ୟ କେତେଜଣଙ୍କର ବହୁବିଧ ରୋଗ ଥିବାବେଳେ ଅସହ୍ୟ ଗ୍ରୀଷ୍ମରେ ସେମାନଙ୍କର ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଥିବାବେଳେ ଅନ୍ୟମାନେ ବାସହରା ହୋଇଥିବାରୁ ସେମାନଙ୍କ ପରିଚୟ ମିଳିପାରି ନାହିଁ।

### ବାରାଣସୀ ଯିବାକୁ ଥିବା ବିମାନରେ ବୋମା ଆତଙ୍କ

ନୂଆଦିଲ୍ଲୀ,୨୮।୫(ପି.ଟି.)

ବାରାଣସୀ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଖଞ୍ଜାଯାଇଥିବା ଖବର ମିଳିବା ପରେ ମଙ୍ଗଳବାର ସକାଳେ ଦିଲ୍ଲୀ ବିମାନବନ୍ଦରରେ ଆତଙ୍କ ଖେଳିଯାଇଥିଲା। ତେବେ ବିମାନରେ ତଲାସି ନିଆଯିବା ପରେ ତାହା ଏକ ମିଥ୍ୟା କଲ୍ ଥିବା ଜଣାପଡ଼ିଥିଲା। ବୋମା ରହିଥିବା ନେଇ ଭୋର ୫ଟାରେ ବିମାନ ପାଇଖାନାରୁ ମିଳିଥିବା ଏକ କାଗଜରୁ ଜଣାପଡ଼ିଥିଲା। ସେଥିରେ 'ବମ୍ @ ୫.୩୦' ଲେଖାଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଫଳରେ ବିମାନବନ୍ଦର କର୍ତ୍ତୃପକ୍ଷ ବିମାନର ୧୭୬ ଯାତ୍ରୀ ଓ ସମସ୍ତ କର୍ମଚାରୀଙ୍କୁ ଓହ୍ଲାଇଦେଇଥିଲେ। ତଲାସି ଅଭିଯାନରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିଲା।

### କଲେଜ ଛାତ୍ରଙ୍କୁ ପିଟି ହତ୍ୟା

ପାଟନା,୨୮।୫

ପାଟନା ବିଏନ୍ କଲେଜର ଜଣେ ୨୨ ବର୍ଷୀୟ ଛାତ୍ରଙ୍କୁ ୧୦ରୁ ୧୫ ଜଣ ଲୋକ ଲାଠିରେ ପିଟି ଓ ଇଟାରେ ଛେଚି ମାରିଦେଇଛନ୍ତି। ହର୍ଷ ରାଜ୍ ନାମକ ଏହି ଛାତ୍ର ଜଣକ ସୋମବାର ପରୀକ୍ଷା ଦେବା ପାଇଁ ସୁଲତାନଗଞ୍ଜ ଲ' କଲେଜକୁ ଯାଉଥିବାବେଳେ ମୁଖାପିନ୍ଧା ଲୋକମାନଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ସହରରେ ଉତ୍ତେଜନା ଦେଖାଦେବା ସହ ଯୁବକଙ୍କୁ ନ୍ୟାୟ ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିବା ସହ ଆକ୍ରମଣର କାରଣ ଜାଣିବାକୁ ପାଇଛି। ଗତବର୍ଷ ଦାଣ୍ଡିଆ ନାଇଟ୍‌କୁ ନେଇ ବଚସାରୁ ଆକ୍ରମଣ ହୋଇଥିଲା, ଯେଉଁଥିରେ ୨୨ ବର୍ଷୀୟ ଛାତ୍ର ହର୍ଷ ରାଜଙ୍କ ଜୀବନ ଯାଇଥିବା ପୋଲିସ କହିଛି। ହର୍ଷ ବିଏନ୍ କଲେଜର ତୃତୀୟ ବର୍ଷ ଭୋକେଶନାଲ ଇଂଲିଶ ଛାତ୍ର। ହତ୍ୟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି।

# ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା

## ସ୍ପେନ୍, ନରୱେ, ଆୟର୍ଲାଣ୍ଡ ଦେଲେ

ମାଡ୍ରିଡ୍/ଡବ୍‌ଲିନ୍/ଓସ୍‌ଲୋ,୨୮।୫




ଇସ୍ରାଏଲ୍‌ର କଡ଼ା ପ୍ରତିକ୍ରିୟା ସତ୍ତ୍ୱେ ସ୍ପେନ୍, ନରୱେ ଓ ଆୟର୍ଲାଣ୍ଡ ମଙ୍ଗଳବାର ଯୁଦ୍ଧ ପ୍ରଭାବିତ ପାଲେଷ୍ଟାଇନ୍‌କୁ ଆନୁଷ୍ଠାନିକ ଭାବେ ରାଷ୍ଟ୍ର ମାନ୍ୟତା ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଗାଜାରେ ହମାସ୍ ସହ ଇସ୍ରାଏଲ୍‌ର ଯୁଦ୍ଧବିରତି ଉଦ୍ୟମକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଏହି ୩ ୟୁରୋପୀୟ ଦେଶ ସ୍ପଷ୍ଟ କରିଛନ୍ତି। ଏଥିସହ ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ସେମାନଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ଆଶାବାଦୀ ଥିବା କହିଛନ୍ତି।

ଗତବର୍ଷ ଅକ୍ଟୋବର ୭ରେ ହମାସ୍‌ର ଆକ୍ରମଣ ପରଠୁ ସାଢ଼େ ୭ ମାସ ଧରି ଗାଜାରେ ଇସ୍ରାଏଲ୍ ଗଣହତ୍ୟା ଜାରି ରଖିଥିବାବେଳେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଅନ୍ତର୍ଜାତୀୟ ଚାପ ବୃଦ୍ଧି ଉଦ୍ଦେଶ୍ୟରେ ଏହି ସମନ୍ୱିତ ସ୍ୱୀକୃତି ଦିଆଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ଗାଜାରେ ଚାଲିଥିବା ଯୁଦ୍ଧ ଉପରେ ଏପରି କୂଟନୈତିକ ପଦକ୍ଷେପର କୌଣସି ପ୍ରଭାବ ପଡ଼ିବ ନାହିଁ କହି ତେଲ୍ ଆଭିଭ୍ ନିନ୍ଦା କରିଛି।

ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ନିଜ ଦେଶବାସୀଙ୍କୁ ଏକ ଟିଭି ସମ୍ବୋଧନରେ କହିଛନ୍ତି, ଏହା ଏକ ଐତିହାସିକ ନିଷ୍ପତ୍ତି, ଯାହାର ଏକମାତ୍ର ଲକ୍ଷ୍ୟ ରହିଛି। ସେହି ଲକ୍ଷ୍ୟ ହେଲା, ଶାନ୍ତି ପ୍ରତିଷ୍ଠା ପାଇଁ ଇସ୍ରାଏଲୀ ଓ ପାଲେଷ୍ଟିନୀୟମାନଙ୍କୁ ସାହାଯ୍ୟ କରିବା। ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ପ୍ରଦାନ ପାଇଁ ଗତ ସପ୍ତାହରେ ସ୍ପେନ୍ ସହ ନିଷ୍ପତ୍ତି ନେଇଥିବା ଆୟର୍ଲାଣ୍ଡ ଓ ନରୱେ ମଧ୍ୟ ଆନୁଷ୍ଠାନିକ ଭାବେ ଅନୁରୂପ କଥା କହିଛନ୍ତି। ଡବ୍‌ଲିନ୍‌ସ୍ଥିତ ଆୟର୍ଲାଣ୍ଡ ପାର୍ଲାମେଣ୍ଟ ଲେଇନ୍‌ଷ୍ଟର ହାଉସ୍‌ରେ ପାଲେଷ୍ଟିନୀୟ ପତାକା ଉଡ଼ାଯାଇଛି। ଆୟର୍ଲାଣ୍ଡ ପ୍ରଧାନମନ୍ତ୍ରୀ ସାଇମନ୍ ହାରିସ୍ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ଉପରେ ମୋହର ମାରିବା ପରେ ଘୋଷଣା କରିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଦୁଇ-ରାଷ୍ଟ୍ର ସମାଧାନ ଲକ୍ଷ୍ୟ ପୂରଣ ଦିଗରେ ଏକ ଦେଶ ଏପରି ବ୍ୟବହାରିକ ପଦକ୍ଷେପ ନେଇପାରିବ ବୋଲି ଏଥିରୁ ସାରା ବିଶ୍ୱକୁ ସନ୍ଦେଶ ଯାଇଛି, ଯେତେବେଳେ କି ଅନ୍ୟମାନେ ନିର୍ଦ୍ଦୟ ଭାବେ ବୋମାମାଡ଼ କରୁଛନ୍ତି। ନରୱେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍ପେନ୍ ବର୍ଥ ଏଡେ ଏକ ବିବୃତିରେ କହିଛନ୍ତି, ୩୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ନରୱେ ପାଲେଷ୍ଟିନୀୟ ରାଷ୍ଟ୍ରର ବଡ଼ ସମର୍ଥକ ରହିଆସିଛି। ଆଜି ନରୱେ ଆନୁଷ୍ଠାନିକ ଭାବେ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ସ୍ୱୀକୃତି ଦେଇଛି। ଏହା ହେଉଛି ନରୱେ ଓ ପାଲେଷ୍ଟାଇନ୍ ମଧ୍ୟରେ ସମ୍ପର୍କର ଏକ ମାଇଲଖୁଣ୍ଟ। ଅନ୍ୟପକ୍ଷେ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ ଏକ୍ସ'ରେ ତତ୍କାଳ ଏହାର ଜବାବ ଦେଇ ଲେଖିଛନ୍ତି, ସାଞ୍ଚେଜ୍‌ଙ୍କ ସରକାର ଇହୁଦୀମାନଙ୍କ ବିରୋଧରେ ଗଣହତ୍ୟା ଓ ଯୁଦ୍ଧ ଅପରାଧକୁ ଉସୁକାଉଛନ୍ତି।

ପ୍ରାୟ ୧୪୦ ଦେଶ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇସାରିଥିବାବେଳେ ଜାତିସଂଘର ଦୁଇ-ତୃତୀୟାଂଶରୁ ଅଧିକ ସଦସ୍ୟଙ୍କ ମଧ୍ୟରୁ କୌଣସି ପାଶ୍ଚାତ୍ୟ ଶକ୍ତି ଏପରି କରିନାହାନ୍ତି। ଏହି ସ୍ଥଳେ ୩ ୟୁରୋପୀୟ ଦେଶର ସମର୍ଥନ ପାଲେଷ୍ଟାଇନ୍ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି। ଏହା ପରେ ଫ୍ରାନ୍ସ ଓ ଜର୍ମାନୀ ଭଳି ହେଭିୱେଟ୍ ଉପରେ ନିଜ ଆଭିମୁଖ୍ୟ ସମ୍ପର୍କରେ ପୁନଃ ଚିନ୍ତନ ପାଇଁ ଚାପ ପଡ଼ିପାରେ।

- ଗାଜାର ହସ୍ପିଟାଲଗୁଡ଼ିକ ମଧ୍ୟରୁ ମାତ୍ର ଏକ-ତୃତୀୟାଂଶ ବର୍ତ୍ତମାନ ଆଂଶିକ ଭାବେ କାର୍ଯ୍ୟକ୍ଷମ ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି।
- ରାଫାହ ଆକ୍ରମଣ ପରେ ଆମେରିକୀୟ ଦୂତାବାସକୁ ବନ୍ଦ କରିବା ପାଇଁ ଇରାକ୍‌ର ପ୍ରଭାବଶାଳୀ କ୍ଲେରିକ୍ ସଦର ଦାବି କରିଛନ୍ତି।
- ରାଫାହ ସୀମାନ୍ତ ଅଞ୍ଚଳରେ ଇସ୍ରାଏଲୀ ସେନାଙ୍କ ସହ ଗୁଳି ବିନିମୟ ବେଳେ ଇଜିପ୍ଟର ଜଣେ ସୈନ୍ୟ ନିହତ ହୋଇଛନ୍ତି।

# ରାଫାହରେ ଏୟାରଷ୍ଟ୍ରାଇକ୍‌କୁ ନିନ୍ଦା

କାଏରୋ,୨୮।୫

ଗାଜାର ଦକ୍ଷିଣାଞ୍ଚଳ ସହର ରାଫାହରେ ଇସ୍ରାଏଲୀ ସୈନ୍ୟ ଏୟାରଷ୍ଟ୍ରାଇକ୍ କରିଛନ୍ତି। ଏହି ଆକ୍ରମଣ ଫଳରେ ଏକ ଶରଣାର୍ଥୀ ଶିବିରରେ ନିଆଁ ଲାଗିଯିବାରୁ ସେଠାରେ ରହୁଥିବା ୪୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଅନ୍ୟୂନ ୧୨ ଜଣ ହେଉଛନ୍ତି ମହିଳା। ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ) ପକ୍ଷରୁ ରାଫାହରେ ବର୍ବରତା ବନ୍ଦ ପାଇଁ ଇସ୍ରାଏଲ୍‌କୁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ଏଥିରେ ରୋକ୍ ଲାଗୁ ନ ଥିବାରୁ ଏହାକୁ ବିଶ୍ୱନେତାମାନେ କଡ଼ା ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ୍ କହିଛି, ହମାସ୍ କମାଣ୍ଡରମାନଙ୍କୁ ଟାର୍ଗେଟ କରାଯାଇଥିଲା। ନାଗରିକମାନଙ୍କୁ କ୍ଷତି ପହଞ୍ଚାଇବା ଏହାର ଉଦ୍ଦେଶ୍ୟ ନୁହେଁ।



ଗାଜା ସୀମାରେ ଇସ୍ରାଏଲର ଏକ ଟ୍ୟାଙ୍କ (ସୌଜନ୍ୟ ରଏଟର୍ସ)।

## ଯୁଦ୍ଧବିରତି ଦାବିକରୁ କେନ୍ଦ୍ର: ସିପିଆଇଏମ୍

ନୂଆଦିଲ୍ଲୀ,୨୮।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗାଜାରେ ଇସ୍ରାଏଲ୍‌ର ଯୁଦ୍ଧବିରତି ଦାବି କରିବା ଉଚିତ। ରାଫାହର ଏକ ଶିବିରରେ ତେଲ୍ ଆଭିଭ୍ ପକ୍ଷରୁ କରାଯାଇଥିବା ଏୟାରଷ୍ଟ୍ରାଇକ୍‌କୁ ମଧ୍ୟ ନିନ୍ଦା କରିବା ଉଚିତ ବୋଲି ମଙ୍ଗଳବାର ସିପିଆଇଏମ୍ କହିଛି। ଏଥିସହ ଇସ୍ରାଏଲ୍‌କୁ ସମସ୍ତ ଯୁଦ୍ଧାସ୍ତ୍ର ରପ୍ତାନି ବନ୍ଦ କରାଯାଉ ବୋଲି ସିପିଆଇଏମ୍ ପଲିଟ୍‌ବ୍ୟୁରୋ ଏକ ବିବୃତିରେ ଦାବି କରିଛି।

# ବର୍ଷା, ଭୂସ୍ଖଳନରେ ୨୫ ମୃତ

ଆଇଜଲ,୨୮।୫(ପି.ଟି.)



ଭୁଶୁଡ଼ି ପଡ଼ିଥିବା ପଥର କ୍ୱାରିରେ ଉଦ୍ଧାର କାର୍ଯ୍ୟ ଚାଲିଛି।

ବାତ୍ୟା ରେମାଲଜନିତ ଲଗାଣ ବର୍ଷା ଯୋଗୁ ପଥର କ୍ୱାରି ଭୁଶୁଡ଼ିବା ଓ ଭୂସ୍ଖଳନରେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ ମିଜୋରାମର ଆଇଜଲ ଜିଲାରେ ଏକ ପଥର କ୍ୱାରି ଭୁଶୁଡ଼ି ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବର୍ଷା ବିପ୍ଳାତ ଓ ଭୂସ୍ଖଳନରେ ଅନ୍ୟ ୧୧ ଜଣଙ୍କ ଜୀବନ ଯାଇଛି। ଅନେକ ଲୋକ ନିଖୋଜ ଅଛନ୍ତି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଥିବାବେଳେ ରାଜ୍ୟ ରାଜଧାନୀ ଦେଶର ଅନ୍ୟାନ୍ୟ ଭାଗଠାରୁ ବିଚ୍ଛିନ୍ନ ହୋଇଯାଇଛି। ଆଇଜଲ ସହରର ଦକ୍ଷିଣ ଭାଗ ମେଲଥୁମ ଏବଂ ହ୍ଲିମେନ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଭୂସ୍ଖଳନ ହୋଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆଉ ୬ରୁ ୭ ଜଣ କ୍ୱାରିରେ ଫସି ରହିଥିବା ସନ୍ଦେହ କରାଯାଉଛି। ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଭୂସ୍ଖଳନରେ ୬ ନମ୍ବର ଜାତୀୟ ରାଜପଥ ବିଚ୍ଛିନ୍ନ ହୋଇଛି ଓ କେତେକ ଆନ୍ତଃରାଜ୍ୟ ରାଜପଥ କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ଲୋଲ୍ଡୁହୋମା ଜରୁରୀ ବୈଠକରେ ସ୍ଥିତି ଅନୁଧ୍ୟାନ କରିବା ସହ ମୃତକମାନଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। କ୍ୱାରି ଭୁଶୁଡ଼ି ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯିବା ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକବ୍ୟକ୍ତ କରିଛନ୍ତି। ଏଥିସହିତ ଉଦ୍ଧାର ଓ ରିଲିଫ କାର୍ଯ୍ୟର ସଫଳତା ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରିଛନ୍ତି।

## କେଜ୍‌ରିୱାଲଙ୍କ ଆବେଦନର ତ୍ୱରିତ୍ ଶୁଣାଣି ହେବନି

ନୂଆଦିଲ୍ଲୀ,୨୮।୫

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କ ଅନ୍ତରୀଣ ଜାମିନ ସମୟସୀମାକୁ ଆଉ ୭ ଦିନ ବଢ଼ାଇବା ପାଇଁ ଆବେଦନ କରିଥିଲେ। ଉକ୍ତ ପିଟିଶନ୍‌ର ତ୍ୱରିତ୍ ଶୁଣାଣି ପାଇଁ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ଆବେଦନକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ପାଖକୁ ନିଆଯିବ ବୋଲି ଅଦାଲତ କହିଛନ୍ତି। ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା କେଜ୍‌ରିୱାଲଙ୍କୁ ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ ସୁଯୋଗ ଦେବା ନିମନ୍ତେ ଗତ ୧୦ ତାରିଖରେ ସର୍ବୋଚ୍ଚ ଅଦାଲତ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ଏହାର ଅବଧି ଜୁନ୍ ୧ରେ ଶେଷ ହେଉଥିବାବେଳେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜାମିନ ସମୟସୀମା ୭ ଦିନ ବଢ଼ାଇବାକୁ କେଜ୍‌ରିୱାଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଉ ଏକ ମହାମାରୀ ନିଶ୍ଚିତ

## ସତର୍କ କରାଇଲେ ବ୍ରିଟିଶ ବୈଜ୍ଞାନିକ

ନୂଆଦିଲ୍ଲୀ,୨୮।୫(ପି.ଟି.)

ଅନ୍ୟ ଏକ ମହାମାରୀ ନିଶ୍ଚିତ ବୋଲି ବ୍ରିଟେନ୍‌ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ସାର୍ ପାଟ୍ରିକ୍ ଭାଲାନ୍ସ ସତର୍କ କରାଇଛନ୍ତି। ସେଥିପାଇଁ ଆଗାମୀ ସରକାର ପ୍ରସ୍ତୁତି ଉପରେ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ନୂତନ ଭାବେ ସୃଷ୍ଟି ହେଉଥିବା ବିପଦକୁ ଶୀଘ୍ର ଚିହ୍ନଟ କରିବା ପାଇଁ ଉନ୍ନତ ସର୍ଭିଲାନ୍ସ ବ୍ୟବସ୍ଥା ସ୍ଥାପନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସେ ୨୦୨୧ରେ ଜି-୭ ନେତାମାନଙ୍କୁ ଦେଇଥିବା ବାର୍ତ୍ତାକୁ ଦୋହରାଇବା ସହ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନକୁ ପ୍ରାଥମିକତା ଦେଇଛନ୍ତି। କୋଭିଡ୍-୧୯ ମହାମାରୀ ବେଳେ ତ୍ୱରିତ୍ ନିଦାନ, ଟିକା ଏବଂ ଚିକିତ୍ସା ଯୋଗୁ ଏହାକୁ ରୋକାଯାଇପାରିଥିଲା। ଏହା ହାସଲଯୋଗ୍ୟ ହୋଇଥିବାବେଳେ ଅନ୍ତର୍ଜାତୀୟ ସମନ୍ୱୟରେ ଉଲ୍ଲେଖନୀୟ ଉନ୍ନତି ଆବଶ୍ୟକ ବୋଲି ଭାଲାନ୍ସ କହିଛନ୍ତି। ୨୦୨୧ରେ ସେ ଯେଉଁସବୁ ପରାମର୍ଶ ଦେଇଥିଲେ ୨୦୨୩ ସୁଦ୍ଧା ଜି-୭ ଦେଶଗୁଡ଼ିକ ତାହା ଭୁଲିଯାଇଥିବା ଭଳି ମନେହୁଏ। ମହାମାରୀ ମୁକାବିଲା ପାଇଁ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ପ୍ରସ୍ତୁତି ଭଳି ଗୁରୁତ୍ୱର ସହ ନେବାକୁ ଭାଲାନ୍ସ ସୁପାରିସ କରିଛନ୍ତି। ମହାମାରୀ ପ୍ରସ୍ତୁତିରେ ଦେଶଗୁଡ଼ିକ ପରସ୍ପରକୁ ସହଯୋଗ କରିବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମହାମାରି ଚୁକ୍ତିନାମା ପାଇଁ ଉଦ୍ୟମ ଚଳାଇଛି। ଏହା ଏକ ସକାରାତ୍ମକ ପଦକ୍ଷେପ ହେଲେ ମଧ୍ୟ ଯଥେଷ୍ଟ ନୁହେଁ। ଯଦି ଏହି ପ୍ରସଙ୍ଗ ଜି୭ ଏବଂ ଜି୨୦ ଏଜେଣ୍ଡାରୁ ହଟିଯାଉଛି, ତେବେ ଆମେ ସମାନ ସ୍ଥିତିରେ ରହିଛୁ ବୋଲି ଧରିନେବାକୁ ହେବବୋଲି ଭାଲାନ୍ସ କହିଛନ୍ତି।

# ଶାହାଜାହାନଙ୍କ ନାଁରେ ହତ୍ୟା ଉଦ୍ୟମ ଅଭିଯୋଗ

## ସନ୍ଦେଶଖାଲି ମାମଲାରେ ସିବିଆଇ ଚାର୍ଜଶିଟ୍

ନୂଆଦିଲ୍ଲୀ,୨୮।୫(ପି.ଟି.)



ଶାହାଜାହାନ ଶେଖ୍

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଜାନୁଆରୀ ୫ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଫିସରମାନଙ୍କ ଟିମ୍ ଉପରେ ଆକ୍ରମଣ ମାମଲାରେ ସିବିଆଇ ସୋମବାର ବସିରହାଟ ସ୍ୱତନ୍ତ୍ର କୋର୍ଟରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଛି। ଉକ୍ତ ଚାର୍ଜଶିଟ୍‌ରେ ଟିଏମ୍‌ସିର ନିଲମ୍ବିତ ନେତା ଶାହାଜାହାନ ଶେଖ୍, ତାଙ୍କ ଭାଇ ଓ ଅନ୍ୟ ୫ ଜଣଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ କରାଯାଇଛି।

ପଶ୍ଚିମବଙ୍ଗରେ ବହୁକୋଟି ଟଙ୍କାର ରାଶନ ବଣ୍ଟନ ଦୁର୍ନୀତି ମାମଲା ସହ ସମ୍ପୃକ୍ତ ଶେଖ୍‌ଙ୍କ ଘର ଉପରେ ଚଢ଼ାଉ କରିବାକୁ ଇଡି ଟିମ୍ ଯାଇଥିବାବେଳେ ପ୍ରାୟ ୧,୦୦୦ ଲୋକ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଉକ୍ତ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ରାଜ୍ୟର ପୂର୍ବତନ ଖାଦ୍ୟମନ୍ତ୍ରୀ ଜ୍ୟୋତିପ୍ରିୟ ମଲ୍ଲିକଙ୍କ ସହ ଶେଖଙ୍କର ଘନିଷ୍ଠ ସମ୍ପର୍କ ଥିବାରୁ ଇଡି ତାଙ୍କୁ ଗିରଫ କରିବାକୁ ଯାଇଥିଲା। ଚାର୍ଜଶିଟ୍‌ରେ ଶେଖ୍ ଓ ତାଙ୍କ ଭାଇ ଆଲମଗିରଙ୍କ ସମେତ ସେମାନଙ୍କ ସହଯୋଗୀ ଜିଆଉଦ୍ଦିନ ମୋଲ୍ଲା, ମଫୁଜର ମୋଲ୍ଲା ଏବଂ ଦିଦରବକ୍ସ ମୋଲ୍ଲାଙ୍କ ନାଁ ରହିଛି। ସିବିଆଇ ସେମାନଙ୍କ ବିରୋଧରେ ଆଇପିସିର ଧାରା ୧୨୦-ବି(ଆପରାଧିକ ଷଡ଼ଯନ୍ତ୍ର) ଏବଂ ୩୦୭ (ହତ୍ୟା ଉଦ୍ୟମ) ସମେତ ଦଙ୍ଗା ସୃଷ୍ଟି କରିବା ଓ ବେଆଇନ କାର୍ଯ୍ୟକଳାପ ନେଇ ଅଭିଯୋଗ ଦାଏର କରିଛି।

ଶେଖ୍ ଓ ତାଙ୍କ ଲୋକମାନେ ସ୍ଥାନୀୟ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ସହ ସେମାନଙ୍କ ସମ୍ପତ୍ତି ଦଖଲ କରିବା ଅଭିଯୋଗକୁ ନେଇ କୋଲକାତାଠାରୁ ୮୦ କି.ମି. ଦୂରରେ ଅବସ୍ଥିତ ସନ୍ଦେଶଖାଲି ଖବର ଶିରୋନାମା ମଣ୍ଡନ କରିଥିଲା। ଜାନୁଆରୀ ୫ର ଘଟଣାକୁ ନେଇ ସିବିଆଇ ୩ଟି ମାମଲାର ତଦନ୍ତ କରୁଛି। ଫେବୃଆରୀ ୨୯ରେ ରାଜ୍ୟ ପୋଲିସ ଶେଖ୍‌ଙ୍କୁ ଗିରଫ କରିବା ପରେ ମାର୍ଚ୍ଚ ୬ରେ ସିବିଆଇ ତାଙ୍କୁ ହାଜତକୁ ନେଇଥିଲା।

## ଆତିଶୀଙ୍କୁ ଦିଲ୍ଲୀ କୋର୍ଟଙ୍କ ସମନ

ନୂଆଦିଲ୍ଲୀ,୨୮।୫

ମାନହାନି ମାମଲାରେ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀଙ୍କୁ ସମନ ଜାରି କରିଛନ୍ତି। ତାଙ୍କୁ ଜୁନ୍ ୨୯ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆପ୍ ବିଧାୟକମାନଙ୍କୁ କିଣିବା ପାଇଁ ଭାଜପା ଉଦ୍ୟମ ଚଳାଇଥିବା ଆତିଶୀ ଅଭିଯୋଗ କରିଥିଲେ। ଏଥିପାଇଁ ଭାଜପା ମିଡିଆ ସେଲ୍ ମୁଖ୍ୟ ପ୍ରବୀଣ ଶଙ୍କର କପୁର ତାଙ୍କ ନାଁରେ ମାନହାନି ମାମଲା ଦାଏର କରିଥିଲେ। ଉକ୍ତ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନାଁ ରହିଥିଲେ ମଧ୍ୟ ତାଙ୍କୁ ସମନ ହୋଇନାହିଁ। କେଜ୍‌ରିୱାଲଙ୍କ ବିରୋଧରେ କୌଣସି ତଥ୍ୟ ପ୍ରମାଣ ମିଳି ନ ଥିବା କୋର୍ଟ କହିଛନ୍ତି।

## ହତ୍ୟା ମାମଲାରେ ରାମ ରହିମ ନିର୍ଦ୍ଦୋଷ

ଚଣ୍ଡିଗଡ଼, ୨୮।୫



୨୦୦୨ର ଡେରା ମ୍ୟାନେଜର ରଣଜିତ ସିଂଙ୍କ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ପ୍ରମୁଖ ଗୁରମିତ ରାମ ରହିମ ସିଂଙ୍କୁ ମଙ୍ଗଳବାର ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ୨୦୨୧ରେ ପଞ୍ଚକୁଲାର ସ୍ୱତନ୍ତ୍ର ସିବିଆଇ ଅଦାଲତ ଏହି ମାମଲାରେ ରାମ ରହିମ ଓ ଅନ୍ୟ ୪ ଜଣଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ସିବିଆଇ କୋର୍ଟଙ୍କ ନିଷ୍ପତ୍ତିକୁ ରାମ ରହିମ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ସୁରେଶ୍ୱର ଠାକୁର ଏବଂ ଲଳିତ ବତ୍ରାଙ୍କ ଖଣ୍ଡପୀଠ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ତେବେ ସାମ୍ବାଦିକ ରାମଚନ୍ଦ୍ର ପ୍ରଜାପତି ହତ୍ୟାକାଣ୍ଡ ଏବଂ ଡେରାରେ ୨ ଜଣ ସାଧ୍ୱୀଙ୍କୁ ବଳାତ୍କାର ମାମଲାରେ ରାମରହିମ ଦୋଷୀ ସାବ୍ୟସ୍ତ ହୋଇ ଏବେ ରୋହତକର ସୁନାରିଆ ଜେଲରେ ସଜା କାଟୁଥିବାରୁ ସେ ଜେଲରୁ ମୁକୁଳି ପାରିବେ ନାହିଁ। ଉଭୟ ମାମଲାରେ ସେ ତଳ କୋର୍ଟଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୂଚନାଯୋଗ୍ୟ, ୧୦ ଜୁଲାଇ ୨୦୦୨ରେ ହରିୟାଣା କୁରୁକ୍ଷେତ୍ର ଅନ୍ତର୍ଗତ ଖାନପୁରଠାରେ ଡେରା ସଚ୍ଚା ସୌଦାର ତତ୍କାଳୀନ ମ୍ୟାନେଜର ରଣଜିତ ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା।

## ଫୁର୍‌ସତ

# ସ୍ମରଣୀୟ ଦିବସ ଏଭରେଷ୍ଟ ଡେ'



ପ୍ରତିବର୍ଷ ମେ' ୨୯କୁ ଅନ୍ତର୍ଜାତୀୟ ଏଭରେଷ୍ଟ ଡେ' ଭାବେ ପାଳନ କରାଯାଉଛି। ୧୯୫୩ର ଏହି ଦିନରେ ସୁଉଚ୍ଚ ଏଭରେଷ୍ଟ ଆରୋହଣ କରିବାରେ ସକ୍ଷମ ହୋଇଥିଲେ ନେପାଳର ତେନଜିଙ୍ଗ ନରଗେ ଏବଂ ନ୍ୟୁଜିଲ୍ୟାଣ୍ଡର ଏଡମଣ୍ଡ ହିଲାରୀ। ଏହି ସ୍ମୃତିକୁ ନେଇ ଉକ୍ତ ଦିବସ ପାଳନ କରାଯାଏ।

ନେପାଳ କ୍ରମାଗତ ଭାବରେ ଅନ୍ତର୍ଜାତୀୟ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରିବାକୁ ମନୋନୀତ ହୋଇଛି। ଉକ୍ତ ଦିନ ନେପାଳର ରାଜଧାନୀ କାଠମାଣ୍ଡୁରେ ପର୍ବତ ଆରୋହଣକାରୀଙ୍କୁ ପ୍ରଶଂସା କରିବା ପାଇଁ ପରେଡ କରାଯାଏ। ସମଗ୍ର ବିଶ୍ୱରେ ଉଚ୍ଚତମ ପର୍ବତ ଭାବେ ପରିଚିତ ମାଉଣ୍ଟ ଏଭରେଷ୍ଟ। ବହୁ ବ୍ୟକ୍ତି ଦିନଟିଏ ପାଇଁ ବି ଏହି ପର୍ବତର ବିରାଟ ଉଚ୍ଚତାକୁ ନିଜ ଆଖିରେ ଦେଖିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। ଆପଣ ଜଣେ ସଫଳ ପର୍ବତାରୋହୀ ହୁଅନ୍ତୁ କିମ୍ବା ପ୍ରକୃତିର ଅପରୂପକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ହୁଅନ୍ତୁ, ମାଉଣ୍ଟ ଏଭରେଷ୍ଟ ଡେ' ଏଭଳି ଏକ ଅନୁଭୂତି ଆଣିଥାଏ। ଏଥିସହିତ ଉକ୍ତ ଦିନ ପାର୍ବତ୍ୟାଞ୍ଚଳବାସୀଙ୍କ ସମସ୍ୟା, ପରିବେଶ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ପ୍ରଭାବ, ପର୍ବତାରୋହୀଙ୍କୁ ଉତ୍ସାହିତ କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥାଏ।

# ସହରୀକରଣରୁ ବଢ଼ୁଛି ରାତିର ତାତି

## ଆଇଆଇଟି ଭୁବନେଶ୍ୱରର ଅଧ୍ୟୟନ

ନୂଆଦିଲ୍ଲୀ, ୨୮।୫ (ପି.ଟି)



ଭାରତର ୧୪୦ଟି ମୁଖ୍ୟ ସହରରେ ରାତିରେ ଗ୍ରାମାଞ୍ଚଳଠାରୁ ୬୦ ପ୍ରତିଶତ ଅଧିକ ଗରମ ଅନୁଭୂତ ହେଉଛି। ଏହାର ପ୍ରମୁଖ କାରଣ ସହରୀକରଣ ବୋଲି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ସହରୀକରଣର ସର୍ବାଧିକ ପ୍ରଭାବ ଅହମଦାବାଦ, ରାଜକୋଟ ଏବଂ ଜୟପୁର ସହର ଉପରେ ପଡୁଥିବାବେଳେ ଦିଲ୍ଲୀ-ଏନ୍‌ସିଆର୍ ଏବଂ ପୁଣେ ଏହି ମାମଲାରେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି। ସହରୀକରଣ ଯୋଗୁ ଦେଶରେ କଂକ୍ରିଟ ଜଙ୍ଗଲର ମାତ୍ରା ବଢ଼ିବାରେ ଲାଗିଛି। ଏହାର ପରିଣାମ ଭାରତର ବିଭିନ୍ନ ସହରବାସୀ ଭୋଗୁଥିବା ଅଧ୍ୟୟନରେ କୁହାଯାଇଛି। ବିଶେଷକରି ସହରରେ ଅଧିକ ସଂଖ୍ୟାରେ ଏୟାର କଣ୍ଡିଶନରର ବ୍ୟବହାର ଯୋଗୁ ଉତ୍ତାପ ବଢ଼ିବାରେ ଲାଗିଛି। ବର୍ଦ୍ଧିତ ସହରୀକରଣ ଯୋଗୁ ରାସ୍ତା ଏବଂ ଗୃହ ନିର୍ମାଣରେ ବ୍ୟବହୃତ କଂକ୍ରିଟ୍ ଏବଂ ଆସ୍‌ଫାଲ୍ଟ ଦିନରେ ଉତ୍ତାପକୁ ସଂରକ୍ଷଣ କରି ରାତିରେ ଛାଡୁଛି। ଫଳରେ ସହରର ରାତି ତାପମାତ୍ରା ବୃଦ୍ଧି ପାଉଥିବା ନେଚର ସିଟିଜ୍ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ ଆଇଆଇଟି ଭୁବନେଶ୍ୱରର ଗବେଷକମାନେ ଦର୍ଶାଇଛନ୍ତି। ୨୦୦୩ରୁ ୨୦୨୦ ମଧ୍ୟରେ ସାଟେଲାଇଟ୍ ଡାଟାର ସାହାଯ୍ୟ ନେଇ ରାତ୍ରି ସମୟରେ ଭୂପୃଷ୍ଠ ତାପମାତ୍ରାର ତଥ୍ୟକୁ ଏହି ଅଧ୍ୟୟନରେ ବିଶ୍ଳେଷଣ କରାଯାଇଥିଲା। ଦେଶର ବିଭିନ୍ନ ସହରର ତାପମାତ୍ରା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳଠାରୁ ଢ଼େର ଅଧିକ ରହିଥିବା ଅଧ୍ୟୟନରେ କୁହାଯାଇଛି। ଖାସ୍‌କରି ପୂର୍ବ ଏବଂ ମଧ୍ୟଭାରତୀୟ ସହରଗୁଡ଼ିକ ବିକାଶଶୀଳ ହୋଇଥିବାରୁ ଏହାର ବିସ୍ତାର ଦ୍ରୁତ ଗତିରେ ଘଟୁଛି। ତେଣୁ ଏହିସବୁ ସହରରେ ରାତ୍ରି ତାପମାତ୍ରା ବୃଦ୍ଧିର ହାର ଦେଶର ଅନ୍ୟ ପ୍ରାନ୍ତ ଅପେକ୍ଷା ଅଧିକ ରହିଛି। ଭାରତୀୟ ସହରଗୁଡ଼ିକରେ ପ୍ରତି ଦଶନ୍ଧିରେ ରାତ୍ରି ତାପମାତ୍ରା ହାରାହାରି ୦.୫୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଉଥିବା ଏହି ଅଧ୍ୟୟନରେ କୁହାଯାଇଛି। ଅନ୍ୟପକ୍ଷରେ ସହର ଓ ଗ୍ରାମାଞ୍ଚଳର ତାପମାତ୍ରା ହାରାହାରି ୦.୨୬ ଡିଗ୍ରୀ ସେଲ୍‌ସିୟସ ବଢ଼ିଛି।

# ଆଇସିସି ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ




ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ-୨୦୨୪ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଜୁନ୍ ୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମେଗା ଇଭେଣ୍ଟରେ ଏଥର ରେକର୍ଡ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଭାରତ ଗ୍ରୁପ୍ 'ଏ'ରେ ପାକିସ୍ତାନ, କାନାଡ଼ା, ଆୟର୍ଲାଣ୍ଡ ଓ ଆମେରିକା ସହ ସ୍ଥାନ ପାଇଛି । କାନାଡ଼ା, ଉଗାଣ୍ଡା ଓ ଆମେରିକା ଏଥର ପ୍ରଥମଥର ପାଇଁ ଏହି ବିଶ୍ୱକପ ଖେଳିବେ ।

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ଜୁନ୍ ୨ | ଆମେରିକା ବନାମ କାନାଡ଼ା | ଡଲାସ | ସକାଳ ୬ଟା |
| | ୱେଷ୍ଟଇଣ୍ଡିଜ ବନାମ ପପୁଆ ନ୍ୟୁ ଗିନି | ଗୁୟାନା | ରାତି ୮ଟା |
| ଜୁନ ୩ | ନାମ୍ବିୟା ବନାମ ଓମାନ | ବାର୍ବାଡୋସ | ସକାଳ ୬ଟା |
| | ଶ୍ରୀଲଙ୍କା ବନାମ ଦକ୍ଷିଣ ଆଫ୍ରିକା | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୪ | ଆଫଗାନିସ୍ତାନ ବନାମ ଉଗାଣ୍ଡା | ଗୁୟାନା | ସକାଳ ୬ଟା |
| | ଇଂଲଣ୍ଡ ବନାମ ସ୍କଟଲାଣ୍ଡ | ବାର୍ବାଡୋସ | ରାତି ୮ଟା |
| | ନେଦରଲାଣ୍ଡ୍ସ ବନାମ ନେପାଳ | ଡଲାସ | ରାତି ୯ଟା |
| **ଜୁନ ୫** | **ଭାରତ ବନାମ ଆୟର୍ଲାଣ୍ଡ** | **ନ୍ୟୁୟର୍କ** | **ରାତି ୮ଟା** |
| ଜୁନ ୬ | ପପୁଆ ନ୍ୟୁ ଗିନି ବନାମ ଉଗାଣ୍ଡା | ଗୁୟାନା | ପ୍ରାତଃ ୫ଟା |
| | ଅଷ୍ଟ୍ରେଲିଆ ବନାମ ଓମାନ | ବାର୍ବାଡୋସ | ସକାଳ ୬ଟା |
| | ଆମେରିକା ବନାମ ପାକିସ୍ତାନ | ଡଲାସ | ରାତି ୯ଟା |
| | ନାମ୍ବିୟା ବନାମ ସ୍କଟଲାଣ୍ଡ | ବାର୍ବାଡୋସ | ରାତି ୧୨ଟା ୩୦ |
| ଜୁନ ୭ | କାନାଡ଼ା ବନାମ ଆୟର୍ଲାଣ୍ଡ | ନ୍ୟୁୟର୍କ | ରାତି ୮ଟା |
| ଜୁନ ୮ | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଗୁୟାନା | ପ୍ରାତଃ ୫ଟା |
| | ଶ୍ରୀଲଙ୍କା ବନାମ ବାଂଲାଦେଶ | ଡଲାସ | ସକାଳ ୬ଟା |
| | ନେଦରଲାଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା | ନ୍ୟୁୟର୍କ | ରାତି ୮ଟା |
| | ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ | ବାର୍ବାଡୋସ | ରାତି ୧୦ଟା ୩୦ |
| ଜୁନ ୯ | ୱେଷ୍ଟଇଣ୍ଡିଜ ବନାମ ଉଗାଣ୍ଡା | ଗୁୟାନା | ସକାଳ ୬ଟା |
| | **ଭାରତ ବନାମ ପାକିସ୍ତାନ** | **ନ୍ୟୁୟର୍କ** | **ରାତି ୮ଟା** |
| | ଓମାନ ବନାମ ସ୍କଟଲାଣ୍ଡ | ଆଣ୍ଟିଗୁଆ | ରାତି ୧୦ଟା ୩୦ |
| ଜୁନ ୧୦ | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ନ୍ୟୁୟର୍କ | ରାତି ୮ଟା |
| ଜୁନ ୧୧ | ପାକିସ୍ତାନ ବନାମ କାନାଡ଼ା | ନ୍ୟୁୟର୍କ | ରାତି ୮ଟା |
| ଜୁନ ୧୨ | ଶ୍ରୀଲଙ୍କା ବନାମ ନେପାଳ | ଫ୍ଲୋରିଡ଼ା | ପ୍ରାତଃ ୫ଟା |
| | ଅଷ୍ଟ୍ରେଲିଆ ବନାମ ନାମ୍ବିୟା | ଆଣ୍ଟିଗୁଆ | ସକାଳ ୬ଟା |
| | **ଆମେରିକା ବନାମ ଭାରତ** | **ନ୍ୟୁୟର୍କ** | **ରାତି ୮ଟା** |
| ଜୁନ ୧୩ | ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ | ତ୍ରିନିଦାଦ | ସକାଳ ୬ଟା |
| | ବାଂଲାଦେଶ ବନାମ ନେଦରଲାଣ୍ଡ୍ସ | ସେଣ୍ଟ ଭିନସେଣ୍ଟ | ରାତି ୮ଟା |
| | ଇଂଲଣ୍ଡ ବନାମ ଓମାନ | ଆଣ୍ଟିଗୁଆ | ରାତି ୧୨ଟା ୩୦ |
| ଜୁନ ୧୪ | ଆଫଗାନିସ୍ତାନ ବନାମ ପପୁଆ ନ୍ୟୁଗିନି | ତ୍ରିନିଦାଦ | ସକାଳ ୬ଟା |
| | ଆମେରିକା ବନାମ ଆୟର୍ଲାଣ୍ଡ | ଫ୍ଲୋରିଡ଼ା | ରାତି ୮ଟା |
| ଜୁନ ୧୫ | ଦକ୍ଷିଣ ଆଫ୍ରିକା ବନାମ ନେପାଳ | ସେଣ୍ଟ ଭିନସେଣ୍ଟ | ପ୍ରାତଃ ୫ଟା |
| | ନ୍ୟୁଜିଲାଣ୍ଡ ବନାମ ଉଗାଣ୍ଡା | ତ୍ରିନିଦାଦ | ସକାଳ ୬ଟା |
| | **ଭାରତ ବନାମ କାନାଡ଼ା** | **ଫ୍ଲୋରିଡ଼ା** | **ରାତି ୮ଟା** |
| | ନାମ୍ବିୟା ବନାମ ଇଂଲଣ୍ଡ | ଆଣ୍ଟିଗୁଆ | ରାତି ୧୦ଟା ୩୦ |
| ଜୁନ ୧୬ | ଅଷ୍ଟ୍ରେଲିଆ ବନାମ ସ୍କଟଲାଣ୍ଡ | ସେଣ୍ଟ ଲୁସିଆ | ସକାଳ ୬ଟା |
| | ପାକିସ୍ତାନ ବନାମ ଆୟର୍ଲାଣ୍ଡ | ଫ୍ଲୋରିଡ଼ା | ରାତି ୮ଟା |
| ଜୁନ ୧୭ | ବାଂଲାଦେଶ ବନାମ ନେପାଳ | ସେଣ୍ଟ ଭିନସେଣ୍ଟ | ପ୍ରାତଃ ୫ଟା |
| | ଶ୍ରୀଲଙ୍କା ବନାମ ନେଦରଲାଣ୍ଡ୍ସ | ସେଣ୍ଟ ଲୁସିଆ | ସକାଳ ୬ଟା |
| | ନ୍ୟୁଜିଲାଣ୍ଡ ବନାମ ପପୁଆ ନ୍ୟୁଗିନି | ତ୍ରିନିଦାଦ | ରାତି ୮ଟା |
| ଜୁନ ୧୮ | ୱେଷ୍ଟଇଣ୍ଡିଜ ବନାମ ଆଫଗାନିସ୍ତାନ | ସେଣ୍ଟ ଲୁସିଆ | ସକାଳ ୬ଟା |
| **ସୁପର-୮ ପର୍ଯ୍ୟାୟ** | | | |
| ଜୁନ ୧୯ | ଏ-୨ ବନାମ ଡି-୧ | ଆଣ୍ଟିଗୁଆ | ରାତି ୮ଟା |
| ଜୁନ ୨୦ | ବି-୧ ବନାମ ସି-୨ | ସେଣ୍ଟ ଲୁସିଆ | ସକାଳ ୬ଟା |
| | ସି-୧ ବନାମ ଏ-୧ | ବାର୍ବାଡୋସ | ରାତି ୮ଟା |
| ଜୁନ ୨୧ | ବି-୨ ବନାମ ଡି-୨ | ଆଣ୍ଟିଗୁଆ | ସକାଳ ୬ଟା |
| | ବି-୧ ବନାମ ଡି-୧ | ସେଣ୍ଟ ଲୁସିଆ | ରାତି ୮ଟା |
| ଜୁନ ୨୨ | ଏ-୨ ବନାମ ସି-୨ | ବାର୍ବାଡୋସ | ସକାଳ ୬ଟା |
| | ଏ-୧ ବନାମ ଡି-୨ | ଆଣ୍ଟିଗୁଆ | ରାତି ୮ଟା |
| ଜୁନ ୨୩ | ସି-୧ ବନାମ ବି-୨ | ସେଣ୍ଟ ଭିନସେଣ୍ଟ | ସକାଳ ୬ଟା |
| | ଏ-୨ ବନାମ ବି-୧ | ବାର୍ବାଡୋସ | ରାତି ୮ଟା |
| ଜୁନ ୨୪ | ସି-୨ ବନାମ ଡି-୧ | ଆଣ୍ଟିଗୁଆ | ସକାଳ ୬ଟା |
| | ବି-୨ ବନାମ ଏ-୧ | ସେଣ୍ଟ ଲୁସିଆ | ରାତି ୮ଟା |
| ଜୁନ ୨୫ | ସି-୧ ବନାମ ଡି-୨ | ସେଣ୍ଟ ଭିନସେଣ୍ଟ | ସକାଳ ୬ଟା |
| ଜୁନ ୨୭ | ପ୍ରଥମ ସେମିଫାଇନାଲ | ତ୍ରିନିଦାଦ | ସକାଳ ୬ଟା |
| | ଦ୍ୱିତୀୟ ସେମିଫାଇନାଲ | ଗୁୟାନା | ରାତି ୮ଟା |
| **ଜୁନ ୨୯ ଫାଇନାଲ** | | **ବାର୍ବାଡୋସ** | **ସନ୍ଧ୍ୟା ୮ଟା** |



# ରୁଡ୍, ମେଡଭେଡେଭଙ୍କ ସହଜ ବିଜୟ

**ପ୍ୟାରିସ୍, ୨୮।୫**

ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ ଓପନ ଟେନିସ ଟୁର୍ନାମେଣ୍ଟର ତୃତୀୟ ଦିନ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସହଜ ବିଜୟ ହାସଲ କରିଛନ୍ତି କାସ୍ପର ରୁଡ୍ ଓ ଡାନିଲ ମେଡଭେଡେଭ୍ । ଦିନର ଅର୍ଦ୍ଧାଧିକ ମ୍ୟାଚ୍ ବର୍ଷା କାରଣରୁ ସସ୍‌ପେଣ୍ଡ ହୋଇଥିବା ବେଳେ ଦୁଇ ସିଡେଡ୍ ଖେଳାଳି ସହଜ ବିଜୟ ହାସଲ କରିଛନ୍ତି । ବିଶ୍ୱ ମାନ୍ୟତାର ସପ୍ତମ ସ୍ଥାନରେ ଥିବା ନରୱେର କାସ୍ପର ରୁଡ୍ ୬-୩, ୬-୪ ଓ ୬-୩ ସେଟ୍‌ରେ ବ୍ରାଜିଲ୍‌ର ଫେଲିପ୍ ଆଲ୍ଭ୍ସଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ସର୍ଭରେ ୮୦ ପ୍ରତିଶତ ଓ ଦ୍ୱିତୀୟ ସର୍ଭରେ ୮୮ ପ୍ରତିଶତ ପଏଣ୍ଟ ହାସଲ କରିଥିଲେ ରୁଡ୍ । ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ରୁଷିଆର ଡାନିଲ ମେଡଭେଡେଭ ୬-୩, ୬-୪, ୫-୭ ଓ ୬-୩ ସେଟ୍‌ରେ ଜର୍ମାନୀର ଡୋମିନିକ୍ କୋପଫରଙ୍କୁ ପରାସ୍ତ କରିଛନ୍ତି । ଅନ୍ୟ ଏକ ମ୍ୟାଚ୍‌ରେ ୨୮ ନମ୍ବର ଖେଳାଳି ଥୋମାସ୍ ମାର୍ଟିନ୍ ଏଚେଭେରୀ ୩-୬, ୬-୨, ୬-୧, ୬-୪ ସେଟ୍‌ରେ ଫ୍ରାନ୍ସର ଆର୍ଥର କାଜାକ୍ସଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ୩ ସେଟରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଥୋମାସ୍ ମାର୍ଟିନ୍ ଏଚେଭେରୀ । ଇଟାଲୀର ଫାବିଓ ଫଗନିନି ଏକ ମ୍ୟାଚରେ ଫ୍ରାନ୍ସର ଅଣ ସିଡେଡ ଖେଳାଳି ବୋଟିକ୍ ଭାନ୍ ଡେ ଜାଣ୍ଡସ୍କଲ୍ପଙ୍କୁ ୬-୧, ୬-୧, ୭-୫ରେ ପରାସ୍ତ କରିଥିଲେ ।

ମହିଳା ବିଭାଗରେ ମଧ୍ୟ ଏକାଧିକ ମ୍ୟାଚ୍ ସସ୍‌ପେଣ୍ଡ ହୋଇଥିଲା । ତେବେ ଆରିନା ସାବାଲେଙ୍କା, ଏଲେନା ରିବାକିନା, କ୍ୱିନୱେନ ଝେଙ୍ଗ ଓ ବର୍ନାର୍ଡା ପେରାଙ୍କ ପରି ଖେଳାଳି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି । ବିଶ୍ୱ ମାନ୍ୟତାର ଦୁଇ ନମ୍ବର ସ୍ଥାନରେ ରହିଥିବା ବେଲାରୁଷର ସାବାଲେଙ୍କା ୬-୧, ୬-୨ ସେଟରେ ଏରିକା ଆଣ୍ଡ୍ରିଭାଙ୍କୁ ପରାସ୍ତ କରିଥିଲେ । ୪ନମ୍ବର ସ୍ଥାନରେ

**ଫ୍ରେଞ୍ଚ ଓପନ୍**

ଥିବା ଏଲେନା ରିବାକିନା ମଧ୍ୟ ଏକ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । କାଜାଖସ୍ତାନର ରିବାକିନା ୬-୨, ୬-୩ ସେଟରେ ବେଲଜିୟମର ଗ୍ରିଟ ମିନ୍ନେନ୍‌ଙ୍କୁ ପରାସ୍ତ କରିଛନ୍ତି । ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଚାଇନାର କ୍ୱିନୱେନ୍ ଝେଙ୍ଗ ସ୍ଥାନୀୟ ଖେଳାଳି ଆଲିଜ୍ କର୍ନେଟଙ୍କୁ ୬-୨, ୬-୧ରେ ପରାସ୍ତ କରିଥିଲେ । ମହିଳା ସିଙ୍ଗଲ୍ସରେ ମଧ୍ୟ ଏକ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ବିଶ୍ୱ ମାନ୍ୟତାର ୧୩ ତମ ସ୍ଥାନରେ ଥିବା ବ୍ରାଜିଲର ବିଟ୍ରିଜ୍ ହଦଦ ମାଇଆ ଇଟାଲୀର ଏଲିସାବେଟା କୋସିଆରେଟୋଙ୍କ ନିକଟରୁ ୩-୬, ୬-୪ ଓ ୬-୧ ସେଟରେ ପରାଜିତ ହୋଇଥିଲେ । ଗତ ବର୍ଷର ସେମି ଫାଇନାଲିଷ୍ଟ ରହିଥିବା ବିଟ୍ରିଜ ପ୍ରଥମ ସେଟ୍ ଜିତିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ରାଉଣ୍ଡରେ ହାରି ଯାଇଥିଲେ ।



ରିଟର୍ନ ଶଟ୍ ଖେଳିବା ଅବସରରେ କାସ୍ପର ରୁଡ୍ ।

## ଡୋପିଙ୍ଗ୍ ପାଇଁ ଅଲିମ୍ପିକ୍ସରେ ଭାଗ ନେଇ ପାରିବେନି ବ୍ରାଜ୍

**ମୋନାକୋ, ୨୮।୫ (ଏପି):** ଡୋପିଙ୍ଗ ପାଇଁ ପୂର୍ବତନ ଅଲିମ୍ପିକ ପୋଲଭଲ୍ଟ ସ୍ୱର୍ଣ୍ଣ ବିଜେତା ଥିଆଗୋ ବ୍ରାଜ୍ ୧୬ ମାସ ବାସନ୍ଦ ହୋଇଥିବାରୁ ସେ ପ୍ୟାରିସ ଗେମ୍ସରେ ଅଂଶଗ୍ରହଣରୁ ବଞ୍ଚିତ ହେବେ । ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ମଙ୍ଗଳବାର ଏ ବିଷୟରେ ସୂଚନା ଦିଆଯାଇଛି । ବ୍ରାଜ ନିଜ ଦେଶରେ ୨୦୧୬ ରିଓ ଡି' ଜେନିରୋ ଗେମ୍ସରେ ଅଲିମ୍ପିକ ଟାଇଟଲ ଜିତିଥିଲେ ଏବଂ ୩ ବର୍ଷ ପୂର୍ବେ ଟୋକିଓରେ ସେ ବ୍ରୋଞ୍ଜ ହାସଲ କରିଥିଲେ । ୩୦ବର୍ଷୀୟ ବ୍ରାଜଙ୍କ ବାସନ୍ଦ ଅବଧି ନଭେମ୍ବରରେ ଶେଷ ହେବ । ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ (କାସ୍)ରେ ଅପିଲ କରିଛନ୍ତି । ଓଷ୍ଟାରିନ୍ ପାଇଁ ଡୋପ୍ ଟେଷ୍ଟରେ ବ୍ରାଜ୍‌ଙ୍କର ପଜିଟିଭ ଆସିଥିଲା । ସଂକ୍ରମିତ ପୃଷ୍ଟିକର ଖାଦ୍ୟ ସେବନ ଯୋଗୁ ତାଙ୍କ ସାମ୍ପଲରେ ଏହି ନିଷିଦ୍ଧ ଉପାଦନ ଠାବ କରାଯାଇଥିବା ବ୍ରାଜ ଯୁକ୍ତି ବାଢ଼ିଥିଲେ । ଆଣ୍ଟି ଡୋପିଙ୍ଗ ଟ୍ରିବ୍ୟୁନାଲର ବିଚାରକ ମଣ୍ଡଳୀ ୨-୧ ରାୟରେ ଏହା ସେତେଟା ବଡ଼ ଭୁଲ ନୁହେଁ ବୋଲି ଦର୍ଶାଇଥିଲେ । ମାତ୍ର ଟ୍ରାକ୍ ଆଣ୍ଡ ଫିଲ୍ଡ ତଦନ୍ତକାରୀ ୟୁନିଟ୍ 'କାସ୍'ରେ ଅପିଲ କରିବା ଲାଗି ବିଚାର କରୁଛି । କାରଣ ଏହି ଆଥଲେଟଙ୍କୁ ୪ବର୍ଷ ବାସନ୍ଦ କରିବା ଲାଗି ପ୍ରଥମ ଟ୍ରିବ୍ୟୁନାଲକୁ ସୁପାରିସ କରିଥିଲା । ଏଆଇୟୁ କହିଛି, ବ୍ରାଜ ସଚେତନ ଥାଇ ସୁଦ୍ଧା ବେପରୁଆ ଭାବେ ପରୋକ୍ଷରେ ଉଦ୍ଦେଶ୍ୟ ରଖି ଏହି ଉପାଦାନ ଗ୍ରହଣ କରିଛନ୍ତି ।

# ଆଲିଜ୍ କର୍ନେଟଙ୍କ ଅବସର



ଫ୍ରେଞ୍ଚ ଓପନ ଡିରେକ୍ଟର ତଥା ପୂର୍ବତନ ଟେନିସ୍ ଷ୍ଟାର ଆମେଲି ମୌରେସ୍ମୋ(ବାମ) ଓ ଫ୍ରେଞ୍ଚ ଟେନିସ୍ ଫେଡେରେଶନ ମୁଖ୍ୟ ଗିଲ୍ସ ମୋରେଟନଙ୍କ ସହ ଆଲିଜ୍ କର୍ନେଟ୍ ।

**ପ୍ୟାରିସ୍, ୨୮।୫**

ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ ଓପନ ଟେନିସ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜୟ ସହ ଅବସର ଘୋଷଣା କରିଛନ୍ତି ଫ୍ରେଞ୍ଚ ଖେଳାଳି ଆଲିଜ୍ କର୍ନେଟ୍ । ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଚାଇନାର କ୍ୱିନୱେନ୍ ଝେଙ୍ଗଙ୍କ ନିକଟରୁ ୬-୨, ୬-୧ରେ ପରାଜିତ ହୋଇଥିଲେ କର୍ନେଟ । ଏହି ଟୁର୍ନାମେଣ୍ଟ ପାଇଁ ୩୪ ବର୍ଷୀୟା କର୍ନେଟଙ୍କୁ ୱାଇଲ୍ଡ କାର୍ଡ ମିଳିଥିଲା । ଫିଲିପ୍ ଚାର୍ଟିଅର କୋର୍ଟରେ ଏହି ମ୍ୟାଚ୍‌ଟି ଖେଳା ଯାଇଥିଲା । ୨୦୦୪ରେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରିଥିବା କର୍ନେଟ ୨୦ ବର୍ଷର କ୍ୟାରିୟରରେ ୬ଟି ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ । କ୍ୟାରିୟର ଶ୍ରେଷ୍ଠ ୧୧ତମ ର୍ୟାଙ୍କିଙ୍ଗ ହାସଲ କରିଥିବା କର୍ନେଟ କ୍ରମାଗତ ୬୯ ଗ୍ରାଣ୍ଡସ୍ଲାମରେ ଅଂଶଗ୍ରହଣ କରିଥିଲେ । ମଙ୍ଗଳବାର ମ୍ୟାଚ୍ ପରେ ଫ୍ରେଞ୍ଚ ଓପନ ଡିରେକ୍ଟର ତଥା ପୂର୍ବତନ ଟେନିସ୍ ଷ୍ଟାର ଆମେଲି ମୌରେସ୍ମୋ ଓ ଫ୍ରେଞ୍ଚ ଟେନିସ୍ ଫେଡେରେଶନ ମୁଖ୍ୟ ଗିଲ୍ସ ମୋରେଟନ ଏକ ଫେୟାରୱେଲ ଟ୍ରଫି ସହ ଆଲିଜ୍ କର୍ନେଟଙ୍କୁ ସମ୍ମାନିତ କରିଥିଲେ ।

# କିଟ୍‌ରେ କ୍ରୀଡ଼ା ସହ ଶାରୀରିକ ଶିକ୍ଷା ଓ ଯୋଗକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୮।୫ (ତପନ ସ୍ୱାଇଁ)**

କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଅନ୍ତର୍ଜାତୀୟସ୍ତରୀୟ ଭିତ୍ତିଭୂମିଠାରୁ ଆରମ୍ଭ କରି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କିଟ୍ ବିଶ୍ୱବିଦ୍ୟାଳୟ ଏ ଦିଗରେ ଆଉ ଏକପାଦ ଅଗ୍ରସର ହୋଇଛି । ଏହି ବିଶ୍ୱବିଦ୍ୟାଳୟରେ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଓ ଯୋଗିକ ସାଇନ୍ସ ବିଭାଗ ଅଧୀନରେ ୨୦୨୪-୨୫ ଶିକ୍ଷା ବର୍ଷଠାରୁ ଦୁଇଟି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ତାହା ହେଲା ଏମ୍‌ପିଏମ୍‌ଏସ୍ (ଶାରୀରିକ ଶିକ୍ଷା ଓ କ୍ରୀଡ଼ାରେ ସ୍ନାତକୋତ୍ତର ଶିକ୍ଷା) ଓ ପିଏଚ୍‌ଡି ଡିଗ୍ରୀ (ଶାରୀରିକ ଶିକ୍ଷା ଓ କ୍ରୀଡା) । ଏଥି ସହିତ ଏହି ବିଭାଗ ଅଧୀନରେ ପୂର୍ବରୁ ଯୋଗ ଓ ନେଚରୋପାଥିର ସ୍ନାତକୋତ୍ତର ଶିକ୍ଷା ପ୍ରଦାନ କରାଯାଉଛି । ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ସମସ୍ତ ଶିକ୍ଷା ପାଠ୍ୟକ୍ରମରେ ଶାରୀରିକ ଶିକ୍ଷା, ଯୋଗ ଓ କ୍ରୀଡାକୁ ଅଗ୍ରାଧିକାର ଦିଆଯାଉଅଛି । ଏହାକୁ ବିଚାରକୁ ନେଇ ବିଶ୍ୱବିଦ୍ୟାଳୟରେ ଏହି ଦୁଇଟି ନୂତନ ପାଠ୍ୟକ୍ରମର ପ୍ରଚଳନ ଯୁବ ଖେଳାଳି ଏବଂ କ୍ରୀଡା, ଯୋଗ ଓ ଶାରୀରିକ ଶିକ୍ଷାକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଯୁବତୀଯୁବକମାନଙ୍କ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି । ପ୍ରକାଶ ଯୋଗ୍ୟ ଯେ, କିଟ୍ ପରିସରରେ ଅନ୍ତର୍ଜାତୀୟ ସ୍ତରର କ୍ରୀଡା ଭିତ୍ତିଭୂମି ବିଶ୍ୱବିଦ୍ୟାଳୟକୁ କ୍ରୀଡା କ୍ଷେତ୍ରରେ ଏକ ନୂତନ ପରିଚୟ ପ୍ରଦାନ କରୁଛି ।

# ବିଶ୍ୱକପ୍‌ରେ ରହିବ ବୋଲରଙ୍କ ପ୍ରାଧାନ୍ୟ

**ବେଙ୍ଗାଲୁରୁ, ୨୮।୫(ପି.ଟି)**

ଆଇସିସି କ୍ରିକେଟ ଟି୨୦ ବିଶ୍ୱକପ୍‌ରେ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିବ । ସଦ୍ୟ ସମାପିତ ଆଇପିଏଲ୍‌ରେ ଯେଉଁଭଳି ଭାବରେ ବିଶାଳ ସ୍କୋର ହେଉଥିଲା ତାହା ବିଶ୍ୱକପ୍‌ରେ ଦେଖିବାକୁ ମିଳିବ ନାହିଁ । ଆଇପିଏଲ୍‌ରେ ବଡ ସ୍କୋର କରିଥିବା ଟ୍ରାଭିସ୍ ହେଡ୍ ଓ ଆନ୍ଦ୍ରେ ରସେଲଙ୍କ ପରି ଖେଳାଳି ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ହେବାକୁ ଥିବା ବିଶ୍ୱକପ୍‌ରେ ନଜର ଆସିବେ । ଆଇପିଏଲ୍ ପରେ ଆଉ ଏକ ହାଇସ୍କୋରିଂ ଟୁର୍ନାମେଣ୍ଟ ପାଇଁ ଫ୍ୟାନମାନେ ଆଶାବାଦୀ । ଆଇପିଏଲ୍‌ରେ ୨୫୦ ରନ୍ ଅତି ସହଜରେ ସ୍କୋର ହେଉଥବା ବେଳେ ଟି୨୦ ବିଶ୍ୱକପ୍‌ରେ ଥରେ ମାତ୍ର ଏଭଳି ହୋଇଛି । ଏପରିକି ବିଶ୍ୱକପ୍‌ରେ ବ୍ୟାଟ ଓ ବଲ୍ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିବ ବୋଲି କୁହାଯାଉଛି । ଏହାର ଏକ ପ୍ରମୁଖ କାରଣ ହେଉଛି ଇମ୍ପାକ୍ଟ ପ୍ଲେୟର ନିୟମ । ଅନ୍ତର୍ଜାତୀୟ କ୍ରିକେଟରେ ଇମ୍ପାକ୍ଟ ପ୍ଲେୟର ନ ଥିବାରୁ ପାରମ୍ପରିକ ଫର୍ମାଟର କ୍ରିକେଟ ଦେଖିବାକୁ ମିଳିବ । ନିକଟରେ କୋଲକାତା ନାଇଟ ରାଇଡର୍ସକୁ ଚାମ୍ପିୟନ କରିଥିବା ମିଚେଲ୍ ଷ୍ଟାର୍କ ମଧ୍ୟ ସମାନ ମତ ରଖିଛନ୍ତି । ଆଇପିଏଲ୍‌ରେ ୮ ନମ୍ବର ଯାଏ ବ୍ୟାଟିଂ ଉପଲବ୍ଧ ରହୁଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟରେ ଏହା ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ଆଇପିଏଲ୍ ଭଳି ହାଇ ସ୍କୋରିଂ ମ୍ୟାଚ୍ ବିଶ୍ୱକପ୍‌ରେ ଦେଖିବାକୁ ମିଳିବ ନାହିଁ ବୋଲି କହିଛନ୍ତି ଷ୍ଟାର୍କ । ସେ ଶିବମ ଦୁବେଙ୍କ ଉଦାହରଣ ଦେଇ କହିଥିଲେ ଚେନ୍ନାଇ ତାଙ୍କୁ ଇମ୍ପାକ୍ଟ ପ୍ଲେୟର ଭାବରେ ବ୍ୟବହାର କରିଥିଲା । ଜଣେ ବୋଲରଙ୍କ ସ୍ଥାନରେ ଦୁବେ ୪-୫ ନମ୍ବରରେ ବ୍ୟାଟିଂ କରିବାକୁ ଆସୁଥିବା ବେଳେ ଏକାଧିକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ମାତ୍ର ବିଶ୍ୱକପ୍‌ରେ ଦୁବେଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବା କଷ୍ଟ । ବୋଲିଂ ଦକ୍ଷତା ନ ଦେଖାଇଲେ ଏହି ଖେଳାଳିଙ୍କୁ ସ୍ଥାନ ମିଳିବନି ବୋଲି ଷ୍ଟାର୍କ କହିଛନ୍ତି । ଏପରିକି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ମଧ୍ୟ ସମାନ ନିୟମ ରହିଛି । ତେବେ ବ୍ୟାଟରଙ୍କ ପାଇଁ ମଧ୍ୟ ଏହା ସମାନ ଭାବରେ କଷ୍ଟସାଧ୍ୟ ରହିବ । ଆଇପିଏଲ୍‌ରେ ଜଣେ ଅତିରିକ୍ତ ବ୍ୟାଟର ରହିଥିବା ବେଳେ ଏହା ଖେଳିବା ପରିସ୍ଥିତିକୁ ସହଜ କରି ଦେଇଥାଏ, ଯାହା ଅନ୍ତର୍ଜାତୀୟ କ୍ରିକେଟରେ ଅସମ୍ଭବ ।

ସେହିପରି ୱେଷ୍ଟଇଣ୍ଡିଜ୍ ପିଚ୍‌ରେ ବଡ ପରିବର୍ତ୍ତନ ଦେଖିବାକୁ ମିଳିଛି । ୮୦-୯୦ ଦଶକର ପିଚ୍ ଅପେକ୍ଷା ଏହା ଅତ୍ୟନ୍ତ ଧିମା ହୋଇ ଯାଇଛି । ବଲ୍ ତଳୁଆ ରହୁଥିବା ବେଳେ ଏଠାରେ ବଡ ସ୍କୋର ହେବାର ସମ୍ଭାବନା ଅତ୍ୟନ୍ତ କମ୍ ରହିବ ବୋଲି ଜଣେ କ୍ୟୁରେଟର୍ କହିଛନ୍ତି । ଭାରତ ଏହି ଟୁର୍ନାମେଣ୍ଟ ପାଇଁ ୪ ସ୍ପିନରଙ୍କୁ ସାମିଲ କରିଥିବା ବେଳେ ଟୁର୍ନାମେଣ୍ଟରେ ବଡ ସ୍କୋରର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି । ଆମେରିକା ମାଟିରେ କେବଳ ଫ୍ଲୋରିଡା ପୂର୍ବରୁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିଛି । ଅନ୍ୟ ସମସ୍ତ ଭେନ୍ୟୁରେ ପ୍ରଥମ ଥର ବଡ ଟୁର୍ନାମେଣ୍ଟ ଖେଳାଯାଉଥିବା ବେଳେ ପିଚ୍ କିଭଳି ବ୍ୟବହାର କରିବ ତାହା କହିବା କଷ୍ଟ । କାରିବିଆନ୍ ପ୍ରିମିୟର ଲିଗ୍‌ରେ ଖେଳିଥିବା ଡେଭିଡ୍ ୱାର୍ନର ମଧ୍ୟ ସମାନ ମତ ଦେଇଛନ୍ତି । ଆଇପିଏଲ୍‌ରେ ଆଭରେଜ ସ୍କୋର ୧୮୦ ରହିଥିବା ବେଳେ ହାଇଦ୍ରାବାଦ ପିଚ୍‌ରେ ଆଭରେଜ୍ ସ୍କୋର ୨୩୦ ରହିଥିଲା । ତେବେ ୱେଷ୍ଟଇଣ୍ଡିଜ୍‌ରେ ଏହା ସମ୍ପୂର୍ଣ୍ଣ ଭିନ୍ନ ରହିବ । ଆଣ୍ଟିଗୁଆରେ ୧୨୩, ବାର୍ବାଡୋସରେ ୧୩୮, ଗୁୟାନାରେ ୧୨୪, ତ୍ରିନିଦାଦରେ ୧୧୫, ସେଣ୍ଟ ଭିନସେଣ୍ଟରେ ୧୧୮ ଓ ଗ୍ରସ୍ ଆଇଲେଟ୍‌ରେ୧୩୯ ଆଭରେଜ ସ୍କୋର ରହିଛି । ତେଣୁ ଅନ୍ତତଃପକ୍ଷେ ବୋଲରଙ୍କ ପାଇଁ ଏହି ଟୁର୍ନାମେଣ୍ଟ ରହିବ ବୋଲି ୱାର୍ନର କହିଛନ୍ତି ।

# ଜାତୀୟ କ୍ୟାମ୍ପ୍‌ରେ ଓଡ଼ିଶାର ଲିପିକା

**ଭୁବନେଶ୍ୱର, ୨୮।୫ (ତପନ ସ୍ୱାଇଁ)**

ଏସିଆନ ଭଲିବଲ କନ୍‌ଫେଡେରେଶନ (ଏଭିସି) ଆନୁକୂଲ୍ୟରେ ଥାଇଲାଣ୍ଡର ନାଖୋନ ପାଥୋମଠାରେ ୧୮ ବର୍ଷରୁ କମ୍ ୧୫ଶ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ଜୁନ ୧୬ରୁ ଆରମ୍ଭ ହେବ । ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର କୋଚିଂ କ୍ୟାମ୍ପ ବେଙ୍ଗାଲୁରୁ ସର୍ଦର୍ନ ସେଣ୍ଟରସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପରିସରରେ ଚଳିତ ମାସ ୨୮ରୁ ମେ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି କ୍ୟାମ୍ପ ପାଇଁ ଓଡ଼ିଶାର ଲିପିକା ଖେସ୍ (ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ) ଯୋଗ୍ୟ ବିବେଚିତ ହୋଇଛନ୍ତି । କ୍ୟାମ୍ପ ପାଇଁ ଅନୁଷ୍ଠିତ

**୧୮ ବର୍ଷରୁ କମ୍ ମହିଳା ଭଲିବଲ**

ଚୟନ ଟ୍ରାଏଲ୍‌ରେ ସେ ଅଂଶଗ୍ରହଣ କରି ପ୍ରଭାବିତ କରିଥିଲେ । ପୂର୍ବରୁ ସେ ଅନେକଥର ଜାତୀୟ ସବ୍-ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି । ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଖୁସିବ୍ୟକ୍ତ କରିବା ସହ ଲିପିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ, ଗତ ୩ ବର୍ଷ ଧରି ଅନେକ ଓଡ଼ିଶା ଖେଳାଳି ଭାରତର ବିଭିନ୍ନ ବର୍ଗର ଦଳରେ ସ୍ଥାନ ପାଇ ରାଜ୍ୟକୁ ଗର୍ବିତ କରିଛନ୍ତି ।



ଲିପିକା ଖେସ୍

## ଭାରତ 'ଏ'-ଅଷ୍ଟ୍ରେଲିଆ 'ଏ' ମ୍ୟାଚ

**ମେଲବୋର୍ନ, ୨୮।୫ (ପି.ଟି.):** ଚଳିତବର୍ଷ ପରବର୍ତ୍ତୀ ଭାଗରେ ଖେଳାଯିବାକୁ ଥିବା ବର୍ଡର ଗାଭାସ୍କର ଟ୍ରଫି ପୂର୍ବରୁ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଭାରତ 'ଏ' ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିବ । କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ମଙ୍ଗଳବାର ଏ ବିଷୟ ଘୋଷଣା କରାଯାଇଛି । ଏହି ଦୁଇଟି ମ୍ୟାଚ ଯଥାକ୍ରମେ ଗ୍ରେଟ୍ ବ୍ୟାରିୟର ରିଫ୍ ଆରେନା ଓ ଏମ୍‌ସିଜିରେ ଅକ୍ଟୋବର ୩୧ରୁ ନଭେମ୍ବର ୩ ଏବଂ ନଭେମ୍ବର ୭ରୁ ୧୦ ପର୍ଯ୍ୟନ୍ତ ଖେଳାଯିବ । ଏହି ୱାର୍ମଅପ୍ ମ୍ୟାଚରୁ ଉଭୟ ଦଳ ଆବଶ୍ୟକ ପଡ଼ିଲେ ଟେଷ୍ଟ ମ୍ୟାଚ ପାଇଁ ପ୍ରଦର୍ଶନଭିତ୍ତିରେ କେତେଜଣ ଖେଳାଳିଙ୍କୁ ନେବା ଲାଗି ସୁଯୋଗ ପାଇବେ । ଭାରତୀୟ ଦଳ ଆହୁରି ମଧ୍ୟ ୱାକା ଗ୍ରାଉଣ୍ଡରେ ଏକ ୩ ଦିନିଆ ଇଣ୍ଟ୍ରା ସ୍କ୍ୱାଡ ମ୍ୟାଚ ନଭେମ୍ବର ୧୭ରୁ ଖେଳିବ ।

# ଇଣ୍ଡୋନେସିଆକୁ ହରାଇଲା ଭାରତ

**ଭୁବନେଶ୍ୱର, ୨୮।୫ (ତପନ ସ୍ୱାଇଁ)**

ଫିଲିପାଇନ୍ସର ମାନିଲାଠାରେ ଚାଲିଥିବା ୫ମ ଏସୀୟ ମହିଳା ଭଲିବଲ (ଏଭିସି) ଚ୍ୟାଲେଞ୍ଜ କପ୍‌ରେ ଭାରତୀୟ ଦଳ ମଙ୍ଗଳବାର ଇଣ୍ଡୋନେସିଆକୁ ପରାସ୍ତ କରିଛି । ୫-୮ ସ୍ଥାନ ପାଇଁ ଅନୁଷ୍ଠିତ ଏହି କ୍ଲାସିଫିକେଶନ ମ୍ୟାଚରେ ଭାରତ ୩-୧ (୨୫-୧୬, ୩୦-୩୨, ୨୫-୨୦, ୨୭-୨୫) ସେଟ୍‌ରେ ବିଜୟୀ ହୋଇଛି । ଭାରତ ବିଜୟରେ ବ୍ଲକର ସୋର୍ଯ୍ୟା, ସେଟର ଜିନି ଓ ଅନୁଶ୍ରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଇଣ୍ଡୋନେସିଆକୁ ହରାଇବାପରେ ଭାରତୀୟ ଦଳ ଏବେ ୫-୬ ସ୍ଥାନ ପାଇଁ ଇରାନ ସହ ବୁଧବାର ଖେଳିବ । ଭାରତୀୟ ମହିଳା ଭଲିବଲ ଦଳ ପ୍ରିଲିମିନାରୀ ଷ୍ଟେଜ୍‌ରେ ଇରାନ ଓ ଚାଇନିଜ ତାଇପେକୁ ହରାଇବା ପରେ ଅଷ୍ଟ୍ରେଲିଆ ଓ ଆୟୋଜକ ଫିଲିପାଇନ୍ସଠାରୁ ଶେଷ ୨ ମ୍ୟାଚରେ ହାରି ଯାଇଥିଲା । ଲିଗ୍ ଓ ନକ୍‌ଆଉଟ ବିଶିଷ୍ଟ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଚାଇନିଜ ତାଇପେ, ହଂକଂ ଚାଇନା, ଇଣ୍ଡୋନେସିଆ, ଭାରତ, ଇରାନ, ଫିଲିପାଇନ୍ସ, ଭିଏଟ୍‌ନାମ, ସିଙ୍ଗାପୁର ଓ କାଜାଖସ୍ତାନ ଆଦି ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରକାଶଯୋଗ୍ୟ ଯେ, ଭାରତୀୟ ଦଳରେ ଜଣେ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି । ସେ ହେଉଛନ୍ତି ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଲିପିକା ଖେସ । ଏହା ବ୍ୟତୀତ ଲୋତକ ବିନ୍ଦୁ ଦାଶ ଭାରତୀୟ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି ।



ସପୋର୍ଟ ଷ୍ଟାଫ୍‌ଙ୍କ ସହ ଭାରତୀୟ ମହିଳା ଭଲିବଲ ଦଳ ।

**ଏସୀୟ ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍**

# ଧାନଚାଷ ପାଇଁ ଜମି ପ୍ରସ୍ତୁତି



## ଜୁନ୍ ମାସର କୃଷି ସୂଚନା

ଧାନଚାଷ କରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ଏକ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲ ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ଏଥିରେ ଧୀରେ ଧୀରେ ଜଳର ପତ୍ର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ/ବର୍ଷା ଋତୁରେ ମୋଟ ୭୦ ମିମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଉଛି ବିଶେଷକରି ଡିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଡିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଗୋଳା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଫସଲକୁ ବିହନଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୧ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ। ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ। **ତଣ୍ଟିକଟା (କେଣ୍ଡା ମହିଷା) ରୋଗର ପ୍ରତିକାର ପ୍ରଣାଳୀ :** ୧ କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋସ୍କିନ୍ (୩୭.୫%) + ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟାବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାସୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରିବେ। **ମକାଚାଷ ପାଇଁ ଜମି ପ୍ରସ୍ତୁତି** : ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ। ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ। **ଡିପଜମିରେ ଡାଲି ଜାତୀୟ ଫସଲ ଚାଷ** : ଜମି ପ୍ରସ୍ତୁତକରି ନିଗିଡ଼ା ଡିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ। **ଚିନାବାଦାମ** : ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡ କରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ। କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଲ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦୃତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ।

**ରାଶି** : ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମ ଗୁଡ଼ିକ ହେଲା - କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା।

**କପା** : ଜମିକୁ ୮-୧୦ ଓଡ଼ ଗଭୀର ଚାଷକରି ମଇ ଦେଇ ମାଟିକୁ ଭଲରେ ଗୁଣ୍ଡକରି ଦିଅନ୍ତୁ। ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍‌ସିୟୁ-୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ) ୨.୦-୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪-୫ ସେ.ମି. ଗଭୀରରେ ଦୁଇଟି ଲେଖାଏ ମଞ୍ଜି ପୋତନ୍ତୁ। ସଘନ କପାଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦ x ୧୦ ସେ.ମି. ବ୍ୟବଧାନରେ ବୁଣାଯାଏ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ନଳିତାରେ ଘାସ ବଛା



ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ। ଫସଲ ଗଜାହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉ ଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳାକରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଜୁନ୍ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

## ମଲ୍ଲୀ ଗଛ: ଶୀଘ୍ର ଚେର ହେବାର ଉପାୟ



ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗ୍ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।

## ଆଖୁଚାଷରେ ଭେଳାବନ୍ଧା



ଆଖୁଚାଷ କରୁଥିଲେ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଏହି ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ। ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କିମ୍ବା ଥାୟାମେଥୋକ୍ସାମ୍ ୧୫୦ ଗ୍ରାମ୍/ହେକ୍ଟର (କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ଫିପ୍ରୋନିଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରନ୍ତୁ। ସୁବିଧା ଥିଲେ, ପତ୍ରକନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।

# ମାଛ ଯାଆଁଳ ଛାଡୁଥିଲେ...

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ । ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ ।



## ପ୍ରାଣୀଙ୍କୁ ଜ୍ୱର ହେଲେ..



ଆଗକୁ ବର୍ଷା ଋତୁ ଆସୁଛି। ସାଧାରଣତଃ ଏହି ଦିନରେ ପ୍ରାଣୀଙ୍କୁ ଜ୍ୱର ହେବା ଦେଖାଯାଏ। ଜ୍ୱର ହେଲେ ଗୋ-ମହିଷାଦିଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା ଲାଗି ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ୨ଥର ଫିନାଇଲ ଆଦି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।

## ଫଳ ଚାରା ଲଗାଇବା ସମୟରେ...



ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା - ୧ ମି. x ୧ ମି. x ୧ ମି., ନଡ଼ିଆ - ୧ ମି. x ୧ ମି. x୧ ମି. , କଦଳୀ - ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ - ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ । ମଞ୍ଜିନଡ଼ିଆକୁ ନର୍ସରିରେ ପୋତନ୍ତୁ। ସପେଟା କଲମୀ କରନ୍ତୁ । ବାତ୍ୟାରେ ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

# ବର୍ଷାଦିନିଆ ପନିପରିବା

ବର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ। ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


Symphony®
Thinking of Tomorrow
ଭାରତର ନଂ.1 କୁଲର୍
ସିମ୍ଫୋନୀ!*
Diet 3D 30i
MRP (1N) : ₹11,299/-
Offer Price (1N) : ₹10,391/-
Winter 80 XL
MRP (1N) : ₹16,499/-
Offer Price (1N) : ₹12,991/-
Sumo 75XL
MRP (1N) : ₹15,499/-
Offer Price (1N) : ₹13,491/-
୪୦+ ବର୍ଷର
କୁଲିଂ କ୍ଷେତ୍ରରେ ଅଭିଜ୍ଞତା
60+ ଦେଶରେ
ସେବାଯୋଗାଣ
25 ମିଲିୟନ୍+
ସୁଖୀ ଗ୍ରାହକ
*ଜୁଲାଇ '22 ରୁ ଜୁନ୍ '23 ମେଟ୍ରିକ୍ସ ରିସର୍ଚ୍ଚ ରିପୋର୍ଟ ଉପରେ ଆଧାରିତ **ସମସ୍ତ ଟ୍ୟାକ୍ସର MRP ଅନ୍ତର୍ଭୁକ୍ତ
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
ଏଠାରେ କିଣାକିଣି କରନ୍ତୁ
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
BHARAT ELECTRONICS & HOME APPLIANCES
Reliance digital
croma A TATA Enterprise
amazon
Flipkart
For Trade Enquiries and More Details, Contact : 7227054734, 9337890169
For bulk enquiries: institutional@symphonylimited.com